# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଫେବୃୟାରୀ ୨୧/୨୦୧୯ (୧୬ ପୃଷ୍ଠା ) Sambalpur, Thursday, February 21 / 2019 ★★

୧୫୪ ଭାଗ ୬୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



DSPL-429

ଓଡ଼ିଶା ସରକାର

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

# ଚାଷୀ ମହାସମାବେଶ
## ବରଗଡ଼
୨୧ ଫେବୃଆରୀ ୨୦୧୯, ଗୁରୁବାର

ଆଜି **୧୪ ଲକ୍ଷ**ରୁ ଅଧିକ
କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ମିଳୁଛି
**କାଳିଆ** ସହାୟତା

**୭୦୦ କୋଟି** ରୁ ଅଧିକ ଟଙ୍କା
ସିଧାସଳଖ ଜମା ହେଉଛି
ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ





୨୫ ଜାନୁଆରୀ ୨୦୧୯



୨୭ ଜାନୁଆରୀ ୨୦୧୯



୩ ଫେବୃଆରୀ ୨୦୧୯



୧୫ ଫେବୃଆରୀ ୨୦୧୯

www.kalia.co.in | କାଳିଆ ହେଲପ୍‌ଲାଇନ୍ ୨୪X୭ ୧୮୦୦ ୫୭୨ ୧୧୨୨ | kalia.co.in/scholarship

39001/13/0023/1819



“ ଜମ୍ମୁ-କଶ୍ମୀରର ପୁଲୱାମାରେ ଆତଙ୍କବାଦୀ ଆକ୍ରମଣକୁ ନେଇ ଦେଶବ୍ୟାପୀ ଆକ୍ରୋଶ ଦେଖାଦେଇଛି। ଏହାକୁ ନେଇ କୌଣସି ଶିକ୍ଷାନୁଷ୍ଠାନରୁ କଶ୍ମୀରୀ ଛାତ୍ରଛାତ୍ରୀଙ୍କୁ ବାହାର କରାଯିବ ନାହିଁ। ବିଦ୍ୟାର୍ଥୀମାନେ ଭୟଭୀତ ହେବା ଆବଶ୍ୟକ ନାହିଁ।

- ପ୍ରକାଶ ଜାଭଡେକର, ମାନବ ସମ୍ବଳ ବିକାଶ ମନ୍ତ୍ରୀ



## ■ ପୁଲୱାମା ଆକ୍ରମଣ: ପାକିସ୍ତାନ ଉପରେ ବଢ଼ିଲା ଚାପ

# ଭାରତକୁ ସହଯୋଗ କରିବ ସୌଦି

**ଜମ୍ମୁ-କଶ୍ମୀରର ପୁଲୱାମା ଆକ୍ରମଣ ପରେ ପାକିସ୍ତାନକୁ ଏକଘରିକିଆ କରିବା ପାଇଁ ଭାରତ କୂଟନୈତିକ ଉଦ୍ୟମ ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ଆକ୍ରମଣକୁ ବିଶ୍ୱ ସମୁଦାୟ ନିନ୍ଦା କରିବା ସହ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଇସ୍‌ଲାମାବାଦ ଉପରେ ଚାପ ପକାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠାରୁ ନେଇ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ପର୍ଯ୍ୟନ୍ତ ସମସ୍ତେ ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ଭାରତକୁ ସମର୍ଥନ ଜଣାଇଛନ୍ତି।**



ଖବରଦାତା ସମ୍ମିଳନୀରେ ସୌଦି ଆରବ ଯୁବରାଜ ମହମ୍ମଦ ବିନ ସଲମନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

ନୂଆଦିଲ୍ଲୀ,୨୦।୨(ପି.ଟି.)

ଆତଙ୍କବାଦ ଭାରତ ପାଇଁ ଚିନ୍ତାର ବିଷୟ। ଏହାର ମୁକାବିଲା ପାଇଁ ସୌଦି ଆରବ ଗୋଇନ୍ଦା ସୂଚନା ସମେତ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରସ୍ତୁତ ବୋଲି ବୁଧବାର ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଏହାର ଯୁବରାଜ ମହମ୍ମଦ ବିନ ସଲମନ କହିଛନ୍ତି। ଦ୍ୱିପାକ୍ଷିକ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏକ ମିଳିତ ଖବରଦାତା ସମ୍ମିଳନୀରେ ସେ କହିଥିଲେ, ତାଙ୍କ ଦେଶ ଭାରତକୁ ରାଜନୈତିକ ସହଯୋଗ ଯୋଗାଇଦେବାକୁ ଆଗ୍ରହୀ। ଆତଙ୍କବାଦ ନିରୋଧୀ ଲଢ଼େଇରେ ସୌଦି ସହିତ ସହଯୋଗକୁ ଆହୁରି ମଜଭୁତ କରିବା ଭାରତ ଚାହେଁ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ଆତଙ୍କବାଦକୁ ସମର୍ଥନ କରୁଥିବା ଦେଶଗୁଡ଼ିକ ଉପରେ ସମସ୍ତ ସମ୍ଭାବ୍ୟ ଚାପ ବଢ଼ାଇବାର ଆବଶ୍ୟକତା ରହିଛି ବୋଲି ଦୁଇଦେଶ ରାଜି ହୋଇଥିଲେ। ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିଚାଲିଥିବାବେଳେ ଭାରତ ଓ ସୌଦି ଆରବ ମଧ୍ୟରେ ସାମରିକ ସମ୍ପର୍କକୁ ମଜଭୁତ କରିବା ଲାଗି ଉଭୟ ନେତା ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପୁଲୱାମାରେ ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣ ବିଶ୍ୱରେ ଅମାନବୀୟ ବିପଦର ପ୍ରସାର ଘଟାଇଥିବା ସଂଗଠନଗୁଡିକର ନିଷ୍ଠୁରତାର ପ୍ରତୀକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଆତଙ୍କବାଦର ଭିତ୍ତିଭୂମି ଧ୍ୱଂସ କରିବା ସହିତ ଆତଙ୍କବାଦୀ ଏବଂ ସେମାନଙ୍କର ସମର୍ଥକମାନଙ୍କୁ ଦଣ୍ଡିତ କରିବା ଅତି ଗୁରୁତ୍ୱପୂର୍ଣ୍ଣ। ଉଗ୍ରବାଦୀ ଶକ୍ତି ଯେପରି ଯୁବସମାଜକୁ ବିଭ୍ରାନ୍ତ କରି ନ ପାରିବ ସେଥିପାଇଁ ଦୃଢ଼ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ମଧ୍ୟ ସୌଦି ଯୁବରାଜଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିଥିଲେ। ଦୁଇଦେଶ ମଧ୍ୟରେ ସାମରିକ ସହଯୋଗକୁ ଆହୁରି ଆଗେଇନେବା ସହିତ ବାଣିଜ୍ୟ ଏବଂ ପୁଞ୍ଜିନିବେଶ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଉପରେ ସୁଷମା ଜୋର ଦେଇଥିଲେ। ସୌଦି ଆରବର ସାମୂହିକ ବିକାଶରେ ଲକ୍ଷ ଲକ୍ଷ ଭାରତୀୟଙ୍କର ଅବଦାନ ରହିଛି। ୨୦୧୬ରୁ ସୌଦି ଭାରତରେ ୪୪ ବିଲିୟନ ଡଲାର ପୁଞ୍ଜିନିବେଶ କରି ଲାଭବାନ ହୋଇଛି। ଏଠାରେ ବିଭିନ୍ନ ସେକ୍ଟରରେ ଆଗାମୀ ଦିନରେ ୧୦୦ ବିଲିୟନ ଡଲାର ପୁଞ୍ଜିନିବେଶର ସୁଯୋଗ ରହିଥିବା ଯୁବରାଜ କହିଛନ୍ତି।



ବେଙ୍ଗାଲୁରୁସ୍ଥିତ ୟେଲାହାଙ୍କା ବାୟୁସେନା ଘାଟିରେ ଏରୋ ଇଣ୍ଡିଆର ଦ୍ୱାଦଶ ସଂସ୍କରଣରେ ବୁଧବାର ଭାରତୀୟ ବାୟୁସେନା ପକ୍ଷରୁ ସାରଙ୍ଗ୍‌ର କୌଶଳ ପ୍ରଦର୍ଶନ।

## ୨୬ରେ ଅଯୋଧ୍ୟା ଶୁଣାଣି

ନୂଆଦିଲ୍ଲୀ,୨୦।୨(ପି.ଟି.)



ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣି ଆସନ୍ତା ୨୬ ତାରିଖରେ ହେବ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ମାମଲାର ଶୁଣାଣି କରିବ ବୋଲି ବୁଧବାର ସୁପ୍ରିମକୋର୍ଟ ନିଷ୍ପତ୍ତି ନେଇଛନ୍ତି। ଜାନୁୟାରୀ ୨୯ରେ ମାମଲାର ଶୁଣାଣି ହେବାକୁ ଥିବାବେଳେ ଜଷ୍ଟିସ ଏସ.ଏ.ବୋବଡେଙ୍କ ଅନୁପସ୍ଥିତି କାରଣରୁ ଏହାକୁ ବାତିଲ କରାଯାଇଥିଲା। ଖଣ୍ଡପୀଠରେ ଥିବା ଅନ୍ୟ ବିଚାରପତିମାନେ ହେଲେ ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିର। ସାମ୍ବିଧାନିକ ଖଣ୍ଡପୀଠ ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟ ବିରୋଧରେ ଆବେଦନର ଶୁଣାଣି କରିବ। ୨.୭୭ ଏକର ବିବାଦୀୟ ଅଯୋଧ୍ୟା ଜମିକୁ ତିନିପକ୍ଷ ସୁନ୍ନି ୱାକଫ ବୋର୍ଡ, ନିର୍ମୋହୀ ଆଖଡ଼ା ଏବଂ ରାମଲାଲାଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିବାକୁ ହାଇକୋର୍ଟ ୨୦୧୦ରେ ରାୟ ଦେଇଥିଲେ।

## ମୋଦିଙ୍କୁ କଂଗ୍ରେସର ସମାଲୋଚନା

ନୂଆଦିଲ୍ଲୀ,୨୦।୨(ପି.ଟି.)



**ପୁଲୱାମା ଆକ୍ରମଣର ଶହୀଦଙ୍କୁ ମନେପକାଇବାର ଏହା କ'ଣ ତରିକା?**

ସୌଦି ଆରବ ଯୁବରାଜ ମହମ୍ମଦ ବିନ୍ ସଲମନଙ୍କୁ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଳାଗ୍ରତ କରି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବାକୁ ନେଇ କଂଗ୍ରେସ କରିଛି। ପାକିସ୍ତାନର ଆତଙ୍କବାଦ ନିରୋଧୀ ଉଦ୍ୟମକୁ ପ୍ରଶଂସା କରି ଫେରିବା ବାଟରେ ପୁଲୱାମା ଆକ୍ରମଣର ଶହୀଦଙ୍କୁ ମନେପକାଇବାକୁ ଆସିଥିବା ବ୍ୟକ୍ତିଙ୍କୁ ଏଭଳି ଭବ୍ୟ ସମ୍ବର୍ଦ୍ଧନା ଉପରେ କଂଗ୍ରେସ ପ୍ରଶ୍ନ ଉଠାଇଛି। ମଙ୍ଗଳବାର ରାତିରେ ପ୍ରଧାନମନ୍ତ୍ରୀ ବିମାନବନ୍ଦର ଯାଇ ସଲମନଙ୍କୁ ସ୍ୱାଗତ କରିଥିଲେ। ଯିଏ ପାକିସ୍ତାନକୁ ୨୦ ବିଲିୟନ ଡଲାର ସହାୟତାର ପ୍ରତିଶ୍ରୁତି ଦେଇ ଏବଂ ପ୍ରଶଂସା କରି ଆସିଲେ ପ୍ରୋଟୋକଲ ଭାଙ୍ଗି ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ଜାତୀୟ ସ୍ୱାର୍ଥ ନା ମୋଦିଙ୍କ ଆଲିଙ୍ଗନ କୂଟନୀତି? ପୁଲୱାମା ଶହୀଦଙ୍କୁ ମନେପକାଇବାର ଏହା କ'ଣ ତରିକା କି ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଦୁହିଙ୍କ ଆଲିଙ୍ଗନ ଫଟୋ ସହ ଟୁଇଟ୍ କରିଛନ୍ତି। ଜେଇଏମ୍ ମୁଖ୍ୟ ମାସୁଦ ଆଝାରକୁ ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ କରିବା ଲାଗି ଭାରତ ଉଦ୍ୟମ ଚଳାଇଥିବାବେଳେ ଏହାର ରାଜନୀତୀକରଣ କରା ନ ଯାଉ ବୋଲି ପାକିସ୍ତାନରେ ସୌଦି ଯୁବରାଜ କହିଥିଲେ। ମୋଦିଙ୍କର ସାହସ ଥିଲେ ତାଙ୍କୁ ବିବୃତି ପ୍ରତ୍ୟାହାର ପାଇଁ କୁହନ୍ତୁ ବୋଲି ସୁର୍ଜେୱାଲା ଆହ୍ୱାନ ଦେଇଛନ୍ତି।

## ଆଝାରଙ୍କୁ କଳାତାଲିକାଭୁକ୍ତ କରିବା ଲାଗି ଜାତିସଂଘ ଯିବ ଫ୍ରାନ୍ସ

ପ୍ୟାରିସ୍, ୨୦।୨:

ପୁଲୱାମା ଆକ୍ରମଣର ଷଡ଼ଯନ୍ତ୍ରକାରୀ ତଥା ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜେଇଏମ୍‌ର ମୁଖ୍ୟ ମୌଲାନା ମାସୁଦ୍ ଆଝାରଙ୍କୁ କଳାତାଲିକାଭୁକ୍ତ କରିବା ଲାଗି ଫ୍ରାନ୍ସ ଜାତିସଂଘକୁ ଯିବ। ଏହି ପଦକ୍ଷେପ ସଫଳ ହେଲେ ପାକିସ୍ତାନକୁ ପୁଞ୍ଜିନିବେଶ ପାଇଁ ଲୋଭ ଦେଖାଉଥିବା ଇସ୍‌ଲାମାବାଦକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି କୂଟନୀତିଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ପ୍ରଥମେ ପଠାନ୍‌କୋଟ, ପରେ ଉରି ଓ ଏବେ ପୁଲୱାମା। ଏପରି ଅନେକ



ଆକ୍ରମଣର ଷଡ଼ଯନ୍ତ୍ରକାରୀ ହେଉଛନ୍ତି ପାକିସ୍ତାନରେ ଲୁଚିଥିବା ଜେଇଏମ୍ ମୁଖ୍ୟ ଆଝାର। ଜାତିସଂଘ ଦ୍ୱାରା ତାଙ୍କୁ ବିଶ୍ୱସ୍ତରୀୟ ଆତଙ୍କବାଦୀ ଘୋଷଣା କରାଇବା ନେଇ ଭାରତ ପକ୍ଷରୁ ପୂର୍ବରୁ ଅନେକଥର ଉଦ୍ୟମ କରାଯାଇଛି। ହେଲେ ପ୍ରତିଥର ଚାଇନା ଏଥିରେ ବାଧକ ହୋଇଛି। ୨୦୧୭ରେ ଆମେରିକା ଓ ବ୍ରିଟେନ ସହ ମିଶି ଫ୍ରାନ୍ସ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଏହି ପ୍ରସଙ୍ଗ ଉଠାଇଥିଲା, ଯାହାକୁ ବେଜିଂ ବିରୋଧ କରିଥିଲା। ଫ୍ରାନ୍ସ ଏବେ ଦିନେ ଦୁଇଦିନ ମଧ୍ୟରେ ଆଝାରଙ୍କ ବିରୋଧରେ ଜାତିସଂଘରେ ନେତୃତ୍ୱ ନେଇ ପ୍ରସ୍ତାବ ଆଗତ କରିବାକୁ ଯାଉଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ କୂଟନୈତିକ ଉପଦେଷ୍ଟା ଫିଲିପ ଏଟିନେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲଙ୍କୁ ମଙ୍ଗଳବାର ଫୋନ୍ କରି ଏହି ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଛନ୍ତି।

## ବ୍ରୋଏକରଙ୍କ ପରଲୋକ



**'ଗ୍ଲୋବାଲ ୱାର୍ମିଂ' ଶବ୍ଦକୁ ଲୋକପ୍ରିୟ କରାଇଥିଲେ**

ନ୍ୟୁୟର୍କ,୨୦।୨(ପି.ଟି.)

ଗ୍ଲୋବାଲ ୱାର୍ମିଂ (ବିଶ୍ୱ ଉତ୍ତାପୀକରଣ ଶବ୍ଦକୁ ଲୋକପ୍ରିୟ କରାଇଥିବା ଜଳବାୟୁ ବୈଜ୍ଞାନିକ ୱାଲାସେ ସ୍ମିଥ୍ ବ୍ରୋଏକରଙ୍କର ୮୭ ବର୍ଷ ବୟସରେ ସୋମବାର ପରଲୋକ ହୋଇଯାଇଛି। କିଛିମାସ ହେଲା ସେ ଅସୁସ୍ଥ ଥିଲେ। କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଦୀର୍ଘବର୍ଷ ଧରି ପ୍ରଫେସର ଭାବେ କାର୍ଯ୍ୟ କରିଥିବା ବ୍ରୋଏକର ୧୯୭୫ରେ ଗବେଷଣା ସନ୍ଦର୍ଭ ମାଧ୍ୟମରେ ବିଶ୍ୱ ଉତ୍ତାପୀକରଣ ଶବ୍ଦକୁ ସାଧାରଣ ବ୍ୟବହାରକୁ ଆଣିଥିଲେ।

## ଲେଖକ ନାମବର ସିଂଙ୍କ ବିୟୋଗ

ନୂଆଦିଲ୍ଲୀ,୨୦।୨(ପି.ଟି.)

ହିନ୍ଦୀ ସାହିତ୍ୟର ଖ୍ୟାତନାମା ଲେଖକ, କବି ତଥା ସମାଲୋଚକ ନାମବର ସିଂଙ୍କର ମଙ୍ଗଳବାର ରାତିରେ ଏମ୍ସରେ ପରଲୋକ ହୋଇଯାଇଛି। ସେ ତିନିସପ୍ତାହ ହେଲା ଭେଣ୍ଟିଲେଟରରେ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ନାମବର ତାଙ୍କ ପୁସ୍ତକ 'ଛାୟାବାଦ', 'ଇତିହାସ ଔର ଆଲୋଚନା', 'କହାନୀ ନୟୀ କହାନୀ', କବିତା କେ ନୟେ ପ୍ରତିମାନ' ଏବଂ 'ଦୁସ୍‌ରି ପରମ୍ପରା କୀ ଖୋଜ' ମାଧ୍ୟମରେ ସେ ହିନ୍ଦୀ ସାହିତ୍ୟରେ ସମାଲୋଚନାକୁ ନୂତନ ଦିଗ ଦେଇଥିଲେ। ତାଙ୍କ ବିୟୋଗରେ ଗୋଟିଏ ଯୁଗର ଅବସାନ ହେଲା। ତାଙ୍କର ପରଲୋକ କେବଳ ହିନ୍ଦୀ ଭାଷା ନୁହେଁ



ଅନ୍ୟ ଭାରତୀୟ ଭାଷା ପାଇଁ ମଧ୍ୟ ବିପୁଳ କ୍ଷତି ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରି ନାମବର ହିନ୍ଦୀ ଭାଷାର ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଥିଲେ ବୋଲି କହିଛନ୍ତି। ଭାରତୀୟ ଭାଷା ଏକ ବଳିଷ୍ଠ ସ୍ୱରକୁ ହରାଇଲା ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୋକବାର୍ତ୍ତାରେ କହିଛନ୍ତି।

## 'ଆତଙ୍କବାଦୀଙ୍କୁ କାଠଗଡ଼ାକୁ ଟାଣ'

ଜାତିସଂଘ, ୨୦।୨



ମିଶେଲ ବାଚେଲେଟ୍

ପୁଲୱାମା ଆକ୍ରମଣକୁ ଜାତିସଂଘ କଡ଼ା ନିନ୍ଦା କରିଛି। ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ (ୟୁଏନ୍‌ଏଚ୍‌ସିଏଚ୍‌ଆର୍) ମିଶେଲ ବାଚେଲେଟ୍ ପୁଲୱାମା ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଆଇନର କାଠଗଡ଼ାରେ ଛିଡ଼ାକରାଇବା ପାଇଁ ବୁଧବାର ପାକିସ୍ତାନ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଛନ୍ତି। । ସେହିପରି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି, ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନାକୁ ପ୍ରଶମିତ କରିବା ଲାଗି ଦୁଇଦେଶ ସର୍ବାଧିକ ସଂଯମ ଅବଲମ୍ବନ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ଉଭୟ ପକ୍ଷ ସହଯୋଗ ଲୋଡ଼ିଲେ ଜାତିସଂଘ ସହାୟତା ଦେବା ପାଇଁ ପ୍ରସ୍ତୁତ।

## ଟ୍ରମ୍ପ୍ କହିଲେ 'ଭୟଙ୍କର'

ୱାଶିଂଟନ, ୨୦।୨

ଗତ ୧୪ ତାରିଖରେ ପାକିସ୍ତାନର ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀମାନେ ଜମ୍ମୁ-କଶ୍ମୀରର ପୁଲୱାମାସ୍ଥିତ ଅୱନ୍ତିପୋରା ନିକଟସ୍ଥ ଲେଥ୍‌ପୋରାରେ ଆକ୍ରମଣ କରିଥିଲେ। ଏଥିରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହା ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧିପାଇବାରେ ଲାଗିଛି। ଏହି



ପରିପ୍ରେକ୍ଷୀରେ ଟ୍ରମ୍ପ୍ ପ୍ରଶାସନ ଆତଙ୍କବାଦ ନିରୋଧୀ ଲଢ଼େଇରେ ଭାରତକୁ ପୂର୍ଣ୍ଣ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛି। ଏହାସହ ଏଭଳି 'ଘୃଣ୍ୟ କାଣ୍ଡ' ପାଇଁ ଦାୟୀ ବ୍ୟକ୍ତିଙ୍କୁ ଦଣ୍ଡିତ କରିବାକୁ ପାକିସ୍ତାନକୁ ପରାମର୍ଶ ଦେଇଥିବା ଆମେରିକା ପରରାଷ୍ଟ୍ର ବିଭାଗ ଉପ ମୁଖପାତ୍ର ରବର୍ଟ ପାଲ୍ଲାଡିନୋ କହିଛନ୍ତି। ହ୍ୱାଇଟ୍ ହାଉସ୍‌ର ଓଭାଲ୍ ଅଫିସ୍‌ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ପୁଲୱାମା ଆକ୍ରମଣକୁ 'ଭୟଙ୍କର ସ୍ଥିତି' ବୋଲି ଅଭିହିତ କରିଛନ୍ତି।

## ରବର୍ଟଙ୍କୁ ପୁଣି ଇଡି ଜେରା

ନୂଆଦିଲ୍ଲୀ,୨୦।୨(ପି.ଟି.)

ମନିଲଣ୍ଡରିଂ ମାମଲାର ତଦନ୍ତରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଭିଣୋଇ ରବର୍ଟ ଭଦ୍ରା ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରେ ହାଜର ହୋଇ ଜେରାର ସମ୍ମୁଖୀନ ହୋଇଛନ୍ତି। କେନ୍ଦ୍ରୀୟ ଦିଲ୍ଲୀର ଜାମନଗର ହାଉସ୍ ଅଫିସରରେ ରବର୍ଟ ତାଙ୍କ ଓକିଲଙ୍କ ସହ ପହଞ୍ଚିଥିଲେ। ବିଦେଶରେ ସମ୍ପତ୍ତି କିଣିବାରେ ମନିଲଣ୍ଡରିଂ ହୋଇଥିବା ଅଭିଯୋଗରେ ମଙ୍ଗଳବାର ତାଙ୍କୁ ହାଜର ହେବା ଲାଗି ସମନ ହୋଇଥିଲେ ହେଁ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ହାଜର ହୋଇପାରି ନ ଥିଲେ।

## ■ ସୁପ୍ରିମକୋର୍ଟରେ ସାରଦା ଚିଟଫଣ୍ଡ୍ ମାମଲା

# ଶୁଣାଣିରୁ ଓହରିଲେ ଜଷ୍ଟିସ ରାଓ

ନୂଆଦିଲ୍ଲୀ,୨୦।୨(ପି.ଟି.)

ବହୁ କୋଟି ଟଙ୍କା ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତରେ ପଶ୍ଚିମବଙ୍ଗ ସରକାର ପ୍ରତିବନ୍ଧକ ସାଜୁଥିବା ସିବିଆଇ ଅଭିଯୋଗର ଶୁଣାଣିରୁ ସୁପ୍ରିମକୋର୍ଟ ବିଚାରପତି ଏଲ୍. ନାଗେଶ୍ୱର ରାଓ ବୁଧବାର ଓହରିଯାଇଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ



ରାଓ ଏବଂ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ନେଇ ୩ ଜଣିଆ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିବାର ଥିଲା। ଜଷ୍ଟିସ ରାଓ ଓହରିଯିବା ଫଳରେ ଖଣ୍ଡପୀଠ ଶୁଣାଣି ସ୍ଥଗିତ ରଖିଛନ୍ତି। ଜଷ୍ଟିସ ରାଓ କହିଛନ୍ତି ଉକ୍ତ ମାମଲାରେ ସେ ରାଜ୍ୟ ତରଫରୁ ପୂର୍ବରୁ ଓକିଲାତି କରୁଥିଲେ। ତେଣୁ ମାମଲା ଶୁଣାଣିରେ ସାମିଲ ହେବା ଠିକ୍ ହେବନାହିଁ। ଫଳରେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୭ରେ ଉପଯୁକ୍ତ ଖଣ୍ଡପୀଠରେ କରିବା ଲାଗି କୋର୍ଟ ନିଷ୍ପତ୍ତି ନେଇଛନ୍ତି।

**[ଇତିହାସର ଆଇନାରେ]**

### ଫେବୃୟାରୀ ୨୧ର ପ୍ରମୁଖ ଘଟଣା

୧୯୭୩ ଫେବୃୟାରୀ ୨୧ରେ ଲିବିୟାନ ଆରବ ଏୟାରଲାଇନ୍ସ (ଏଲ୍‌ଏନ୍ ୧୧୪)ର ବୋଇଙ୍ଗ୍ ୭୨୭-୨୦୦ ବିମାନକୁ ଇସ୍ରାଏଲ ଆକ୍ରମଣ କରିଥିଲା। ଏଥିରେ ୧୦୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଲିବିୟାର ଉତ୍ତର-ପଶ୍ଚିମ ତ୍ରିପୋଲିସ୍ଥିତ ବିମାନ ବନ୍ଦରରୁ କାଇରୋ ଅଭିମୁଖେ ବାହାରିଥିବା ଏହି ବିମାନ ଉତ୍ତରପୂର୍ବ ବେଂଘାଜି ବନ୍ଦରରେ ଦେଇ ଯାଉଥିବାବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବାଟବଣା ହୋଇ ସିନାଇ ଉପଦ୍ୱୀପକୁ ପ୍ରବେଶ କରିଥିଲା। ଇସ୍ରାଏଲ୍‌ର ଲଢୁଆ ବିମାନ ଏହାକୁ ଗୁଳିମାଡ଼ କରି ତଳକୁ ଖସାଇ ଦେଇଥିଲେ।

୧୯୨୫ ଫେବୃୟାରୀ ୨୧ରେ ଆମେରିକାନ୍ ମାଗାଜିନ 'ଦି ନ୍ୟୁ ୟର୍କର'ର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା। ନ୍ୟୁୟର୍କ ଟାଇମ୍ସ ରିପୋର୍ଟର ଜେନ୍ ଗ୍ରାଣ୍ଟ ଏବଂ ତାଙ୍କ ସ୍ୱାମୀ ହାରୋଲ୍ଡ ରସ୍ ଏହାକୁ ପ୍ରତିଷ୍ଠା କରିଥିଲେ। ମାନ୍‌ହାଟନସ୍ଥିତ ୨୫ ପଶ୍ଚିମ ୪୫ତମ ଷ୍ଟ୍ରିଟ୍‌ରେ ମାଗାଜିନର ପ୍ରଥମ କାର୍ଯ୍ୟାଳୟ ଖୋଲାଯାଇଥିଲା।

## ଗାଁରେ ୪ ଶହ ବର୍ଷ ଧରି ହୋଇନି ଶିଶୁଙ୍କ ଜନ୍ମ

**ନୂଆଦିଲ୍ଲୀ:** ଭାରତରେ ଏଭଳି ଅନେକ ରହସ୍ୟ ରହିଛି ଯାହାର ଉତ୍ତର ଦେବାକୁ ଆଧୁନିକ ବିଜ୍ଞାନ ମଧ୍ୟ ସକ୍ଷମ ହୋଇପାରି ନାହିଁ। ଏଭଳି ରହସ୍ୟକୁ ନେଇ କେବଳ ଚର୍ଚ୍ଚା ଜାରି ରହିଛି। ମାତ୍ର ଏହାର ସମାଧାନ ହୋଇ ପାରିନାହିଁ। ମଧ୍ୟପ୍ରଦେଶ ରାଜଗଡ଼ ଜିଲା ସଙ୍କ୍ ଶ୍ୟାମ୍ ଜୀ ଗାଁରେ ଗତ ୪ ଶହ ବର୍ଷ ଧରି କୌଣସି ଶିଶୁଙ୍କ ଜନ୍ମ ହୋଇନି। ଭୋପାଳଠାରୁ ଏହି ଗାଁର ଦୂରତା ପ୍ରାୟ ୧୩୦ କିଲୋମିଟର। ପ୍ରସବ ସମୟ ହେଲେ ଗର୍ଭବତୀ ମହିଳାଙ୍କୁ ଗାଁ ବାହାରେ ଥିବା ଏକ ଘରକୁ ନିଆଯାଇଥାଏ, ଯାହାକି କେବଳ ପ୍ରସବ ପାଇଁ ନିର୍ମିତ ହୋଇଛି। ଗାଁରେ ପ୍ରସବ ହେଲେ ମା' କିମ୍ବା ଶିଶୁଙ୍କର ମୃତ୍ୟୁ ଘଟିଥାଏ, ନଚେତ୍ ଶିଶୁ ବିକଳାଙ୍ଗ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି। ଏପରି କାହିଁକି ହୋଇଥାଏ। ଏହା ପଛର ରହସ୍ୟ କ'ଣ ତାହା ଗ୍ରାମବାସୀଙ୍କୁ ଅଜଣା। ତେବେ ପ୍ରସବଜନିତ ମୃତ୍ୟୁ ଘଟଣା ଘଟିଥିବାରୁ ଏହି ପରମ୍ପରା ଏପର୍ଯ୍ୟନ୍ତ ଏଠାରେ ଜାରି ରହିଛି ବୋଲି ସରପଞ୍ଚ ନରେନ୍ଦ୍ର ଗୁର୍ଜର କୁହନ୍ତି। ୯୦ ପ୍ରତିଶତ ପ୍ରସବ ହସ୍ପିଟାଲରେ ହୋଇଥାଏ। ଅତି ଜରୁରୀ କ୍ଷେତ୍ରରେ ଗାଁ ବାହାରେ ଥିବା ପ୍ରସବ ଘରେ ଶିଶୁ ଜନ୍ମ ନେଇଥାଏ। ଗାଁରେ ଆମିଷ ଓ ମଦ୍ୟପାନକୁ ବାରଣ କରାଯାଇଛି। ଅଭିଶାପ ଯୋଗୁ ତାଙ୍କ ଗାଁରେ କେହି ମଦ କିମ୍ବା ଧୂମପାନ କରି ନଥାନ୍ତି। ଏହା ଗାଁ ପାଇଁ ବରଦାନ ପାଲଟିଛି ବୋଲି ସରପଞ୍ଚ କୁହନ୍ତି।



## ୧୬ ବର୍ଷରେ ୭୯୩ ଫିଲ୍ମକୁ ମିଳିନି ରିଲିଜ୍ ଅନୁମତି

ନୂଆଦିଲ୍ଲୀ

ଗତ ୧୬ ବର୍ଷ ମଧ୍ୟରେ ୭୯୩ ଫିଲ୍ମ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ(ସିବିଏଫ୍‌ସି) ପକ୍ଷରୁ ରିଲିଜ୍ ପାଇଁ ଅନୁମତି ଦିଆଯାଇନାହିଁ। ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ଏହା ଜଣାପଡ଼ିଛି। ୨୦୦୦ ଜାନୁୟାରୀରୁ ୨୦୧୬ ମାର୍ଚ୍ଚ ମଧ୍ୟରେ ଅନୁମତି ପାଇ ନ ଥିବା ଫିଲ୍ମ ମଧ୍ୟରେ ୫୮୬ ଭାରତୀୟ ଏବଂ ୨୦୭ ବିଦେଶୀ ସିନେମା ରହିଛି। ଭାରତୀୟ ଫିଲ୍ମ ମଧ୍ୟରେ ୨୩୧ ହିନ୍ଦୀ, ୯୬ ତାମିଲ, ୫୩ ତେଲୁଗୁ, ୩୯ କନ୍ନଡ଼ ଓ ୧୭ ପଞ୍ଜାବୀ ଫିଲ୍ମ ରହିଛି। ୨୦୧୫-୧୬ରେ ଅଧିକ ଫିଲ୍ମକୁ ବ୍ୟାନ୍ କରାଯାଇଛି। ଚଳିତବର୍ଷ ୧୫୩ ଫିଲ୍ମକୁ ରିଲିଜ୍ ସାର୍ଟିଫିକେଟ୍ ମିଳିନି। ୨୦୧୪-୧୫ରେ ୧୫୨, ୨୦୧୩-୧୪ରେ ୧୧୯ ଏବଂ ୨୦୧୨-୧୩ରେ ୮୨ ଫିଲ୍ମକୁ ରିଲିଜ୍ ସାର୍ଟିଫିକେଟ୍ ମିଳି ନାହିଁ। ଆପତ୍ତିଜନକ ଏବଂ ଅପରାଧିକ ଦୃଶ୍ୟ ପାଇଁ ଫିଲ୍ମଗୁଡ଼ିକୁ ସାର୍ଟିଫିକେଟ୍ ମିଳି ନ ଥିବା କୁହାଯାଉଛି।



ଡେନ୍ମାର୍କର କେପେନ୍‌ହେଗନ୍‌ସ୍ଥିତ ଚିଡ଼ିଆଖାନାରେ ୮ ମାସର ସିଂହ ଶାବକଙ୍କୁ ପ୍ରଥମଥର ପାଇଁ ବାହାରକୁ ଅଣାଯାଇଛି।

# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଫେବୃୟାରୀ ୨୧/୨୦୧୯ Sambalpur, Thursday, February 21 / 2019 | ପୃଷ୍ଠା-୧




**ସେମିଫାଇନାଲରେ ଅଂଶୁ**

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟରେ ଚାଲିଥିବା ଟେନିସ ଟୁର୍ନାମେଣ୍ଟର ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଅଂଶୁକୁମାର ଭୂୟାଁ।

୧୩

୦୩

**ପ୍ରତିଜ୍ଞାରେ ଅଟଳ ସଲମାନ**

ବଲିଉଡ୍‌ର ଦବଙ୍ଗଷ୍ଟାର ସଲମାନ ଖାନ ଫିଲ୍ମ ଦୁନିଆକୁ ଆସିବା ପୂର୍ବରୁ କିସିଂ ସିନ୍ କରିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ। ଆଜି ପର୍ଯ୍ୟନ୍ତ ସେ ତାଙ୍କ ପ୍ରତିଜ୍ଞାରେ ଅଟଳ ରହିଛନ୍ତି।








■ ରାଜ୍ୟ ସରକାରଙ୍କୁ ଯୋଗୀ ଆଦିତ୍ୟନାଥଙ୍କ କଡ଼ା ସମାଲୋଚନା

# କେନ୍ଦ୍ରୀୟ ଯୋଜନାକୁ ଭଣ୍ଡୁର କରାଯାଉଛି

**ଭବାନୀପାଟଣା/ଖୋର୍ଦ୍ଧା ଅଫିସ,୨୦।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ଓ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ନାରୁଣୀ ହାଇସ୍କୁଲ ଖେଳପଡ଼ିଆରେ ବୁଥସ୍ତରୀୟ ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇ ସମ୍ମିଳନୀରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଯୋଗଦେଇ ଏକ ଶ୍ରେଷ୍ଠ ନୂତନ ଭାରତର ସ୍ୱପ୍ନ ଦେଖିଛନ୍ତି । ଏଥିପାଇଁ ସମଗ୍ର ପୂର୍ବ ଭାରତରେ ଭାଜପା ସରକାର ଗଠନ କରିବାକୁ ସେ ଆହ୍ୱାନ କରିଛନ୍ତି। ଭବାନୀପାଟଣା ସଭାରେ ଯୋଗୀ ରାଜ୍ୟ ସରକାରଙ୍କ ପ୍ରତି ନରମ ମନୋଭାବ ପୋଷଣ କରିବା ସହିତ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ । ହେଲେ ନାରୁଣୀରେ ଆୟୋଜିତ ସଭାରେ ସେ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ।

ଭବାନୀପାଟଣାରେ ଆୟୋଜିତ ସମ୍ମିଳନୀରେ ଯୋଗଦେଇ ଯୋଗୀ କଳାହାଣ୍ଡିର ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝି, ବଲାଙ୍ଗୀର ଓ ନୂଆପଡ଼ାର ସ୍ୱାଧୀନତା ସଂଗ୍ରାମୀଙ୍କ ସହ ବୀର ସୁରେନ୍ଦ୍ର ସାଏଙ୍କୁ ସମ୍ମାନ ଜଣାଇ ବକ୍ତବ୍ୟ ଆରମ୍ଭ କରିଥିଲେ। ପ୍ରଥମରୁ ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ କହିଥିଲେ। ବିଶେଷକରି ପ୍ରଧାନମନ୍ତ୍ରୀ ଧନଜନ ଯୋଜନା, ଉଜ୍ଜ୍ୱଳା ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଲେ କଂଗ୍ରେସ ଦୀର୍ଘବର୍ଷ ଧରି ସରକାରରେ ଥିଲେ ମଧ୍ୟ ଦେଶର ମାତ୍ର ୧୨ କୋଟି ଲୋକ ଏଲ୍‌ପିଜି ସଂଯୋଗ ପାଇଥିଲେ । ହେଲେ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ ମନ୍ତ୍ରୀ ହେବା ପରଠାରୁ ୨୦୧୪ରୁ ୨୦୧୮ ମଧ୍ୟରେ ୧୨ କୋଟିରୁ ଊର୍ଦ୍ଧ୍ୱ ଲୋକ ଏଲପିଜି ସଂଯୋଗ ପାଇଛନ୍ତି । ସେଥିମଧ୍ୟରୁ ସାଢେ ୬ ହଜାର କୋଟି ଲୋକଙ୍କୁ ନିଃଶୁଳ୍କ ଏଲପିଜି ସଂଯୋଗ ଦିଆଯାଇଛି । ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶାରେ ଲାଗୁ ହେଲେ ଲୋକେ ସାରା ଦେଶରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ହେଲେ ଓଡିଶା ସରକାର ଯେଉଁ ଯୋଜନା କରିଛନ୍ତି, ତାହା ଭ୍ରଷ୍ଟାଚାରରେ ଚାଲିଛି ବୋଲି ସେ ସମାଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଅନୁଯାୟୀ କୃଷକମାନେ ଆସନ୍ତା ୨୪ ତାରିଖରେ ପ୍ରଥମ କିସ୍ତି ସହାୟତା ପାଇବେ । ଓଡ଼ିଶା ସରକାର ଆବାସ ଯୋଜନାରେ ଯେତିକି ଘର ଦୀର୍ଘ ୧୯ ବର୍ଷର ଶାସନ ଭିତରେ ଦେଇନାହାନ୍ତି ଉତ୍ତର ପ୍ରଦେଶ ସରକାର ତା'ଠାରୁ ଅଧିକ ଘର ଯୋଗାଇ ଦେଇଛନ୍ତି ବୋଲି ସେ କହିଥିଲେ । 'ମୋ ବୁଥ ସବୁଠାରୁ ମଜଭୁତ' କହି ଆଗାମୀ ଦିନରେ ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ଗଠନ କରିବାକୁ ସେ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ ।

ଅପରାହ୍ନରେ ନାରୁଣୀଠାରେ ଦଳୀୟ ସଭାରେ ଯୋଗଦେଇ ଯୋଗୀ କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘଦିନ କ୍ଷମତାରେ ଥିଲେ ମଧ ଓଡ଼ିଆ କହିବା ଶିଖି ପାରିଲେନାହିଁ। ପୃଥିବୀର ଏମିତି କୌଣସି ଦେଶ ନାହିଁ ଯେଉଁଠି ଶାସକ ଶାସିତଙ୍କ ଭାଷା ବୁଝିପାରୁନି। ଫେବୃୟାରୀ ୨୪ରେ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଲାଗୁ ହେବ। କିନ୍ତୁ ଓଡ଼ିଶା ☞ପୃଷ୍ଠା-୨



ଭବାନୀପାଟଣା ସମାବେଶରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

**ବୁଥ୍‌ସ୍ତରୀୟ ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ**

■ ଡଙ୍କାରୀ ପାହାଡ଼ରେ ବେଆଇନ ଖନନ ମାମଲା

# ଅଧିକାରୀଙ୍କ ପାଇଁ ଅଡୁଆରେ ସରକାର

**ହର୍ଷବର୍ଦ୍ଧନ ବେହେରା**
ଯାଜପୁର ଅଫିସ,୨୦।୨

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନସ୍ଥ ଲଘୁ ଖଣିଜ ସମ୍ପଦ ଉପରେ ଆଖି ପକାଇ ସରକାର ଏବେ ହରଡ଼ଘଣାରେ ପଡ଼ିଛନ୍ତି। ୨୦୦୨ରୁ ୨୦୧୮ ପର୍ଯ୍ୟନ୍ତ କୌଣସି ପରିବେଶଗତ ଅନୁମତି ନ ଥାଇ କୋଟି କୋଟି ଟଙ୍କାର କଳାପଥର ଉତ୍ତୋଳନ କରାଯାଇଛି। ଏଥିରେ ସମ୍ପୃକ୍ତ ଅଧିକାରୀମାନେ ଶାସକ ଦଳର କେତେଜଣ କର୍ମୀ ଓ ନେତାଙ୍କ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଇ ବେଆଇନ ଲିଜ୍ ପ୍ରଦାନ କରିଛନ୍ତି। ତେଣୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ରାଜ୍ୟ ସରକାରଙ୍କୁ ଦାୟୀ କରି ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ବାବଦକୁ ୨୫କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ଏଥିରୁ କିପରି ମୁକୁଳି ପାରିବ ସେ ନେଇ ଯାଜପୁର ଅତିରିକ୍ତ ଜିଲାପାଳ ଓ ଧର୍ମଶାଳା ତହସିଲଦାର ଗତ ୧୮ତାରିଖରୁ ଦିଲ୍ଲୀରେ ଡେରା ପକାଇଛନ୍ତି। ସାଧାରଣ ଲୋକଙ୍କ ଟିକସ ଅର୍ଥରୁ କୋର୍ଟ କଚେରି ବାବଦକୁ ଖର୍ଚ୍ଚ କରି ପଥର ମାଫିଆ ଓ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ ଦିଲ୍ଲୀ ଗସ୍ତ ହୋଇଥିବା ଏବେ ଆଲୋଚନା ହେଉଛି।

୪।୧।୨୦୧୯ରେ ଏନଜିଟିରେ ୬୦୪/୨୦୧୮ ନମ୍ବରରେ ହୋଇଥିବା ମାମଲାର ଶୁଣାଣି କରି କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ପାଖରେ ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ବାବଦକୁ ୧ମାସ ମଧ୍ୟରେ ୨୫କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିପାଇଁ ରାଜ୍ୟ ସରକାର ସମ୍ପୃକ୍ତ ଅଧିକାରୀ କିମ୍ବା ବେଆଇନ ଖାଦାନ ବ୍ୟବସାୟୀଙ୍କଠାରୁ ☞ପୃଷ୍ଠା-୨



■ ୨୫କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏନ୍‌ଜିଟି
■ ଧାର୍ଯ୍ୟ ସମୟ ପୂରଣ ହୋଇଥିଲେ ସୁଦ୍ଧା ଜମା ହୋଇପାରିନି ଅର୍ଥ
■ ସୁରକ୍ଷା ଦେବାକୁ ଦିଲ୍ଲୀରେ ଅଧିକାରୀଙ୍କ ଡେରା

**ହିଜ୍‌ବୁଲର ଆକ୍ରମଣ ଧମକ: କଶ୍ମୀରରେ ଆହୁରି ହେବ ଆତ୍ମଘାତୀ ବିସ୍ଫୋରଣ**
........୩........

**କାବୁ ହେଲା କଲରାପତରିଆ ବାଘ**
........୩........


NECC NATIONAL EGG CO-ORDINATION COMMITTEE 20.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 82 | 135 | 145 |
| BLS | 84 | 137 | 147 |
| ANG | 78 | 129 | 139 |

*Conditions Apply
Eggs Retail Price- 54/-Dozen
Issued in the Interest of Consumers


# ଆଜି ଓଡ଼ିଶା ବନ୍ଦ

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

■ ଶାନ୍ତିପୂର୍ଣ୍ଣ ପାଳନ ପାଇଁ ନବନିର୍ମାଣ କୃଷକ ସଙ୍ଗଠନର ପ୍ରତିଶ୍ରୁତି
■ ପ୍ରଭାବିତ ହେବନି ମାଟ୍ରିକ ପରୀକ୍ଷା
■ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ସ୍ଥଗିତ
■ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

କୃଷକଙ୍କୁ ଉପଯୁକ୍ତ ମୂଲ୍ୟ(ପ୍ରାଇସ୍), ସମ୍ମାନ(ପ୍ରେଷ୍ଟିଜ୍) ଏବଂ ପେନ୍‌ସନ୍(ଭତ୍ତା) ପ୍ରଦାନ ଦାବିରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୁରୁବାର ବନ୍ଦ ଡାକରା ଦିଆଯାଇଛି। ଆସନ୍ତା ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଥିବାରୁ ରାଜ୍ୟ ସରକାର ଦୁଇଥର ଆନ୍ଦୋଳନରୁ ନିବୃତ୍ତ ରହିବା ପାଇଁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ନବ ନିର୍ମାଣ କୃଷକ ସଙ୍ଗଠନ ନିଜର ଆଭିମୁଖ୍ୟ ପରିବର୍ତ୍ତନ କରିନାହିଁ। ସଙ୍ଗଠନର ଆବାହକ ଅକ୍ଷୟ କୁମାର ବୁଧବାର ଖବରଦାତା ସମ୍ମିଳନୀ କରି ଆନ୍ଦୋଳନ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି।

ଅକ୍ଷୟ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ କହିବାନୁଯାୟୀ ଗୁରୁବାର ସକାଳ ସୁଦ୍ଧା ସବୁ ପରୀକ୍ଷା ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚିବ। ସଙ୍ଗଠନ ପକ୍ଷରୁ ସକାଳ ୬ଟାରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିବାରୁ କୌଣସି ବାଧା ଉପୁଜିବ ନାହିଁ। ସରକାର ଚାହିଁଲେ ପ୍ରଶ୍ନପତ୍ର ଗୁରୁବାର ସକାଳ ସୁଦ୍ଧା ପହଞ୍ଚାଇ ପାରିବେ। ବନ୍ଦ ସମୟରେ ପ୍ରଶ୍ନପତ୍ର ଯାନବାହନ, ପରୀକ୍ଷାର୍ଥୀ ଏବଂ ଅଭିଭାବକମାନଙ୍କୁ ସୁରକ୍ଷିତ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ପ୍ରାଣୀ ଦେବତା**

**ଆଜିର ମନ୍ତବ୍ୟ**

" ଭାରତ ସୀମାପାର ସମର୍ଥିତ ଓ ଆଶ୍ରିତ ଆତଙ୍କବାଦର ଶିକାର ହୋଇଛି।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଜାନୁୟାରୀରେ ଘରୋଇ ବିମାନ ଯାତ୍ରୀ ଟ୍ରାଫିକ ୯.୧% ବଢ଼ି ୧.୨୫ କୋଟି ଛୁଇଁଛି। -ଡିଜିସିଏ









■ ଅନିଲ ଅମ୍ବାନୀଙ୍କୁ ସୁପ୍ରିମକୋର୍ଟଙ୍କ ଚେତାବନୀ

# ଟଙ୍କା ନ ଦେଲେ ଜେଲ ଯିବ



■ ଅନିଲ ଓ ଦୁଇ ଅଧିକାରୀ ଅଦାଲତ ଅବମାନନା ଅଭିଯୋଗରେ ଦୋଷୀ ସାବ୍ୟସ୍ତ
■ ଅର୍ଥ ପାଇଁ ୪ ସପ୍ତାହ ମହଲତ
■ ଏରିକସନକୁ ଦେବାକୁ ହେବ ୪୫୩ କୋଟି
■ ବକେୟା ନ ଦେଲେ ୩ ମାସ ଜେଲ



**ନୂଆଦିଲ୍ଲୀ,୨୦।୨**

ଏରିକସନ ମାମଲାରେ ସୁପ୍ରିମକୋର୍ଟ ବୁଧବାର ରିଲାଏନ୍ସ କମ୍ୟୁନିକେଶନ(ଆର୍‌କମ୍) ଅଧକ୍ଷ ଅନିଲ ଅମ୍ବାନୀ ଓ ଅନ୍ୟ ଦୁଇ ଶୀର୍ଷ ଅଧିକାରୀଙ୍କୁ ଅଦାଲତ ଅବମାନନା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ୪ ସପ୍ତାହ ମଧ୍ୟରେ ଉକ୍ତ କମ୍ପାନୀକୁ ୪୫୩ କୋଟି ଟଙ୍କା ବକେୟା ପ୍ରଦାନ କରା ନ ଗଲେ ଅନିଲ ଓ ଅନ୍ୟ ଦୁଇ ଅଧିକାରୀଙ୍କୁ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଶୀର୍ଷ ଅଦାଲତ ସ୍ପଷ୍ଟ କରିଛନ୍ତି। ସମସ୍ତଙ୍କୁ ଆସନ୍ତା ଏକ ମାସ ମଧ୍ୟରେ ୧ କୋଟି ଟଙ୍କା ଲେଖାଏ ଜରିମାନା ଦାଖଲ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ଜରିମାନା ଦାଖଲ ନ ହେଲେ ଅଧିକ ଏକ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ କହିଛନ୍ତି।

ଜଷ୍ଟିସ ଆର.ଏଫ୍. ନରିମନ ଏବଂ ବିନୀତ ଶରଣଙ୍କୁ ନେଇ ଗଠିତ ଖଣ୍ଡପୀଠ ☞ପୃଷ୍ଠା-୨

## ସଂକ୍ଷେପରେ

### ଏଏସ୍‌ପି ର୍ୟାଙ୍କ୍‌ର ୩ ଅଧିକାରୀଙ୍କୁ ପଦୋନ୍ନତି

**କଟକ ଅଫିସ,୨୦।୨:** ଓଡ଼ିଶା ପୋଲିସରେ କାର୍ଯ୍ୟରତ ଆଡିଶନାଲ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଏଏସ୍‌ପି) ର୍ୟାଙ୍କ୍‌ର ୩ଜଣ ଅଧିକାରୀଙ୍କୁ ପଦୋନ୍ନତି ମିଳିଛି। କଟକ ଏସ୍‌ପି (ଇନ୍‌ଚାର୍ଜ)ଥିବା ରାଧା ବିନୋଦ ପାଣିଗ୍ରାହୀଙ୍କୁ ଏସ୍‌ପି ଭାବେ ପଦୋନ୍ନତି ମିଳିଛି। ସେହିପରି ମେରାଇନ ଆଣ୍ଡ୍ କୋଷ୍ଟାଲ୍ ସିକ୍ୟୁରିଟି ଭୁବନେଶ୍ୱରର ପୋଲିସ ଏଆଇଜି (ଇନ୍‌ଚାର୍ଜ) ଥିବା ଶ୍ରୀକ୍ରିଷ୍ଣା ବେହେରାଙ୍କୁ ଉକ୍ତ ବିଭାଗର ଏଆଇଜିପି ଓ ରାଜ୍ୟ ପୋଲିସ ମୁଖ୍ୟାଳୟ କଟକର ଏଆଇଜିପି (ଇନ୍‌ଚାର୍ଜ) ଥିବା ବସନ୍ତ କୁମାର ପାଣିଗ୍ରାହୀଙ୍କୁ ଏଆଇଜିପି ଭାବେ ପଦୋନ୍ନତି ମିଳିଛି। ଏ ସଂକ୍ରାନ୍ତରେ ଗୃହ ବିଭାଗ ପକ୍ଷରୁ ବୁଧବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ଚାଲାଣବେଳେ ୧୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜବତ ଘଟଣା

### ତଦନ୍ତ କରିବ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ

**ଭୁବନେଶ୍ୱର,୨୦।୨ (ବ୍ୟୁରୋ):** କଟକରୁ ଉତ୍ତର ପ୍ରଦେଶର ଆଗ୍ରାକୁ ଚାଲାଣବେଳେ ଛତିଶଗଡ଼ର ମହାସମୁଦ ପୋଲିସ ମଙ୍ଗଳବାର ୧୦କୋଟି ୯୦ ଲକ୍ଷ ୫ଶହ ଟଙ୍କା ଜବତ କରିଥିଲା। ସାଧାରଣ ନିର୍ବାଚନ ପୂର୍ବରୁ ଏତେ ପରିମାଣର ଟଙ୍କା ବାହାର ରାଜ୍ୟକୁ ଯିବା ଘଟଣାକୁ ବେଶ୍ ଗୁରୁତ୍ୱ ଦେଇଛି ଓଡ଼ିଶା ପୋଲିସ। ଏହି ଘଟଣାର ଆପରାଧିକ ପୃଷ୍ଠଭୂମିକୁ କ୍ରାଇମବ୍ରାଞ୍ଚର ଅଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତଦନ୍ତ କରିବ ବୋଲି ବୁଧବାର ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି। ଛତିଶଗଡ଼ ପୋଲିସର ସୂଚନାକୁ ଆଧାର କରି ଡିଜିପି ଡା. ଶର୍ମା କହିଛନ୍ତି, ନିର୍ବାଚନକୁ ଆଖିରେ ରଖି ମହାସବୁଦ ପୋଲିସ ସୀମାରେ ଯାନବାହନ ଯାଞ୍ଚ କରୁଥିବାବେଳେ ଏକ ଟୟୋଟା ଇଟିଏସ୍ କାର୍ (ନଂ. ୟୁପି୮୦ଇକ୍ୟୁ୯୬୮୧) ପଛ ସିଟ୍‌ରେ ଥିବା ସିକ୍ରେଟ ଲକରରୁ ଉକ୍ତ ଟଙ୍କା ମିଳିଥିଲା। କାର୍‌ରେ ଯାଉଥିବା ଜଣେ ମହିଳା ଓ ତିନିଜଣ ପୁରୁଷ ଏ ସଂକ୍ରାନ୍ତରେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପୋଲିସ ଟଙ୍କା, କାର୍ ସହ ସେମାନଙ୍କୁ ଥାନାକୁ ନେଇ ପଚରାଉଚରା ପରେ ଘଟଣା ସାମ୍ନାକୁ ଆସିଥିଲା। ଆଗ୍ରାର ରୁପା ଚାନ୍ଦି ବ୍ୟବସାୟୀଙ୍କ ନିର୍ଦ୍ଦେଶକ୍ରମେ ଗତ ୧୭ ତାରିଖରେ କାର୍ ଧରି କଟକ ଅଭିମୁଖେ ବାହାରିଥିଲେ। କଟକରେ ଥିବା ତାଙ୍କ ସହଯୋଗୀ ଅବଧେଶ ଅଗ୍ରୱାଲଙ୍କଠାରୁ ଏକ ବ୍ୟାଗ୍ ତାଙ୍କ ନିକଟରେ ପହଞ୍ଚାଇବା ଦାୟିତ୍ୱ ଦିଆଯାଇଥିଲା। ଗ୍ୱାଲିୟର, ଝାନ୍ସି ଓ ରାୟପୁର ଦେଇ କଟକରେ ପହଞ୍ଚିଥିବା ପରେ ହ୍ୱାଟ୍‌ସ ଆପ୍ ଜରିଆରେ ସେମାନଙ୍କ ମୋବାଇଲକୁ ଏକ ଲାଇଭ୍ ଲୋକେଶନ ମିଳିଥିଲା। ସେଠାରେ ପହଞ୍ଚିବା ପରେ ଏକ ସ୍କୁଟିରେ ଅପେକ୍ଷା କରିଥିବା ଜଣେ ଲୋକ ତାଙ୍କୁ ଏକ ଫାର୍ମ ହାଉସକୁ ନେଇ ଏକ ବ୍ୟାଗକୁ କାର୍‌ରେ ଲୋଡ୍ କରିଥିଲେ। ପରେ ୟୁପି ବ୍ୟବସାୟୀଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଟଙ୍କାକୁ କାର୍ ସିଟ୍‌ର ସିକ୍ରେଟ ଲକରରେ ରଖାଯିବା ପରେ ଆଗ୍ରା ଅଭିମୁଖେ ଯାଉଥିଲେ। ଛତିଶଗଡ଼ ପୋଲିସ ଟଙ୍କା ଜବତ ସଂକ୍ରାନ୍ତରେ ଆୟକର ବିଭାଗକୁ ଜଣାଇଛି। ଦେଶରେ ଆତଙ୍କବାଦୀ, ମାଓବାଦୀ କାର୍ଯ୍ୟକଳାପ ଜାରି ରହିଥିବାବେଳେ ଏହି ବିପୁଳ ଟଙ୍କା ଚାଲାଣର ପ୍ରକୃତ ରହସ୍ୟ ଖୋଜି ପାଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ଡିଜିପି ଡା. ଶର୍ମା କହିଛନ୍ତି।

## ହିଜ୍‌ବୁଲର ଆକ୍ରମଣ ଧମକ

# କଶ୍ମୀରରେ ଆହୁରି ହେବ ଆତ୍ମଘାତୀ ବିସ୍ଫୋରଣ

ଶ୍ରୀନଗର,୨୦।୨

ଜମ୍ମୁ-କଶ୍ମୀରର ପୁଲୱାମା ଆକ୍ରମଣ ପରି ଆହୁରି ଅନେକ ଆତ୍ମଘାତୀ ବିସ୍ଫୋରଣ ଉପତ୍ୟକାରେ ହେବ ବୋଲି ଆତଙ୍କବାଦୀ ସଙ୍ଗଠନ ହିଜ୍‌ବୁଲ୍ ମୁଜାହିଦ୍ଦିନ ଧମକ ଦେଇଛି। ଉପତ୍ୟକାରେ ଯିଏ ବନ୍ଧୁକ ଧରିବ ସିଏ ମରିବ ବୋଲି ସେନା ପକ୍ଷରୁ ଚେତାବନୀ ଦିଆଯିବା ପରେ ବୁଧବାର ହିଜ୍‌ବୁଲ ପୋଷ୍ଟରବୟ ରିୟାଜ୍ ନାଇକୁ ସୁରକ୍ଷା ବଳ ବିରୋଧରେ ଏକ ଅଡିଓ ଟେପ୍ ଜାରି କରିଛନ୍ତି। ଏହାକୁ ନେଇ କଶ୍ମୀରରେ ସୁରକ୍ଷା ବ୍ୟବସ୍ଥା ଆହୁରି କଡ଼ାକଡ଼ି କରାଯିବା ସହ ଆକ୍ରମଣ ଏଡାଇବା ଲାଗି ତତ୍ପରତା ପ୍ରକାଶ ପାଇଛି।

ହିଜ୍‌ବୁଲ୍ ମୁଜାହିଦ୍ଦିନର ଅପରେଶନାଲ କମାଣ୍ଡର ରିୟାଜ୍ ନାଇକୁ ସୋସିଆଲ୍ ମିଡିଆରେ ୧୭ ମିନିଟ୍‌ର ଏକ ଅଡିଓ ଜାରି କରିଛନ୍ତି। ଏଥିରେ ସେ କହିଛନ୍ତି, ନିକଟରେ ହୋଇଥିବା ସବୁ ଆକ୍ରମଣ କଶ୍ମୀରୀ ଲୋକଙ୍କ ଉପରେ ଚାଲିଥିବା ଅତ୍ୟାଚାରର ପରିଣାମ। ଆମେ ଆତ୍ମବଳିଦାନ ଦେବା ଜାରି ରଖିବୁ। କଶ୍ମୀରୀ କିଶୋରମାନେ ସେମାନଙ୍କ ଜୀବନ ଦେବାକୁ ପ୍ରସ୍ତୁତ ଅଛନ୍ତି। ସେହି ସମୟ ବେଶି



ରିୟାଜ୍ ନାଇକୁ

ଦୂର ନାହିଁ, ଯେତେବେଳେ ଆମର ୧୫ ବର୍ଷୀୟ ନାବାଳକମାନେ ନିଜ ଦେହରେ ବିସ୍ଫୋରକ ଖଞ୍ଜି ତୁମ ସେନାର ଯାନବାହନଗୁଡ଼ିକୁ ଉଡାଇଦେବାକୁ ଆସିବେ। କାରଣ ଆମେ ଆତ୍ମସମର୍ପଣ ଅପେକ୍ଷା ଆତ୍ମବଳିଦାନ ଦେବାକୁ ପସନ୍ଦ କରୁ।

ଉପତ୍ୟକାରେ ଆଗକୁ ପୁଲୱାମା ଭଳି ଅନେକ ଆକ୍ରମଣ କରାଯିବ ବୋଲି ନାଇକୁ ଧମକ ଦେଇଛନ୍ତି। ସେ ଆହୁରି କହିଛନ୍ତି, କଶ୍ମୀରରେ ସେନା ଥିବା ଯାଏ ଯବାନଙ୍କ ମୃତଦେହ ଦେଖୁଥିବ। ଆମେ ତୁମକୁ ବଞ୍ଚିବାକୁ ଦେବୁନାହିଁ।

ପ୍ରକାଶ ଯେ, ହିଜ୍‌ବୁଲରେ ଅଧିକାଂଶ ସ୍ଥାନୀୟ ଯୁବକ ରହିଛନ୍ତି। ସେମାନେ ପୂର୍ବରୁ କେବେ ସେନା ବିରୋଧରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଏବଂ ଲସ୍କର-ଇ-ତୋଇବା (ଏଲ୍ଇଟି) ଭଳି ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି) କିମ୍ବା ଆତ୍ମଘାତୀ ବିସ୍ଫୋରଣ ଘଟାଇନାହାନ୍ତି। ୧୩ ଆତଙ୍କବାଦୀ ସଙ୍ଗଠନକୁ ନେଇ ଗଠିତ ୟୁନାଇଟେଡ୍ ଜେହାଦ୍ କାଉନ୍‌ସିଲ (ୟୁଜେସି)ର ନେତୃତ୍ୱ ହିଜ୍‌ବୁଲ ନେଉଛି। ୨୦୦୬ରେ ୟୁଜେସି ସହ ହିଜ୍‌ବୁଲ୍ ଏକ ଘୋଷଣାନାମାରେ ସ୍ୱାକ୍ଷର କରିଥିଲା। ସେନା ବିରୋଧରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରିବ ନାହିଁ ବୋଲି ହିଜ୍‌ବୁଲ ମୁଖ୍ୟ ସୟଦ୍ ସଲାହୁଦ୍ଦିନ ଏଥିରେ ଦର୍ଶାଇଥିଲେ। ଏହାସତ୍ତ୍ୱେ ଯବାନଙ୍କ ଉପରେ ହିଜ୍‌ବୁଲ ଆକ୍ରମଣ ଜାରି ରଖିଛି। ତେବେ ଗତ ୧୪ ତାରିଖରେ ଜେଇଏମ୍‌ର ଆକ୍ରମଣ ପରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ପରେ ଏହି ଅଡିଓ ଟେପ୍‌କୁ ନେଇ ସୁରକ୍ଷା ସଂସ୍ଥାଗୁଡ଼ିକ ତନାଘନା ଚଳାଇଛନ୍ତି।

# କାବୁହେଲା କଲରାପତରିଆ ବାଘ

ଭୁବନେଶ୍ୱର,୨୦।୨(ବ୍ୟୁରୋ)



ଯନ୍ତାରେ ଧରାପଡ଼ିଥିବା କଲରାପତରିଆ ବାଘ

- କୁକୁଡ଼ା ଖାଇବାକୁ ଆସି ଯନ୍ତାରେ ଫସିଲା
- ପ୍ରାଥମିକ ଚିକିତ୍ସା ପରେ ଚନ୍ଦକା ଗୋଡ଼ିବାରି ଜଙ୍ଗଲରେ ଛଡ଼ାଗଲା

ଦୁଇଦିନ ଧରି ଭୁବନେଶ୍ୱରରେ ଆତଙ୍କ ଖେଳାଇଥିବା କଲରାପତରିଆ ବାଘ ଶେଷରେ ଧରାପଡ଼ିଛି। ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୨ଟା ୩୦ ସମୟରେ ବାଘକୁ ବିମାନବନ୍ଦର କାର୍ଗୋ ଗେଟ୍ ପାଖରୁ ଧରାଯାଇଛି। ତାକୁ କାବୁ କରିବା ପାଇଁ ବନ ବିଭାଗ ପକ୍ଷରୁ ୭ଟି ଯନ୍ତା ବସାଯାଇ ସେଥିରେ ଛେଳି ଓ କୁକୁଡ଼ାଙ୍କୁ ଛଡ଼ାଯାଇଥିଲା। ଫଳରେ ବାଘଟି କୁକୁଡ଼ା ଖାଇବାକୁ ଆସି ଯନ୍ତାରେ ଫଶିଥିଲା। ବାଘ କାବୁ ହେବା ପରେ ପ୍ରଥମ ତାକୁ ନନ୍ଦନକାନନ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ତାକୁ ଚନ୍ଦକା ଗୋଡ଼ିବାରି ଜଙ୍ଗଲରେ ନେଇ ଛାଡ଼ିଦିଆଯାଇଛି। ସୂଚନାଥାଉ କି, ରବିବାର ରାତିରେ ଏୟାରପୋର୍ଟ ନିକଟସ୍ଥ ପଳାଶପଲ୍ଲୀ ଅଞ୍ଚଳରେ ଏକ ବାଘକୁ ସ୍ଥାନୀୟ ଜଣେ ବ୍ୟକ୍ତି ଦେଖିଥିଲେ। ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ଏହା ଏକ କଲରାପତରିଆ ବାଘ ବୋଲି ଜଣାପଡ଼ିଥିଲା। ସୋମବାର ଏ ନେଇ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ବନ ବିଭାଗ ପକ୍ଷରୁ ବାଘ ଖୋଜିବା ପାଇଁ ଅପରେଶନ ଆରମ୍ଭ ହୋଇଥିଲା। ବାଘର ଗତିବିଧି ଅନୁଧ୍ୟାନ କରିବା ଲାଗି ବିଭିନ୍ନ ସ୍ଥାନରେ ୯ଟି କ୍ୟାମେରା ଟ୍ରାପ୍ ଲଗାଯିବା ସହ ସଂଲଗ୍ନ ରାସ୍ତାଗୁଡ଼ିକୁ ସିଲ୍ କରିଦିଆଯାଇଥିଲା। ଏହି ଅପରେଶନରେ ୬ଟି ରେଞ୍ଜ୍‌ର ୪୦ରୁ ଉର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଥିଲେ। ଶେଷରେ ବାଘ ଧରିବା ଅଭିଯାନ ସଫଳ ହୋଇଥିଲା।




## ବାପ ଉପରେ ଥିବା ରାଗ ପୁଅ ଉପରେ ଶୁଝାଇଲେ ପଡ଼ୋଶୀ

# ୫ ବର୍ଷର ଶିଶୁକୁ ହତ୍ୟା

ମୁନିଗୁଡ଼ା,୨୦।୨(ଡି.ଏନ୍.ଏ.)

ଦୁଇ ପଡ଼ୋଶୀ ଘାସି ସିକ୍‌କା ଓ ଗିରି ମାଣ୍ଡିକାଙ୍କ ଭିତରେ ପୂର୍ବ ଶତ୍ରୁତା ରହିଥିଲା। ବୁଧବାର ପୁଣିଥରେ ସେମାନଙ୍କ ମଧ୍ୟରେ ଝଗଡ଼ା ଲାଗିବା ପରେ ଉତ୍ୟକ୍ତ ଘାସି ଟାଙ୍ଗିଆ ଧରି ଗିରିଙ୍କୁ ଗୋଡ଼ାଇଥିଲେ। ଭୟରେ ଗିରି ଲୁଚିଯିବା ପରେ ତାଙ୍କ ୫ ବର୍ଷର ପୁଅ ଘାସିଙ୍କ ସାମ୍ନାକୁ ଆସିଯାଇଥିଲା। କ୍ରୋଧରେ ଅନ୍ଧ ଘାସି ନିଜ ରାଗ ଶୁଝାଇବା ପାଇଁ କୋମଳମତି ଶିଶୁକୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ରାୟଗଡ଼ା ଜିଲାର ଏକ ଆଦିବାସୀ ପଡ଼ାରେ ଏଭଳି ଅଭାବନୀୟ କାଣ୍ଡ ଘଟିଛି।

ସୂଚନା ଅନୁଯାୟୀ, ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଭାଲିଆପଦର ଗ୍ରାମର ଆଦିବାସୀ ସାହିରେ ଘାସିରାମ ଓ ଗିରିଙ୍କ ଘର। ଉଭୟ ପଡ଼ୋଶୀ ହୋଇଥିବା ବେଳେ ଗତ କିଛିମାସ ହେଲା ସେମାନଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ ବାରମ୍ବାର ଝଗଡ଼ା ଲାଗୁଥିଲା। ଘାସି ସବୁବେଳେ ଗିରିଙ୍କୁ ହତ୍ୟା କରିବା ପାଇଁ ଧମକ ଦେଉଥିଲେ। ଗିରି ମଧ୍ୟ ପାଲଟା ଜବାବ ଦେବା ପାଇଁ କହୁଥିଲେ। ସେମାନଙ୍କ ଭିତରେ ଥିବା ଏହି ଶତ୍ରୁତା ବୁଧବାର ଭୟଙ୍କର ରୂପ ନେଇଥିଲା। ପୁଣିଥରେ ସେମାନଙ୍କ ଭିତରେ ଝଗଡ଼ା ଆରମ୍ଭ ହେବା ପରେ ଘାସି ଟାଙ୍ଗିଆ ଧରି ଗିରିଙ୍କୁ ହାଣିବା ପାଇଁ ଗୋଡ଼ାଇଥିଲେ। ଗିରି ପ୍ରାଣ ବିକଳରେ ଘରେ ଲୁଚିଯାଇଥିଲେ। କିନ୍ତୁ କ୍ରୋଧରେ ନିଜ ହିତାହିତ ଜ୍ଞାନ ହରାଇଥିବା ଘାସି ଗିରିଙ୍କ ୫ ବର୍ଷର ଶିଶୁକୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏନେଇ ମୁନିଗୁଡ଼ା ଥାନାରେ ଏତଲା ହେବା ପରେ ପୋଲିସ କେସ୍ ନଂ ୩୨/୧୯ରେ ଏକ ହତ୍ୟା ମାମଲା ରୁଜୁକରି ଘାସିଙ୍କୁ ଥାନାରେ ଅଟକ ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା କହିଛନ୍ତି। ଘାସିଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ରାମେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି।

# କିସିଂ ସିନ୍ ନ ଦେବାକୁ ପ୍ରତିଜ୍ଞା କରିଥିଲେ ସଲମାନ୍

ମୁମ୍ବାଇ,୨୦।୨




ଫିଲ୍ମରେ ରୋମାନ୍ସ ଓ କିସ୍ ସିନ୍ ନ ରହିଲେ ତାହା ହିଟ୍ ହୋଇ ନ ଥାଏ। ନିର୍ଦ୍ଦେଶକ ଫିଲ୍ମରେ କିସିଂ ସିନ୍‌କୁ ଦେଇଥାନ୍ତି ଗୁରୁତ୍ୱ। ତେଣୁ ଅଧିକାଂଶ ଅଭିନେତା ସଫଳତା ପାଇବା ପାଇଁ ଫିଲ୍ମ କାହାଣୀର ଡିମାଣ୍ଡ ଅନୁଯାୟୀ କିସ୍ ସିନ୍ କରିଥାନ୍ତି। ତେବେ ବଲିଉଡ୍‌ର ଦବଙ୍ଗଷ୍ଟାର ବଜରଙ୍ଗୀ ଭାଇଜାନ୍ ସଲମାନ ଖାନ୍ ନିଜ ଫିଲ୍ମରେ ହିରୋଇନ୍‌କୁ ଭୁଲ୍‌ରେ ବି କିସ୍ କରି ନ ଥାନ୍ତି।

ବିନା କିସିଂ ସିନ୍‌ରେ ତାଙ୍କ ଫିଲ୍ମ ବକ୍ସ ଅଫିସ୍‌ରେ ହିଟ୍ ହୋଇଥାଏ। ନିଜ ଫିଲ୍ମରେ ସଲମାନ୍ ହିରୋଇନ୍‌ଙ୍କ ସହ ରୋମାନ୍ସ କରନ୍ତି ମାତ୍ର ଲିପ୍‌ଲକ୍ ସିନ୍ କେବେ କରି ନ ଥାନ୍ତି । ଫିଲ୍ମ ଦୁନିଆକୁ ଆସିବା ପୂର୍ବରୁ ସଲମାନ୍ ନିଷ୍ପତ୍ତି ନେଇଥିଲେ ଯେ, କୌଣସି ହିରୋଇନ୍‌ଙ୍କୁ ଓଠରେ ଚୁମ୍ବନ ଦେବେ ନାହିଁ । ସଲମାନ ଏହି ପ୍ରତିଜ୍ଞା ଆଜି ପର୍ଯ୍ୟନ୍ତ ଭାଙ୍ଗି ନାହାନ୍ତି । ଫିଲ୍ମର ସ୍କ୍ରିପ୍ଟ ପଢି ସେ ସେଥିରେ କୌଣସି କିସ୍ ସିନ୍ ଅଛି କି ନା ପ୍ରଥମେ ଦେଖି ନିଅନ୍ତି ।

ସଲମାନ ରିଲ୍ ଲାଇଫ୍‌ରେ ହିରୋଇନ୍‌ଙ୍କୁ ଆଲିଙ୍ଗନ କରିଥିବାବେଳେ ଚୁମ୍ବନ ଦେବାକୁ ପଛାଇଥାନ୍ତି। ସୁରଜ ବଡଜାତ୍ୟାଙ୍କ ଫିଲ୍ମ 'ମୈନେ ପ୍ୟାର କିୟା'ରେ ଭାଗ୍ୟଶ୍ରୀଙ୍କ ସହିତ ଲିପଲକ୍ ସିନ୍ କରିଛନ୍ତି ସଲମାନ। କିନ୍ତୁ ପ୍ରକୃତରେ ଏହି ସିନ୍‌ରେ ସେ ଭାଗ୍ୟଶ୍ରୀଙ୍କୁ ଛୁଇଁ ନ ଥିଲେ। ଏହି ଲିପ୍‌ଲକ୍ ପାଇଁ ସୁରଜ ବଡଜାତ୍ୟା ଭାଗ୍ୟଶ୍ରୀ ଏବଂ ସଲମାନ୍‌ଙ୍କୁ ଅନେକ ବୁଝାଇଥିଲେ। ତେବେ ସେମାନେ ରାଜି ହୋଇ ନ ଥିଲେ। ତେଣୁ ଦୁଇଜଣଙ୍କ ମଧ୍ୟରେ ଏକ କାଚ ଗ୍ଲାସ୍ ଲଗାଯାଇ ଲିପ୍‌ଲକ୍ ସିନ୍ ଶୁଟିଂ କରାଯାଇଥିଲା।


## SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH

Department of Empowerment of Persons with Disabilities (Divyangjan),
(Ministry of Social Justice & Empowerment, Govt. of India)
OLATPUR, P.O: BAIROI, DIST: CUTTACK (ODISHA), Pin: 754010, Tel. No: 0671-2805552, 2805778, Fax: 0671-2805862, Website: www.svnirtar.nic.in,
E-mail: nirtar@nic.in & svnirtar@gmail.com

**Ref. No-AD 6B 19/01 & 02/2019** **Date: 12.02.2019**

**Recruitment Notice-1**

Applications are invited from the eligible candidates for the following Posts for CRC, Balangir, Odisha as under.

| Sl. No. | Name of the Post | No. of Post | Age | Consolidated Salary p.m (Rs.) |
|---|---|---|---|---|
| 1 | Director (Consultant) | 1 | 50 | 70,000 |
| 2 | Assistant Professor (PMR) (Consultant) | 1 | 45 | 60,000 |
| 3 | Assistant Professor (Speech & Hearing) (Consultant) | 1 | 45 | 55,000 |
| 4 | Assistant Professor (Clinical Psychology) (Consultant) | 1 | 45 | 55,000 |
| 5 | Assistant Professor (Special Education) (Consultant) | 1 | 45 | 55,000 |
| 6 | Lecture (Physiotherapy) (Consultant) | 1 | 35 | 50,000 |
| 7 | Lecture (Occupational Therapy) (Consultant) | 1 | 35 | 50,000 |
| 8 | Administrative Officer (Consultant) | 1 | 40 | 40,000 |
| 9 | Rehabilitation Officer (Social Work & Placement) (Consultant) | 1 | 35 | 35,000 |
| 10 | Prosthetist & Orthotist (Consultant) | 1 | 40 | 35,000 |
| 11 | Accountant (Consultant) | 1 | 35 | 35,000 |
| 12 | Special Educator Orientation & Mobility Instructor (Consultant) | 2 | 35 | 35,000 |
| 13 | Vocational Instructor (Consultant) | 1 | 30 | 35,000 |
| 14 | Assistant (Consultant) | 1 | 30 | 35,000 |
| 15 | Clinical Assistant (Consultant) | 2 | 30 | 32,000 |
| 16 | Workshop Supervisor-cum Store-Keeper (Consultant) | 1 | 30 | 25,000 |
| 17 | Clerk (Consultant) | 1 | 30 | 20,000 |

**Recruitment Notice-2**

Applications are invited from the eligible candidates for the following Posts for CRC, Ranchi, Jharkhand as under.

| Sl. No. | Name of the Post | No. of Post | Age | Consolidated Salary p.m (Rs.) |
|---|---|---|---|---|
| 1 | Director (Consultant) | 1 | 50 | 70,000 |
| 2 | Assistant Professor (PMR) (Consultant) | 1 | 45 | 60,000 |
| 3 | Assistant Professor (Speech & Hearing) (Consultant) | 1 | 45 | 55,000 |
| 4 | Assistant Professor (Clinical Psychology) (Consultant) | 1 | 45 | 55,000 |
| 5 | Assistant Professor (Special Education) (Consultant) | 1 | 45 | 55,000 |
| 6 | Lecture (Physiotherapy) (Consultant) | 1 | 35 | 50,000 |
| 7 | Lecture (Occupational Therapy) (Consultant) | 1 | 35 | 50,000 |
| 8 | Administrative Officer (Consultant) | 1 | 40 | 40,000 |
| 9 | Rehabilitation Officer (Social Work & Placement) (Consultant) | 1 | 35 | 35,000 |
| 10 | Prosthetist & Orthotist (Consultant) | 1 | 40 | 35,000 |
| 11 | Accountant (Consultant) | 1 | 35 | 35,000 |
| 12 | Special Educator Orientation & Mobility Instructor (Consultant) | 2 | 35 | 35,000 |
| 13 | Vocational Instructor (Consultant) | 1 | 30 | 35,000 |
| 14 | Assistant (Consultant) | 1 | 30 | 35,000 |
| 15 | Clinical Assistant (Consultant) | 2 | 30 | 32,000 |
| 16 | Workshop Supervisor-cum Store-Keeper (Consultant) | 1 | 30 | 25,000 |
| 17 | Clerk (Consultant) | 1 | 30 | 20,000 |

Last date for receipt of completed applications is 18.03.2019. Late Received applications and applications received in other format will be summarily rejected. For all other details, terms and conditions, please log on to website www.svnirtar.nic.in.

**Sd./- DIRECTOR**







"ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ପାରଦ ଉପରମୁହାଁ

**ମାଲକାନଗିରିରେ ୩୮.୪ ଡିଗ୍ରୀ**
**୨୫ରୁ ଉତ୍ତର ଓଡ଼ିଶାରେ ବର୍ଷା ସମ୍ଭାବନା**

**ଭୁବନେଶ୍ୱର,୨୦।୨(ବ୍ୟୁରୋ):** ରାଜ୍ୟରେ ପାରଦ ଉପର ମୁହାଁ ହୋଇଛି। ଗତ ୩ ଦିନ ମଧ୍ୟରେ ପାରଦ ୪ରୁ ୫ ଡିଗ୍ରୀ ସେଲସିୟସ ଉପରକୁ ଉଠି ଗଲାଣି। ବୁଧବାର ମାଲକାନଗିରିରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୩୮.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏଥିସହିତ ରାଜ୍ୟର ୭ଟି ସ୍ଥାନରେ ପାରଦ ୩୫ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, କଟକରେ ସର୍ବୋଚ୍ଚ ତାପମାତ୍ରା ୩୬.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୩୫.୯, ଅନୁଗୋଳ ୩୫.୧, ତାଳଚେର ୩୫.୧, ଭବାନୀପାଟଣା ୩୫.୫, ବଲାଙ୍ଗୀର ୩୫.୨, ସୋନପୁର ୩୫.୪, ଚାନ୍ଦବାଲି ୩୪.୬ ଏବଂ ସମ୍ବଲପୁରରେ ୩୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଦିନର ତାତି ବଢ଼ିବା ସାଙ୍ଗକୁ ରାତିରେ ମଧ ଗରମ ବୃଦ୍ଧି ପାଇଲାଣି। ପୁରୀରେ ସର୍ବନିମ୍ନ ତାପମାତ୍ରା ୨୩.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ପାରାଦୀପରେ ୨୩ ଡିଗ୍ରୀ ରେକର୍ଡ କରାଯାଇଛି। ତାତି ବଢୁଥିଲେ ମଧ ୨୫ ତାରିଖରୁ ଉତ୍ତର ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ୨୫ ଓ ୨୬ ଦୁଇଦିନ ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସହିତ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଆଦି ଜିଲାରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି।

### ହିମସ୍ଖଳନରେ ଯବାନ ଶହୀଦ, ୫ ନିଖୋଜ

**କନ୍ନଉର,୨୦।୨:** ହିମାଚଳପ୍ରଦେଶର କନ୍ନଉର ଜିଲାରେ ହିମସ୍ଖଳନ ଘଟି ଜଣେ ଯବାନ ଶହୀଦ ହୋଇଥିବାବେଳେ ଅନ୍ୟ ୫ ଜଣ ନିଖୋଜ ଅଛନ୍ତି। ସେମାନେ ବରଫ ତଳେ ରହିଯାଇଛନ୍ତି। ଇଣ୍ଡୋ-ତିବ୍ବତୀୟ ବର୍ଡର ପୋଲିସ (ଆଇଟିବିପି) ଏବଂ ଜିଲା ପୋଲିସ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଭାରତ-ଚାଇନା ସୀମାର ଶିପ୍‌କାଲା ସେକ୍ଟରରେ ଯବାନମାନେ ପାଟ୍ରୋଲିଂ କରୁଥିବାବେଳେ ହିମସ୍ଖଳନ ହେବାରୁ ସେମାନେ ବରଫ ତଳେ ପୋତିହୋଇ ପଡିଥିଲେ। ଜଣକ ମୃତଦେହ ଉଦ୍ଧାର କରାଯାଇଛି। ହିମସ୍ଖଳନରେ କେତେଜଣ ଆଇଟିବିପି ଯବାନ ଫସିଥିଲେ ମଧ ସେମାନଙ୍କୁ ବରଫ ତଳୁ ବାହାର କରାଯାଇଛି।

### 'ଚାଷୀଙ୍କଠାରୁ ନିରନ୍ତର ଧାନ କିଣନ୍ତୁ ସରକାର'

**ଭୁବନେଶ୍ୱର,୨୦।୨(ବ୍ୟୁରୋ):** କେନ୍ଦ୍ରର ଭାଜପା ଏବଂ ରାଜ୍ୟର ବିଜେଡି ସରକାର ଦ୍ୱାରା ଚାଷୀ ସବୁଠୁ କ୍ଷତିଗ୍ରସ୍ତ ଓ ବିପର୍ଯ୍ୟସ୍ତ ହୋଇଛି। କେବଳ ନିର୍ବାଚନ ବୈତରଣୀ ପାର ହେବା ପାଇଁ ବର୍ତ୍ତମାନ କାଳିଆ ଯୋଜନା ନାଁରେ ଭୁଆଁ ବୁଲାଉଛନ୍ତି ରାଜ୍ୟ ସରକାର। ଯଦି ରାଜ୍ୟ ସରକାର ଚାଷୀକୁଳର ପ୍ରକୃତ ହିତ ଚାହୁଁଥାନ୍ତି, ତେବେ ବର୍ଷତମାମ ସେମାନଙ୍କଠାରୁ ଧାନ କ୍ରୟ କରନ୍ତୁ। ପ୍ରଦେଶ କଂଗ୍ରେସର କିଷାନ୍ ମୋର୍ଚ୍ଚା ବୈଠକରେ ଯୋଗଦେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏହି କଥା କହିଛନ୍ତି।

ସରକାର ଚାଷୀଙ୍କଠାରୁ ଧାନକ୍ରୟ କ୍ଷେତ୍ରରେ ପ୍ରହେଳିକା ସୃଷ୍ଟି ବନ୍ଦ କରିବା, ପଞ୍ଚାୟତଗୁଡ଼ିକରେ ପ୍ରତି ପ୍ୟାକ୍ସ ଓ ଲ୍ୟାମ୍ପସ୍‌ଗୁଡିକ ଦ୍ୱାରା ନିରନ୍ତର ଧାନକ୍ରୟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ସମସ୍ତ ଚାଷୀଙ୍କ କୃଷିଋଣ ଛାଡ଼ କରାଯିବା ପାଇଁ ଏହି ବୈଠକରେ ଦୃଢ଼ ଦାବି କରାଯାଇଥିଲା।

### ବିଜେଡି ନେତାଙ୍କ କଂଗ୍ରେସରେ ଯୋଗଦାନ

**ଭୁବନେଶ୍ୱର,୨୦।୨(ବ୍ୟୁରୋ):** କେନ୍ଦୁଝର ଜିଲା ବିଜେଡି ଉପସଭାପତି ପ୍ରଭାକର ନାୟକ ତାଙ୍କ ସମର୍ଥକଙ୍କ ସହ ବୁଧବାର କଂଗ୍ରେସରେ ସାମିଲ ହୋଇଛନ୍ତି। ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ କଂଗ୍ରେସ ଭବନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ପ୍ରଭାକରଙ୍କ ଯୋଗଦାନ ଦ୍ୱାରା କଂଗ୍ରେସ କେନ୍ଦୁଝର ଜିଲାରେ ଅଧିକ ଶକ୍ତିଶାଳୀ ହେବ ବୋଲି ପିସିସି ସଭାପତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ମିଶ୍ରଣ ପର୍ବରେ କେନ୍ଦୁଝର ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ରତିକାନ୍ତ ବରାଳ, ପ୍ରଦେଶ କଂଗ୍ରେସ ମୁଖପାତ୍ର ପଦ୍ମାକର ଗୁରୁ ଓ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।




# ବିଜେଡି, ଭାଜପାର ବହୁ ଆଶାୟୀ

**ନିର୍ମଳ ପଣ୍ଡା**
**କଟକ ଅଫିସ, ୨୦।୨**

ଓଡ଼ିଶାରେ ଲୋକ ସଭା ସାଙ୍ଗକୁ ବିଧାନସଭା ନିର୍ବାଚନ ନିକଟତର ହୋଇଛି। ନିର୍ବାଚନ ତାରିଖ ଘୋଷଣା ହୋଇ ନ ଥିଲେ ମଧ ପ୍ରାୟ ୨ ମାସ ହେଲା ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ବଡ଼ ବଡ଼ ସମାବେଶ ଆୟୋଜନ ହେବାରେ ଲାଗିଛି। ଏସବୁରୁ ରାଜନୈତିକ ଉଷ୍ମତା ବୃଦ୍ଧିପାଇବା ସହ ୩ ପ୍ରମୁଖ ଦଳ ବିଜେଡି, ଭାଜପା, କଂଗ୍ରେସର ପ୍ରାର୍ଥୀ ହେବା ପାଇଁ ଆଶାୟୀମାନେ ଲବି ଚଳାଇଛନ୍ତି। ଏହି କ୍ରମରେ କଟକ ଜିଲାର ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀର ପାଣିପାଗ ବେଶ୍ ସରଗରମ ଅଛି।

କଟକ ଲୋକ ସଭା ଆସନ ଅଧୀନରେ ରହିଛି ଏହି ବିଧାନସଭା କ୍ଷେତ୍ର। ଏଠାରେ ବର୍ତ୍ତମାନ ସୁଦ୍ଧା ଦୃଶ୍ୟମାନ ହେଉଥିବା ରାଜନୈତିକ ଚିତ୍ର ଅନୁଯାୟୀ କଂଗ୍ରେସରୁ ଜଣେ ମାତ୍ର ଆଶାୟୀ ଥିବାବେଳେ ବିଜେଡି ଓ ଭାଜପାରୁ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ଲମ୍ବା ରହିଛି। ଅର୍ଥାତ୍ ୨୦୧୪ ସାଧାରଣ ନିର୍ବାଚନରେ ପରାସ୍ତ ହୋଇଥିବା କଂଗ୍ରେସ ପ୍ରାର୍ଥୀ ମହମ୍ମଦ ମୋକିମଙ୍କ ନାମ ଏକପ୍ରକାର ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। କାରଣ ନିକଟରେ ଭୁବନେଶ୍ୱରରେ ଅନୁଷ୍ଠିତ କଂଗ୍ରେସ ସ୍କ୍ରିନିଂ କମିଟି ବୈଠକରେ ବାରବାଟୀ-କଟକରୁ କେବଳ ମୋକିମଙ୍କ ନାମ ସୁପାରିସ କରାଯାଇଛି। ଏପରି ସ୍ଥିତିରେ ବିଜେଡିକୁ ଦେଖିଲେ ବର୍ତ୍ତମାନର ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ସମେତ ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ, ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ ଓ ଅଭିନେତ୍ରୀ ତଥା ରାଜ୍ୟ ସଭା ସଦସ୍ୟ ଅନୁଭବ ମହାନ୍ତିଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ନାମ ଚର୍ଚ୍ଚାରେ ରହିଛି। ସେହିପରି ଭାଜପାରୁ ପୂର୍ବତନ ମନ୍ତ୍ରୀ ସମୀର ଦେ, ଯୁବନେତା ବିଶ୍ୱଜିତ୍ ମହାନ୍ତି, ଗତଥରର ପରାଜିତ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ, ଦଳୀୟ ନେତା ବିନୋଦ ଦାସ ଓ ଲଲାଟେନ୍ଦୁ ବଡୁଙ୍କ ନାମ ଚର୍ଚ୍ଚାକୁ ଆସୁଛି।

କଂଗ୍ରେସ ନେତା ମହମ୍ମଦ ମୋକିମ କୁହନ୍ତି, ୨୦୦୯ରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ଗଠନ ହେଲା। ସେବେଠାରୁ କ୍ରମାଗତ ୨ଥର ବିଜେଡି ଜିତିଛି। ଏହା ପୂର୍ବରୁ କଟକ ନିର୍ବାଚନ ମଣ୍ଡଳୀ ଥିବା ସମୟରେ ୧୯୮୦ ପରଠାରୁ କଂଗ୍ରେସ ପ୍ରାର୍ଥୀ ବିଜୟଲାଭ କରିନାହାନ୍ତି। କିନ୍ତୁ ଭାଜପା ଲଗାତର ୩ ଥର ଜିତିଛି। ଅତୀତରେ ଏଠାରୁ ନିର୍ବାଚିତ ବିଧାୟକମାନେ ରାଜ୍ୟ ମନ୍ତ୍ରିମଣ୍ଡଳରେ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀପଦ ମଧ ହାତେଇଛନ୍ତି। ହେଲେ ଏହି ଦୁଇ ଦଳ କଟକ ସହରର ମୌଳିକ ସମସ୍ୟା ଦୂର କରିବାରେ ବିଫଳ ହୋଇଛନ୍ତି। ତେଣୁ ଲୋକେ ଏହି ଦୁଇ ଦଳ ଉପରୁ ଆସ୍ଥା ତୁଟାଇ କଂଗ୍ରେସକୁ ବିଜୟୀ କରାଇବେ ବୋଲି ମୋକିମ ଆଶାବ୍ୟକ୍ତ କରିଛନ୍ତି। ତେବେ କଂଗ୍ରେସରୁ ଟିକେଟ ମିଳୁଥିବା ନେଇ ଆପଣ ନିଶ୍ଚିତ କି ବୋଲି ପଚରାଯିବାରୁ, ମୋର କଂଗ୍ରେସରେ କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବା ସମସ୍ତେ ଜାଣିଛନ୍ତି। ବିଜେଡି ସହିତ କଂଗ୍ରେସର ସିଧା ମୁକାବିଲା ହେବ ବୋଲି ମୋକିମ କହିଛନ୍ତି।

ଭାଜପା ନେତା ସମୀର ଦେ କୁହନ୍ତି, ଲୋକେ ଆମକୁ ମନେପକାଉଛନ୍ତି। ଆମ ସମୟରେ କଟକରେ ଉନ୍ନତି ହୋଇଥିଲା। ବିଗତ ୧୦ ବର୍ଷ ମଧ୍ୟରେ କଟକର ବିକାଶରେ ତାଲା ଝୁଲୁଛି। ନିର୍ବାଚନ ଲଢ଼ିବାର ମୋର ଇଚ୍ଛା ଅଛି। ଯଦି ଦଳ ଟିକେଟ ଦିଏ ନିଶ୍ଚିତ ଲଢ଼ିବି। ଟିକେଟ ନ ମିଳିଲେ ଦଳ ପାଇଁ ପ୍ରଚାର କରିବି ଓ ଭାଜପା ଏଠାରେ ଜିତିବ। ଭାଜପା ସହିତ ବିଜେଡିର ସିଧା ମୁକାବିଲା ହେବ ବୋଲି ସମୀର କହିଛନ୍ତି। ୨୦୧୪ରେ ଭାଜପାରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ପ୍ରଦୀପ ସ୍ୱାଇଁ କୁହନ୍ତି, ମୋତେ ଟିକେଟ ମିଳିବ ବୋଲି ଦୃଢ଼ ଆଶା। ଯଦି ଟିକେଟ ନ ମିଳେ ତେବେ ଦଳ ପାଇଁ ପ୍ରଚାର କରିବି। ଅନ୍ୟତମ ଆଶାୟୀ ଲଲାଟେନ୍ଦୁ ବଡୁ କୁହନ୍ତି, ମୋ ନାଁ ଟିକେଟ ତାଲିକାର ଏକ ନମ୍ବରରେ ଅଛି। ମୋର ଆଶା ଓ ବିଶ୍ୱାସ ରହିଛି ମୋତେ ଟିକେଟ ମିଳିବ। ନ ମିଳିଲେ ବି ଦୁଃଖ ନାହିଁ। ଦଳ ପାଇଁ କାମ କରିବି।

ବିଧାୟକ ଦେବାଶିଷ ସାମନ୍ତରାୟ କୁହନ୍ତି, ଗତ ୧୦ ବର୍ଷରେ କଟକରେ ଅନେକ ବିକାଶ ହୋଇଛି। ୬୦ ବର୍ଷ ତଳର ପୁରୁଣା ପାଣି ପାଇପ ଲାଇନକୁ ବଦଳାଯାଇଛି। ମହାନଦୀ ପାଣିକୁ ବିଶୁଦ୍ଧୀକରଣ କରାଯାଇ ଲୋକଙ୍କୁ ଦେବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ତଅଁଳାସାହିରେ ଗୃହ ନିର୍ମାଣ କରାଯାଇ ସେମାନଙ୍କୁ ଯୋଗାଇ ଦିଆଯାଇଛି। ସହରରେ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ତେବେ ଏକ ବୃହତ୍ ପ୍ରକଳ୍ପ ନିର୍ମାଣ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ତାହା ହେଉଛି ପୁରୀଘାଟ ନିକଟରେ କାଠଯୋଡ଼ି ନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କାଠଯୋଡ଼ି ସମେତ ଦେବୀ, ପ୍ରାଚୀ ଆଦି ନଦୀରେ ଜଳ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇ ପାରିବ। ନିର୍ବାଚନ ପରେ ପ୍ରାଥମିକତା ଭିତ୍ତିରେ ଏହି କାର୍ଯ୍ୟ ସମ୍ପନ୍ନ କରାଯିବ। ତେବେ ଆପଣଙ୍କୁ ଟିକେଟ ମିଳୁଛି କି ନାହିଁ ପ୍ରଶ୍ନରେ ବିଧାୟକ ସାମନ୍ତରାୟ କହିଥିଲେ, ସେ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତିଙ୍କ ଉପରେ ନିର୍ଭର କରେ। ମୋତେ ଟିକେଟ ମିଳୁ କି ନ ମିଳୁ ଦଳ ମୋ ପାଇଁ ସବୁଠୁ ବଡ଼। ଯାହାକୁ ଟିକେଟ ମିଳିଲେ ବି ବିଜେଡି ଏଠାରେ ଜିତିବ। କାହା ସାଙ୍ଗରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆପଣ ଭାବୁଛନ୍ତି ପ୍ରଶ୍ନରେ ସାମନ୍ତରାୟ କହିଥିଲେ, ଯିଏ ସାମ୍ନାକୁ ଆସିବ ତାହା ସହିତ ଲଢେଇ ହେବ।

ଦଳର ସମସ୍ତ ଆଶାୟୀଙ୍କ ମତ ମଧ ସମାନ ରହିଛି। ସୁବାସ ସିଂ, ଅରିନ୍ଦମ ରାୟ ଓ ଅନୁଭବ ମହାନ୍ତିଙ୍କୁ ପଚାରିବାରୁ ଦଳର ସଭାପତି ଯାହାଙ୍କୁ ପ୍ରାର୍ଥୀ କରିବେ, ଆମେ ତାଙ୍କ ପାଇଁ ପ୍ରଚାର କରିବୁ ବୋଲି ସମସ୍ତେ କହିଛନ୍ତି। ତେବେ ବିଧାୟକ ସାମନ୍ତରାୟଙ୍କ ନାମ ପାରାଦୀପ ବିଧାନସଭା ଓ ରାଜ୍ୟ ସଭା ପାଇଁ ଚର୍ଚ୍ଚାରେ ଥିବାରୁ ତାଙ୍କ ବିକଳ୍ପ ଭାବେ ବିଜେଡି କାହାକୁ ଚୟନ କରିବ ତାହା ନୂଆ ସମୀକରଣକୁ ସୂଚାଇବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

କଟକ ସହରବାସୀଙ୍କ ମତ ହେଉଛି ଏବେ ବି ସହର ଅନେକ ସମସ୍ୟା ଦେଇ ଗତି କରୁଛି। ବିଶୁଦ୍ଧ ପାନୀୟଜଳର ଅଭାବ ଯୋଗୁ ସହରରେ ବର୍ଷତମାମ ଜଣ୍ଡିସର ପ୍ରକୋପ ଦେଖିବାକୁ ମିଳୁଛି। ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟ ନ କରିବାରୁ ଅସରାଏ ବର୍ଷାରେ ଲୋକଙ୍କ ଘରେ ପାଣି ପଶୁଛି। ମୌଳିକ ସମସ୍ୟା ସମାଧାନରେ ସିଏମ୍‌ସି ବିଫଳ ହୋଇଥିବା ସହରର ବରିଷ୍ଠ ନାଗରିକ ଜଗମୋହନ ମହାନ୍ତି କହିଛନ୍ତି।

**୨୦୧୪ ନିର୍ବାଚନ ଫଳାଫଳ**

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ବିଜେଡି | ଦେବାଶିଷ ସାମନ୍ତରାୟ | ୫୭,୬୬୩ |
| କଂଗ୍ରେସ | ଇଂ. ମହମ୍ମଦ ମୋକିମ୍ | ୪୩,୩୩୫ |
| ଭାଜପା | ପ୍ରଦୀପ ସ୍ୱାଇଁ | ୨୦,୫୫୨ |
| ବିଏସ୍‌ପି | ସୟଦ ସଫିକ୍ ଅଲି | ୨୭୪ |
| ଏସ୍‌ୟୁସିଆଇ | ପ୍ରତାପ ଚନ୍ଦ୍ର ମିଶ୍ର | ୨୦୭ |
| ଏଏପି | ସେକ୍ ମୁନ୍ତାକିମ୍ ବକ୍ସ | ୧୦୧୦ |
| ଏଓପି | ମହମ୍ମଦ ୱହିଦ ଶକିଲ | ୭୭୧ |
| ସ୍ୱାଧୀନ | ବିପିନ ବିହାରୀ ସାହୁ | ୧୨୫ |
| ସ୍ୱାଧୀନ | ଡା. ରମାରମଣ ଷଡ଼ଙ୍ଗୀ | ୬୭୪ |

**୨୦୦୯ ନିର୍ବାଚନ ଫଳାଫଳ**

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ବିଜେଡି | ଦେବାଶିଷ ସାମନ୍ତରାୟ | ୫୨,୦୯୭ |
| କଂଗ୍ରେସ | ସୁରେଶ ମହାପାତ୍ର | ୨୭,୬୧୨ |
| ଭାଜପା | ସମୀର ଦେ | ୧୫,୧୩୧ |
| ସ୍ୱାଧୀନ | ସୁବାସ ଶର୍ମା | ୬୩୯ |
| ବିଏସ୍‌ପି | ସେକ୍ ମୁନ୍ତାକିମ ବକ୍ସ | ୬୦୬ |
| ସ୍ୱାଧୀନ | ସେକ୍ ମାମିଲୁଦ୍ଦିନ ଅହମ୍ମଦ | ୨୨୬ |
| ଏଜେଏସ୍‌ୟୁ | ଆଲୋକ ପ୍ରସାଦ ନନ୍ଦ | ୨୨୪ |
| ଏସ୍‌ପି | ଗୀତା ଚଇନି | ୨୨୦ |
| ଜନହିତକର ପାର୍ଟି | ଡ. ଗୁରୁପ୍ରସାଦ ମହାନ୍ତି | ୧୭୭ |
| ସ୍ୱାଧୀନ | ଅମରେନ୍ଦ୍ର ରଥ | ୧୩୦ |
| ଜେଡିୟୁ | ସଞ୍ଜିତ କୁମାର ସାମଲ | ୧୨୦ |

**ନିର୍ବାଚନମଣ୍ଡଳୀ ରୂପରେଖ**

୨୦୦୯ରେ ରାଜ୍ୟରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପରେ ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ଜନ୍ମ ନେଇଥିଲା। ସିଏମ୍‌ସିର ୩୨ଟି ୱାର୍ଡକୁ ନେଇ ଏହି ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ କରାଯାଇଛି। ୨୦୧୧ ଜନଗଣନା ଅନୁଯାୟୀ ନିର୍ବାଚନମଣ୍ଡଳୀର ମୋଟ ଜନସଂଖ୍ୟା ୩,୧୮,୬୧୧। ସାମାଜିକ, ଅର୍ଥନୈତିକ ସର୍ଭେ ଅନୁଯାୟୀ ଏହି ନିର୍ବାଚନମଣ୍ଡଳୀରେ ଶତପ୍ରତିଶତ ସହରାଞ୍ଚଳ ଭୋଟର ରହିଛନ୍ତି। ୨୦୧୮ ଭୋଟର ତାଲିକା ଅନୁଯାୟୀ ୨,୨୩,୩୫୩ ଜଣ ମତଦାତା ରହିଛନ୍ତି। ୨୦୧୪ ନିର୍ବାଚନରେ ଏଠାରେ ମତଦାନ ହାର ୫୯.୮୫% ରହିଥିଲା। ବିଜେଡି ସପକ୍ଷରେ ସର୍ବାଧିକ ୪୫.୮% ଭୋଟ ଯାଇଥିବାବେଳେ ୩୪.୪୪% ଭୋଟ କଂଗ୍ରେସ ଓ ୧୬.୩୩% ଭୋଟ ଭାଜପା ପାଇଥିଲା।

■ ଶ୍ରୀମନ୍ଦିର ପ୍ରଶାସନ ସହ ହିଙ୍ଗୋରାନିଙ୍କ ବୈଠକ

# ବୁଝିଲେ ଶ୍ରୀମନ୍ଦିର ଇତିହାସ, ପରମ୍ପରା

**ପୁରୀ ହିଂସା, ଡିସେମ୍ବର ୨୮ ବିଶୃଙ୍ଖଳା ନେଇ ଅବଗତ ହେଲେ**

**ପୁରୀ ଅଫିସ,୨୦।୨**



ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସଭାଗୃହରେ ଆମିକସ୍ କ୍ୟୁରିଙ୍କ ସହଯୋଗୀ ପ୍ରିୟା ହିଙ୍ଗୋରାନି ସେବାୟତଙ୍କ ସହ ଆଲୋଚନା କରୁଛନ୍ତି।

ଶ୍ରୀମନ୍ଦିର ସଂସ୍କାର ମାମଲାକୁ ନେଇ ପୁଣି ପୁରୀରେ ଆରମ୍ଭ ହୋଇଛି ଖୋଳତାଡ଼। ନୂଆ ଆମିକସ୍ କ୍ୟୁରିଙ୍କ ଗସ୍ତ ପୂର୍ବରୁ ତାଙ୍କ ସହଯୋଗୀ ସୁପ୍ରିମ୍‌କୋର୍ଟର ଆଇନଜୀବୀ ପ୍ରିୟା ହିଙ୍ଗୋରାନି ତଥ୍ୟ ସଂଗ୍ରହ କରିବା ଆରମ୍ଭ କରି ଦେଇଛନ୍ତି। ବୁଧବାର ସକାଳେ ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଶ୍ରୀମନ୍ଦିର ସଂସ୍କାର ମାମଲା ନେଇ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ପୂର୍ବାହ୍ଣରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାଗୃହରେ ମୁଖ୍ୟ ପ୍ରଶାସକଙ୍କ ସମେତ କାର୍ଯ୍ୟାଳୟର ସମସ୍ତ ଅଧିକାରୀଙ୍କ ସହ ବୈଠକ କରିଥିଲେ। ଏଥିରେ ହିଙ୍ଗୋରାନି ଶ୍ରୀମନ୍ଦିର ସମ୍ପର୍କରେ ବିସ୍ତୃତ ଭାବେ ଜାଣିବାକୁ ଇଚ୍ଛା କରିଥିଲେ। ମୁଖ୍ୟ ପ୍ରଶାସକ ତାଙ୍କୁ ଶ୍ରୀମନ୍ଦିରର ଇତିହାସ, ନିର୍ମାଣ, ସେବାପୂଜା, ପରମ୍ପରା, ରୀତିନୀତି, ପର୍ବପର୍ବାଣି, ରଥଯାତ୍ରା, ମହାପ୍ରଭୁଙ୍କ ନବକଳେବର ଆଦି ବିଭିନ୍ନ ପ୍ରସଙ୍ଗରେ ଅବଗତ କରାଇଥିଲେ। ଏଥିସହ ଶ୍ରୀମନ୍ଦିର ଆଇନ, ସ୍ୱତ୍ୱଲିପି ସମ୍ପର୍କରେ ମଧ ହିଙ୍ଗୋରାନିଙ୍କୁ ଅବଗତ କରାଯାଇଥିଲା। ଶ୍ରୀମନ୍ଦିରରେ ୧୧୯ ପ୍ରକାର ସେବକ ରହିଥିବା ତାଙ୍କୁ ସୂଚନା ଦିଆଯାଇଥିଲା। କିନ୍ତୁ ସ୍ପଷ୍ଟ ଭାବେ ସେ ଏହି ବିଷୟରେ ଜାଣିବାକୁ ଚାହିଁଥିଲେ।

ସୁପ୍ରିମକୋର୍ଟ ତାଙ୍କ ଅନ୍ତରୀଣ ଆଦେଶରେ ଯେଉଁ ୧୨ଟି ପ୍ରସ୍ତାବ ଦେଇଥିଲେ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ପ୍ରସ୍ତାବ ମଧ୍ୟରୁ କାହାକୁ ନେଇ ସମସ୍ୟା ରହିଛି ତାହା ମଧ ବୁଝିଥିଲେ। ପ୍ରାୟ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଏହି ବୈଠକ ଚାଲିଥିଲା।

ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଥିଲେ, ହିଙ୍ଗୋରାନିଙ୍କୁ ଶ୍ରୀମନ୍ଦିର ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ଏଥିସହ ସୁପ୍ରିମ୍‌କୋର୍ଟ ଯେଉଁ ରାୟ ଦେଇଥିଲେ ଏବଂ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ୧୨ଟି ପ୍ରସ୍ତାବର ସ୍ଥିତି, ଧାଡ଼ିଦର୍ଶନକୁ ନେଇ ଅକ୍ଟୋବର ୩ ପୁରୀ ହିଂସା ଏବଂ ଡିସେମ୍ବର ୨୮ରେ ମହାପ୍ରଭୁଙ୍କ ନୀତିରେ ସୃଷ୍ଟି ହୋଇଥିବା ବିଶୃଙ୍ଖଳା ଓ ଏହାର ପ୍ରତିକାର କ'ଣ ହୋଇପାରିବ ଏ ସବୁର ତର୍ଜମା ହୋଇଥିଲା। ଏତଦ୍ ବ୍ୟତୀତ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯାହା କାଗଜପତ୍ର ତାଙ୍କୁ ଦେବାର ଥିଲା ତାହା ପ୍ରଦାନ କରାଯାଇଛି। ସେ ଆଉ କିଛି ତଥ୍ୟ ମାଗିଛନ୍ତି। ସେ ସବୁ ତାଙ୍କ ମେଲ୍‌ରେ ପଠାଇ ଦିଆଯିବ। ଏହା ପରେ ସେ ତାଙ୍କ ରିପୋର୍ଟ ଆମିକସ୍ କ୍ୟୁରି ରଞ୍ଜିତ କୁମାରଙ୍କୁ ଦେବେ। ମୁଖ୍ୟତଃ ବଂଶାନୁକ୍ରମିକ ସେବକ ନିଯୁକ୍ତି ଉଚ୍ଛେଦ, ଅନ୍ନଦାନ ଆଟିକା ଏବଂ ଥାଳି, ଗରା ମାଧ୍ୟମରେ ଦାନ ସଂଗ୍ରହ ବନ୍ଦ ନେଇ ଯେଉଁ ଅସହମତି ରହିଥିଲା ସେ ସମ୍ପର୍କରେ ହିଙ୍ଗୋରାନିଙ୍କୁ ଆମର ମତାମତ ଜଣାଇ ଦେଇଛୁ। ସେମାନେ ସୁପ୍ରିମ୍‌କୋର୍ଟରେ ତାକୁ ଉପସ୍ଥାପନ କରିବା ପରେ ଯାହା ରାୟ ହେବ ବୋଲି ମୁଖ୍ୟ ପ୍ରଶାସକ କହିଥିଲେ।

## ପକ୍ଷଙ୍କଠାରୁ ଲିଖିତ ତଥ୍ୟ ନିଆଗଲା

**ସଂସ୍କାର ମାମଲା**

**ପୁରୀ ଅଫିସ,୨୦।୨**

ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟ ପ୍ରିୟା ହିଙ୍ଗୋରାନିଙ୍କୁ ଆମିକସ୍ କ୍ୟୁରି ରଞ୍ଜିତ କୁମାରଙ୍କ ସହଯୋଗୀ ଭାବେ ନିଯୁକ୍ତ କରିଛନ୍ତି। ବୁଧବାର ହିଙ୍ଗୋରାନି ବିଭିନ୍ନ ସେବାୟତ ନିଯୋଗ ଅର୍ଥାତ୍ ଯେଉଁମାନେ ସୁପ୍ରିମ୍‌କୋର୍ଟରେ ପକ୍ଷ ହୋଇଥିଲେ ସେମାନଙ୍କ ସହ ଆଲୋଚନା କରିଛନ୍ତି। ବିଶେଷକରି ସୁଆର ପତ୍ରୀବଡୁ, ଖୁଣ୍ଟିଆ, ପୂଜାପଣ୍ଡା, ଭିତର ସେବାୟତ, ଚୂନରା, ସୁଆର ମହାସୁଆର ନିଯୋଗଠାରୁ ଲିଖିତ ଭାବେ ତଥ୍ୟ ସଂଗ୍ରହ କରିଛନ୍ତି।

ପୂର୍ବାହ୍ଣରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେବଳ ପକ୍ଷ ହୋଇଥିବା ସେବାୟତ ନିଯୋଗର କର୍ମକର୍ତ୍ତା ଏବଂ ହିଙ୍ଗୋରାନି ଉପସ୍ଥିତ ଥିଲେ। ସବୁ ନିଯୋଗ ବଂଶାନୁକ୍ରମିକ ସେବା ଏବଂ ଶ୍ରୀମନ୍ଦିର ସ୍ୱତ୍ୱଲିପିକୁ ସୁରକ୍ଷା ଦେବା ଉପରେ ମତ ରଖିଥିଲେ। ଶ୍ରୀମନ୍ଦିରର ପରମ୍ପରା, ସେବାପୂଜା ବିଶ୍ୱର ଅନ୍ୟ ସମସ୍ତ ମନ୍ଦିରଠାରୁ ଭିନ୍ନ ବୋଲି କହିଥିଲେ। ଶ୍ରୀମନ୍ଦିର ଏକ ମହାନ୍ ଆଧାତ୍ମିକ ପୀଠ। ହେଲେ ଏଠାରେ ଥାଳି, ଗରା ମାଧ୍ୟମରେ ଦାନ, ଦକ୍ଷିଣା କାହିଁକି ଆଦାୟ କରୁଛ ବୋଲି ହିଙ୍ଗୋରାନି ସେବାୟତଙ୍କୁ ପ୍ରଶ୍ନ କରିଥିଲେ। ସମ୍ପୃକ୍ତ ନିଯୋଗ ପକ୍ଷରୁ ଏହା ଉପରେ ମତ ରଖାଯାଇଥିଲା। ଶ୍ରୀମନ୍ଦିର ପରମ୍ପରା ଆଧାରରେ ଏପରି ଚାଲି ଆସିଛି। ଭକ୍ତମାନେ ଠାକୁରଙ୍କୁ ଦର୍ଶନ ପରେ ଏଥିରେ ଦାନ, ଦକ୍ଷିଣା ସ୍ୱଇଚ୍ଛାରେ ପ୍ରଦାନ କରିଥାନ୍ତି ବୋଲି କୁହାଯାଇଥିଲା। ଅନ୍ୟପକ୍ଷରେ ବିଭିନ୍ନ ପକ୍ଷଙ୍କ ସହ ହୋଇଥିବା ଏହି ଆଲୋଚନା ସକାରାତ୍ମକ ରହିଥିବା ସେବକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

■ ମାଟ୍ରିକ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଶେଷ

# ୨୦୨୦ ବେଳକୁ ସବୁ ପରୀକ୍ଷା କେନ୍ଦ୍ରରେ ଲାଗିବ ସିସିଟିଭି

**ପୁରୀ ଅଫିସ,୨୦।୨**

ଆସନ୍ତା ୨୨ ତାରିଖରୁ ଆରମ୍ଭ ହେଉଛି ମାଟ୍ରିକ ପରୀକ୍ଷା। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବୁଧବାର ୩୦୪ ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚିବାର ବ୍ୟବସ୍ଥା ସରିଛି। ପ୍ରାୟ ସବୁ ନୋଡାଲ ସେଣ୍ଟରରେ ସିସିଟିଭି କ୍ୟାମେରା ଲଗାଯାଇଛି। ତେଣୁ କୌଣସି ପ୍ରକାର ଅସୁବିଧା ହେବ ନାହିଁ ବୋଲି କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ପ୍ରଦୀପ୍ତ ମହାପାତ୍ର।

ପୁରୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ମହାପାତ୍ର କହିଥିଲେ ଯେ, ୨୨ ତାରିଖ ସକାଳ ୬ଟାରୁ ୮ଟା ମଧ୍ୟରେ ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ବିଗତ ବର୍ଷଗୁଡ଼ିକରେ ପୂର୍ବଦିନ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚୁଥିବା ବେଳେ ଚଳିତବର୍ଷ ଏଭଳି ପରିବର୍ତ୍ତନ କରାଯାଇଛି। ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ନେବା ପାଇଁ ୭୦୧ ଗାଡ଼ି କରାଯାଇଛି। ପ୍ରତି ଗାଡ଼ିରେ ପୋଲିସ ରହିବେ। ଗୋଟିଏ ଗାଡି ୩/୪ଟି କେନ୍ଦ୍ରରେ ପ୍ରଶ୍ନପତ୍ର ଦେବାର ବ୍ୟବସ୍ଥା ହୋଇଛି। ଏଥିରେ କୌଣସି ତ୍ରୁଟି ହେବ ନାହିଁ ବୋଲି ଆଶା ରଖିଛୁ। ପ୍ରଥମଥର ଲାଗି ୪୦୦ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଛି। ୨୦୨୦ ବେଳକୁ ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯିବ। ତେଣୁ କପି କରି ପାସ୍ କରିବା ଚିନ୍ତାଧାରାରୁ ନିବୃତ୍ତ ରୁହନ୍ତୁ। ଏଥର ପରୀକ୍ଷା ପରିଚାଳନା ନେଇ ଯେଉଁ ନିୟମ ରହିଛି, ତାହାକୁ କଡ଼ାକଡ଼ି ପାଳନ କରିବା ଲାଗି ଡିଜିଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ଡିଜି ମଧ ସମସ୍ତ ଏସ୍‌ପିଙ୍କୁ ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ପିଲାମାନେ କପି କରିବାର ମାନସିକତାରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ଦରକାର ବୋଲି ସଚିବ କହିଛନ୍ତି। ୨୧ ତାରିଖରେ ନବ ନିର୍ମାଣ କୃଷକ ସଙ୍ଗଠନ ବନ୍ଦ ଡାକରା ସଂକ୍ରାନ୍ତରେ ସଚିବ କହିଛନ୍ତି ଯେ, ଏହିଦିନ ପରୀକ୍ଷା ସମ୍ପର୍କିତ କୌଣସି କାର୍ଯ୍ୟକ୍ରମ ନାହିଁ। କିନ୍ତୁ ପିଲାମାନେ ପୂର୍ବଦିନରୁ ପରୀକ୍ଷା କେନ୍ଦ୍ରକୁ ଯାଇଥାନ୍ତି। ତେଣୁ କୌଣସି ପ୍ରକାର ଅସୁବିଧା ହେବା ଆଶଙ୍କା କରି ରାଜ୍ୟ ସରକାର ବନ୍ଦ ଡାକରାରୁ ଓହରିଯିବା ପାଇଁ ଅନୁରୋଧ କରିଛନ୍ତି। ପିଲାମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସଙ୍ଗଠନ ପୁନର୍ବିଚାର କରିବା କଥା।

କେତେଜଣ ଛାତ୍ରୀଛାତ୍ରଙ୍କ ପରୀକ୍ଷା କେନ୍ଦ୍ର ବହୁ ଦୂରରେ ପଡିଥିବା ଅଭିଯୋଗ ସଂକ୍ରାନ୍ତରେ ସେ କହିଛନ୍ତି, ପ୍ରତି ଜିଲାରେ ଜିଲାପାଳ, ଏସ୍‌ପି ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଏ। ସେହି କମିଟି ହିଁ କେଉଁ ସ୍କୁଲର କେଉଁଠାରେ ପରୀକ୍ଷା କେନ୍ଦ୍ର ହେବ ତାହା ନିଷ୍ପତ୍ତି ନେଇଥାଏ। ହେଲେ ଏଭଳି କୌଣସି ଅଭିଯୋଗ ଏ ପର୍ଯ୍ୟନ୍ତ ଆସିନାହିଁ। କୌଣସି ଛାତ୍ରୀଛାତ୍ର ନିଜ ସ୍କୁଲରେ ପରୀକ୍ଷା ଦେଇପାରିବେ ନାହିଁ ବୋଲି ଗତବର୍ଷଠାରୁ କଡ଼ାକଡ଼ି ନିୟମ କରାଯାଇଥିବା ସଚିବ କହିଛନ୍ତି।

# ସରକାରୀ ଡାକ୍ତରଙ୍କୁ ୩ଥର ପଦୋନ୍ନତି

■ ବର୍ଷ ୩,୧୪,୨୧ରେ ଲାଗୁ
■ ଡିଏସିପିକୁ ଅନୁମୋଦନ

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

ସରକାରୀ ଡାକ୍ତରଙ୍କୁ ଚାକିରିକାଳ ମଧ୍ୟରେ ୩ଥର ପଦୋନ୍ନତି ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ନିୟମିତ ଚାକିରିରେ ରହିଥିଲେ ଏଣିକି କାର୍ଯ୍ୟକାଳର ୩, ୧୪ ଏବଂ ୨୧ ବର୍ଷରେ ନିଶ୍ଚିତ ପଦୋନ୍ନତି ମିଳିବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। କିଛିଦିନ ପୂର୍ବରୁ ଡାକ୍ତରମାନଙ୍କ ପଦୋନ୍ନତି ସମ୍ପର୍କିତ ନୂଆ ଡାଇନାମିକ୍ ଆସ୍ୟୁର୍ଡ କ୍ୟାରିୟର ପ୍ରୋଗ୍ରେସନ ଫର ଗଭର୍ନମେଣ୍ଟ ଡକ୍ଟର(ଡିଏସିପି)କୁ ସରକାରଙ୍କ ଅନୁମୋଦନ ମିଳିଛି।

## ଆଜିଠାରୁ ଟର୍ମିନାଲ ଭିତରକୁ ଲୋକଙ୍କ ପ୍ରବେଶ ବନ୍ଦ

**ଝାରସୁଗୁଡା ଅଫସ,୨୦।୨**

ଝାରସୁଗୁଡା ବିମାନବନ୍ଦର ଟର୍ମିନାଲ ଭିତରକୁ ପରିଦର୍ଶକଙ୍କ ପ୍ରବେଶ ବନ୍ଦ କରାଯାଇଛି। ଫେବ୍ରୁଆରୀ ୨୧ ତାରିଖଠାରୁ ଟର୍ମିନାଲ ଭିତରକୁ ପ୍ରବେଶ ବନ୍ଦ ହେବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ଏସ୍.କେ. ଚୌହାନ ସୂଚନା ଦେଇଛନ୍ତି। ବିମାନବନ୍ଦରର ପ୍ରଶାସନିକ କାରଣ ଯୋଗୁ ଏହି ବନ୍ଦ ଆଦେଶ ଜାରି କରାଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୨ରେ ବିମାନବନ୍ଦର ଉଦ୍‌ଘାଟନ ପରେ ଏଠାରୁ ବିମାନ ଉଡିବା ବନ୍ଦ ରହିଥିଲା। ଫଳରେ ବିମାନବନ୍ଦର କର୍ତ୍ତୃପକ୍ଷ ଟର୍ମିନାଲ ଭିତରେ ପ୍ରବେଶ କରିବା ଏବଂ ବୁଲି ଦେଖିବାର ବ୍ୟବସ୍ଥା କରିଥିଲେ। ପ୍ରବେଶ ପାଇଁ ୫୦ଟଙ୍କାର ଟିକଟ୍ ମଧ ଧାର୍ଯ୍ୟ କରାଯାଇଥିଲା। ବର୍ତ୍ତମାନ ଉଡାନ୍ ୩ ରୁଟ୍ ଘୋଷଣା ପରେ ବିମାନ ସେବା ଆରମ୍ଭ ହେବ। ସେଥିପାଇଁ ସ୍ପାଇସ୍ ଜେଟ୍ ଏବଂ ଆଲାଏନ୍ସ କମ୍ପାନୀର ପ୍ରତିନିଧି ଝାରସୁଗୁଡା ଗସ୍ତ କରିସାରିଲେଣି। ସେହି କାରଣରୁ ବାହାର ଲୋକଙ୍କ ପ୍ରବେଶକୁ ବନ୍ଦ କରାଯାଉଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

**ସଂରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ତା.୨୧.୦୨.୨୦୧୯ରିଖ ଦିନ ପୁରୀରୁ ଛାଡ଼ିବାକୁ ଥିବା କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ ପରିବର୍ତ୍ତିତ ମାର୍ଗ ଦେଇ ଯାତ୍ରା କରିବ।**

ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ରେଳ ମଣ୍ଡଳରେ ପୋସୋଡିଆ-ମନୋହରପୁର ଏବଂ ଜରାଇକେଲା-ଭାଲୁଲତା ଷ୍ଟେସନ ଗୁଡ଼ିକ ମଧ୍ୟରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ ଗୁଡ଼ିକର ସ୍ଥାପନ ନିମନ୍ତେ ସଂରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ **ତା.୨୧.୦୨.୨୦୧୯ରିଖ (ଗୁରୁବାର) ଦିନ ପୁରୀରୁ ଛାଡ଼ିବାକୁ ଥିବା 18477 ପୁରୀ-ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍** କଟକ-ଭଦ୍ରକ-ଟାଟା-ଝାରସୁଗୁଡ଼ା ମାର୍ଗ ପରିବର୍ତ୍ତେ **କଟକ-ଅନୁଗୁଳ-ସମ୍ବଲପୁର ସିଟି-ଝାରସୁଗୁଡ଼ା ରୋଡ଼-ଇବ୍ ଏବଂ ବିଲାସପୁର ହୋଇ ପରିବର୍ତ୍ତିତ ମାର୍ଗରେ ଯାତ୍ରା କରିବ।**



**ପୂର୍ବ ତଟ ରେଳପଥ**
PR-490/J/18-19

**UTKAL UNIVERSITY**
**VANI VIHAR, BHUBANESWAR-751004**
**INDICATIVE REQUEST FOR PROPOSAL (RfP)**
**No. DRS/RUSA/1041-2016 (Part I)/5240/2019 Date: 20.02.2019**
To undertake various initiatives in RUSA and for other strategic initiatives, Utkal University, Odisha intends to hire consultancy firm, to set up a Project Management Support (PMS) Unit which can assist the University in these areas. In this regard, Utkal University invites responses from reputed and experienced organizations through a Request for Proposal (RfP). Interested participants / firms may download the RfP document from the University website **www.utkaluniversity.nic.in** or contact **rusa.utkal@gmail.com.** The responses to the RfP need to be submitted by **1500 hours** of **12 March 2019** to the **Registrar, Utkal University, Vani Vihar, Bhubaneswar-751 004, India.**
**Sd/- REGISTRAR**



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍।
- ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ହୀରାକୁଦ,୨୦।୨(ଡି.ଏନ.ଏ.): ହୀରାକୁଦ ବରିଷ୍ଠ ନାଗରିକ ସଂଗଠନ ଜମ୍ମୁ-କଶ୍ମୀରର ଫୁଲୱାମାରେ ଶହୀଦ ହୋଇଥିବା ସିଆରପିଏଫ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛି। ସନ୍ତୋଷ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ୨ମିନିଟ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ସନ୍ତୋଷ କୁମାର ପଣ୍ଡା, ନିଳାଞ୍ଚଳ ପଣ୍ଡା, ନିମୁଏଲ କୁମାର, ତୀର୍ଥବାସୀ ବାଗ୍ଟା, ମଧୁସୂଦନ ଦାଶ, ଆଦିତ୍ୟ କୁମାର ସ୍ୱାଇଁ, ହରି ଭୂଷଣ ସିଂ, ରାଜେନ୍ଦ୍ର ପ୍ରସାଦ ନଳ, ଭାସ୍କର ଦାଶ, ଭଗବାନ ବେହେରା, ଧବଳେଶ୍ୱର ପ୍ରଧାନ, ମନୁଲାଲ ପ୍ରସାଦ, ଯୁଗଳ କିଶୋର ସ୍ୱାଇଁ, ନରସିଂ ଅଗ୍ରୱାଲ, ଗୋଲେକଚନ୍ଦ୍ର ଜେନା, ଅନନ୍ତରାମ ତାଣ୍ଡି, ବିଶ୍ୱନାଥ ଜେନା, ମାର୍କଣ୍ଡ ଜେନା, ବିରଞ୍ଚି ସାହୁ, ନିରଞ୍ଜନ ପଟ୍ଟନାୟକ, ଉପେନ୍ଦ୍ର ପ୍ରସାଦ ମିଶ୍ର, ଯୋଗେଶ୍ୱର ପ୍ରଧାନ ଓ ରବୀନ୍ଦ୍ର କୁମାର ପରିଡା ଉପସ୍ଥିତ ଥିଲେ ।

### 'ଶହୀଦ ଯବାନଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି'

ସମ୍ବଲପୁର,୨୦।୨(ବ୍ୟୁରୋ) ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ ଝାଙ୍କରପାଲି ଗ୍ରାମର ଜଗନ୍ନାଥ ପ୍ରସାଦ ହାଇସ୍କୁଲରେ ମଙ୍ଗଳବାର ପିଠା କାର୍ଯ୍ୟକ୍ରମରେ କେତେକ ବ୍ୟତିକ୍ରମ ଦେଖା ଦେଇଥିଲା। ନିକଟରେ ଜମ୍ମୁ-କଶ୍ମୀରର ପୁଲୱାମାରେ ଶହୀଦ ହୋଇଥିବା ସିଆରପିଏଫ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଏଥିରେ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ହେଲେ ଶହୀଦ ଯବାନମାନଙ୍କ ପାଇଁ ନିରବ ପ୍ରାର୍ଥନାବେଳେ ବିଧାୟକ ମୋବାଇଲ ଦେଖୁଥିଲେ। ଏହି ସମୟରେ କେହି ଜଣେ ଫଟୋ ଉଠାଇ ନେଇଥିଲେ। ପରେ ତାହା ସୋସିଆଲ ମିଡିଆରେ ଭାଇରାଲ ହେବା ସହ ଶହୀଦ ଯବାନଙ୍କ ପ୍ରତି ବିଧାୟକ କେମିତି ସମ୍ମାନ ପ୍ରଦର୍ଶନ କରନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଥିଲା। ବୁଧବାର ଧରିତ୍ରୀରେ ମଧ ସୋସିଆଲ ମିଡିଆର ଏହି ଭାଇରାଲ ଫଟୋକୁ ନେଇ ଖବର ପ୍ରକାଶ ପାଇଥିଲା। ଏହା ଉପରେ ବିଧାୟକ ଆମ ପ୍ରତିନିଧିଙ୍କୁ ଫୋନରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଶହୀଦଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ରହିଛି । ସେ ଖୁବ୍ ସତର୍କ ଓ ସଚେତନ। ମୋବାଇଲ ଖୋଲା ରହିଲେ କାଳେ କଲ୍ ଆସିବ ଓ ନୀରବତା ଭଙ୍ଗ ହେବ। ଏହା ଆଶଙ୍କା କରି ସେ ନିରବ ପ୍ରାର୍ଥନା ପୂର୍ବରୁ ହିଁ ମୋବାଇଲକୁ ସୁଇଚ୍ ଅଫ କରୁଥିଲେ । ହେଲେ ସେ ସମୟର କେହି ଉଦ୍ଦେଶ୍ୟମୂଳକ ଭାବେ ଫଟୋ ଉଠାଇ ଭାଇରାଲ କରିଛନ୍ତି।

### ନାକଟୀଦେଉଳ କଲେଜରେ ସୁରକ୍ଷା କର୍ମଶାଳା

ନାକଟିଦେଉଳ,୨୦।୨(ଡି.ଏନ.ଏ.) ନାକଟିଦେଉଳ ସଂଯୁକ୍ତ ମହାବିଦ୍ୟାଳୟରେ ମଙ୍ଗଳବାର ଅଗ୍ନିଶମ ବିଭାଗ ପକ୍ଷରୁ ସୁରକ୍ଷା ସମ୍ପର୍କରେ ଏକ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି । ଯୁକ୍ତ ତିନି କଲେଜର ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ନାକଟିଦେଉଳ ଅଗ୍ନିଶମ ଅଧିକାରୀ ପାସକେଲ କୁଲୁ ଯୋଗଦେଇ ନିଆଁ ଲିଭାଇବା କୌଶଳ ସମ୍ବନ୍ଧରେ ଆଲୋକପାତ କରିଥିଲେ । ବିଭାଗୀୟ କର୍ମଚାରୀ ସପନ ବେହେରା ଏଥିରେ ସହଯୋଗ କରିଥିଲେ । କନିଷ୍ଠ କଲେଜର ଅଧକ୍ଷ କନ୍ଦର୍ପ ଚନ୍ଦ୍ର ରାଉଳ, ପ୍ରାଧାପକ ଦୀପେନ କୁମାର ପଟ୍ଟନାୟକ, ଅଧାପିକା ପୁଷ୍ପାଞ୍ଜଳି ରଚନା, ଅଧାପକ ଶେଷଦେବ ବିଶ୍ୱାଲ, ବିନୋଦ ବିହାରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁ ଲିଭା କୌଶଳ ପ୍ରଦର୍ଶନ କରାଯାଇଥିଲା । କର୍ମଶାଳାରେ କଲେଜର ସମସ୍ତ ଛାତ୍ରୀଛାତ୍ର ମକଡ୍ରିଲ ଦେଖିଥିଲେ ।

# ଚେକିଂବେଳେ ଧରାପଡ଼ିଲା ବାଇକ୍ ଚୋରି ର୍ୟାକେଟ

- ଗାଡ଼ି ଚୋରି ଅଭିଯୋଗରେ ୨ ଗିରଫ
- ବାଇକ୍ କିଣି ୮ ଜଣ ଫସିଲେ
- ୧୯ ଗାଡି ଜବତ ହେଲା

ରେଢାଖୋଲ,୨୦।୨(ଡି.ଏନ.ଏ.)

ରେଢାଖୋଲ ପୋଲିସ ଏକ ବାଇକ୍ ଚୋରି ର୍ୟାକେଟକୁ ଧରିଛି। ସହର ମଧ ଦେଇ ଯାଇଥିବା ୧୫୩ ନଂ ଜାତୀୟ ରାଜପଥର କେନ୍ଦୁକଟାଠାରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ ବେଳେ ଏହି ର୍ୟାକେଟ ଧରା ପଡିଛି। ବାଇକ୍ ଚୋରି କରିବା ଅଭିଯୋଗରେ ରେଢାଖୋଲ ଥାନା ଲଇଣ୍ଡାମାଲ ଗ୍ରାମର କରିତୁ ପ୍ରଧାନ ଓ ଶୁଣ୍ଢିମୁଣ୍ଡା ଗ୍ରାମର ନିମାଇଁ ଚରଣ ନାଏକଙ୍କୁ ପୋଲିସ ଗିରଫ କରିଛି। ସେହିପରି ଚୋରି ବାଇକ୍ କିଣିବା ଅଭିଯୋଗରେ ୮ ଜଣ ଗିରଫ ହୋଇଛନ୍ତି। ଏମାନେ ହେଲେ ରେଢାଖୋଲ ସହର ବିଶ୍ୱନାଥପୁରର ଜ୍ୟୋତିରଞ୍ଜନ ପ୍ରଧାନ, ଡଇଁଚାର ସାରଥି ନାୟକ, ଚାରମାଳ ଥାନା ବଡନୂଆପଡାର ସନାତନ ଦେହୁରୀ, ବୌଦ୍ଧ ବରଖୁଲିର ରାଘବ ଧଳ, ଟୁଟୁମସିଂହାର ଭୀମ ସ୍ୱାଇଁ, ରବୀନ୍ଦ୍ର ଦଣ୍ଡସେନା, ନିର୍ମଳ ଝାଙ୍କର ଓ ମେଣ୍ଢାମାଳର ଭରତ ଭୋଇ। ସମ୍ବଲପୁର, ବୌଦ୍ଧ, ସୋନପୁର, ରେଢାଖୋଲ, ମୟୂରଭଞ୍ଜରୁ ଚୋରି ହୋଇଥିବା ୧୯ଟି ବାଇକ୍ ଜବତ ହୋଇଛି। ଦୁଇ ଅଭିଯୁକ୍ତ ବିଭିନ୍ନ ଅଞ୍ଚଳରୁ



ରେଢାଖୋଲ ଥାନା ପରିସରରେ ଜବତ ବାଇକ ସହ ଅଭିଯୁକ୍ତମାନେ।

ନୂଆଦିଲ୍ଲୀ,୨୦-୨: ଦେଶରେ ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଡିସେମ୍ବର ମଧ୍ୟରେ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ୭% ଅର୍ଥାତ୍ ୩୩.୪୯ ବିଲିୟନ ଡଲାରକୁ ହ୍ରାସ ପାଇଛି ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ତଥ୍ୟ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଗତବର୍ଷ ସମାନ ଅବଧିରେ ଦେଶରେ ୩୫.୯୪ ବିଲିୟନ ଡଲାର ଏଫ୍‌ଡିଆଇ ଆସିଥିଲା। ସେବା କ୍ଷେତ୍ରରେ ୫.୯୧ ବିଲିୟନ, କମ୍ପ୍ୟୁଟର ସଫ୍ଟୱେର ଏବଂ ହାର୍ଡୱେରରେ ୪.୭୫ ବିଲିୟନ, ଟେଲିକମ୍‌ରେ ୨.୨୯ ବିଲିୟନ, ଟ୍ରେଡିଂରେ ୨.୩୩ ବିଲିୟନ, ରସାୟନରେ ୬.୦୫ ବିଲିୟନ ଏବଂ ଗାଡ଼ି ଉଦ୍ୟୋଗରେ ୧.୮୧ ବିଲିୟନ ଡଲାର ଏଫ୍‌ଡିଆଇ ଆସିଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟରୁ ଜଣାପଡିଛି ଯେ, ଚଳିତ ଆର୍ଥିକ ବର୍ଷର ୯ମାସ ମଧ୍ୟରେ ସିଙ୍ଗାପୁରରୁ ଭାରତକୁ ସର୍ବାଧିକ ଏଫ୍‌ଡିଆଇ ଆସିଛି। ଏହା ସର୍ବାଧିକ ୧୨.୯୭ ବିଲିୟନ ଡଲାର ନିବେଶ କରିଥିବା ବେଳେ ମରିସସ୍ ୬ ବିଲିୟନ ଡଲାର, ନେଦରଲାଣ୍ଡ ୨.୯୫ ବିଲିୟନ, ଜାପାନ ୨.୨୧ ବିଲିୟନ, ଆମେରିକା ୨.୩୪ ବିଲିୟନ ଏବଂ ବ୍ରିଟେନ ୧.୦୫ ବିଲିୟନ ଡଲାର ନିବେଶ କରିଛି।

### ଏନ୍‌ପିସିଆଇର ଡିଜିଟାଲ ପେମେଣ୍ଟ ସୁରକ୍ଷା ପଦକ୍ଷେପ

ନୂଆଦିଲ୍ଲୀ,୨୦-୨:ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ପକ୍ଷରୁ ଡ଼ିଜିଟାଲ ପେମେଣ୍ଟ ସୁରକ୍ଷା ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯାଇଛି। ବର୍ଦ୍ଧିତ ଡିଜିଟାଲ ପେମେଣ୍ଟ ଇକୋସିଷ୍ଟମରେ ଗ୍ରାହକମାନେ ନେଣଦେଣ ବେଳେ କିଭଳି ଭାବେ ସୁରକ୍ଷିତ ରହିପାରିବେ ସେ ଉପରେ ଏନ୍‌ପିସିଆଇ ଗୁରୁତ୍ୱାରୋପ କରିଛି। ଡିଜିଟାଲ ପେମେଣ୍ଟକୁ ନେଇ ନିକଟରେ ରିଜର୍ଭ ବ୍ୟାଙ୍କ ଦେଶର ବ୍ୟାଙ୍କଗୁଡ଼ିକୁ ସତର୍କ କରାଇଥିଲା। ରିମୋଟ ସ୍କ୍ରିନ ଆକସେସ ଆପ୍‌ଗୁଡ଼ିକରେ ଲୋକଙ୍କୁ ଠକେଇ ସମ୍ଭାବନା ରହିଥିବା ଏହା କହିଛି। ଏହା ସହ ଭିନ୍ନ ଉପାୟରେ ଠକେଇ ସମ୍ଭାବନା ମଧ୍ୟ ସୂଚନା ରହିଛି। ପ୍ଲେଷ୍ଟୋର କିମ୍ବା ଆପ ଷ୍ଟୋରରୁ ଏନି ଡେସ୍କ ନାମକ ଆପ୍ ଡାଉନଲୋଡ ନ କରିବାକୁ ବାରଣ କରାଯାଇଛି। ଇ-ଟ୍ରାଞ୍ଜାକ୍‌ସନକୁ ସୁରକ୍ଷିତ କରିବା ଦିଗରେ ନିରନ୍ତର କାର୍ଯ୍ୟଧାରା ଲାଗି ରହିଥିବା ଏନ୍‌ପିସିଆଇର ରିସ୍କ ମ୍ୟାନେଜମେଣ୍ଟ ମୁଖ୍ୟ ଭାରତ ପାଞ୍ଚାଳ କହିଛନ୍ତି।

**ଅନିବାର୍ଯ୍ୟ କାରଣବଶତଃ 'ଅର୍ଥର ଅର୍ଥ' ସ୍ତମ୍ଭ ପ୍ରକାଶ ପାଇପାରୁନାହିଁ।**

> ସରକାରଙ୍କ ନୂଆ ପୁଞ୍ଜି ସହ ଚଳିତ ତ୍ରୈମାସରେ ପିସିଏରୁ ବାହାରକୁ ବାହାରିବାକୁ ସକ୍ଷମ ହେବା ନେଇ ଆଶାବାଦୀ ।
> **-ପି.ଭି. ଭାରତୀ, ଏମ୍‌ଡି, କର୍ପୋରେଶନ ବ୍ୟାଙ୍କ**



> ବଜାରରେ ଆଇପିଓ ଜାରି କରିବା ଲାଗି ପିଏନ୍‌ବି ମେଟ୍ ଲାଇଫ ଠିକ୍ ସମୟକୁ ଅପେକ୍ଷା କରିଛି ।
> **- ସୁନୀଲ ମେହେଟ୍ଟା, ଏମ୍‌ଡି, ପିଏନ୍‌ବି**



# ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପାଇବେ ୪୮,୨୩୯ କୋଟିର ପୁଞ୍ଜି

ନୂଆଦିଲ୍ଲୀ,୨୦-୨

ଦେଶର ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ୪୮,୨୩୯ କୋଟି ଟଙ୍କାର ପୁଞ୍ଜି ଲାଭ କରିବେ। ବ୍ୟାଙ୍କଗୁଡ଼ିକୁ ଏହି ପୁଞ୍ଜି ପ୍ରଦାନ କରିବା ଲାଗି ବୁଧବାର ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ପୁନଃପୁଞ୍ଜୀକରଣ ଯୋଜନା ମୁତାବକ ଏଭଳି ବ୍ୟବସ୍ଥା କରାଯାଇଥିବା ବେଳେ ଏହା ବ୍ୟାଙ୍କଗୁଡ଼ିକର ଆର୍ଥିକ ଅଭିବୃଦ୍ଧି ଯୋଜନା ଏବଂ ନିୟାମକ ବିଧି ବ୍ୟବସ୍ଥା ଅନୁସାରେ ଆର୍ଥିକ ଆବଶ୍ୟକତା ପାଳନରେ ସହାୟକ ହେବ। ସରକାର କର୍ପୋରେଶନ ବ୍ୟାଙ୍କକୁ ୯,୦୮୬ କୋଟି ଏବଂ ଆଲ୍ଲାହାବାଦ ବ୍ୟାଙ୍କକୁ ୬,୮୯୬ କୋଟି ଟଙ୍କା ଦେବେ ବୋଲି ଆର୍ଥିକ ସେବା ସଚିବ ରାଜୀବ କୁମାର କହିଛନ୍ତି। ଏହି ଦୁଇ ବ୍ୟାଙ୍କ ବର୍ତ୍ତମାନ କାରବାର କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରୁଥିବା ବେଳେ ଆର୍‌ବିଆଇର ପ୍ରମ୍ପ୍ଟ କରେକ୍ଟିଭ ଆକ୍ସନ (ପିସିଏ) ପରିସରରେ ଅଛନ୍ତି।



- ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା
- କର୍ପୋରେଶନ ବ୍ୟାଙ୍କକୁ ସର୍ବାଧିକ ୯,୦୮୬ କୋଟି
- ପିସିଏରେ ଥିବା ୪ ବ୍ୟାଙ୍କକୁ ମିଳିବ ୧୨,୫୩୫ କୋଟି
- ଡିସେମ୍ବରରେ ୭ ବ୍ୟାଙ୍କ ପାଇଥିଲେ ୨୮,୬୧୫ କୋଟି

ଏହା ବାଦ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ବ୍ୟାଙ୍କ ଅଫ ମହାରାଷ୍ଟ୍ରକୁ ଯଥାକ୍ରମେ ୪,୬୩୮ କୋଟି ଏବଂ ୨୦୫ କୋଟି ଟଙ୍କା ପୁଞ୍ଜି ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଏହି ବ୍ୟାଙ୍କଗୁଡ଼ିକ ପିସିଏ ପରିସରରୁ ବାହାରି ଆସିବାକୁ ସକ୍ଷମ ହୋଇଛନ୍ତି। ସେହିଭଳି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କକୁ ୫,୯୦୮ କୋଟି, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ୪୧୧୨ କୋଟି, ଆନ୍ଧ୍ର ବ୍ୟାଙ୍କକୁ ୩,୨୫୨ କୋଟି, ସିଣ୍ଡିକେଟ ବ୍ୟାଙ୍କ ୧୬୦୩ କୋଟି ଟଙ୍କା ପୁଞ୍ଜି ପାଇବେ। ପିସିଏରେ ଥିବା ୪ ଅନ୍ୟ ବ୍ୟାଙ୍କରେ ସରକାର ୧୨,୫୩୫ କୋଟି ଟଙ୍କା ପୁଞ୍ଜି ଖଟାଇବେ। ଏହି ବ୍ୟାଙ୍କଗୁଡ଼ିକ ମଧ୍ୟରେ ସେଣ୍ଟ୍ରାଲ ବ୍ୟାଙ୍କ, ୟୁନାଇଟେଡ ବ୍ୟାଙ୍କ, ୟୁକୋ ବ୍ୟାଙ୍କ ଏବଂ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ରହିଛନ୍ତି। ସରକାର ଡିସେମ୍ବରରେ ୭ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ପୁନଃପୁଞ୍ଜୀକରଣ ବଣ୍ଡ ମାଧ୍ୟମରେ ୨୮,୬୧୫ କୋଟି ଟଙ୍କା ପୁଞ୍ଜି ପ୍ରଦାନ କରିଥିଲେ।

## ହୋଣ୍ଡାର ନୂଆ ସିବିଆର୍ ୬୫୦ ଆର୍




ନୂଆଦିଲ୍ଲୀ,୨୦-୨

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ସିବିଆର୍ ୬୫୦ ଆର୍ ବଜାରକୁ ଆସିଛି। ଏହା କମ୍ପାନୀର ସ୍ପୋର୍ଟସ ବର୍ଗରେ ମଧ୍ୟମ ଓଜନର ବାଇକ। କମ୍ପାନୀ ଏଥିଲାଗି ବୁକିଙ୍ଗ ଘୋଷଣା କରିଛି। ହୋଣ୍ଡାର ୱିଙ୍ଗ ୱାର୍ଲଡ ଡିଲରଶିପରେ ୧୫ ହଜାର ଟଙ୍କା ଦେଇ ଗ୍ରାହକ ଏହାର ବୁକିଂ କରିପାରିବେ। ମିଲାନଠାରେ ଅନୁଷ୍ଠିତ ଇଆଇସିଏମ୍‌ଏ ଶୋ'ରେ କମ୍ପାନୀ ଏହାକୁ ପ୍ରଦର୍ଶନ କରିଛି। ଏହି ବାଇକରେ ୪ ସିଲିଣ୍ଡର ବିଶିଷ୍ଟ ଇଞ୍ଜିନ ରହିଛି। ସେହିଭଳି ଫୁଲ ଏଲଇଡି ଲାଇଟ ଆଉଟଲାଇନ ମଡେଲଟିକୁ ଶକ୍ତିଶାଳୀ ଆଉଟଲୁକ ପ୍ରଦାନ କରୁଛି। ଏହାର ମୂଲ୍ୟକୁ ୮ ଲକ୍ଷ ଟଙ୍କା ମଧ୍ୟରେ ସୀମିତ ରଖାଯାଇଛି। ମେଡ ଇନ ଇଣ୍ଡିଆ ସିବିଆର୍ ୬୫୦ ଆର୍ ଭାରତରେ କୌତୁକ ବାଇକକୁ ଆଗକୁ ବଢାଇବ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦ୍‌ବିନ୍ଦର ସିଂ ଗୁଲେରିଆ କହିଛନ୍ତି। ଏହା ସାରା ଦେଶର ୨୨ ଗୋଲ୍ଡ ୱିଙ୍ଗ୍ ଡିଲରଶିପରେ ଉପଲବ୍ଧ ହେଉଥିବାବେଳେ ଭୁବନେଶ୍ୱରର ରାମଜୀ ଏଣ୍ଟରପ୍ରାଇଜେସରେ ଗ୍ରାହକ ଏହାର ବୁକିଂ କରିପାରିବେ।

## ଫେରିଗଲା ପାକିସ୍ତାନରୁ ଆସୁଥିବା ୮୦୦ କଣ୍ଟେନର ସିମେଣ୍ଟ

ଇସଲାମାବାଦ,୨୦-୨

ପୁଲୱାମାରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନକୁ ଉଚିତ୍ ଶିକ୍ଷା ଦେବା ଲାଗି କେନ୍ଦ୍ରର ଏନ୍‌ଡିଏ ସରକାର ଅର୍ଥନୈତିକ ଓ ରାଜନୈତିକ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ପାକିସ୍ତାନଠାରୁ ଭାରତ ମୋଷ୍ଟ ଫେଭର୍ଡ ନେସନ୍ସ ମାନ୍ୟତା ପ୍ରତ୍ୟାହାର କରିବା ପରେ ଏବେ ଭାରତୀୟ ବ୍ୟବସାୟୀମାନେ ମଧ୍ୟ ପଡୋଶୀ ଦେଶକୁ ଜବାବ ଦେବା ଆରମ୍ଭ କରିଛନ୍ତି। ଭାରତର ସିମେଣ୍ଟ ବ୍ୟବସାୟୀମାନେ ପାକିସ୍ତାନରୁ ଆସିବାକୁ ଥିବା ପ୍ରାୟ ୮୦୦ କଣ୍ଟେନରକୁ ଫେରାଇ ଦେଇଛନ୍ତି। ଏ ସମ୍ପର୍କରେ ପାକିସ୍ତାନ ଖବରକାଗଜ 'ଦି ଡନ୍' ଏକ ରିପୋର୍ଟ ପ୍ରକାଶ କରିଛି। ଏଥିରେ କୁହାଯାଇଛି ଯେ, ଭାରତୀୟ ସିମେଣ୍ଟ ବ୍ୟବସାୟୀମାନେ ପାକିସ୍ତାନରୁ ଆସୁଥିବା ସିମେଣ୍ଟ ନେବାକୁ ମନା କରିଦେଇଛନ୍ତି। ଏହି ସିମେଣ୍ଟ ଭର୍ତ୍ତି କଣ୍ଟେନରଗୁଡ଼ିକ ଏବେ କରାଚୀ, କଲମ୍ବୋ ଏବଂ ଦୁବାଇ ବନ୍ଦରରେ ରଖାଯାଇଛି। ପାକିସ୍ତାନରୁ ଭାରତ ବାର୍ଷିକ ପ୍ରାୟ ୭୦ରୁ ୮୦ ମିଲିୟନ ଡଲାର ମୂଲ୍ୟର ସିମେଣ୍ଟ କିଣିଥାଏ। ପାକିସ୍ତାନର ସିମେଣ୍ଟ ରପ୍ତାନିକାରୀଙ୍କ ବୟାନକୁ ଭିତ୍ତି କରି ଡନ୍ ଲେଖିଛି ଯେ, ୱାଘା ସୀମା ଦେଇ ଭାରତକୁ ମୋଟ ସିମେଣ୍ଟର ୭୫% ରପ୍ତାନି କରାଯାଇଥାଏ। ଅବଶିଷ୍ଟ ସମୁଦ୍ର ବାଟେ ପଠାଯାଏ। ଚଳିତ ଆର୍ଥିକ ବର୍ଷର ଜୁଲାଇରୁ ଜାନୁୟାରୀ ମଧ୍ୟରେ ପଡୋଶୀ ରାଷ୍ଟ୍ରରୁ ୬,୪୮,୧୦୮ ଟନ ସିମେଣ୍ଟ ଭାରତକୁ ରପ୍ତାନି କରାଯାଇଥିଲା। ଅଲ୍ ପାକିସ୍ତାନ ସିମେଣ୍ଟ ମାନୁଫାକ୍‌ଚରର୍ସ ଆସୋସିଏଶନର ତଥ୍ୟ ଅନୁଯାୟୀ ୨୦୦୭-୦୮ରେ ପାକିସ୍ତାନରୁ ପ୍ରଥମ ଥର ୭,୮୬,୬୭୨ ଟନ ସିମେଣ୍ଟ ଭାରତକୁ ରପ୍ତାନି କରାଯାଇଥିଲା। ସେବେଠାରୁ କ୍ରମାଗତ ଭାବେ ଭାରତକୁ ସିମେଣ୍ଟ ରପ୍ତାନି ହୋଇଆସୁଛି।



## ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲାରେ ଇଡିର ତଦନ୍ତ

ମୁମ୍ବାଇ,୨୦-୨:ଇନଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡଏଫ୍‌ଏସ୍)ରେ ହୋଇଥିବା ଅନୀୟମିତତା ନେଇ ଅଭିଯୋଗ ହେବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଏହାର ତଦନ୍ତ ଆରମ୍ଭ କରାଯାଇଛି। ତେବେ ଏହି ଏଜେନ୍ସି ଏବେ ମନିଲଣ୍ଡରିଂ ମାମଲା ଦାଏର କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ହୋଇଥିବା ଅନୀୟମିତତା ନେଇ ଦିଲ୍ଲୀ ପୋଲିସର ଆର୍ଥିକ ଅପରାଧ ଶାଖା ସ୍ୱତନ୍ତ୍ର ଭାବେ ତଦନ୍ତ କରୁଛି। ଶାଖା ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି।

## ଅର୍ବାନ କାର ଆୱାର୍ଡ ଲାଗି ନୂଆ ସାଣ୍ଟ୍ରୋ ମନୋନୀତ

ନୂଆଦିଲ୍ଲୀ,୨୦-୨

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ନୂଆ ସାଣ୍ଟ୍ରୋ ଅର୍ବାନ କାର ଆୱାର୍ଡ ୨୦୧୯ ଲାଗି ମନୋନୀତ ହୋଇଛି। ଏହି ଆୱାର୍ଡ ପାଇଁ ପ୍ରଥମ ଭାରତୀୟ କାର ଭାବେ ଏହା ମନୋନୟନ ଲାଭ କରିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ୱାର୍ଲଡ ଅର୍ବାନ କାର ବର୍ଗରେ ବିଶ୍ୱର ପ୍ରମୁଖ ୫ କାର ମଧ୍ୟରେ ଏହା ସ୍ଥାନିତ ହୋଇଛି। ବର୍ତ୍ତମାନ ସୁଦ୍ଧା ନୂଆ ସାଣ୍ଟ୍ରୋ ୧୨ ସମ୍ମାନଜନକ ପୁରସ୍କାର ଲାଭ କରିଛି। ଏହା ସହ ମୋଷ୍ଟ ଆୱାର୍ଡେଡ କାର ଅଫ ଦି ଇୟର ଭାବେ ଏହା ପରିଗଣିତ ହୋଇଛି। ସାଣ୍ଟ୍ରୋର ମନୋନୟନକୁ ନେଇ ଅତ୍ୟନ୍ତ ଖୁସି ବୋଲି ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ଏମ୍‌ଡି ତଥା ସିଇଓ ଏସ୍.ଏସ୍.କିମ୍ ସୂଚନା ଦେଇଛନ୍ତି।




■ ଅଧୁରା ରହିଲା ଶସ୍ତା ଘର କିଣା ସ୍ୱପ୍ନ

## ଘୁଞ୍ଚିଲା ଜିଏସ୍‌ଟି କାଉନସିଲ୍ ନିଷ୍ପତ୍ତି

ନୂଆଦିଲ୍ଲୀ,୨୦-୨

ଜିଏସ୍‌ଟି କାଉନସିଲ ରିୟଲ ଇଷ୍ଟେଟ ଓ ଲଟେରି ଉପରେ ଜିଏସ୍‌ଟି ହାରରେ ହେବାକୁ ଥିବା ସଂଶୋଧନ ନିଷ୍ପତ୍ତିକୁ ଆସନ୍ତା ରବିବାର ଯାଏ ଟାଳି ଦେଇଛନ୍ତି। ଫଳରେ ଶସ୍ତାରେ ଘର କିଣିବାକୁ ଅପେକ୍ଷା କରୁଥିବା କୋଟି କୋଟି ଗ୍ରାହକଙ୍କୁ ରବିବାର ଯାଏ ଅପେକ୍ଷା କରିବାକୁ ହେବ। ତେବେ କାଉନସିଲ ଜାନୁୟାରୀ ଲାଗି କମ୍ପାନୀଙ୍କ ବିକ୍ରି ରିଟର୍ନ ଦାଖଲ କରିବା ସମୟସୀମାକୁ ଶୁକ୍ରବାର ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଏହି ବୈଠକରେ ସିମେଣ୍ଟର ଜିଏସ୍‌ଟି ହାରକୁ ୨୮%ରୁ ୧୮%କୁ ହ୍ରାସ କରିବା ଲାଗି ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଥିଲେ ହେଁ ତାହା ସମ୍ଭବ ହୋଇନାହିଁ। ସୂଚନାଥାଉ କି, କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ବୁଧବାର ଏଠାରେ ଜିଏସ୍‌ଟି କାଉନସିଲ ବୈଠକ ବସିଥିଲା। ଅଧିକାଂଶ ରାଜ୍ୟର ଅର୍ଥମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ଏହି ବୈଠକରେ ସାମିଲ ହୋଇଥିଲେ। ସେମାନେ ସାମ୍ନାସାମ୍ନି ଭାବେ ବସି ରିୟଲ ଇଷ୍ଟେଟ ସମ୍ପର୍କରେ ନିଷ୍ପତ୍ତି ନେବାକୁ ଇଚ୍ଛାବ୍ୟକ୍ତ କରିଛନ୍ତି ବୋଲି ବୈଠକ ଶେଷରେ ଜେଟ୍‌ଲୀ ଏଠାରେ ସୂଚନା ଦେଇଛନ୍ତି। ରିଟର୍ନ ଦାଖଲରେ ହେଉଥିବା ଅତ୍ୟନ୍ତ ଭିଡ଼କୁ ଦେଖି ଜମ୍ମୁ-କଶ୍ମୀର ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟ ଲାଗି ଅନ୍ତିମ ଦିବସକୁ ୨୨ ତାରିଖ ଯାଏ ବଢ଼ାଇ ଦିଆଯାଇଛି ବୋଲି ସେ କହିଛନ୍ତି। ଜମ୍ମୁ-କଶ୍ମୀର ପାଇଁ ଏହି ସମୟସୀମା ୨୮ ତାରିଖ ଯାଏ ବଢ଼ାଯାଇଛି। ସୂଚନାଥାଉ କି, କମ୍ପାନୀଙ୍କ ପାଇଁ ଜିଏସ୍‌ଟିଆର-୩ବି ରିଟର୍ନ ଦାଖଲ କରିବାର ଅନ୍ତିମ ଦିବସ ବୁଧବାର ଶେଷ ହୋଇଛି।




**OFFICE OF THE ASKA COOP. SUGAR INDUSTRIES LTD., NUAGAM (ASKA)**
**PO: Naugam (Aska)-761111, Ganjam District, Odisha, Phones: 06822-273464, email: askasugar@yahoo.co.in, website: askasugar.com**

**QUOTATION CALL NOTICE**

**No. Mktg./3293** **Date: 19.02.2019**

The Aska Cooperative Sugar Industries Ltd., at Nuagam (Aska) in Ganjam District, Odisha State intends to procure the Extra Neutral Alcohol (ENA) for production of country Liquor for the period from 01.04.2019 to 31.03.2020. Please visit our website: www.askasugar.com for detailed Quotation Call Notice. The last date for submission of tender is 5.00 PM on 07.03.2019 and the same will be opened at 11.30 AM on 08.03.2019.

**Sd./-**
**Managing Director**



**GOVERNMENT OF ODISHA**
**OFFICE OF THE EXECUTIVE ENGINEER,RURAL WORKS ELECTRICAL DIVISION,BHUBANESWAR**
Ph. No.-0674-2301829, **NOTICE INVITING TENDERS,** E.Mail I.D.-eerwel_bbsr@yahoo.co.in

**No.352** **NATIONAL COMPETITIVE BIDDING THROUGH e-Procurement** **Dt.16.02.2019**
No.1732-O:- **No:-Tender - Online - Electrical Divn. BBSR - 39 / 2018-19**
**e-Procurement Notice**

1. Name of the work : Power supply including service connection to District Audit office building at Chandikhole (1 x 63 KVA, 11/0.4 KV DP mounted Sub-Station)
2. Total No. of Projects : 1 No. Individual project
3. Class of contractor : Valid electrical contractor registered as H.T/E.H.T under electrical licensing Board of Odisha, Govt. of Odisha.
4. Estimated cost of Individual Projects : Rs.7,14,964.00 (Exclusive of GST)
5. Time of completion : 3 (Three) calendar months.
6. Other details

| Procurement Officer | Bid Identification No. | Availability of tender on-line for bidding | | Date & time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Electrical Division, Bhubaneswar | Tender Online-R.W Elect. Divn. BBSR-39 | 25.02.2019 at 11.00 A.M. | 15.03.2019 up to 5.00 P.M. | 16.03.2019 at 03.00 PM |

7. Further details can be seen from the website **www.tendersorissa.gov.in (8)** Corrigendum if any / shall be published in the above website. 25063/11/0006/1819 **Sd./- Executive Engineer, Rural Works Elect. Divn. BBSR**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS CIRCLE, SUNDARGARH**
**E-Procurement Notice, Online – RWSESNG – 32 of 2018-19 Letter No.370 /Dtd.16.02.2019**
**No.1731-O:-** **E-mail address-serw_sundargarh@yahoo.com**

1. Type of the Work: Road Work (DMF)
2. Total No. of works: 08 Nos. of Road
3. Estimated cost: Varies from Rs.96.68 Lakh to Rs.162.35 Lakh
4. Class of contractor: 'B' Class and 'A' Class
5. Period of completion: Nine Calendar Months
6. Cost of tender paper: The Bidder shall transfer online the cost of bid document for Rs.10,000/- towards cost of Bid through a process as mentioned under DTCN.
7. EMD Required: The Bidder shall transfer online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to transfer online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha.
8. APS: Additional Performance Security shall be obtained from the Bidder when the bid amount is less than estimated cost put to tender. In such an event, only the successful bidder who has quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security (APS) in shape of Term Deposit Receipt pledged in favour of Division Officer / Bank Guarantee in favour of the Divisional Officer from any Nationalized / Scheduled Bank in India counter guaranteed by its local branch at Bhubaneswar within seven days of issue of Letter of Acceptance (LoA) by the Divisional Officer (by e-mail) to the successful bidder otherwise the bid of the successful bidder shall be cancelled and the Earnest Money Deposit / Bid Security shall be forfeited. Further, proceeding for blacklisting shall be initiated against the bidder".
9. GST: Rate quoted by the Contractor shall be excluding GST. The GST as applicable for the work contract shall be payable to the contractor on each bill amount on production of tax invoice. The prevailing rate of GST on the gross amount of bill will be deducted from the contractor bill as tax deduction at source (TDS) as per rule.
10. Other details:

| Procurement Officer | Bid Identification No. | Availability of Tender On-line for bidding | | Last Date & Time of Seeking Tender Clarification | Technical Bid Opening | Financial Bid Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sundargarh | RWSESNG-30 of 2018-19 | 25.02.2019 11:00 AM | 18.03.2019 3:00 PM | 16.03.2019 3:00 PM | 25.03.2019 11:00 AM | 30.03.2019 11:00 AM |

Further details can be seen from the website www.tendersorissa.gov.in.
N.B: Corrigendum if any may be seen in this website: www.tendersorissa.gov.in.
Authority reserves the right to reject any or all the tenders without assigning any reasons thereof.
**25133/11/0049/1819** **Sd./- Superintending Engineer, Rural Works Circle, Sundargarh**



**ODISHA LIFT IRRIGATION CORPORATION LTD., BHUBANESWAR**
**(A Government of Odisha Undertaking)**
**OFFICE OF THE EXECUTIVE ENGINEER L.I. DIVISION, PHULBANI**
**E-Procurement Notice**
**e-mail I.D: eoolicplb@gmail.com, Ph: 06842-253297**
**Bid Identification No. EE OLIC PLB No. 07/18-19**
**Dated 19.02.2019**

The Executive Engineer, Lift Irrigation Division, Phulbani invites % (Percentage) rate bids in ONLINE MODE for the following works from reputed firms/contractors having valid H.T. Electrical license issued by ELBO & Civil license of appropriate class having valid registration with the State PWD/WR/RD.

1. Name of the work: "Installation of New Community L.I. Projects under OPELIP (KKDA) Grant inKandhamal District under L.I. Division, Phulbani.
2. Estimated cost: The approximate value of Package Rs. 21.63 lakh comprising of 01 Package.
3. Period of completion: 120 days.
4. Date and time of availability of bid documents in the portal for online bidding from 11.00 hrs dated-22.02.2019 to 17.00 hrs. dated- 02.03.2019.
5. Date of clarification upto 28.02.2019.
6. Last date and time of receipt of bids in the portal-upto 17.00 hrs. dated- 02.03.2019.
7. Submission of original documents in the office of Executive Engineer, L.I. Division, Phulbani on or before 17.00 hrs. dated 06.03.2019.
8. Date of opening of bid at 11.00 hrs. dated 07.03.2019.
9. Further details can be seen from the e-procurement portal of Govt. Odisha i.e. www.tendersodisha.gov.in.
10. Bidders are requested to visit the portal regularly for any subsequent corrigendum/ addendum.

**Sd./-**
**Executive Engineer**



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
**(A Government of Odisha Undertaking)**
**Regd. Office: Janapath Bhubaneswar-751022**
**OFFICE OF THE G.M. (ELECT.) E.H.T. (O&M) CIRCLE, JAJPUR ROAD,**
**At: TTS Colony, PO: Sobra, Jajpur Road, Dist: Jajpur,**
**Pin: 755019 (Odisha), Phone/Fax No: 06726-220965(off) (off),**
**E-mail: ehtm.cle.jjp@optcl.co.in, CIN: U40102OR2004SGC007553**

**No. 246** **Dated: 19.02.2019**

**Notification**

In accordance with Section 164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10/2006, dated 9th March 2006, the following transmission schemes, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of General public that any person interested in making representation regarding the execution of the above scheme, may submit such representation in writing so as to reach the General Manager (Elect.), EHT (O&M) Circle, Jajpur Road, Odisha Power Transmission Corporation Limited, PO-Sobra, District-Jajpur-755019 within two(02) months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.) as mentioned against the work, on any working day during office hours.

| Sl. No. | Name of the work and scope | Name of the Revenue villages in which the line will pass | Tentative Estimated amount (Rs. in Crore) | Name of the Executive Engineer to be contacted | Perceived benefit that may accrue |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Diversion of 400KV Rengali-Kolaghat S.C line from existing location No.64 to 68 for construction of proposed Talcher-Bimalagarh Railway line. | **Tahasil:- Pallahara** RI Circle:- Khamara. Revenue Village:- Jenapada Pataramunda Nathuripasi | 5.97 | Dy. General Manager (Elect.) EHT (O&M) Division, Joda | To make adequate clearance for construction of proposed Talcher-Bimalagarh Railway line. |

**Sd./- General Manager (Elect), EHT (O&M) Circle, Jajpur Road**

DSPL-427

୯ମ ରାଜ୍ୟସ୍ତରୀୟ

# ଲୋକକଳା ମହୋତ୍ସବ ୨୦୧୯

ଉଦ୍‌ଯାପନୀ ସନ୍ଧ୍ୟାର ମୁଖ୍ୟ ଅତିଥି

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା





**୨୧ ଫେବୃଆରୀ ୨୦୧୯**

~ ସନ୍ଧ୍ୟା ୬.୩୦ ~

**ଉତ୍କଳ ମଣ୍ଡପ, ଭୁବନେଶ୍ୱର**

(ସଙ୍ଗୀତ ମହାବିଦ୍ୟାଳୟ ପରିସର)

**ଆୟୋଜକ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

03001/13/0064/1819

DSPL-428

ODISHA ONE

# ଅକ୍ଷର

'ଅ' ରୁ 'କ୍ଷ' ପର୍ଯ୍ୟନ୍ତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସମ୍ଭାର

# ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ





**ଆଜିର ସାରସ୍ୱତ ସଭା**

ସମୟ - **ସନ୍ଧ୍ୟା ୬.୦୦ ଘଟିକା**

ଅତିଥି - **ଶ୍ରୀଯୁକ୍ତ ଲକ୍ଷ୍ମୀନନ୍ଦନ ବୋରା**

(ସରସ୍ୱତୀ ସମ୍ମାନ ପ୍ରାପ୍ତ ଆସାମର ବିଶିଷ୍ଟ ଲେଖକ)

ସାଂସ୍କୃତିକ କାର୍ଯ୍ୟକ୍ରମ - **ଗୋଟିପୁଅ ନୃତ୍ୟ**

ସ୍ଥାନ - **ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର**

ତାରିଖ - **୨୦.୦୨.୨୦୧୯ରୁ ୨୮.୦୨.୨୦୧୯ ପର୍ଯ୍ୟନ୍ତ**

ପ୍ରତ୍ୟହ **ଅପରାହ୍ନ ୨ଟା** ରୁ **ରାତ୍ର ୯ଟା**

ଆୟୋଜକ - **ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର**

ସହଯୋଗ - **ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ, କଟକ**

**ଏହି ଉତ୍ସବରେ ପ୍ରତ୍ୟହ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।**

03001/13/0065/1819

“ହେନରି ନିକୋଲାସ ନ୍ୟୁଜିଲାଣ୍ଡର ଜଣେ ପ୍ରତିଭାଧାରୀ ଖେଳାଳି । ତାଙ୍କ ଉପସ୍ଥିତିରେ ଆମ ବ୍ୟାଟିଂ ଲାଇନ୍ଅପ୍ ସନ୍ତୁଳିତ ହୋଇ ପାରିଛି ।

– ଗ୍ୟାରୀ ଷ୍ଟେଡ୍, ନ୍ୟୁଜିଲାଣ୍ଡ କ୍ରିକେଟ କୋଚ୍



“ଏପ୍ରିଲ ଶେଷଭାଗରେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ ଆରମ୍ଭ ହେବା ପୂର୍ବରୁ ସମ୍ପୂର୍ଣ୍ଣଭାବେ ଫିଟ୍ ହେବା ମୋର ପ୍ରଥମ ଲକ୍ଷ୍ୟ ।

– ପ୍ରଣବ ଜେରୀ ଚୋପ୍ରା, ଭାରତୀୟ ବ୍ୟାଡ୍ମିଣ୍ଟନ ଖେଳାଳି



## ସଂକ୍ଷେପରେ

### ଭାରତ- ପାକିସ୍ତାନ ମ୍ୟାଚ୍ ବାତିଲ ଦାବିରେ ଯଥାର୍ଥତା ରହିଛି: ରବି ଶଙ୍କର

ନୂଆଦିଲ୍ଲୀ, ୨୦।୨(ପି.ଟି.)- ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ କ୍ରିକେଟ ମ୍ୟାଚ ବାତିଲ୍ ହେବା ନେଇ ଚର୍ଚ୍ଚା ହେଉଥିବା ବେଳେ କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଏ ସଂକ୍ରାନ୍ତରେ ମୁହଁ ଖୋଲିଛନ୍ତି। ଆଗାମୀ ବିଶ୍ୱକପ୍‌ରେ ଭାରତ- ପାକିସ୍ତାନ ମ୍ୟାଚ୍ ବାତିଲ ନେଇ ବିଭିନ୍ନ ମହଲରୁ ଦାବି ହେଉଛି। ତେବେ ଏହି ଦାବିରେ କିଛିଟା ଯଥାର୍ଥତା ରହିଛି ବୋଲି ପ୍ରସାଦ କହିଛନ୍ତି। ଦୁଇଦେଶ ମଧ୍ୟରେ ସମ୍ପର୍କରେ ଭଲ ନ ଥିବାରୁ ଏପରି ଦାବି ହେବା ସ୍ୱାଭାବିକ୍ ବୋଲି ସେ କହିଛନ୍ତି। ମେ ୩୦ ତାରିଖରୁ ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ଜୁନ୍ ୧୬ ତାରିଖରେ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। କ୍ରିକେଟ ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇପାରିବି ନାହିଁ। ତେବେ ଏ ଭଳି ଦାବିରେ ଯଥାର୍ଥତା ରହିଛି ବୋଲି ମୁଁ ଭାବୁଛି। ଏ ସଂକ୍ରାନ୍ତରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ପରିସ୍ଥିତି ଅନୁଧ୍ୟାନ କରିବେ ଓ ସେହି ଅନୁସାରେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ପୂର୍ବରୁ ମହମ୍ମଦ ସାମି ଓ ହରଭଜନ ସିଂଙ୍କ ଭଳି କ୍ରିକେଟର ଭାରତ- ପାକିସ୍ତାନ ମ୍ୟାଚ୍ ବାତିଲ ନେଇ ଦାବି କରିଥିଲେ। ଉଲ୍ଲେଖଥାଉ କି, ଦୀର୍ଘ ବର୍ଷ ଧରି ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ ସିରିଜ ଖେଳାଯାଇ ନ ଥିଲେ ମଧ୍ୟ ଆଇସିସି ଟୁର୍ନାମେଣ୍ଟରେ ଭାରତ ଓ ପାକିସ୍ତାନ ନିୟମିତ ବ୍ୟବଧାନରେ ମ୍ୟାଚ୍ ଖେଳି ଆସୁଛନ୍ତି। ପୁଣି ସମାନ କାରଣ ଯୋଗୁ ନୂଆଦିଲ୍ଲୀରେ ଆରମ୍ଭ ହେବାକୁ ଥିବା ଶୁଟିଂ ବିଶ୍ୱକପ୍‌ରେ ପାକିସ୍ତାନ ବାଦ୍ ପଡିଛି। ଭାରତ ଭିଜା ଦେବାକୁ ମନା କରିଛି ବୋଲି ପାକିସ୍ତାନ ଶୁଟିଂ ଫେଡେରେଶନ କହିଛି। ପୁଣି ଦେଶର ବିଭିନ୍ନ ରାଜ୍ୟ ଆସୋସିଏଶନ ସେମାନଙ୍କ ଗ୍ୟାଲେରୀ ତଥା ଫ୍ୟାସିଲିଟିରେ ଇମ୍ରାନ ଖାନ୍‌ଙ୍କ ସମେତ ପାକିସ୍ତାନ କ୍ରିକେଟରଙ୍କ ଫଟୋ ହଟାଇ ଦେଇଛନ୍ତି।

### ଅଜୟ୍ ଏଆଇବିଏ ଏଲିଟ୍ ଫାଉଣ୍ଡେଶନ ମୁଖ୍ୟ

ନୂଆଦିଲ୍ଲୀ, ୨୦।୨ (ପି.ଟି.): ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍ଆଇ) ଅଧ୍ୟକ୍ଷ ଅଜୟ୍ ସିଂଙ୍କୁ ଏକ ନୂଆ ଗୁରୁଦାୟିତ୍ୱ ମିଳିଛି। ସେ ଆନ୍ତର୍ଜାତିକ ବକ୍ସିଂ ଆସୋସିଏଶନ (ଏଆଇବିଏ)ର ଏଲିଟ୍ ଫାଉଣ୍ଡେଶନ ବା ଫାଉଣ୍ଡେଶନ ବୋର୍ଡ ଫର୍ ବେଟର ବକ୍ସିଂର ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏଆଇବିଏର ଗତ କାର୍ଯ୍ୟକାରୀ ବୈଠକରେ ଫାଉଣ୍ଡେଶନ ଫର ବେଟର ବକ୍ସିଂ ସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିଶ୍ୱରେ ବକ୍ସିଂର ପ୍ରଚାର, ପ୍ରସାର ତଥା ବିକାଶ ପାଇଁ ଏହା ଗଠିତ ହୋଇଥିଲା। ମଙ୍ଗଳବାର ଅଜୟ୍ ଏହି ଗୁରୁତ୍ୱପୂର୍ଣ୍ଣ ପଦକୁ ନିର୍ବାଚିତ ହୋଇଥିଲେ ଓ ସେ ଆଗାମୀ ୪ ବର୍ଷ ପାଇଁ କାର୍ଯ୍ୟ କରିବେ। ନୂଆ ପଦରେ ନିଯୁକ୍ତି ପାଇଥିବାରୁ ମୁଁ ଗର୍ବିତ ଓ ବକ୍ସିଂର ଉନ୍ନତି ପାଇଁ କାର୍ଯ୍ୟ କରିବି ବୋଲି ବୋଲି ଅଜୟ୍ କହିଛନ୍ତି। ଏଆଇବିଏକୁ ଅଜୟ୍ କୃତଜ୍ଞତା ଜଣାଇଛନ୍ତି।

# ରିୟଲ ମୁକାବିଲା ପାଇଁ ଆରୋଜ୍ ପ୍ରସ୍ତୁତ

**ଆଇ-ଲିଗ୍ ଫୁଟବଲ**

ଭୁବନେଶ୍ୱର, ୨୦।୨(କ୍ରୀଡ଼ା ପ୍ରତିନିଧି)– ଆଇ-ଲିଗ୍ ଫୁଟବଲ ପ୍ରତିଯୋଗିତାରେ ଇଣ୍ଡିଆନ ଆରୋଜ ଏହାର ଶେଷ ଘରୋଇ ମ୍ୟାଚ ଆସନ୍ତା ୨୪ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଖେଳିବ। ଏଥରର ପ୍ରତିଦ୍ୱନ୍ଦ୍ୱୀ ହେଉଛି ରିୟଲ କଶ୍ମୀର। ଚଳିତ ସିଜନରେ ରିୟଲ କଶ୍ମୀର ଚମତ୍କାର ପ୍ରଦର୍ଶନ କରି ଫର୍ମରେ ଥିବା ପରିଚୟ ଦେଇଛି। ତେବେ ଗତ କେତୋଟି ମ୍ୟାଚରେ ଉତ୍ସାହୀ ପ୍ରଦର୍ଶନ କରିଥିବାରୁ ଆରୋଜ ରିୟଲ ମୁକାବିଲା ପାଇଁ ପ୍ରସ୍ତୁତ ହେଉଛି। ସୂଚନା ଅନୁସାରେ ରିୟଲ କଶ୍ମୀର ଦଳ ୨୧ରେ ଭୁବନେଶ୍ୱରରେ ପହଞ୍ଚିବ ଏବଂ ୨୫ରେ ପ୍ରତ୍ୟାବର୍ତ୍ତନ କରିବ।

ଭାରତର ଯୁବ ଖେଳାଳିଙ୍କୁ ନେଇ ଗଠିତ ଇଣ୍ଡିଆନ ଆରୋଜ ଏପର୍ଯ୍ୟନ୍ତ ୧୮ଟି ମ୍ୟାଚ ଖେଳି ସାରିଥିବାବେଳେ ୫ଟିରେ ବିଜୟ ହାସଲ କରିଛି, ୨ଟି ମ୍ୟାଚ ଡ୍ର ରଖିଛି ଏବଂ ୧୧ଟିରେ ପରାଜିତ ହୋଇଛି। ଦଳ ୧୪ ଗୋଲ ଦେଇଥିବାବେଳେ ୨୫ ଗୋଲ ବରଣ କରିଛି। ମୋଟ ୧୭ ପଏଣ୍ଟ ସହ ଦଳ ୭ମ ସ୍ଥାନ ଅଧିକାର କରି ଆଇଜଲ ଏଫସି, ଗତଥରର ଚାମ୍ପିୟନ ମିନର୍ଭା ପଞ୍ଜାବ, ଗୋକୁଲମ୍ କେରଳ ଓ ଶିଲଂ ଲାଜଂ ଆଦି ଦଳକୁ ପଛରେ ପକାଇ ଦେବାରେ ସକ୍ଷମ ହୋଇଛି।



ଇଣ୍ଡିଆନ ଆରୋଜ୍ ଦଳର ଅଭ୍ୟାସ।

ଚେନ୍ନାଇ ସିଟି ବିପକ୍ଷ ମ୍ୟାଚକୁ ୧-୪ରେ ହାରି ଅଭିଯାନ ଆରମ୍ଭ କରିଥିବା ଆରୋଜ ଶିଲଂ ଲାଜଂ ବିପକ୍ଷ ଦ୍ୱିତୀୟ ମ୍ୟାଚରେ ୧-୦ ଗୋଲରେ ବିଜୟୀ ହୋଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ତେବେ ପରବର୍ତ୍ତୀ ମ୍ୟାଚରେ ମୋହନ ବାଗାନଠାରୁ ଦଳ ୦-୨ ଗୋଲରେ ପରାଜିତ ହୋଇଥିଲା। ଜମ୍ମୁ କଶ୍ମୀରର ଟିଆରସି ପୋଲୋ ସିନ୍ଥେଟିକ୍ ଟର୍ଫ ଗ୍ରାଉଣ୍ଡରେ ନଭେମ୍ବର ୨୫ରେ ଅନୁଷ୍ଠିତ ମ୍ୟାଚରେ ଦଳ ୦-୨ ଗୋଲରେ ପରାସ୍ତ ହୋଇଥିଲା। ଏହାପରେ ମିନର୍ଭା ପଞ୍ଜାବ ବିପକ୍ଷ ମ୍ୟାଚକୁ ୦-୧ ଓ ନେରୋକା ଏଫସିଠାରୁ ୦-୩ ଗୋଲରେ ହାରିଥିଲା। ଆଇଜଲ୍ ଏଫସି ବିପକ୍ଷ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିବାବେଳେ ଗୋକୁଲମ୍ ଏଫସିକୁ ୧-୦ ଗୋଲରେ ହରାଇ ବିଜୟ ସ୍ୱାଦ ପାଇଥିଲା। ଏହାପରେ ଦଳ ଚର୍ଚ୍ଚିଲ ବ୍ରଦର୍ସଠାରୁ ୦-୧ ଗୋଲରେ ହାରିଥିଲେ ହେଁ ଆଇଜଲ ଏଫସିକୁ ୧-୦ ଗୋଲରେ ହରାଇ ଅଭିଯାନ ଜାରି ରଖିଥିଲା। ପରେ ଇଷ୍ଟ ବେଙ୍ଗଲଠାରୁ ୧-୨ ଗୋଲରେ ହାରିଥିଲା ଏବଂ ଶିଲଂ ଲାଜଂକୁ ୩-୦ ଗୋଲରେ ପରାସ୍ତ କରିଥିଲା। ପରବର୍ତ୍ତୀ ୩ଟି ମ୍ୟାଚରେ ଆରୋଜ ଇଷ୍ଟବେଙ୍ଗଲଠାରୁ ୦-୧, ଚର୍ଚ୍ଚିଲ ବ୍ରଦର୍ସଠାରୁ ୧-୨ ଓ ନେରୋକା ଏଫସିଠାରୁ ୨-୩ ଗୋଲରେ ହାରି ଯାଇଥିଲା। ଚାମ୍ପିୟନ ମିନର୍ଭା ପଞ୍ଜାବକୁ କଡ଼ା ଟକ୍କର ଦେଇ ଘରୋଇ ପରିବେଶରେ ୨-୧ ଗୋଲରେ ହରାଇ ଦଳ ପଏଣ୍ଟ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇଥିଲା। ଏହାପରେ ଚେନ୍ନାଇ ସିଟିଠାରୁ ୦-୧ ଗୋଲରେ ହାରିଥିବାବେଳେ ଗୋକୁଲମ୍ କେରଳ ସହ ମ୍ୟାଚକୁ ୧-୧ ଗୋଲରେ ଡ୍ର ରଖି ଆଗାମୀ ରିୟଲ କଶ୍ମୀର ମୁକାବିଲା ପାଇଁ ପ୍ରସ୍ତୁତ ହେଉଛି।

ଚେନ୍ନାଇ ସିଟି ୧୭ ମ୍ୟାଚରୁ ୧୧ ବିଜୟ ସହ ୩୭ ପଏଣ୍ଟ ସହିତ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଇଷ୍ଟବେଙ୍ଗଲ ଓ ରିୟଲ କଶ୍ମୀର ୧୬ ମ୍ୟାଚରୁ ୩୨ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ଗୋଲ ବ୍ୟବଧାନରେ ଇଷ୍ଟବେଙ୍ଗଲ ଦ୍ୱିତୀୟ ଓ ରିୟଲ କଶ୍ମୀର ୩ୟ ସ୍ଥାନରେ ରହିଛି। ୩୧ ପଏଣ୍ଟ ସହ ଚର୍ଚ୍ଚିଲ ବ୍ରଦର୍ସ ୪ର୍ଥ ସ୍ଥାନ ଅଧିକାର କରିଛି।

## ଆଜିଠୁ ମହିଳା ଟି୨୦ ବିଶ୍ୱକପ୍ ଟିକେଟ୍ ବିକ୍ରି

ଦୁବାଇ,୨୦।୨(ପିଟି)

ଆଗାମୀ ବର୍ଷ ଅଷ୍ଟ୍ରେଲିଆରେ ହେବାକୁ ଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍ ପାଇଁ ଗୁରୁବାରଠାରୁ ଟିକେଟ୍ ବିକ୍ରି ଆରମ୍ଭ ହେବ। ଏକ ବର୍ଷ ପୂର୍ବରୁ ମହିଳା ବିଶ୍ୱକପ୍ ଟିକେଟ ବିକ୍ରି ହେବା ପ୍ରଥମ ଘଟଣା। ପ୍ରଶଂସକମାନେ ଫାଇନାଲ, ସେମିଫାଇନାଲ ସମେତ ୨୩ ମ୍ୟାଚ୍‌ର ଟିକେଟ୍ କିଣିପାରିବେ। ମହିଳା ଟି୨୦ ବିଶ୍ୱକପ୍‌ର ୭ମ ସଂସ୍କରଣ ଅଷ୍ଟ୍ରେଲିଆରେ ଫେବୃୟାରୀ ୨୧ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଇଭେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଘରୋଇ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଖେଳାଯିବ। ବିଶ୍ୱକପ୍ ପୂର୍ବରୁ ଫେବୃୟାରୀ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ୱାର୍ମଅପ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ୱାର୍ମଅପ୍ ମ୍ୟାଚ୍ ଟିକେଟର ମୂଲ୍ୟ ୧୦ ଆମେରିକୀୟ ଡଲାର ଧାର୍ଯ୍ୟ କରାଯାଇଛି। ଏହାର ମୂଲ୍ୟ ଭାରତୀୟ ମୁଦ୍ରାରେ ୭୧୧ ଟଙ୍କା। ଏହି ମ୍ୟାଚ୍‌କୁ କୁନି ପ୍ରଶଂସକମାନେ ମାଗଣା ଦେଖିପାରିବେ। ଏହାବାଦ୍ ଟୁର୍ନାମେଣ୍ଟର ଫାଇନାଲ ସମେତ ଲିଗ୍ ମ୍ୟାଚ୍‌ଗୁଡ଼ିକର ଟିକେଟ ମୂଲ୍ୟ ୨୦ ଡଲାର ଧାର୍ଯ୍ୟ କରାଯାଇଛି। ଏ ନେଇ ଆଇସିସି କାର୍ଯ୍ୟକାରୀ ମୁଖ୍ୟ ଡେଭିଡ ରିଚାର୍ଡସନ ସୂଚନା ଦେଇଛନ୍ତି।

■ ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ପ୍ରଭାବ

# ଇଣ୍ଡୋ-ପାକ୍ ବିଶ୍ୱକପ୍ ମ୍ୟାଚ୍ ନେଇ ଆଶଙ୍କା

ନୂଆଦିଲ୍ଲୀ,୨୦।୨

କଶ୍ମୀରର ପୁଲଓ୍ୱାମାରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣ ପରେ ଏବେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଆଗାମୀ ଦିନକିଆ ବିଶ୍ୱକପ୍ ମ୍ୟାଚ୍ ନେଇ ଆଶଙ୍କା ପ୍ରକାଶ ପାଇଛି। ଇଂଲଣ୍ଡରେ ଆୟୋଜନ ହେବାକୁ ଥିବା ଏହି ବିଶ୍ୱକପ୍‌ରେ ଭାରତ ଓ ପାକସ୍ତାନ ଜୁନ୍ ୧୬ ତାରିଖରେ ପରସ୍ପରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ତେବେ ପାକିସ୍ତାନ ବିପକ୍ଷରେ ଭାରତ ମ୍ୟାଚ ନ ଖେଳିବା ଉଚିତ ବୋଲି କେତେକ ମତ ଦେଇଛନ୍ତି। ପୂର୍ବତନ ସ୍ପିନର ହରଭଜନ ସିଂ ଏ ନେଇ ତାଙ୍କ ମତ ରଖି ସାରିଛନ୍ତି। ଭାରତ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳିବା ଉଚିତ୍ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ପାକିସ୍ତାନ ସହିତ ନ ଖେଳିଲେ ମଧ୍ୟ ଭାରତ ବିଶ୍ୱକପ୍ ଜିତିବାକୁ ସକ୍ଷମ ବୋଲି ସେ କହିଛନ୍ତି। ତେବେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବା ପାଇଁ ଟିକେ ସମୟ ଲାଗିବ ବୋଲି କୁହାଯାଇଛି।

ଉପମହାଦେଶର ଏହି ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ନେଇ ପୁନର୍ବିଚାର କରିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏ ନେଇ ଆନୁଷ୍ଠାନିକ ଭାବେ କୌଣସି ଅନୁରୋଧ କରିନାହିଁ। ଦୁବାଇରେ ଆସନ୍ତା ସପ୍ତାହରେ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି)ର କୋଟେଟି ବୈଠକ ବସିବ। ଏକ ସପ୍ତାହ ଧରି ଏହି ବୈଠକ ଚାଲିବ। ଏହି ଘଟଣା ଆଇସିସି ଫୋରମରେ ଆଲୋଚନା କରାଯିବ ବୋଲି ଆଶା କରାଯାଉଛି। କିନ୍ତୁ ଏ ସଂକ୍ରାନ୍ତରେ ବିସିସିଆଇର ଆଭିମୁଖ୍ୟ କ'ଣ ଏପର୍ଯ୍ୟନ୍ତ ଜଣା ପଡିନାହିଁ।

ଏହି ଆତଙ୍କବାଦୀ ଘଟଣାରେ ମୃତ୍ୟୁବରଣ କରିଥିବା ଭାରତୀୟ ସୈନିକ ଓ ସେମାନଙ୍କ ପରିବାର ପ୍ରତି ଆମର ସମବେଦନା ରହିଛି। ଏହି ଘଟଣା ଉପରେ ଆମେ ନଜର ରଖିଛୁ। ତେବେ ଯୋଜନା ଓ କାର୍ଯ୍ୟକ୍ରମ ଅନୁସାରେ ବିଶ୍ୱକପ୍‌ର କୌଣସି ମ୍ୟାଚ୍ ବାତିଲ ହେବା ଭଳି ଲାଗୁନାହିଁ। କ୍ରୀଡ଼ା, ବିଶେଷ କରି କ୍ରିକେଟ ସମସ୍ତଙ୍କୁ ଏକାଠି କରିବାର ଅଦ୍ଭୁତ କ୍ଷମତା ରଖିଥାଏ। ତେଣୁ ପୁଣି ଥରେ ସବୁ ସଦସ୍ୟ ଏକାଠି ହୋଇ କାର୍ଯ୍ୟ କରିବେ ବୋଲି ଆଇସିସି ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡେଭ ରିଚାର୍ଡସନ କହିଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମଧ୍ୟ ବିସିସିଆଇର ଆଭିମୁଖ୍ୟକୁ ଆଇସିସି ବୈଠକ ଉପସ୍ଥାପନା କରିବ ବୋଲି ସ୍ପଷ୍ଟ କରିଛି। ପୁଲଓ୍ୱାମା ଘଟଣା ପରେ କେତେକ ଭାରତୀୟ ଷ୍ଟେକହୋଲ୍ଡର ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ୍)ରୁ ଓହରିଯାଇଛନ୍ତି। ତେଣୁ ଆଇସିସି ବୈଠକରେ ପିସିବି ଏ ନେଇ ପ୍ରସଙ୍ଗ ଉପସ୍ଥାପନା କରିବ ବୋଲି କହିଛି। ଅପରପକ୍ଷରେ ଆଗକୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। କେତେକ ପୂର୍ବତନ ଭାରତୀୟ ଖେଳାଳି ଓ ବୋର୍ଡର କେତେକ ପ୍ରଶାସକ ପାକିସ୍ତାନ ବିପକ୍ଷରୁ ଓହରିଯିବାକୁ ମତ ଦେଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ଅନ୍ତିମ ତଥା ପଞ୍ଚମ ଦିନକିଆ ମ୍ୟାଚ୍ ଅବସରରେ ଦିଲ୍ଲୀରେ ବିସିସିଆଇର ବୈଠକ ବସିବ ଓ ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି। ଏହି ବୈଠକରେ ମଧ୍ୟ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବାକୁ ଥିବା ଭାରତୀୟ କ୍ରିକେଟରଙ୍କ ବ୍ୟସ୍ତ ବହୁଳତା ତଥା କାର୍ଯ୍ୟଭାର ନେଇ ଆଲୋଚନା କରାଯିବ ବୋଲି ଆଶା କରାଯାଉଛି।

# ଜାତୀୟ ସିନିୟର ଥ୍ରୋ ବଲ୍‌ରେ ଭାଗନେବ ଓଡ଼ିଶା



ଜାତୀୟ ସିନିୟର ଥ୍ରୋବଲ୍‌ରେ ଭାଗନେବାକୁ ଥିବା ଓଡ଼ିଶା ଦଳର ଖେଳାଳିମାନେ।

ଭୁବନେଶ୍ୱର, ୨୦।୨(କ୍ରୀଡ଼ା ପ୍ରତିନିଧି)

ହରିୟାଣାର ରୋହତକ୍‌ଠାରେ ଚଳିତମାସ ୨୩ରୁ ମାର୍ଚ୍ଚ ୧୪ ପର୍ଯ୍ୟନ୍ତ ଜାତୀୟ ସିନିୟର ଥ୍ରୋବଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ମହିଳା ଓ ପୁରୁଷ ଦଳ ଘୋଷଣା କରାଯାଇଛି। ପ୍ରତି ଦଳରେ ୧୪ ଜଣ ଲେଖାଏ ଖେଳାଳି ଏବଂ ୨ ଜଣେ ଲେଖାଏ କୋଚ୍ ଓ ମ୍ୟାନେଜର ରହିଛନ୍ତି। ତେଣୁ ଏକ ୩୨ ଜଣିଆ ଓଡ଼ିଶା ଦଳ ସହ ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ ସମ୍ପାଦକ ଜୀତେନ୍ଦ୍ରନାଥ ଦାସ ବୁଧବାର ରୋହତକ ଅଭିମୁଖେ ଯାତ୍ରା କରିଛନ୍ତି ବୋଲି ସହ ସମ୍ପାଦକ ଯଶୋବନ୍ତ ପରମଗୁରୁଙ୍କ ସୂତ୍ରରୁ ପ୍ରକାଶ। ଆସୋସିଏଶନ ସଭାପତି ଭୁପିନ୍ଦର ସିଂ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ମହିଳା ଦଳ:** ନିବେଦିତା ପ୍ରଧାନ, ନିର୍ଲିପ୍ତା ବାରିକ, ଦୀପ୍ତିମୟୀ ସାହୁ, ଏ.ରାଜେଶ୍ୱରୀ, ଏ.ବୁଜି, ଶୁଭସ୍ମିତା ଜେନା, ଅଞ୍ଜଳି ଏକ୍କା, ମମତା ସିଂ, ଅସୀମା ବେହେରା, ଶୁଭସ୍ମିତା ସାହୁ, ମଧୁସ୍ମିତା ସାହୁ, ଭାଗ୍ୟଶ୍ରୀ ଦଣ୍ଡସେନା, ଅହଲ୍ୟା ସିଂ, ଶୁଭଦ୍ରା ମହାନ୍ତି। କୋଚ୍: ସତୀକାନ୍ତ ପଟ୍ଟନାୟକ, ମ୍ୟାନେଜର: ନିବେଦିତା ନାୟକ। ପୁରୁଷ ଦଳ: ଶୁଭମ୍ ନାୟକ, ଉମେଶ କୁମାର ବଳିୟାର ସିଂ, ସନ୍ତୋଷ କୁମାର ମହାପାତ୍ର, ଆର.ବୁଲୁ ରେଡ୍ଡୀ, ସତ୍ୟଜିତ ଚମ୍ପତି, ପ୍ରତ୍ୟୁଷ କୁମାର ପ୍ରଧାନ, ରତିକାନ୍ତ ପଟ୍ଟନାୟକ, ରାଜା ସିଂ, ଆଶୁତୋଷ ନାୟକ, ସୁଶୀଲ କୁମାର ବେହେରା, କ୍ଷୀରୋଦ କୁମାର ହାତୀ, ସୁବାସ ଜେନା, ଶୁଭକାନ୍ତ ଭୋଇ, ସଂଗ୍ରାମ କେଶରୀ ହରିଚନ୍ଦନ। କୋଚ୍: ରାଜେଶ କୁମାର ପ୍ରଧାନ, ମ୍ୟାନେଜର: ଦେବାଶିଷ ସ୍ୱାଇଁ।

## ମାଡ୍ରିଡ୍ ଓପନ୍ ଖେଳିବେ ଫେଡରର

ମାଡ୍ରିଡ୍,୨୦।୨(ଏ.ଏଫ.ପି)

ଅଭିଜ୍ଞ ସୁଇଜରଲାଣ୍ଡ ଟେନିସ୍ ତାରକା ରୋଜର ଫେଡେରର ଆଗାମୀ ମାଡ୍ରିଡ ଓପନ୍ ଟେନିସ ଟୁର୍ନାମେଣ୍ଟ ଖେଳିବେ। ଫଳରେ ୨୦୧୫ ପରେ ସେ ପ୍ରଥମ ଥର ପାଇଁ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। କ୍ଲେ- କୋର୍ଟରେ ଖେଳାଯାଉଥିବା ଏହି ଇଭେଣ୍ଟରେ ୩୭ ବର୍ଷୀୟ ଫେଡରର ଗତ ଦୁଇ ବର୍ଷ ହେବ ନ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଫେଡେରର ମଧ୍ୟ ଚଳିତ ବର୍ଷ ଫ୍ରେଞ୍ଚ୍ ଓପନ୍ ଖେଳିବେ ବୋଲି ଗତ ଜାନୁୟାରୀରେ ସୂଚନା ଦେଇଥିଲେ। ପୂର୍ବରୁ ସେ ୩ଥର ମାଡ୍ରିଡ୍ ଓପନ୍ ଟାଇଟଲ ହାସଲ କରିଥିଲେ। ସେ ୨୦୦୬, ୨୦୦୯ ଓ ୨୦୧୨ରେ ମାଡ୍ରିଡ ଓପନ୍ ଟାଇଟଲ ହାସଲ କରିଥିଲେ। ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ଫେଡରର ଗତ ଅଷ୍ଟ୍ରେଲିଆନ୍ ଓପନରେ ଚତୁର୍ଥ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ସେ ଥରେ ଫ୍ରେଞ୍ଚ୍ ଓପନ୍ ଟାଇଟଲ ହାସଲ କରିଥିଲେ ଓ ୨୦୧୨ ପରେ ଏହି ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ପାର କରିପାରିନାହାନ୍ତି।




କଟକର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର କୁସ୍ତିରେ ଚାମ୍ପିୟନ ହରିୟାଣା ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ବକ୍ସର ଅମିତ ପାଙ୍ଘାଲ

ନୂଆଦିଲ୍ଲୀ,୨୦।୨(ପିଟି)

ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ମୋତେ ଅଧିକ କଷ୍ଟ ଦେଇଛି। କାରଣ ମୁଁ ସେମାନଙ୍କ ମଧ୍ୟରୁ ଜଣେ ବୋଲି ଭାରତୀୟ ବକ୍ସର ଅମିତ ପାଙ୍ଘାଲ କହିଛନ୍ତି। ସମ୍ମାନଜନକ ବକ୍ସିଂ ଇଭେଣ୍ଟ ଷ୍ଟ୍ରାଣ୍ଡଜା ମେମୋରିଆଲ ଟୁର୍ନାମେଣ୍ଟରେ ଜିତିଥିବା ସ୍ୱର୍ଣ୍ଣ ପଦକକୁ ବକ୍ସର ଶହୀଦ ଯବାନଙ୍କ ପାଇଁ ଉତ୍ସର୍ଗ କରିଛନ୍ତି। ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକଧାରୀ ଅମିତ କ୍ରମାଗତ ଦ୍ୱିତୀୟ ଥର ପାଇଁ ୟୁରୋପର ସର୍ବପୁରାତନ ବକ୍ସିଂ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେ ମଙ୍ଗଳବାର କାଜାଖସ୍ତାନର ଟେମିର୍ଟାସ ଝୁସୁପୋଭଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଭାରତୀୟ ସେନାରେ ନାଏବ ସୁବେଦାର ପଦରେ ଥିବା ୨୩ ବର୍ଷୀୟ ବକ୍ସର କହିଛନ୍ତି, ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ ବେଳେ ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ସମ୍ପର୍କରେ ମୁଁ ଚିନ୍ତା କରୁଥିଲି। ମୁଁ ନିଜେ ଆର୍ମିରେ କାର୍ଯ୍ୟରତ। ଏଥିଯୋଗୁ ଅଧିକ ଦୁଃଖିତ। ମୋ ପରିବାରବର୍ଗ ପୁଲଓ୍ୱାମା ଘଟଣା ସମ୍ପର୍କରେ ସୂଚନା ଦେବା ସହ ଯବାନଙ୍କ ସମ୍ମାନ ପାଇଁ ସ୍ୱର୍ଣ୍ଣପଦକ ଜିତିବାକୁ ପଡ଼ିବ ବୋଲି କହିଥିଲେ। ଏହା ମୋ ଉତ୍ସାହକୁ ଦ୍ୱିଗୁଣିତ କରିଥିଲା। ଏହାବାଦ୍ ୪୯ କିଗ୍ରା ବର୍ଗରେ ଏହା ମୋ ପାଇଁ ଅନ୍ତିମ ଟୁର୍ନାମେଣ୍ଟ ଥିଲା। କାରଣ ଏହି ଓଜନ ବର୍ଗକୁ ଅଲିମ୍ପିକ୍ସରେ ସ୍ଥାନ ମିଳିନାହିଁ। ଏଥିଯୋଗୁ ମୋତେ ବାଧ୍ୟ ହୋଇ ୫୨ କିଗ୍ରା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିବ। ଭାରତ ଉକ୍ତ ଟୁର୍ନାମେଣ୍ଟରେ ମୋଟ ୭ ପଦକ ଜିତିଥିଲା। ତାଲିକାରେ ୩ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ରହିଛି। ମହିଳାଙ୍କ ମଧ୍ୟରେ ନିଖତ ଜାରିନ (୫୧ କିଗ୍ରା) ମଧ୍ୟ ସ୍ୱର୍ଣ୍ଣ ପଦକକୁ ଶହୀଦ ଯବାନଙ୍କ ପାଇଁ ଉତ୍ସର୍ଗ କରିଛନ୍ତି।

■ ଗୁରୁକୁଳ ୫୦କେ ଟେନିସ୍

## ସିଙ୍ଗଲ୍ସ, ଡବଲ୍ସ ସେମିରେ ଅଂଶୁ

ଭୁବନେଶ୍ୱର, ୨୦।୨(କ୍ରୀଡ଼ା ପ୍ରତିନିଧି)

ମେଣ୍ଟାଶାଳସ୍ଥିତ ଗୁରୁକୁଳ ରିସର୍ଟ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ଏଆଇଟିଏ-ଓଟିଏ ପୁରୁଷ ୫୦କେ ଟେନିସ ଟୁର୍ନାମେଣ୍ଟର ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ ସେମିଫାଇନାଲରେ ଓଡ଼ିଶାର ଅଂଶୁକୁମାର ଭୂୟାଁ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଟପ୍ ସିଡ୍ ଅଂଶୁ ୬ଷ୍ଠ ସିଡ୍ ଆନ୍ଧ୍ର ପ୍ରଦେଶର ଉମର ଶେଖ୍‌ଙ୍କୁ ୬-୪, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ତଥା ୭ମ ସିଡ୍ ଅମୃତଜୟ ମହାନ୍ତି ୪ର୍ଥ ସିଡ୍ ପଶ୍ଚିମବଙ୍ଗର ଅର୍ଘ୍ୟ ଦାସଙ୍କୁ ୬-୨, ୪-୬, ୬-୨ ସେଟ୍‌ରେ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ଦ୍ୱିତୀୟ ସିଡ୍ ଓଡ଼ିଶାର ଚିନ୍ମୟ ପ୍ରଧାନ କିନ୍ତୁ ୫ମ ସିଡ୍ ଆସାମର ଶେଖ୍ ମହମ୍ମଦ ଇଫ୍‌ତିକାର୍‌ଙ୍କଠାରୁ ୩-୬, ୬-୧, ୩-୬ ସେଟ୍‌ରେ ହାରି ବିଦାୟ ନେଇଛନ୍ତି। ୩ୟ ସିଡ୍ ପଶ୍ଚିମବଙ୍ଗର ରୋହିତ ରାମପୁରିଆ ଅଣସିଡେଡ କର୍ଣ୍ଣାଟକର ରିଭାଭ ରବିକିରଣଙ୍କୁ ୬-୩, ୬-୨ ସେଟ୍‌ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଡବଲ୍ସରେ ଓଡ଼ିଆ ଖେଳାଳି ପ୍ରତ୍ୟୁଷ ମହାନ୍ତିଙ୍କୁ ସାଥିକରି ଖେଳୁଥିବା ଅଂଶୁ କ୍ୱାର୍ଟର ଫାଇନାଲରେ ଅନ୍ୟତମ ଓଡ଼ିଆ ଯୋଡ଼ି ଚିନ୍ମୟ ପ୍ରଧାନ ଓ ଆଦିତ୍ୟ ଶତପଥୀ ଯୋଡ଼ିଙ୍କୁ ୭-୬(୫), ୬-୪ ସେଟ୍‌ରେ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ଓଡ଼ିଶାର ସତୀର୍ଥ ପଟ୍ଟନାୟକ-ଆଶୁତୋଷ ଦାସ ଯୋଡ଼ି ମଧ୍ୟ ଆନ୍ଧ୍ର ପ୍ରଦେଶର ବୁରା ରାନସାଇ ଓ ଭେଙ୍କଟସ୍ୱାମୀ ଏନ.ଗନ୍ଧାମ ଯୋଡ଼ିଙ୍କୁ ୬-୧, ୬-୩ ସେଟ୍‌ରେ ହରାଇ ସେମିରେ ପ୍ରବେଶ କରିଛନ୍ତି। ଆନ୍ଧ୍ର ପ୍ରଦେଶର ଉମର ଶେଖ୍ ଓ ଆସାମର ଶେଖ୍ ମହମ୍ମଦ ଇଫ୍‌ତିକାର୍ ଏବଂ କର୍ଣ୍ଣାଟକର ଏମ.ଏସ. କ୍ରିଥିକ ଓ ପଶ୍ଚିମବଙ୍ଗର ରୋହିତ ରାମପୁରିଆ ଯୋଡ଼ି ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଫେବୃୟାରୀ ୨୧/୨୦୧୯ Sambalpur, Thursday, February 21 / 2019

## ସଂକ୍ଷେପରେ

### କର୍ଡୋଲା ଗାଁରୁ ଗୋଟିଏ ରାତିରେ ଦୁଇଟି ଚୋରି

ଚିପିଲିମା, ୨୦।୨ (ଡି.ଏନ.ଏ.) ସମ୍ବଲପୁର ଜିଲା ବୁର୍ଲା ଥାନା ଚିପିଲିମା ଫାଣ୍ଡି ଅନ୍ତର୍ଗତ କର୍ଡୋଲା ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ରର ଲୁହା କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଚାଉଳ ଚୋରି କରି ନେଇଛନ୍ତି। ସେହିଭଳି ପଣ୍ଡିତ ସନ୍ତୋଷ କୁମାର ବିଶିଙ୍କ ଘର ଝରକା ତାଡି ଦୁର୍ବୃତ୍ତ ନଗଦ ୧୧ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଏ ନେଇ ଚିପିଲିମା ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ଫାଣ୍ଡି ଅଧିକାରୀ ଗଞ୍ଜୁ ଓରାମ ସୂଚନା ଦେଇଛନ୍ତି ।

# ଶିଶୁ ଉଦ୍ୟାନ, ଫରେଷ୍ଟ ପାର୍କ କେବଳ ନାଁକୁ

**ସୁବର୍ଣ୍ଣପୁର ପୌରପାଳିକା**

- ଆଦାୟ ହେଉଛି ପ୍ରବେଶ ଦେୟ, ବିକାଶ ପ୍ରତି ଧ୍ୟାନନାହିଁ
- ମୁହଁ ଫେରାଉଛନ୍ତି ସହରବାସୀ
- ପଦକ୍ଷେପ ନିଆଯାଉଛି କହିଲେ ପୌର ନିର୍ବାହୀ ଅଧିକାରୀ



ସୋନପୁର,୨୦।୨(ନି.ପ୍ର.) ସୁବର୍ଣ୍ଣପୁର ଜିଲା ଗଠନର ୨୬ବର୍ଷ ପରେ ସଦର ମହକୁମା ସୋନପୁରର ଯଥେଷ୍ଟ ଗୁରୁତ୍ୱ ବଢ଼ିଛି। ବିଶେଷକରି ମହାନଦୀ ଉପରେ ପୋଲ ନିର୍ମାଣ ପରେ ଜିଲାର କୋଣ ଅନୁକୋଣରୁ ସମସ୍ତ ଅଧିବାସୀ ଏହାର ସଦର ମହକୁମା ଉପରେ ନିର୍ଭରଶୀଳ ହେବାରେ ଲାଗିଛନ୍ତି । ତେବେ ଏଠାକାର ସ୍ଥାୟୀ ବାସିନ୍ଦା ତଥା ସହରକୁ ନିୟମିତ ଆସୁଥିବା ଲୋକ ଓ ଶିଶୁଙ୍କ ଚିତ୍ତ ବିନୋଦନ ପାଇଁ ଭଲ ପାର୍କଟିଏ ନ ରହିବା ଏକ ବିଡମ୍ବନାର ବିଷୟ। ସହରବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୂର୍ବତନ ରାଜ୍ୟସଭା ଏମ୍‌ପି ଦିଲ୍ଲୀପ ରାୟଙ୍କ ହାତପାଣ୍ଠିରୁ ପ୍ରଦତ୍ତ ୨ଲକ୍ଷ ଟଙ୍କା ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଆର୍ଥିକ ଅନୁଦାନରେ ୨୦୦୮ ମସିହାରେ ଜିଲାର ଇଷ୍ଟଦେବୀ ସୁରେଶ୍ୱରୀ ମନ୍ଦିର ନିକଟରେ ଏକ ଶିଶୁ ଉଦ୍ୟାନ ନିର୍ମାଣ କରାଯାଇଥିଲା। ୨୦୦୯ରେ ଏହି ଶିଶୁ ଉଦ୍ୟାନଟି ଉଦ୍‌ଘାଟିତ ହୋଇଥିଲା। ତେବେ ମାତ୍ର ୮୦୦ଡେସିମିଲ ପରିଧିର ଏହି ପାର୍କଟି ଏବେ ସୁବର୍ଣ୍ଣପୁର ପୌରପାଳିକା ଅଧିନରେ ପରିଚାଳିତ ହେଉଥିଲେ ହେଁ ନାନା ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ପରିଚାଳନାଗତ ଅବ୍ୟବସ୍ଥା ତଥା ଆବଶ୍ୟକସ୍ଥଳେ ଉଦ୍ୟାନକୁ ସଫାସୁତୁରା କରାଯାଉ ନ ଥିବାରୁ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଉଦ୍ୟାନଠାରୁ ମୁହଁ ଫେରାଉଛନ୍ତି। ଝୁଲିବା ପାଇଁ ଓ ପିଲାଙ୍କ ଖେଳିବା ଦୋଳିଗୁଡିକ ଭାଙ୍ଗି ଯାଇଥିବା ବେଳେ ସେଗୁଡିକୁ ଦୀର୍ଘଦିନ ଧରି ମରାମତି କରାଯାଉନି। ବସିବା ପାଇଁ ଆବଶ୍ୟକ ସଂଖ୍ୟକ ଚୌକି ନ ଥିବା ବେଳେ ଅଧିକାଂଶ ଭାଙ୍ଗିରୁଜି ଗଲାଣି। ଏପରିକି ଉଦ୍ୟାନ ମଧ୍ୟରେ ଅନାବନା ଘାସ ମଧ୍ୟ ଦୀର୍ଘଦିନ ଧରି ସଫା ହେଉନାହିଁ। ବର୍ଷା ସମୟରେ ଉଦ୍ୟାନ ମଝିରେ ପାଣି ଜମି ରହୁଛି। ପିଲାଙ୍କଠାରୁ ପ୍ରବେଶ ଦେୟ ଆଦାୟ ହେଉଥିଲେ ହେଁ ବିକାଶ କାର୍ଯ୍ୟ ପ୍ରତି ଧ୍ୟାନ ଦିଆ ଯାଉ ନଥିବା ଅଭିଯୋଗ ହେଉଛି ।

ସମାନ ଅବସ୍ଥା ମାଣିକେଶ୍ୱରୀ ଫରେଷ୍ଟ ପାର୍କର। ସହରବାସୀଙ୍କ ଚିତ୍ତ ବିନୋଦନ ତଥା ମର୍ଣ୍ଣିଂ ୱାକ୍ ପାଇଁ ଏହି ପାର୍କର ଆବଶ୍ୟକତା ଥିଲା। କିନ୍ତୁ ନିର୍ମାଣ ପରେ ସୌନ୍ଦର୍ଯ୍ୟକରଣ ପ୍ରତି ଦୃଷ୍ଟି ଦିଆଗଲାନି। ଫଳରେ ଏହା ସହରବାସୀଙ୍କୁ ଆକୃଷ୍ଟ କରିପାରୁନି। ୬.୪ଏକର ପରିମିତ ଜମି ଉପରେ ୯୯ଲକ୍ଷ ୯୯ହଜାର ଟଙ୍କା ବ୍ୟୟରେ ଏହି ପାର୍କ ନିର୍ମାଣ ହୋଇଛି। ଉଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଛି। ୨୦୧୪ ରେ ଉଦ୍‌ଘାଟିତ ହେବା ପରେ ପୂର୍ତ୍ତ ବିଭାଗ ପାର୍କକୁ ସୁବର୍ଣ୍ଣପୁର ମ୍ୟୁନିସିପାଲିଟିକୁ ହସ୍ତାନ୍ତର କରିଛି। ବନବିଭାଗ ପକ୍ଷରୁ ସହରାଞ୍ଚଳ ବନୀକରଣ ଯୋଜନାରେ ପାର୍କ ପରିସରରେ ୪୫୦ଟି ନିମ୍ବ, ବଉଳ, କୃଷ୍ଣଚୂଡ଼ା, ଶିମୁଳି ଓ ଛତିଆନ ଆଦି ଗଛ ଲଗା ଯାଇଛି । ପାର୍କରେ ୨ଟି ବୋରୱେଲ ଖୋଳାଯିବା ସହିତ ମୋଟର ଲଗାଯାଇଛି। ହେଲେ ପାର୍କରେ ଗୋଟିଏ ବି ଫୁଲ ଗଛ ନାହିଁ। ସେହିପରି ପରିସରରେ ଶୌଚାଳୟ ନିର୍ମାଣ କାର୍ଯ୍ୟ ଡିପାର୍ଟମେଣ୍ଟାଲ ଭାବେ ଗତ ୩ ବର୍ଷ ଧରି ଚାଲିଛି। ଏହା ସମ୍ପୂର୍ଣ୍ଣ ହେଉନି। ସେହିଭଳି ପାର୍କ ଭିତରେ ଭଲ ମାଟି ଭର୍ତ୍ତି କରି ଗଛ ଲଗାଯିବ ବୋଲି ୨ଫୁଟ ଗଭୀରର ମାଟି ଉଠାଯାଇଛି । ମାତ୍ର କୌଣସି କାରଣରୁ ଆଉ ମାଟି ଭର୍ତ୍ତି ହେଉନି। ବର୍ଷାଦିନେ ପାଣି ଜମି ରହୁଛି। ଏ ସମ୍ପର୍କରେ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର କୁହନ୍ତି ପରିଷଦ ଉଦ୍ୟାନର ପରିଚାଳନା ଦାୟିତ୍ୱ ହାତକୁ ନେବାପରେ ସୌନ୍ଦର୍ଯ୍ୟକରଣ ପାଇଁ ଉଦ୍ୟମ ହୋଇଛି। ପାର୍କର ଡ୍ରେନେଜ୍ ସିଷ୍ଟମ ଠିକ୍ କରିବା, ଭଲ ମାଟି ଭର୍ତ୍ତି କରି ଗଛ ଲଗାଇବା ପାଇଁ ନିଷ୍ପତ୍ତି ହୋଇଛି। ମାଟି ଖୋଳା ପରେ ଠିକାଦାର କାର୍ଯ୍ୟ ବନ୍ଦ କରିଛନ୍ତି। ଏହି କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରାଯିବ।

### ପକ୍ଷାଘାତରେ ମା'ବାପା ପୀଡିତ

# ଚିକିତ୍ସା ପାଇଁ ଦାଦନ ଖଟୁଛି ନାବାଳିକା ଝିଅ



ପକ୍ଷାଘାତରେ ପୀଡିତ ସ୍ତ୍ରୀ, ସ୍ୱାମୀ ।

- ପାଠ ପଢ଼ାରେ ପଡିଲା ଡୋରି, ସରକାରୀ ଯୋଜନାରୁ ବଞ୍ଚିତ
- ନାମକୁ ମାତ୍ର ଥିବା ଜମି ପଡିଲା ବନ୍ଧକ
- ପରାଶ୍ରୟରେ ପରିବାର ଚଳୁଛି

ସିନାପାଲି,୨୦।୨(ଡି.ଏନ.ଏ.) ନୂଆପଡା ଜିଲା ସିନାପାଲି ବ୍ଲକସ୍ଥିତ ରାନିମୁଣ୍ଡା ଗାଁ । ବ୍ଲକ ସଦର ମହକୁମାଠାରୁ ୧୫ କି.ମି. ଦୂର ଆଦିବାସୀ ଅଧ୍ୟୁଷିତ ଏହି ଗାଁର ମାଝିପଡାରେ ବାସ କରନ୍ତି ରୂପ ସିଂ ମାଝି (୫୩)। ପରିବାର କହିଲେ ତାଙ୍କ ସ୍ତ୍ରୀ ପଦ୍ମିନୀ ମାଝି (୪୮) ଏବଂ ୨ ପୁଅ ଓ ୨ ଝିଅ । ହେଲେ ସ୍ୱାମୀ ଓ ସ୍ତ୍ରୀ ପକ୍ଷାଘାତରେ ପୀଡିତ। ଗୋଡହାତ ଅଚଳ, ୨ଜଣ ଶଯ୍ୟାଶାୟୀ । ପାଖରେ ସମ୍ବଳ ବୋଲି କିଛି ନାହିଁ। ନିଜ ନାମରେ ଥିବା ୧ ଏକର ଜମିକୁ ବନ୍ଧକ ପକାଇ ଚିକିତ୍ସା ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ହସ୍ପିଟାଲକୁ ଯାଇ ଖର୍ଚ୍ଚ କରିଛନ୍ତି । ହେଲେ ରୋଗ କମିବାର ନାଁ ଧରୁନାହିଁ । ଫଳରେ ରୋଗ ଯନ୍ତ୍ରଣାରେ ଛଟପଟ ହୋଇ ଦୁହେଁ ଶର୍ଯ୍ୟାଶାୟୀ ହୋଇଥିବା ବେଳେ ସରକାରୀ ଯୋଜନାରୁ ବଞ୍ଚିତ ରହିଛନ୍ତି । ପରିବାର ପ୍ରତିପୋଷଣ କରିବା ପାଇଁ ମାଟ୍ରିକ ପାସ କରିଥିବା ନାବାଳିକା ଝିଅ ମା'ବାପାଙ୍କ ଚିକିତ୍ସା ପାଇଁ ଆନ୍ଧ୍ରପ୍ରଦେଶରେ ଦାଦନ ଖଟିବାକୁ ଯାଇଛନ୍ତି । ଦିବ୍ୟାଙ୍ଗ ଥିବା ସତ୍ତ୍ୱେ ଏମାନଙ୍କୁ ନାଁ ମିଳିଛି ଭତ୍ତା ନା ମିଳିଛି ଖାଦ୍ୟ ସୁରକ୍ଷା ଯୋଜନାରେ ଖାଉଟି କାର୍ଡ । ଏପରି ସ୍ଥଳେ ପଡୋଶୀ ଯାହା ଦେଲେ ଖାଇ ବଞ୍ଚୁଛନ୍ତି । ଯେଉଁ ଦିନ ମିଳୁନି ସେ ଦିନ ଭୋକ ଉପାସରେ ରହିବାକୁ ପଡୁଛି ବୋଲି କ୍ଷୋଭର ସହିତ ପ୍ରକାଶ କରିଛନ୍ତି ରୂପ । ଘରେ ଥିବା ୩ ଛୁଆ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଓଳି ଖାଉଥିବା ବେଳେ ପଡୋଶୀ ଲୋକଙ୍କ ଦୟାରେ ଏମାନଙ୍କ ଜୀବନ ବଞ୍ଚୁଥିବା ସେ କହିଛନ୍ତି । ସରକାର ଆଦିବାସୀ ଶ୍ରେଣୀର ବ୍ୟକ୍ତିମାନଙ୍କ ପାଇଁ ଅନେକ ଯୋଜନା କରୁଥିବା ବେଳେ ଏମାନଙ୍କ ଭାଗ୍ୟରେ ସବୁ ଯୋଜନା ଅପହଞ୍ଚ ହୋଇଛି । ସରକାର ଏମାନଙ୍କ ଚିକିତ୍ସା ପାଇଁ ତଥା ଦିବ୍ୟାଙ୍ଗ ଭତ୍ତା ଓ ଖାଉଟି କାର୍ଡ ପ୍ରଦାନ କରା ନ ଗଲେ ପରିବାର ସଦସ୍ୟ ଅକାଳରେ ଝରିପଡିବ ବୋଲି ଗ୍ରାମର ଜନସାଧାରଣ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେରଙ୍କୁ ପଚାରିବାରୁ ଏହାର ତଦନ୍ତ କରି ସମସ୍ତ ସରକାରୀ ସାହାଯ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି ।

# ବିଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ଫୋରସି ସମ୍ବଲପୁର ଚାମ୍ପିୟନ



ଚାମ୍ପିୟନ ଫୋରସି ସମ୍ବଲପୁର ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଅମରପାଲି, ୨୦।୨(ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାସ୍ଥିତ ରୟାଲ ପଡିଆରେ ଚାଲିଥିବା ନବମ ସର୍ବଭାରତୀୟ ବିଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଏସଡିସିଏ ସୋନପୁରକୁ ହରାଇ ଫୋରସି ସମ୍ବଲପୁର ଚାମ୍ପିୟନ ହୋଇଛି। ଫାଇନାଲ ଖେଳ ୧୭-୧୭, ୮-୮ ଓ ସୁପର-୨ ଓଭର ବିଶିଷ୍ଟ ହୋଇଥିଲା। ଟସ୍ ଜିଣି ସୋନପୁର ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟରେ ନିର୍ଦ୍ଧାରିତ ୧୭ଓଭରରେ ୯ ଉଇକେଟ ହରାଇ ୧୫୧ରନ କରିଥିଲେ। ଦଳ ପକ୍ଷରୁ ଅଂଶୁମାନ ମିଶ୍ର ୭୩ ରନ କରିଥିଲେ। ବିପକ୍ଷ କୁଶଳ ୨ଟି ଉଇକେଟ ନେଇଥିଲେ। ଯବାବରେ ସମ୍ବଲପୁର ୧୬.୨ଓଭରରେ ୮ ଉଇକେଟ ହରାଇ ଆବଶ୍ୟକ ୧୫୨ରନ କରିଥିଲା। ଦଳର ମୁକେଶ ଦଲାଇ ୬୩ରନ କରିଥିବା ବେଳେ ବିପକ୍ଷ ସୋନପୁରର ଆକାଶ ପାତ୍ର ୩ଟି ଓ ବାବୁଲୁ ୨ଟି ଉଇକେଟ ନେଇଥିଲେ। ଖେଳା ଯାଇଥିବା ଦ୍ୱିତୀୟ ଫର୍ମାଟରେ ସୋନପୁର ନିର୍ଦ୍ଧାରିତ ୮ଓଭରରେ ୪ ଉଇକେଟ ହରାଇ ୭୯ ରନ କରିଥିଲା। ଦଳର ରାହୁଲ ୪୨ରନ କରିଥିବା ବେଳେ ବିପକ୍ଷ ପ୍ରଶାନ୍ତ ଠକ୍କର ୨ଟି ଉଇକେଟ ନେଇଥିଲେ। ୮୦ରନର ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବଲପୁର ୭.୪ଓଭରରେ ସମସ୍ତ ଉଇକେଟ ହରାଇ ୭୦ରନ କରି ପରାସ୍ତ ହୋଇଥିଲା। ଦଳର ପ୍ରଶାନ୍ତ ଠକ୍କର ୩୯ରନ କରିଥିବା ବେଳେ ପୁରୁଷୋତ୍ତମ ପାତ୍ର ଓ ପ୍ରଦୀପ ୨ଟି ଉଇକେଟ ନେଇଥିଲେ। ଉଭୟ ଦଳ ଗୋଟିଏ ଲେଖାଏଁ ଉଇକେଟ ନେବାରୁ ସୁପର-୨ ଓଭର ବିଶିଷ୍ଟ ଖେଳାଯାଇଥିଲା। ସୋନପୁର ଦଳ ଏଥିରେ ୭ରନ କରିଥିବା ବେଳେ ସମ୍ବଲପୁର ୮ରନ କରି ବିଜୟୀ ହୋଇ ଚାମ୍ପିୟାନ ହୋଇଥିଲା। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଆଶା ସାହୁ ଅଧକ୍ଷତା କରିଥିଲେ। ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତି, ଲୁତୁରପଙ୍କ ସରପଞ୍ଚ ଆଶା ସାହୁ, ବାଗବର ସରପଞ୍ଚ ବ୍ୟୋମକେଶ ପଣ୍ଡା, ହିଲୁଙ୍ଗ ସରପଞ୍ଚ ଅଶୋକ ମହାକୁର, ଭରତାପୁର ସରପଞ୍ଚ ଦୁଃଖବନ୍ଧୁ ପ୍ରଧାନ, ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ, ବିଧାୟକ ପ୍ରତିନିଧି ନାରାୟଣ ଲୁହା, ମୃତ୍ୟୁଞ୍ଜୟ ପଧାନ, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ, ଲଳିତ ପାତ୍ର, ଶିକ୍ଷକ ଅକ୍ଷୟ ରାୟ, କ୍ରୀଡାବିତ ଶୈଳ ରଞ୍ଜନ ବାଦୀ, ପ୍ରଫୁଲ୍ଲ ଦନ୍ତା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। ସମ୍ବଲପୁରର ପ୍ରଶାନ୍ତ ଠକ୍କରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ମୁକେଶ ଦଲାଇଙ୍କୁ ମ୍ୟାନ ଅଫ୍ ଦି ସିରିଜ, ରୋଶନ ମହାପାତ୍ରଙ୍କୁ ଶ୍ରେଷ୍ଠ ବୋଲର, କୁଶଳ ପଟେଲଙ୍କୁ ଶ୍ରେଷ୍ଠ ଅଲରାଉଣ୍ଡର, ଅଂଶୁମାନ ମିଶ୍ରଙ୍କୁ ଶ୍ରେଷ୍ଠ ସିକ୍ସର, ଆୟୁଷ ନାଏକଙ୍କୁ ଶ୍ରେଷ୍ଠ କ୍ୟାଚର ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ସମ୍ବଲପୁର ଦଳକୁ ନଗଦ ୨୦ହଜାର ଟଙ୍କା ଓ ରନର୍ସଅପ୍ ସୋନପୁର ଦଳକୁ ନଗଦ ୧୦ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ଖେଳକୁ ସୁଶୀଲ ପାଣ୍ଡେ ଓ ବିବେକାନନ୍ଦ ପଣ୍ଡା ପରିଚାଳନା କରିଥିବା ବେଳେ ବୃନ୍ଦାବନ ପଧାନ ସ୍କୋରିଂ ଏବଂ ପିଙ୍କୁ ଗାଇଗରିଆ ଓ ପୀତାମ୍ବର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସଦାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯାହାର ଆଖି ନଷ୍ଟ ହୋଇଯାଉଛି, ସେ ଅନ୍ଧ ନୁହେଁ। ଯେ ନିଜର ଦୋଷ ଘୋଡାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ



## ସଂକ୍ଷେପରେ



### ଛବିଳ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ସଭ୍ୟ ମନୋନୀତ

**ବୀରମହାରାଜପୁର, ୨୦।୨(ଡି.ଏନ୍.ଏ):** ବୀରମହାରାଜପୁର ବାର୍ ଆସୋସିଏଶନ୍‌ର ସଭ୍ୟ ଆଡ୍‌ଭୋକେଟ୍ ଛବିଳ କର୍ଣ୍ଣ ସୁବର୍ଣ୍ଣପୁର ଜିଲା ଜୁଭେନାଇଲ ଜଷ୍ଟିସ୍ ବୋର୍ଡର ସଭ୍ୟଭାବେ ମନୋନୀତ ହୋଇଛନ୍ତି। ଏହି ନୂତନ ନିଯୁକ୍ତିକୁ ଆଇନଜୀବୀ ମହଲରେ ସ୍ୱାଗତ କରାଯାଇଛି। ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ଆଡ୍‌ଭୋକେଟ୍ କର୍ଣ୍ଣଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

### ଶହୀଦ ଯବାନଙ୍କ ପାଇଁ କ୍ୟାଣ୍ଡେଲ ରାଲି, ଶ୍ରଦ୍ଧାଞ୍ଜଳି

**ସୋନପୁର,୨୦।୨(ନି.ପ୍ର.):** ଜମ୍ମୁ-କଶ୍ମୀରର ପୁଲୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କ ପାଇଁ ସୋନପୁର ଉପକାରାଗାରରେ ବୁଧବାର ସନ୍ଧ୍ୟାରେ କ୍ୟାଣ୍ଡେଲ ରାଲି ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଶହୀଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ସହ ନୀରବ ପ୍ରାର୍ଥନା କରାଯାଇଛି। ଏଥିରେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ବିଶ୍ୱାମିତ୍ର ଭରାସାଗର, ସହକାରୀ କାରାପାଳ ଦଶମୀ ବାଘ, ଜେଲ ଫାର୍ମାଶିଷ୍ଟ ପ୍ରଭାକର ଦଳେଇ, ମୁଖ୍ୟ କାରାରକ୍ଷୀ ଦେବରାଜ ବଡ଼ାଇ, ତିନିଶ ଶେଖର ବେହେରା, ଜେଲର ସମସ୍ତ କାରାରକ୍ଷୀ ଓ କଏଦୀ ଉପସ୍ଥିତ ଥିଲେ।

### ଶହୀଦଙ୍କ ସ୍ମୃତିରେ ଶୋଭାଯାତ୍ରା

**ବରଗଡ଼ ଅଫିସ୍,୨୦।୨:** ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣାରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ବରଗଡ଼ ମହିଳା ସଙ୍ଗଠନ ପକ୍ଷରୁ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ମହିଳାମାନେ ସ୍ଥାନୀୟ ଲେଙ୍ଗୁ ମିଶ୍ର ଛକରେ ସମବେତ ହୋଇ ପ୍ରଥମେ ଲେଙ୍ଗୁ ମିଶ୍ରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ମହମବତୀ ପ୍ରଜ୍ୱଳନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରାଟି ସ୍ଥାନୀୟ ଥାନାଛକ ଦେଇ ଗାନ୍ଧୀଛକକୁ ପହଞ୍ଚିଥିଲା। ସେଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏଥିରେ ପ୍ରୀତିକନା ମଜୁମଦାର, ସୁଜାତା ସାହୁ, ମୀନତି ଭୋଇ, ଜ୍ୟୋସ୍ନା ପାଇକ, ସୁଜାତା ବେହେରା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମହମବତୀ ଶୋଭାଯାତ୍ରାରେ ମହିଳାଙ୍କ ସମେତ ଛାତ୍ରୀଛାତ୍ର ସାମିଲ ଥିଲେ।

# ଅବାଧ, ନିରପେକ୍ଷ ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱ

- ଏଥର ଟ୍ରକ୍ ଯୋଗେ ବୁହା ହେବେନି ବୁଥ୍‌ସ୍ତରୀୟ ଅଧିକାରୀ
- ନିର୍ବାଚନୀ ପ୍ରଶିକ୍ଷଣ ଶିବିରରେ ଜିଲାପାଳଙ୍କ ସୂଚନା

**ବୀରମହାରାଜପୁର, ୨୦।୨(ଡି.ଏନ୍.ଏ)**

ନିର୍ବାଚନ ପରିଚାଳନାକୁ ଏଥର ଅଧିକ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ଉପରେ ଭାରତର ନିର୍ବାଚନ କମିଶନ ଗୁରୁତ୍ୱାରୋପ କରିଛନ୍ତି। ଏହାର ଯଥାଯଥ ଅନୁପାଳନ ପାଇଁ ଏହି କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଧ୍ୟାନ ଦେବାକୁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ମିଶ୍ର ଏବଂ ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଶରତଚନ୍ଦ୍ର ପଣ୍ଡା ମଙ୍ଗଳବାର ବୀରମହାରାଜପୁରଠାରେ ପ୍ରିଜାଇଡିଙ୍ଗ ଅଫିସର ଓ ପୋଲିଙ୍ଗ ଅଫିସରମାନଙ୍କ ପାଇଁ ଚାଲିଥିବା ୨ଟି ଯାକ ପ୍ରଶିକ୍ଷଣ ଶିବିର ତଦାରଖ କରିବାସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏଥର ନିର୍ବାଚନ କାର୍ଯ୍ୟରେ ନିୟୋଜିତ କୌଣସି ଅଧିକାରୀଙ୍କୁ ଆଗଭଳି ଟ୍ରକ୍ ଯୋଗେ ମତଦାନ କେନ୍ଦ୍ରକୁ ବୁହାହେବ ନାହିଁ। ସେମାନଙ୍କ ପରିବହନ ସକାଶେ ପ୍ରଶାସନ ପକ୍ଷରୁ ବସ୍ ଓ ଯାତ୍ରୀ ପରିବହନ ଗାଡିର ସୁବ୍ୟବସ୍ଥା କରାଯାଇଛି।



ପ୍ରିଜାଇଡିଂ ଓ ପୋଲିଙ୍ଗ ଅଫିସରଙ୍କ ପ୍ରଶିକ୍ଷଣ କେନ୍ଦ୍ର ତଦାରଖ ଅବସରରେ ବୁଧବାର ଜିଲାପାଳ ଏବଂ ଅତିରିକ୍ତ ଜିଲାପାଳ ପ୍ରଶିକ୍ଷାର୍ଥୀ ମାନଙ୍କୁ ସୂଚନା ପ୍ରଦାନ କରୁଛନ୍ତି।

ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ୨୬୭ ମତଦାନ କେନ୍ଦ୍ର ମଧ୍ୟରୁ ଅଧିକାଂଶ କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ନଥିବାରୁ ନିର୍ବାଚନ ତାରିଖର ଅନ୍ୟୁନ ୫ଦିନ ପୂର୍ବରୁ ସେସବୁ ସ୍କୁଲ ମାନଙ୍କରେ ବିଦ୍ୟୁତୀକରଣ ପାଇଁ ପଦକ୍ଷେପ ନିଆଯାଇଛି। ପୋଲିଙ୍ଗ ଷ୍ଟାଫ୍ ଯେପରି ମତଦାନ କେନ୍ଦ୍ରରେ ପହଞ୍ଚିବାଠାରୁ ପ୍ରସ୍ଥାନ ପର୍ଯ୍ୟନ୍ତ ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପାଇଁ ସମ୍ପୃକ୍ତ ବୁଥ୍ ଲେବେଲ ଅଫିସର (ବିଏଲଓ)ମାନଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଦିଆଯାଇଛି। ପ୍ରତି ବ୍ଲକରେ ଅନ୍ତତଃ ୨/୩ ଟି ମହିଳା ବୁଥ୍ କରାଯିବାର ପ୍ରସ୍ତାବ ରହିଛି ବୋଲି ଜିଲାପାଳ ଓ ଅତିରିକ୍ତ ଜିଲାପାଳ ସୂଚନା ପ୍ରଦାନ କରିଥିଲେ। ଏତଦ୍ବ୍ୟତୀତ ମତଦାତାମାନଙ୍କ ବିଶ୍ୱାସନୀୟତାକୁ ଦୃଷ୍ଟିରେ ରଖି ଏଥର ପ୍ରଥମ କରି ଭିଭିପାଟ୍ର ବ୍ୟବହାର କରାଯାଉଛି। ଏହାର ସୁପରିଚାଳନା ଦିଗରରେ ପ୍ରିଜାଇଡିଂ ତଥା ପୋଲିଙ୍ଗ ଅଧିକାରୀମାନେ ଯତ୍ନଶୀଳ ହେବା ସଙ୍ଗେସଙ୍ଗେ ସମସ୍ତ କାର୍ଯ୍ୟ ସମ୍ପାଦନରେ ନିରପେକ୍ଷତା ଅବଲମ୍ବନ କରିବା ଜରୁରୀ ବୋଲି କୁହାଯାଇଥିଲା। ବୀରମହାରାଜପୁର ଉପଜିଲାପାଳ ତଥା ଏହି ନିର୍ବାଚନ ମଣ୍ଡଳୀର ରିଟର୍ନିଙ୍ଗ ଅଫିସର ସୁବ୍ରତ କୁମାର ବେହେରା ତାଲିମ ସମ୍ପର୍କରେ ଆଲୋକପାତ କରିଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆସନ୍ତା ସାଧାରଣ ନିର୍ବାଚନର ପ୍ରସ୍ତୁତି ସ୍ୱରୂପ ଏହି ନିର୍ବାଚନ ମଣ୍ଡଳୀର ୨୬୭ ବୁଥ୍‌ରେ ନିର୍ବାଚନ ପାଇଁ ପ୍ରିଜାଇଡିଂ ଅଫିସରଙ୍କ ସମେତ ସର୍ବମୋଟ ୧୬୦୨ ଅଧିକାରୀ ନିୟୋଜିତ ହେବେ। ତା ଛଡା ଅଧିକ ୧୦ ପ୍ରତିଶତ ଅଧିକାରୀଙ୍କୁ ଜରୁରୀ ପରିସ୍ଥିତି ସକାଶେ ରିଜର୍ଭ ରଖାଯିବାର ବ୍ୟବସ୍ଥା କରାଯାଇଛି। ଏହାବାଦ ୩୨ ଜଣ ସେକ୍ଟର ଅଫିସର ନିୟୋଜିତ ହେବେ ବୋଲି ଉପଖଣ୍ଡ ପ୍ରଶାସନ ପକ୍ଷରୁ ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁ ସୂଚୀତ କରିଛନ୍ତି।

## ଚୋରି ମୋଟର ପମ୍ପ ଉଦ୍ଧାର, ୭ ଗିରଫ

**ବିଜେପୁର,୨୦।୨(ଡି.ଏନ.ଏ)**

ବରଗଡ଼ ଜିଲା ବିଜେପୁର ଥାନା ପୋଲିସ ଲେମଧର ଗ୍ରାମରୁ ଚୋରି ହୋଇଥିବା ୪ଟି ମୋଟର ପମ୍ପ ବୁଧବାର ଉଦ୍ଧାର କରିଛି। ଏହା ସହିତ ଏଥିରେ ସମ୍ପୃକ୍ତ ୭ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲେମଧର ଗ୍ରାମର ପିଣ୍ଟୁ ବାଗ(୨୦), ବ୍ରହ୍ମାଞ୍ଚ ବୁଢ଼େକ(୨୬), ଲବଣୀ ବିଭାର(୫୫), ମନବୋଧ ମହାନନ୍ଦ(୧୯), ବିଜେପୁରର ପିଣ୍ଟୁ ଭୋସାଗର (୨୯), ଶାନ୍ତନୁ ମହାନନ୍ଦ (୨୮) ଏବଂ ବନ୍ଧପାଲିର ଚୂଡ଼ାମଣି ମେହେର (୪୩)। ସେମାନଙ୍କ ବିରୋଧରେ ବିଜେପୁର ଥାନାରେ ଏକ ମାମଲା (ନଂ.୩୪/୧୯) ରୁଜୁ ହୋଇଛି। ପ୍ରକାଶ ଯେ, ଗତ କିଛିଦିନ ତଳେ ଲେମଧର ଗ୍ରାମର ସୁଶାନ୍ତ କୁମାର ବାଗଙ୍କ ମୋଟରପମ୍ପ ଚୋରି ହୋଇଥିଲା। ଏ ନେଇ ସେ ବିଜେପୁର ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଉପରୋକ୍ତ ମାମଲା ରୁଜୁ କରି ଅନୁସନ୍ଧାନ ଚଳାଇଥିଲା। ଅନୁସନ୍ଧାନରେ ଉପରୋକ୍ତ ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ପିଣ୍ଟୁ ବାଗ, ପିଣ୍ଟୁ ଭୋସାଗର, ବ୍ରହ୍ମାଞ୍ଚ ଏବଂ ଶାନ୍ତନୁ ମୋଟରପମ୍ପ ଚୋରିକରି ଥିବାବେଳେ ଅନ୍ୟ ୩ ଅଭିଯୁକ୍ତ ଲବଣୀ, ମନବୋଧ ଏବଂ ଚୂଡ଼ାମଣି ସେହି ଚୋରି ମୋଟରପମ୍ପକୁ କିଣିଥିଲେ।

# ଚାଷୀ ଆନ୍ଦୋଳନ ଜାରି, ବ୍ୟାଙ୍କରେ ଝୁଲୁଛି ତାଲା

**ଅତାବିରା**
- ଫସଲବୀମା ପ୍ରଦାନ ଦାବି
- ଦ୍ୱିତୀୟ ଦିନରେ ବ୍ୟାଙ୍କ କାରବାର ଠପ
- ସେବା ସମବାୟ ସମିତିରେ ତାଲା ପକାଇଲେ ଚାଷୀ, ଆନ୍ଦୋଳନ ବିଫଳ

**ଅତାବିରା, ୨୦।୨ (ଡି.ଏନ.ଏ)**

୨୦୧୭ ମସିହା ଖରିଫ ଋତୁରେ ବରଗଡ଼ ଜିଲାର ବିଭିନ୍ନ ବ୍ଲକର ଚାଷୀମାନଙ୍କ ବ୍ୟାପକ ଧାନ ଫସଲ କ୍ଷୟକ୍ଷତି ହୋଇଥିଲା। ନ୍ୟାଶନାଲ ବୀମା କମ୍ପାନୀ ଫସଲବୀମା ନିୟମାବଳୀ ଏବଂ ସରକାରଙ୍କ ହାଇ ପାୱାର କମିଟି ଆଦେଶକୁ ଅମାନ୍ୟ କରି ବିଭିନ୍ନ ଆଳ ଦେଖାଇ ଅନେକ ଗ୍ରାମ ପଞ୍ଚାୟତର ଚାଷୀମାନଙ୍କ ଫସଲବୀମା ରାଶି ପୈଠ କରୁ ନାହାନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ବିଭ୍ରାଟ ଏବଂ ବକେୟା ବୀମାରାଶି ପ୍ରଦାନ ଦାବିରେ ମଙ୍ଗଳବାରଠାରୁ ଅତାବିରା, ଗୋଡଭଗା, ଲରମ୍ବା, ଜାତୀୟକରଣ ବ୍ୟାଙ୍କ ଓ ସେବା ସମବାୟ ସମିତି ଗୁଡିକରେ ଚାଷୀମାନେ ଆଇନକୁ ହାତକୁ ନେଇ ନିଜର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବ୍ୟାଙ୍କ ଗୁଡିକରେ ତାଲା ପକାଇ ଦେଇଛନ୍ତି। ବୀମା ଟଙ୍କା ନ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖାଯିବ ବୋଲି ଚାଷୀ ନେତା ସୁରେଶ କର୍ଣ୍ଣ କହିଛନ୍ତି। ବୁଧବାର ଦ୍ୱିତୀୟ ଦିନରେ ମଧ ଚାଷୀମାନେ ଆନ୍ଦୋଳନ ଜାରି ରଖିଛନ୍ତି। ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକଙ୍କ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅତାବିରାକୁ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ ମଧ ତାହା ବିଫଳ ହୋଇଛି। ବୁଧବାର ଚାଷୀମାନେ ବୁଗବୁଗା ପଞ୍ଚାୟତ ସ୍ଥିତ ଝିଲିମିଣ୍ଡା ସେବା ସମବାୟ ସମିତିରେ ମଧ ତାଲା ପକାଇ ଦେଇଛନ୍ତି। ବର୍ତ୍ତମାନ ରବି ଧାନ ଚାଷ ଚାଲିଥିବାରୁ ଚାଷୀମାନେ ରାସାୟନିକ ସାର, ଔଷଧ ନେବାକୁ ଆସୁଥିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କ ଗୁଡିକ ବନ୍ଦ ଥିବାରୁ ଗ୍ରାହକମାନେ ଜରୁରୀ ପଡିଲେ ମଧ ଟଙ୍କା ଉଠାଣ କରିପାରୁ ନ ଥିବା ଅସବିଧାର ସମ୍ମୁଖୀନ ହେଉଛନ୍ତି। ଚାଷୀନେତା ଚୈତନ୍ୟ କର୍ଣ୍ଣ, ସୁରେଶ କର୍ଣ୍ଣ, ବାବାଜୀ ପ୍ରଧାନ, ଜେଠୁ ପ୍ରଧାନ ପ୍ରମୁଖ ଚାଷୀ ଆଲୋଚନାରେ ଭାଗ ନେଇଥିଲେ।

# ଭୂମି ପୂଜନ ପାଇଁ କଳସ ଶୋଭାଯାତ୍ରା



ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

**ଗାଇସିଲେଟ,୨୦।୨(ଡି.ଏନ.ଏ)**

ଗାଇସିଲେଟରେ ବୁଧବାର ସକାଳ ୯ରେ ଶ୍ରୀରାମଜୀ ମହିଳା ମହାବିଦ୍ୟାଳୟ, ଶ୍ରୀରାମଜୀ ମନ୍ଦିର ଓ କଲ୍ୟାଣ ମଣ୍ଡପର ଭୂମି ପୂଜନ ପାଇଁ ଏକ ଦିବ୍ୟଜ୍ୟୋତି ବିଜୟ ଯାତ୍ରା ସହ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ ସରକାରୀ କଟାରୁ ଜଳପୂର୍ଣ୍ଣ କଳସ ଓ ଗ୍ରୀଣ୍ଡୋଲମାଲଠାରେ ଥିବା ଶ୍ରୀରାମଜୀ ମନ୍ଦିରରୁ ଆଜ୍ଞାମାଳ ନେଇ ପାଞ୍ଚପଲିଆ ଗୁଡି ତେଲିପୁଖା ପାଣି ଛକ (ଭାରତୀ ବିହାର) ଠାରେ ପ୍ରସ୍ତାବିତ ଭୂମି ପୂଜନ ସ୍ଥଳରେ ସ୍ଥାପନ କରିଥିଲେ। ମଙ୍ଗଳବାର ସକାଳ ୭ରେ ଦିବ୍ୟଜ୍ୟୋତି ବିଜୟଯାତ୍ରା ଜାମୁଟପାଲିସ୍ଥିତ ବୀର ହନୁମାନ ମନ୍ଦିରରୁ ବାହାରିଥିଲା। ସନ୍ଧ୍ୟାରେ ଆଞ୍ଚଳିକ ଲୋକ କଳା ଦଣ୍ଡନାଚ, ଖଣିବାଦ୍ୟ, ସମ୍ପ୍ରଦା, ଘୁଡୁକା ନାଚ, ପାଲା, ଭଜନ ଆଦି ପରିବେଷଣ ହୋଇଥିଲା। ସେବାରାମ ଦାସ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଗାଇସିଲେଟ ତହସିଲଦାର ଭଗତ ସେଟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କାହ୍ନୁ ଚରଣ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁବାର ଓ ଶୁକ୍ରବାରଅଖଣ୍ଡ ନାମ ସଙ୍କୀର୍ତ୍ତନ ଓ ବୈଦିକ ଯଜ୍ଞ ଅନୁଷ୍ଠିତ ହେବ। ହେମନ୍ତ କୁମାର ବାରିକ, ସୀତାରାମ ଭୋଇ, କ୍ଷମାସାଗର ସାହୁ, ଗଣେଶରାମ ସାହୁ, ପରାସର ସାହୁ, ପ୍ରଦୀପ କୁମାର ପ୍ରଧାନ, ଅଲେଖ ଚୈତନ୍ୟ ପ୍ରଧାନ, ପଙ୍କଜ ପଧାନ, ନିମାଇଁ ବରିହା, ଶେଷଦେବ ବରିହା, ଶ୍ୟାମ ସୁନ୍ଦର ପଧାନ, ପୁରନ୍ଦର ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ

**ଜାମଟିକ୍ରା, ୨୦।୨ (ଡି.ଏନ.ଏ)**

ଅତାବିରା ଏନଏସି ଅନ୍ତର୍ଗତ ଲାଦରପାଲି ଖେଳ ପଡିଆରେ ଚାଲିଥିବା ଜିଲାସ୍ତରୀୟ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ପାର୍ବତୀ ମନ୍ଦିରଠାରୁ ଯଜ୍ଞ ମଣ୍ଡପ ପର୍ଯ୍ୟନ୍ତ ୧୦୦୮ ଶ୍ରଦ୍ଧାଳୁ ଏକ ଭବ୍ୟ କଳସ ଯାତ୍ରାରେ ଆସିଥିଲେ। ଉକ୍ତ ମହାଯଜ୍ଞରେ ବିଭିନ୍ନ ପ୍ରକାର ସଂସ୍କାର ଧର୍ମୀ ବିବାହ, ବ୍ରତ, ନାମକରଣ, ଅନ୍ନପ୍ରାସନ୍ନ ଆଦି ବୈଦିକ ରୀତିନୀତିରେ କରାଯାଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଯୁଗ ସଙ୍ଗୀତ ଏବଂ ପ୍ରବଚନ ହୋଇଥିଲା। ହରିଦ୍ୱାରରୁ ଆସିଥିବା ପଣ୍ଡିତ ବିଶ୍ୱ ପ୍ରକାଶ ତ୍ରିପାଠୀ, ସୋମେଶ୍ୱର ଭୋଇ, ଚିନ୍ତାରାମ, ତ୍ରିଲୋଚନ ସାହୁ ପ୍ରମୁଖ ଯଜ୍ଞର ମହତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ଯଜ୍ଞ ସୁସ୍ଥ ପରିବେଶ ଗଠନ କରିବାରେ ସହାୟକ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ଗାୟତ୍ରୀ ପରିବାରର ସମସ୍ତେ ମିଶି ପୁଲୱାମାଠାରେ ଶହୀଦ ହୋଇଥିବା ଯବାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଗାୟତ୍ରୀ ମନ୍ତ୍ର ପାଠ କରିଥିଲେ। ଯଜ୍ଞରେ ୨୫ ଯୋଡି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବନମାଳି କଠାର, ଚୁଡାମଣି ଦୀପ, ଦିବାକାର ପ୍ରଧାନ, ଅନ୍ନପୂର୍ଣ୍ଣା ଭୋଇଙ୍କ ସମେତ ଗ୍ରାମବାସୀ ଓ ଗାୟତ୍ରୀ ପରିବାର ସହଯୋଗ କରିଥିଲେ।



ମୁଖ୍ୟମନ୍ତ୍ରୀଙ୍କ ସୋହେଲା ସଭା ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

# ଆଜି ଆସିବେ ମୁଖ୍ୟମନ୍ତ୍ରୀ

**ବରଗଡ଼ ଅଫିସ୍/ ସୋହେଲା,୨୦।୨(ଡି.ଏନ.ଏ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ବରଗଡ଼ ଜିଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ସୋହେଲା ବ୍ଲକ ଅନ୍ତର୍ଗତ ଇଚ୍ଛାପାଲିରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଉଦବୋଧନ ଦେବା ସହିତ ସେ ୨୦୩୬ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ କରିବେ। ମୁଖ୍ୟମନ୍ତ୍ରୀ ଦିନ ୧୦ଟା ୫ମିନିଟ୍‌ରେ ବିଜୁ ପଟ୍ଟନାୟକ ଏୟାରପୋର୍ଟ, ଭୁବନେଶ୍ୱରରୁ ଏୟାରକ୍ରାଫ୍ଟ ଯୋଗେ ବାହାରି ଦିନ ୧୧ଟାରେ ବରଗଡ଼ ଜିଲା ପଦ୍ମପୁର ନିକଟ ସତୀଭଟା ଏୟାରଷ୍ଟ୍ରିପ୍‌ରେ ପହଞ୍ଚିବେ। ସେଠାରୁ ସେ ପୂର୍ବରୁ ସେଠାରେ ରହିଥିବା ଏକ ହେଲିକପ୍ଟର ଯୋଗେ ଆସି ଦିନ ୧୧ଟା ୨୦ମିନିଟ୍‌ରେ ଇଚ୍ଛାପାଲିର ଅସ୍ଥାୟୀ ହେଲିପ୍ୟାଡ଼ରେ ଓହ୍ଲାଇବେ ଏବଂ ଦିନ ସାଢ଼େ ୧୧ଟାରେ ସେଠାକାର ସଭାମଞ୍ଚକୁ ଯାଇ ଉଦବୋଧନ ଦେବା ସହିତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ କରିବେ। ଏହାପରେ ମଧ୍ୟାହ୍ନ ପ୍ରାୟ ୧୨ଟା ୧୦ମିନିଟ୍‌ରେ ସଭାମଞ୍ଚ ଛାଡ଼ି ଦିନ ୧୨ଟା ୨୦ମିନିଟ୍‌ରେ ହେଲିକପ୍ଟର ଯୋଗେ ପୁଣି ସତୀଭଟା ଏୟାରଷ୍ଟ୍ରିପ ଅଭିମୁଖେ ଯିବେ ଏବଂ ସେଠାରୁ ଦିନ ୧୨ଟା ୪୦ମିନିଟ୍‌ରେ ବାହାରି ଦିନ ଦେଢ଼ଟାରେ ନବୀନ ନିବାସ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି।

ଏହି ସମାବେଶ ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇ ସାରିଛି। ବରଗଡ ଜିଲାପାଳ ଇନ୍ଦ୍ରମଣୀ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପ୍ରସ୍ତୁତି ହୋଇଛି। ବୁଧବାର ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ବରଗଡ ଏସ୍‌ପି ମୁକେଶ ଭାମୁ, ବରଗଡ ଡିଏସପି ନଗେନ ନାୟକ, ପଦ୍ମପୁର ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା ପ୍ରମୁଖ ସଭାସ୍ଥଳକୁ ଆସି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଥିଲେ। ଏହି ସମାବେଶରେ ୫ଟି ଜିଲାର ପ୍ରାୟ ଦେଢ଼ଲକ୍ଷ ଚାଷୀ, ମହିଳା ଓ ଯୁବଗୋଷ୍ଠୀଙ୍କ ସମାଗମ ହେବ। ଏହି ସମାବେଶରେ ଦ୍ୱିତୀୟ ପର୍ଯ୍ୟାୟରେ ୧୮ଲକ୍ଷ ଚାଷୀ ଓ ଭୂମିହୀନଙ୍କୁ କାଳିଆ ଯୋଜନାରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ଆକାଉଣ୍ଟକୁ ୫ହଜାର ଟଙ୍କା ଲେଖାଏଁ ପଠାଇବେ। ଶାନ୍ତି ଓ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ୮ଜଣ ଡିଏସ୍‌ପି, ୧୫ଜଣ ଇନ୍ସପେକ୍ଟର, ୯୭ଜଣ ଏସଆଇ ଓ ଏଏସଆଇ, ୨ଶହ ହୋମଗାର୍ଡ ଓ ୩୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ।

## ସ୍ୱାସ୍ଥ୍ୟକାନ୍ଥରେ ନିୟମିତ ସୂଚନା ରହୁନି

**ଜାମଟିକ୍ରା, ୨୦।୨ (ଡି.ଏନ.ଏ)**

ସୁସ୍ଥ ଗାଁ, ସୁସ୍ଥ ପଞ୍ଚାୟତ ଗଢ଼ିବାର ନାରାବାଜି କରୁଥିବା ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଗାଁ କଲ୍ୟାଣ ସମିତି ଯୋଜନା ପ୍ରହସନ ପାଲଟିଥିବା ମନେ ହେଉଛି। ଗାଁ ମାନଙ୍କରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ସହ ଗ୍ରାମବାସୀଙ୍କ ଭାଗିଦାରିତା ପାଇଁ ପ୍ରତ୍ୟେକ ଗାଁରେ ତିଆରି ହୋଇଥିବା ଗାଁ କଲ୍ୟାଣ ସମିତି ସ୍ଥାଣୁ ହୋଇ ପଡିଥିବା ଅଭିଯୋଗ ହେଉଛି। ଅତାବିରା ବ୍ଲକ କୁଲୁଣ୍ଡା ପଞ୍ଚାୟତର କୁଲୁଣ୍ଡା ସ୍କୁଲରେ ନୂତନ ଭାବେ ସ୍ୱାସ୍ଥ୍ୟକାନ୍ଥ ନିର୍ମାଣ କରାଯାଇଛି। କିନ୍ତୁ ସ୍ୱାସ୍ଥ୍ୟ କାନ୍ଥରେ ନିୟମିତ ସ୍ୱାସ୍ଥ୍ୟ ସୂଚନା ଲେଖା ଯାଉନାହିଁ। ଫଳରେ ଗ୍ରାମବାସୀ ସ୍ୱାସ୍ଥ୍ୟବାର୍ତ୍ତା ପାଇପାରୁ ନାହାନ୍ତି। ସ୍ୱାସ୍ଥ୍ୟ କାନ୍ଥଟି ଅସୁସ୍ଥ ହୋଇପଡିଛି। ଏ ସମ୍ପର୍କରେ କୁଲୁଣ୍ଡା ସ୍ୱାସ୍ଥ୍ୟକାନ୍ଥ ଦାୟିତ୍ୱରେ ଥିବା ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଚନ୍ଦ୍ରକାନ୍ତି ପଧାନଙ୍କୁ ପଚାରିବାରୁ ଏଥର ନିୟମିତ ସ୍ୱାସ୍ଥ୍ୟସୂଚନା ଲେଖାଯିବ ବୋଲି କହିଥିଲେ।




କୁଲୁଣ୍ଡାରେ ସ୍ୱାସ୍ଥ୍ୟକାନ୍ଥ।

# ଆଖୁଚାଷ ପ୍ରତି କମୁଛି ଆଗ୍ରହ

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୨୦।୨**

ଧାନଚାଷରେ କ୍ରମାଗତ କ୍ଷତିଗ୍ରସ୍ତ ହେବା ଯୋଗୁ ଅନ୍ୟ ଫସଲ ପାଇଁ ଚାଷୀଙ୍କୁ ପ୍ରବର୍ତ୍ତାଯାଉଛି। ଆଖୁଚାଷ ଲାଭଜନକ ଫସଲ ଏବଂ ଏହି ଚାଷ କରିବା ପାଇଁ ମଧ୍ୟ ବିଭିନ୍ନ ସମୟରେ ଚାଷୀଙ୍କୁ ପରାମର୍ଶ ଦିଆଯାଉଛି। ମାତ୍ର ଆଖୁଚାଷୀଙ୍କ ଉତ୍ପାଦିତ ଆଖୁ କିଣିବା, କ୍ରୟ ଆଖୁର ପ୍ରାପ୍ୟ ନିର୍ଦ୍ଧାରିତ ସମୟରେ ପ୍ରଦାନ କରିବା ତ ଦୂରର କଥା, ବରଗଡ଼ ସହର ଉପକଣ୍ଠ ତୋରା ସମବାୟ ଚିନିକଳର ପୁନରୁଦ୍ଧାର ପ୍ରତି ସରକାର ଆଖି ବୁଜି ଦେଇଛନ୍ତି। ଦୀର୍ଘ ୨ବର୍ଷର ପ୍ରାପ୍ୟ ପାଇ ନ ପାରି ଚିନିକଳ କର୍ମଚାରୀମାନେ ୭୨ଦିନ ହେଲା ଜିଲାପାଳ ଅଫିସ ଆଗରେ ରିଲେ ଧାରଣାରେ ବସିଛନ୍ତି। ଆଖୁଚାଷୀମାନେ ମଧ୍ୟ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଛନ୍ତି। ମାତ୍ର ଏପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ହେବା ଦୂରେ ଥାଉ, ଧାରଣାସ୍ଥଳକୁ କୌଣସି ସରକାରୀ ଅଧିକାରୀଙ୍କ ପାଦ ପଡ଼ିନାହିଁ। ଆଖୁଚାଷୀ ଏବଂ ଚିନିକଳ କର୍ମଚାରୀଙ୍କୁ କିଭଳି ଅଣଦେଖା କରାଯାଉଛି, ତାହା ଏଥରୁ ସ୍ପଷ୍ଟ ପ୍ରତିଫଳିତ ହେଉଛି। ସରକାରଙ୍କ ଏଭଳି ମନୋଭାବ ଯୋଗୁ ଜିଲାରେ ଆଖୁଚାଷ ପ୍ରତି ଚାଷୀଙ୍କ ଆଗ୍ରହ କମିବାରେ ଲାଗିଛି।

କୃଷି ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦୧୬–୧୭ ରବିଋତୁରେ ଜିଲାରେ ୧୩୫୦ ହେକ୍ଟର ଜମିରେ ଆଖୁଚାଷ ହୋଇଥିଲା। କିନ୍ତୁ ତୋରା ସମବାୟ ଚିନିକଳ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଥିବାବେଳେ ଚାଷୀଙ୍କଠାରୁ ଠିକ୍ ଭାବେ ଉତ୍ପାଦିତ ଆଖୁ ନିଆଯାଇ ନ ଥିଲା। ସେହିପରି ଚାଷୀଙ୍କୁ ପ୍ରାପ୍ୟ ମିଳି ନ ପାରିବା କାରଣରୁ ପରବର୍ତ୍ତୀ ସମୟରେ ଆଖୁଚାଷ ପ୍ରତି ଚାଷୀମାନେ ମୁହଁ ଫେରାଇ ଦେଇଛନ୍ତି। ଏହାପରଠାରୁ ଜିଲାରେ ଆଖୁଚାଷ ଯଥେଷ୍ଟ କମ ପରିମାଣ ଅର୍ଥାତ୍ ଏକ ତୃତୀୟାଂଶକୁ ହ୍ରାସ ପାଇଛି। ୨୦୧୮ ଖରିଫରେ କେବଳ ୪୫୦ ହେକ୍ଟର ଜମିରେ ଆଖୁଚାଷ ହୋଇଥିବାବେଳେ ଚଳିତ ରବି ଋତୁରେ ମଧ୍ୟ ୪୫୦ ହେକ୍ଟର ଆଖୁଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ଅନ୍ୟପଟେ ବରଗଡ଼ ଜିଲା ତୋରା ସମବାୟ ଚିନିକଳ କୁ ମଧ୍ୟ ହରାଇବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ତେବେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଜିଲା ଗସ୍ତରେ ଆସୁଥିବାବେଳେ ଜିଲାର ଆଖୁଚାଷୀ ଏବଂ ଚିନିକଳ ପ୍ରତି ତାଙ୍କର କିଭଳି ଆଭିମୁଖ୍ୟ ରହିବ, ସେଥିପ୍ରତି ଏବେ ସର୍ଭଙ୍କ ନଜର ରହିଛି।



ବରଗଡ଼ ଜିଲାପାଳ ଅଫିସ ଆଗରେ ୭୨ଦିନରେ ପହଞ୍ଚିଥିବା କର୍ମଚାରୀ–ଚାଷୀଙ୍କ ରିଲେ ଧାରଣା।

## ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟକୁ ନଜର



“୨୪ମାସ ହେଲା ଦରମା ମିଳିନି। ଏଥିପାଇଁ ୭୨ଦିନ ହେଲା ଧାରଣାରେ ବସିଛୁ। ମୁଖ୍ୟମନ୍ତ୍ରୀ ତାଙ୍କ ସୋହେଲା ଗସ୍ତରେ ନିଶ୍ଚିତ ଆମ ସମସ୍ୟା ପ୍ରତି କିଛି ଠୋସ୍ ଘୋଷଣା କରିବେ ବୋଲି ଆଶା ରଖିଛୁ। -**ସତ୍ୟବ୍ରତ ପଟ୍ଟନାୟକ**



“ଚିନିକଳ ସମସ୍ୟା ତଥା କର୍ମଚାରୀଙ୍କ ଅସୁବିଧାକୁ ସରକାର ହୃଦୟଙ୍ଗମ କରୁନାହାନ୍ତି। ଫଳରେ ଆଖୁଚାଷ ପ୍ରତି ଏହାର ପ୍ରତିକୂଳ ପ୍ରଭାବ ପଡୁଛି। ମୁଖ୍ୟମନ୍ତ୍ରୀ କିଛି ପଦକ୍ଷେପ ନେବା ଦରକାର। -**କିଶୋର ଚନ୍ଦ୍ର ଆଚାର୍ଯ୍ୟ**



“ମୁଁ ନଅଗାଁର ଜଣେ ଆଖୁଚାଷୀ। ଆଗରୁ ବେଶୀ ଚାଷ କରୁଥିଲି। କିନ୍ତୁ ଆଉ ଆଖୁଚାଷ କରିବାକୁ ମନ ହେଉନାହିଁ। ଆଖୁଚାଷୀଙ୍କ ପ୍ରତି ସରକାର ଆଖି ବୁଜି ଦେଇଛନ୍ତି। -**ରମେଶ ଚନ୍ଦ୍ର ପ୍ରଧାନ**



“ମୁଁ କେଶେଇପାଲିର ଜଣେ ଆଖୁଚାଷୀ। ଗତଥର ୫ଏକର ଜମିରୁ ଉତ୍ପାଦିତ ଆଖୁକୁ ଢ଼େଙ୍କାନାଳ ପଠାଇଥିଲି। ଏଥର ୧ ଏକର ଜମିରେ କରିଛି। କେଉଁଠି ବିକିବି, ଚିନ୍ତାରେ ପଡ଼ିଛି। -**ସଦାନନ୍ଦ ବାରିକ**



“ମୁଁ ବଗେଇବିରାର ଜଣେ ଆଖୁଚାଷୀ। ୧ଏକର ଜମିରେ ଆଖୁଚାଷ କରିଛି। ୧୯୯୧ରୁ ଲଗାତର ଆଖୁଚାଷ କରିଆସୁଛି। କିନ୍ତୁ ଆଖୁଚାଷୀଙ୍କୁ ସରକାର ଅଣଦେଖା କରୁଥିବାରୁ ଆଉ ଚାଷ ପ୍ରତି ମନ ନାହିଁ। -**ଗୋପେନ୍ଦ୍ର ପ୍ରଧାନ**



"ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ୱେଷ୍କୋ ପକ୍ଷରୁ ଏଲ୍ଇଡି ବଲ୍ବ ବଣ୍ଟନ

କୁଆଁରମୁଣ୍ଡା, ୨୦।୨(ଡି.ଏନ.ଏ)- ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ଗ୍ରାମାଞ୍ଚଳର ଗରିବ ହିତାଧିକାରୀଙ୍କୁ ସୌଭାଗ୍ୟ ଯୋଜନା ମାଧ୍ୟମରେ ୱେଷ୍କୋ ପକ୍ଷରୁ ଏଲ୍ଇଡି ବଲବ୍ ବଣ୍ଟନ କରାଯାଉଛି। ଏ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ବ୍ଲକର ପଦ୍ମପୁର ପଞ୍ଚାୟତରେ କୁଆଁରମୁଣ୍ଡା ୱେଷ୍କୋ ପକ୍ଷରୁ ଖାଦ୍ୟ ସୁରକ୍ଷା ହିତାଧିକାରୀମାନଙ୍କୁ ଏଲଇଡି ବଲବ୍ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ୱେଷ୍କୋ ଏସଡିଓ ଶୁଭାଶିଷ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏଲଇଡି ବଲବ୍ ପ୍ରଦାନ କରିଥିଲେ। ଏଥିରେ ପଦ୍ମପୁର ସମିତି ସଭ୍ୟା ରୋସା କିଷାନ, ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ, ଜେଇ ସ୍ମିତାରାଣୀ ନାଥ, ପିଇଓ ଦେବବ୍ରତ ଦାସ, କୁଆଁରମୁଣ୍ଡା ବ୍ଲକ ଏପିଓ କୃଷ୍ଣମୋହନ ନାୟକ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଡୁମେରଯୋର ପଞ୍ଚାୟତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ୱେଷ୍କୋ କନିଷ୍ଠ ଯନ୍ତ୍ରୀ ସ୍ମୃତି ଚନ୍ଦନପଣ୍ଡା ଗରିବ ହିତାଧିକାରୀମାନଙ୍କୁ ଏଲଇଡି ବଣ୍ଟନ କରିଛନ୍ତି। ଡୁମେରଯୋର ସମିତି ସଭ୍ୟ ତଥା ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର କୁଜୁର, ସରପଞ୍ଚ ସୁକରାମ ଓରାମ, ଜେଇ ରୀନା କୁଜୁର,ପିଇଓ ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ତେଜୁଛି ବିସ୍ଥାପିତଙ୍କ ଆନ୍ଦୋଳନ

ନୂଆପଡା ଅଫିସ/ଖଡିଆଳ, ୨୦।୨ (ଡି.ଏନ.ଏ.)

ଆଜକୁ ଉଣେଇଶି ବର୍ଷ ତଳେ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ନିର୍ମାଣ କାମ ଆରମ୍ଭ ହେଲା । ସେତେବେଳେ ବିଭିନ୍ନ ଦାବି ନେଇ ଆମେ ଏହାକୁ ତୀବ୍ର ବିରୋଧ କରିଥିଲୁ । ସରକାର ସେତେବେଳେ ସବୁ ଦାବିକୁ ପୂରଣ କରି ଡ୍ୟାମ ନିର୍ମାଣ କରିବେ ବୋଲି ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ବିସ୍ଥାପିତଙ୍କ ଦାବି ଅପେକ୍ଷା ଡ୍ୟାମ ନିର୍ମାଣ କାମକୁ ବେଶୀ ଗୁରୁତ୍ୱ ଦେଲେ। ବର୍ତ୍ତମାନ ଡ୍ୟାମ ନିର୍ମାଣ କାମ ଶେଷ ହୋଇଗଲା, ହେଲେ ଦାବି ପୂରଣ ହେଲାନି। ଆଜି ଲୋକେ ଦାଣ୍ଡର ଭିକାରୀ ହୋଇ ବୁଲୁଛନ୍ତି । ୨୯୩୭ ମୂଳ ବିସ୍ଥାପିତଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ସହାୟତା ରାଶି ମିଳିନାହିଁ । ଜମିକୁ ଶାଗ ମାଛ ଦରରେ ଆମେ ଟେକି ଦେଇଛୁ। ଆମକୁ ଉଚିତ ମୂଲ୍ୟ ନ ମିଳିଲେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବୁ। ନ ହେଲେ ରାଜଧାନୀକୁ ଯାଇ ରାଜ୍ୟ ସରକାରଙ୍କ ଦ୍ୱାରରେ ଆନ୍ଦୋଳନକୁ ତେଜିଆନ କରିବୁ ବୋଲି ଲୋୟର ଇନ୍ଦ୍ର ସହାୟତା ସମିତି କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଖଡିଆଳସ୍ଥିତି ଡ୍ୟାମ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବାବେଳେ ୮ ଦିନ ଅତିକ୍ରାନ୍ତ ପରେ ମଧ୍ୟ ଏହା ଉପରେ କୌଣସି ସୁଫଳ ମିଳି ନ ଥିବାରୁ ଏଭଳି ଚେତାବନୀ ଦିଆଯାଇଛି ।



ଆନ୍ଦୋଳନରେ ଯୋଗ ଦେଇଥିବା ଅତିଥିମାନେ ।

ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ତରଫରୁ ବିଭିନ୍ନ ଦାବି ନେଇ ଆଜକୁ ୨ ମାସ ତଳେ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା । ସେତେବେଳେ ଜିଲା ପ୍ରଶାସନ ତରଫରୁ ମାସକ ମଧ୍ୟରେ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ହେଲେ ତାହା ପୂରଣ ହୋଇ ନ ଥିବାରୁ ଶେଷରେ ଗତ ୧୩ ତାରିଖଠାରୁ ଖଡିଆଳସ୍ଥିତ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଏହି ଧାରଣା ଆଜକୁ ୮ ଦିନ ବିତିଯାଇଥିଲେ ମଧ୍ୟ କୌଣସି ଅଧିକାରୀ ଆଲୋଚନା କରିବାକୁ ଏଠାକୁ ଆସି ନ ଥିବାରୁ ଆନ୍ଦୋଳନକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବୁଧବାର ଆନ୍ଦୋଳନରେ ବିସ୍ଥାପିତ ସହାୟତା ସମିତି ତରଫରୁ କର୍ମକର୍ତ୍ତାମାନେ ପ୍ରଶାସନ ଉପରେ ଗର୍ଜିଥିଲେ । ବିଭିନ୍ନ ସମୟରେ ଆମେ ଆନ୍ଦୋଳନ କରିଛୁ । ହେଲେ କେବଳ ପ୍ରତିଶ୍ରୁତି ଦିଆଯାଇଛି ସିନା କୌଣସି ସୁଫଳ ମିଳୁନାହିଁ । ହଜାର ହଜାର ପରିବାର ବାସଚ୍ୟୁତ ହୋଇ ଘୁରି ବୁଲୁଛନ୍ତି । ଆମେ ୨୯ ହଜାର ହେକ୍ଟର ଜମି ହରାଇଛୁ। ଜିଲାରେ ମାତ୍ର ୧୩ ହଜାର ହେକ୍ଟର ଜମି ଜଳ ସେଚିତ ହେଉଥିବାବେଳେ ବାକି ବଲାଙ୍ଗୀର ଜିଲାରେ ୧୬ ହଜାର ହେକ୍ଟର ଜମି ଜଳ ସେଚିତ ହେବ । ଜମିର ମୂଲ୍ୟ ବହୁତ କମ ଦିଆଯାଇଛି । ଏହାକୁ ନେଇ ଆମେ କୋର୍ଟର ଦ୍ୱାରସ୍ଥ ହୋଇଛୁ । କୋର୍ଟ ଏହାର ଉଚିତ ମୂଲ୍ୟ ଦେବାକୁ ନିର୍ଦ୍ଦେଶ କରିଛନ୍ତି। ହେଲେ ସରକାର ଏହାକୁ କାର୍ଯ୍ୟକାରୀ କରିବାକୁ କୁଣ୍ଠଉଛନ୍ତି । ଆଗକୁ ସରକାର ଡ୍ୟାମରେ ପାଣି ରଖି ସମସ୍ତ ପରିବାର ଲୋକଙ୍କୁ ତଡିଦେବାର ଚକ୍ରାନ୍ତ କରୁଛନ୍ତି। ଏହାକୁ ଆମେ ବରଦାସ୍ତ କରିବୁନାହିଁ ବୋଲି ଚେତାବନୀ ଦେଇଛନ୍ତି । ଏହି ଆନ୍ଦୋଳନରେ ସମିତି ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ, ରଘୁବୀର ଦାସ, ବୃନ୍ଦାବନ ମହାନନ୍ଦ, ଉମରା ସାହୁ, ଉମେଶ ପଟେଲ, ଗୋପାଳ ମାଝି, ଟିକ ମାଝି, ରାଧେଶ୍ୟାମ ବେହେରା, ବନମାଝି, ଦସରୁ ଜଗତ, ହେମନ୍ତ ନିଆଲ, ଗୋପି ଗଉଡ, ହୃଷି ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



ଯୋଗଦେଇଥିବା ବିସ୍ଥାପିତ ପରିବାର ଲୋକ ।

**ଲୋୟର ଇନ୍ଦ୍ର ପ୍ରକଳ୍ପ**

- ୮ ଦିନ ପରେ ବି ଅଧିକାରୀଙ୍କ ଦେଖା ନାହିଁ
- ସାଧାରଣ ନିର୍ବାଚନରେ ଭୋଟ ବର୍ଜନ ଧମକ
- ଶେଷରେ ରାଜଧାନୀକୁ ଚେତାବନୀ

### ଭୁଲ ପାର୍ଶ୍ୱରେ ଯାଉଥିବା ବାଇକ ସହ ଟ୍ରକ ଧକ୍କା: ଚାଳକ ମୃତ

ବଡଗାଁ, ୨୦।୨ (ଡି.ଏନ.ଏ)

ବଡଗାଁ ଥାନା ଅନ୍ତର୍ଗତ ତୁଡାଲଗା ବସଷ୍ଟାଣ୍ଡ ନିକଟରେ ବୁଧବାର ମଧ୍ୟାହ୍ନ ଦେଢ଼ଟାରେ ନମ୍ବର ବିହିନ ବାଇକରେ ଭୁଲ ବା ବିପରିତ ପାର୍ଶ୍ୱରେ ଯାଉଥିବା ଟ୍ରକ (ଓଆର୍ ୧୪ ପି- ୬୦୩୬) ସହିତ ମୁହାଁମୁହିଁ ଧକ୍କା ହେବାରୁ ଘଟଣା ସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ତାଙ୍କ ପକେଟରୁ ପୋଲିସ ପାଇଥିବା ଆଧାର କାର୍ଡରେ ଅରୁଣ ମୁଣ୍ଡା,ସୁନ୍ଦରଗଡ ଜିଲା ଗୁରୁଣ୍ଡିଆ ବ୍ଲକ ସିଆନପାଲି ସୋଲ ଲେଖାଯାଇଛି। ତୁଡାଲଗା ବସଷ୍ଟାଣ୍ଡରୁ ବିପରୀତ ପାର୍ଶ୍ୱଦେଇ ବାଇକ ଚାଳକ ଯାଉଥିଲାବେଳେ ସମ୍ମୁଖପଟୁ ଆସୁଥିବା ଟ୍ରକ ଧକ୍କା ଦେଇଥିଲା । ତାଙ୍କ ମୁଣ୍ଡ ଉପରେ ଟ୍ରକ ଚଢ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିଚୟ ମିଳିବା ପରେ ଜଣାପଡ଼ିଲା ଯେ, ସେ ହେଲେ ସମ୍ବଲପୁର ଜିଲା କେସେଇବାହାଲ ଧୂବାପଡ଼ାର ଜର୍ଜ ଟେଟେ (୪୪)। ତାଙ୍କ ପୁଅ ନୂଆଗାଁ ମିଶନ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସେ ସେଠାକୁ ଯାଉଥିଲେ। ତାଙ୍କ ସ୍ତ୍ରୀ ଦିବ୍ୟା ଟେଟେ ଠାକୁରମୁଣ୍ଡା ସରପଞ୍ଚ।

ଯୁବ କଂଗ୍ରେସର ନିର୍ବାଚନୀ ପ୍ରସ୍ତୁତି

# ପଞ୍ଚାୟତ ଚାଲ ୱାର୍ଡ ଚାଲ ଅଭିଯାନ

ଖଡିଆଳ,୨୦।୨ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ଅରେଡା ଗାଁଠାରେ ଖଡିଆଳ ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ପଞ୍ଚାୟତ ଚାଲ ୱାର୍ଡ ଚାଲ ଅଭିଯାନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ହିରାଧର ମେହେରଙ୍କ ଅଧ୍ୟକ୍ଷତାରେ ଯୁବକ କଂଗ୍ରେସର ରାଷ୍ଟ୍ରୀୟ ସଂଯୋଜକ ମହମ୍ମଦ ସାହିଦ ମୁଖ୍ୟଅତିଥି, ଯୁବ କଂଗ୍ରେସ ଉପସଭାପତି କପିଳେନ୍ଦ୍ର ଭୋଇ, ବ୍ଲକ ସଭାପତି ଶ୍ୟାମସୁନ୍ଦର କୁଳଦୀପ, ରଞ୍ଜିତ ଶବର, ସୁବାଷ ବେହେରା, ବେଣୁପାଣି ବେହେରା, ଖ୍ରୀଷ୍ଟ ଭୂଷଣ ତାଣ୍ଡି, ଅମିତାଭ ପଟେଲ, ବିଭୁଦତ୍ତ ଯୋଶୀ, ଗିରିଶ ପଣ୍ଡା ପ୍ରମୁଖ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ନେଇଥିବା ବିଭିନ୍ନ ପ୍ରସଙ୍ଗ ଯଥା ବେକାରୀ ସମସ୍ୟାର ସମାଧାନ ସହ ମହିଳାଙ୍କୁ ସମ୍ମାନ, ଚାଷୀକୁ ଫସଲର ଉଚିତ ମୂଲ୍ୟ, କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଆଦି ପ୍ରସଙ୍ଗ ଉପରେ ଆଲୋକପାତ ହେବା ଉକ୍ତ ପ୍ରସଙ୍ଗ ଗୁଡିକ ଲୋକଙ୍କ ପାଖକୁ ଯାଇ ସଚେତନ କରି ଦଳକୁ ଆଗେଇ ନେବା ପାଇଁ ଗୁରୁତ୍ୱରୋପ କରାଯାଇଥିଲା ।




ପଞ୍ଚାୟତ ଚାଲ ୱାର୍ଡ ଚାଲ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇଥିବା କଂଗ୍ରେସ କର୍ମୀମାନେ ।

### କଚାରୁ ହାଇସ୍କୁଲରେ ଦୀକ୍ଷାନ୍ତ ସମାରୋହ

କୁଆଁରମୁଣ୍ଡା,୨୦।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନ କଚାରୁ ସରକାରୀ ହାଇସ୍କୁଲରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ବୁଧବାର ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପଧାନ ଯୋଗଦେଇ ବିଦାୟୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏବିଇଓ ଗୁରୁଚରଣ ସାହୁ, ସ୍କୁଲ ପରିଚାଳନା ସମିତି ସଭାପତି ପଦ୍ମନ ନାଏକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଠୁରକା ସିଂଙ୍କ ସହ ପରିଚାଳନା ସମିତି ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦଶମ ପରୀକ୍ଷାର୍ଥୀମାନଙ୍କ ପାଇଁ ଗାୟତ୍ରୀ ପରିବାର ପକ୍ଷରୁ ଗାୟତ୍ରୀ ଯଜ୍ଞ ତଥା ଶାନ୍ତିପାଠ ହୋଇଥିଲା।



ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଠୁଳ ହୋଇଛନ୍ତି ।

# ବୀମା ଟଙ୍କା ପାଇଁ ଡିଡିଏ ଅଫିସ୍ ଘେରିଲେ ଚାଷୀ

- ବର୍ଷକ ପରେ ବି ବୀମା ଟଙ୍କା ମିଳିନି
- ରାଜ୍ୟ ଅଫିସକୁ ଯିବାକୁ ଚେତାବନୀ

ନୂଆପଡା ଅଫିସ,୨୦।୨

ଗତ ୨୦୧୭ କୃଷି ବର୍ଷରେ ଜିଲା ମରୁଡିଗ୍ରସ୍ତ ହୋଇଥିବାବେଳେ ଚାଷୀଙ୍କୁ କୃଷି ବୀମା ସହାୟତା ରାଶି ପ୍ରଦାନ କରାଯାଇଥିଲା । ହେଲେ ଏହି ଜିଲାର ୩ ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଆଜିଯାଏଁ ମିଳିପାରିନାହିଁ। ଏହାକୁ ନେଇ ଚାଷୀମାନେ ବାରମ୍ବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ବେଳେ ବୁଧବାର ପୁଣିଥରେ ଅସନ୍ତୋଷ ଚାଷୀମାନେ ଏକତ୍ର ହୋଇ ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରକାଶ ଯେ, ଏହି ଚାଷୀମାନେ ନ୍ୟାଶନାଲ ଇନସ୍ୟୁରାନ୍ସ କମ୍ପାନୀ ନାରେ ପ୍ରିମିୟମ ରାଶି ଜମା କରିଥିଲେ । ପ୍ରିମିୟମ ରାଶି କମ୍ପାନୀ ପାଇଥିବା ନେଇ ଦଲିଲ ସବୁ ରହିଛି । ହେଲେ ବିଭିନ୍ନ ବାହାନା କରି କମ୍ପାନୀ ଚାଷୀଙ୍କୁ ହଇରାଣ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏହି ବାବଦକୁ ଗତ ଦିନରେ ଦାବି କରାଯାଇଥିଲା । ସୂଚନାଯୋଗ୍ୟ ଯେ, ଗତ କିଛି ଦିନତଳେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କୁ ଚାଷୀମାନେ ଭେଟି ଜଣାଇଥିଲେ। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । ତେବେ ବୁଧବାର ଜିଲା କୃଷି ଉପନିର୍ଦ୍ଦେଶଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରିବା ପରେ ଜିଲାପାଳଙ୍କୁ ମଧ୍ୟ ଦାବି ପତ୍ର ପ୍ରଦାନ କରିଛନ୍ତି । ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଭୁବନେଶ୍ୱରକୁ ଯାଇ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଲାଲୁ ସାହୁ, ହଲକ୍ଷ୍ମୀ ଚନ୍ଦ ସତନାମୀ, ତିଳକରାମ ମାଝି, ଗିରିଧାରୀ ରାଉତ, ବିଦ୍ୟାଧର ମାଝି, ଈଶ୍ୱର ପ୍ରସାଦ ମାଝି, ଅଜତ ରାମ ଗୌଡ, ମସତରାମ ରାଉତ, କୋମଳ ଚନ୍ଦ୍ରକାର ପ୍ରମୁଖ ସାମିଲ ଥିଲେ ।

# ଅନ୍ତ୍ୟୋଦୟ ପକ୍ଷରୁ ଜୈବିକ କୃଷି ତାଲିମ ଶିବିର

ଭବାନୀପାଟଣା,୨୦।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର ଦୁଇଟି ଗ୍ରାମ କେନ୍ଦୁପାଟି ଓ ପାଣିଗାଁଠାରେ ଅନ୍ତ୍ୟୋଦୟ ପକ୍ଷରୁ ୧୦୦ ଜଣ ଚାଷୀଙ୍କ ପାଇଁ ଜୈବିକ ପଦ୍ଧତି କୃଷି ତାଲିମ ଶିବିର ଆୟୋଜିତ ହୋଇଯାଇଛି । ଆୟୋଜିତ ତାଲିମ ଶିବିରରେ ପାଣିଗାଁର ୩୬ ଜଣ ଓ କେନ୍ଦୁପାଟି ଗ୍ରାମର ୬୪ ଜଣ ଚାଷୀ ଜୈବିକ ପଦ୍ଧତି ଚାଷ ପ୍ରଣାଳୀ ବିଷୟରେ ତାଲିମ ଗ୍ରହଣ କରିଛନ୍ତି। ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧିନରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ଗ୍ରାମତରଙ୍ଗ ଅନୁଷ୍ଠାନ ପାରଳାଖେମୁଣ୍ଡି ଓ ଅନ୍ତୋଦୟ ଥୁଆମୂଳ ରାମପୁରଙ୍କ ମିଳିତ ଉଦ୍ୟମରେ ଆୟୋଜିତ ଏହି ତାଲିମ ଶିବିରରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ କୃଷି ମାହବିଦ୍ୟାଳୟ ଛାତ୍ର କୌସ୍ତୁଭ ଦାସ ଓ ଅବସରପ୍ରାପ୍ତ ଉଦ୍ୟାନ ବିଭାଗ ଅଧିକାରୀ ଜଗବନ୍ଧୁ ରାଉତ ଚାଷୀମାନଙ୍କୁ ଜିଆଖତ, ହାଣ୍ଡିଖତ, ଆଜୋଲା ପ୍ରୟୋଗ, ସବୁଜସାର, କମ୍ପୋଷ୍ଟ ପ୍ରସ୍ତୁତି ଇତ୍ୟାଦି ବିଷୟରେ ତାଲିମ ଦେବା ସହିତ ଫସଲରେ ରୋଗପୋକ ନିୟନ୍ତ୍ରଣ ତଥା ବିହନ ବିଶୋଧନ ପାଇଁ ଥିବା ଜୈବିକ ପଦ୍ଧତି ବାବଦରେ ଶିକ୍ଷାଦାନ କରିଥିଲେ । ୧୦ ଦିନ ଧରି ଚାଲିଥିବା ଉକ୍ତ ତାଲିମ ଶିବିର ଚିଙ୍ଗୁଡିସର ସରପଞ୍ଚ ଓ ସମିତି ସଭ୍ୟାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏହି ତାଲିମ ଶେଷରେ ବିଶେଷଜ୍ଞମାନଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇ ଭାରତ ସରକାରଙ୍କ କୃଷି ଦକ୍ଷତା ବିକାଶ ପରିଷଦକୁ ପ୍ରେରଣ କରାଯାଇଛି । ସମସ୍ତ ସଫଳ ତାଲିମାର୍ଥୀଙ୍କୁ କୃଷି ଦକ୍ଷତା ପରିଷଦ ପକ୍ଷରୁ ମାନପତ୍ର ପ୍ରଦାନ କରାଯିବ ବୋଲି ଅନ୍ତୋଦୟ ଅଧ୍ୟକ୍ଷ ଦିଲୀପ କୁମାର ଦାସ ପ୍ରକାଶ କରିଛନ୍ତି । ଉଲ୍ଲେଖ ଯୋଗ୍ୟ ଯେ, ଆସନ୍ତା ସେପ୍ଟେମ୍ବର ୨୦୧୯ ସୁଦ୍ଧା ଜୁନାଗଡ ବ୍ଲକର ୫୦୦ ଚାଷୀଙ୍କ ସମେତ କଳାହାଣ୍ଡିର ୧୫୦୦ ଚାଷୀଙ୍କୁ ଏଭଳି ତାଲିମ ଦେବା ପାଇଁ ଅନ୍ତୋଦୟ ତରଫରୁ ଲକ୍ଷ ରଖାଯାଇଛି ।

# ପାଏନ୍ ଲାଗି ଗୁଲଗୁଲା ତାଡ଼ିଝୁଲାବାସୀ

ଭବାନୀପାଟଣା, ୨୦।୨ (ଡି.ଏନ.ଏ)

ଲାଞ୍ଜିଗଡ଼ ବ୍ଲକର ନିୟମଗିରି ପାହାଡ଼ ତଲେ ରହିଛେ ତ୍ରିଲୋଚନପୁର ପଁଚେତ୍‌ର ତାଡ଼ିଝୋଲା ଗାଁ। ଏହେଦେ ଗାଁବାସୀ ବଡ଼ଭାରି ପିଇଲା ପାଏନ୍ ସମସିଆ ଲାଗି ଯୁଝୁଛନ୍। ଗାଁରେ ଲୁକ୍‌କର ବେଭାର ଲାଗି ଗୁଟେ ବି ନଲ୍‌ତୁଆଁ ନାଇଁ ଥିଲାବେଲେ ଆସର ପାସର ଝରନ୍‌ର ପାଏନ୍ ଶୁଖି ଯାଇଛେ। ଯେନ୍‌ଥିରଲାଗି ଲୋକ୍ ପିଇଲା ପାଏନ୍ ଲାଗି ଉହକ୍‌ବିକଲ ହେଉଛନ୍। ଇ ଗାଁକେ ୫ କି.ମି ଦୂରିଆ କୁନ୍ନାକାଡୁ ଝରନ୍‌ରୁ ପାଇପ୍‌ରେ ପାଏନ୍ ଯୁଗେଇ ଦିଆଯାଉଛେ। ହେଲେ ଝରନ୍‌ର ପାଏନ୍‌ରେ ନାନା ପରକାର ଜୀବ୍‌ଜନ୍ତୁ ପଡ଼ି ଦୂଷିତ୍ ହେଉଛେ, ଲୋକ୍ ସେ ପାଏନ୍ ବେଭାର କରି ନାନା ରୋଗ୍‌ବାଗ୍‌ଥି ପଡୁଥିବାର ତାଡ଼ିଝୁଲାବାସୀ କହିଛନ୍। ସପ୍‌ଲେ ପାଏନ୍‌ଥି ଯେନ୍ ହିସାବେ ପାଏନ୍ ଆସୁଛେ ସେଟା କାହାକେ ନାଇଁ ଅଁଟବାର। ସେନ୍ତା ଗାଁରେ ଗୁଟେ ବି ନଲ୍‌ତୁଆଁ ନାଇଁ ଥିଲାବେଲେ ୨୦୧୬ ସାଲେ ଆଇଟିଡିଏ ତରଫୁ ସୋଲାର ପମ୍ପ ଲଗାଯାଇଥିଲା। ସେଟା ବି ୨ ମାସ୍ ଚାଲ୍‌ଲା ଉତାରୁ ଅଚଲ ହେଇପଡ଼ିଛେ। ମରାମତି ଲାଗି ଗାଁବାସୀ ବାରବାର ଦାବି କଲେ ବି କେହି ନାଇଁ ଶୁନୁଥିବାର ଗାଁବାସୀ ଅଭିଯୋଗ କରିଛନ୍। ଗଲା ବଛର ଗାଁବାସୀକର ସମସିଆ ବାବ୍‌ଦେ ଭିନେ ଭିନେ ଗଣମାଧ୍ୟମଥି ଖବର ବାହାରଲା। ତେହେରୁ ଲାଞ୍ଜିଗଡ଼ ବିଡିଓ ବାସୁଦେବ ନାୟକ, ଏବିଡିଓ ବିଭୁତି ଭୂଷଣ ଶତପଥୀ, ଗ୍ରାମ୍ୟ ଜଳ ଓ ପରିମଳ ମିଶନର କନିଷ୍ଠ ଯନ୍ତ୍ରୀ ଯଶୋବନ୍ତ ମାଝୀ, ସେବେଲର ପିଇଓ ବିକ୍ରମ ମାଝୀ ଆର ଜିଆରଏସ ଅରବିନ୍ଦ ମହାନ୍ତି ପରମୁଖ ତାଡ଼ିଝୁଲା ଗାଁକେ ଯାଇଥିଲେ। ଗାଁରେ ଲୁକ୍‌କର ସମସିଆ ବୁଝବାର ସଂଗେ ପିଇଲା ପାଏନ୍‌ର ସୁବିଧା କରବାକେ କଥା ଦେଇଥିଲେ। ସେ ହିସାବେ ଏହେଦେ ଉପରମୁଡ଼େ କୁନ୍ନକାଡୁ ଗାଁରେ ଗୁଟେ ପାଏନ୍ ଟାଁକି ତିଆର କରାଯାଇଛେ। ଅଲପ ଦିନ୍ ଭିତରେ କାମ୍ ଶେଷ କରି ଲୁକ୍‌କୁ ପାଏନ୍ ଯୁଗେଇ ଦେବାର ବେବସ୍ତା କରାଯିବା। ଇତାର ଭିତରେ ଆଏଜ୍‌କେ ବଛରେ ବିତି ଯାଇଛେ, ହେଲେ ଲୋକ୍ ପାଏନ୍ ନାଇଁ ପାଇପାରି। ପଛେ ଗାଁମୁଡ଼େ ଗୁଟେ ନନ୍ଦକୂଅ ତିଆର କରାଗଲା, ହେଲେ ସେଟା ବି ଅଧାବାଟେ ଅଟ୍‌କି ଗଲା। ଜିଲାପାଲ ଇ ଦିଗେ ଦୁରୁଷ୍ଟି ଦେଇ ସମସିଆର ସମାଧାନ କରବାର ସଂଗେ ତାଡ଼ିଝୁଲାବାସୀକୁ ସବୁପରକାର ସରକାରୀ ସୁବିଧା ସୁଯୋଗ ଯୁଗେଇ ଦେବାକେ ଦାବି କରିଛନ୍।



ଗାଁର ମହିଲାମାନେ ପାଇପ୍ ପାଏନ୍ ନେବାକେ ଠୋଲହେଇଛନ୍।

# ଧାନମଣ୍ଡି ବନ୍ଦ, ଚାଷୀ ଅସନ୍ତୋଷ

- ବିକ୍ରି ନ ହୋଇ ଘରେ ପଡିରହିଛି ଶତାଧିକ ବସ୍ତା ଧାନ

ଖଡିଆଳ,୨୦।୨ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ରବଗାଁରେ ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ଧାନ ମଣ୍ଡିରେ ଚାଷୀଙ୍କଠାରୁ ଧାନ କିଣା ନ ସରୁଣୁ ତରବରିଆ ଭାବେ ଜିଲା ପ୍ରଶାସନ ପକ୍ଷରୁ ମଣ୍ଡି ବନ୍ଦ କରିଦେଇଛନ୍ତି । ଏହାକୁ ବଞ୍ଚିତ ଥିବା ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ମିଳିଥିବା ସୂଚନା ଅନୁସାରେ ଖଡିଆଳ ବ୍ଲକ ବରଗାଁରେ ପ୍ରଶାସନ ପକ୍ଷରୁ ସେବା ସମବାୟ ସମିତି ବରଗାଁ ଜରିଆରେ ଚାଷୀଙ୍କଠାରୁ ଧାନ କ୍ରୟ ପାଇଁ ଧାନ ମଣ୍ଡିର ବ୍ୟବସ୍ଥା କରାଯାଇଥିଲା । ଚଳିତବର୍ଷ ଏକ ମାସ ବିଳମ୍ବରେ ମଣ୍ଡି ଖୋଲିବା ସହ ମିଲ ମାଲିକ ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ମିଲ ମାଲିକଙ୍କୁ ସୁହାଇଲା ଭଳି କୁଇଣ୍ଟାଲ ପ୍ରତି ୪ରୁ ୫ କେଜି କଟନି କରି ଚାଷୀଙ୍କଠାରୁ ଧାନ କିଣୁଛନ୍ତି । ଅନ୍ୟପକ୍ଷେ ହଠାତ ଧାନ ମଣ୍ଡି ବନ୍ଦ ହୋଇଯିବାରୁ ଘରେ ଘରେ ଶହ ଶହ ଧାନ ବସ୍ତା ଧାନ ବିକ୍ରି କରି ନ ପାରି ପଡିରହିଛି।



ବିକ୍ରି କରି ନ ପାରି ଚାଷୀଙ୍କ ଧାନ ଘରେ ପଡ଼ିରହିଛି ।

ଯାହା ଦ୍ୱାରା ବରଗାଁ ସେବା ସମବାୟ ସମିତିକୁ ପୁଣି ଥରେ ଧାନ ମଣ୍ଡି ଖୋଲିବା ନେଇ ଲିଖିତ ଭାବେ ଜଣାଇଥିବା ଜଣାପଡିଛି। ତେବେ ଅନଲାଇନ ଧାନ ବିକ୍ରି କରିବା ପାଇଁ ଚାଷୀମାନେ କୃଷକ ପରିଚୟ ପତ୍ର ପାଇଁ ଆବେଦନ କରିଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ ବିଳମ୍ବରେ ପରିଚୟପତ୍ର ପ୍ରଦାନ ଯୋଗୁ ଠିକ ସମୟରେ ମଣ୍ଡିରେ ଧାନ ବିକ୍ରି କରି ପାରି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ବରଗାଁ ସେବା ସମବାୟ ଅଧୀନରେ ବିକ୍ରି କରିବା ପାଇଁ ଅପେକ୍ଷାରେ ଥିବା ଚାଷୀମାନଙ୍କ ଘରେ ଶହ ଶହ ଧାନ ବସ୍ତା ଘରେ ପଡି ରହିଛି । ତେବେ ଧାନ ବିକ୍ରି କରିବାରୁ ବଞ୍ଚିତ ଚାଷୀମାନେ ଧାନ ମଣ୍ଡି ଖୋଲିବା ପାଇଁ ବରଗାଁ ସେବା ସମବାୟ ସମିତି ସମ୍ପାଦକଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏ ନେଇ ଜିଲା ସେବା ସମବାୟ ସମିତି ସହ ପ୍ରବନ୍ଧକ ଲିଙ୍ଗରାଜ ନାଏକଙ୍କୁ ପଚାରିବାରୁ ସମ୍ପାଦକମାନଙ୍କୁ କୁହାଯାଇଛି କୌଣସି ଅଞ୍ଚଳରୁ ଯଦି ଚାଷୀମାନେ ଧାନ ବିକ୍ରି କରି ନ ପାରି ରହିଯାଇଛନ୍ତି, ଲିଖିତ ଭାବେ ଦେଲେ ପୁଣି ଥରେ ମଣ୍ଡି ଖୋଲିବା ପାଇଁ ପଦକ୍ଷେପ ନେବୁ ବୋଲି କହିଛନ୍ତି । ଏ ନେଇ ଜିଲା ଯୋଗାଣ ଅଧିକାରୀ ଅଶୋକ ଦାସଙ୍କୁ ପଚାରିବାରୁ ବର୍ତ୍ତମାନ ମଣ୍ଡିକୁ ବନ୍ଦ କରି ଦିଆଯାଇଛି । ଯଦି କୌଣସିଠାରେ ଧାନ ବିକ୍ରି କରି ନ ପାରି ଚାଷୀମାନେ ବଞ୍ଚିତ ରହି ଯାଇଛନ୍ତି, ତେବେ ଅବଗତ ହେଲା ପରେ ପୁଣି ଥରେ ମଣ୍ଡି ଖୋଲିବା ପାଇଁ ପଦକ୍ଷେପ ନେବୁ ବୋଲି କହିଛନ୍ତି । ଏ ପରିସ୍ଥିତିରେ ଜିଲାପାଳ ଚାଷୀମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ମଣ୍ଡି ଖୋଲିବା ଦିଗରେ ପଦକ୍ଷେପ ନେବାକୁ ବଞ୍ଚିତଥିବା ଚାଷୀମାନେ ଦାବି କରିଛନ୍ତି ।



ଯଦି ଭଗବାନ ନାହାନ୍ତି ବୋଲି କେହି ଭାବୁଥାନ୍ତି,
ତଥାପି ତାଙ୍କୁ ଖୋଜି ବାହାର କରିବାକୁ ପଡ଼ିବ।
- ଭୋଲ୍‌ଟାୟାର



## ସଂକ୍ଷେପରେ

### ରାଶନ କାର୍ଡ ବାଦ୍ ଘଟଣା: ନିଏ ଆଶ୍‌ରେ ଗୁହାରି କରି ନିରାଶ ହେଲେ ନୀଳମଣି

**ଲୋଇସିଂହା,୨୦।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ଗାଁର ଉଷା ଭୁଏ। ସେ ଅନ୍ତ୍ୟୋଦୟ ଯୋଜନାରେ ଚାଉଳ ପାଉଥିଲେ। ହେଲେ ଆଏଜ୍‌କେ ୧୯ ମାସ ହେଲା ତାକର ପରିବାରକେ ଯୋଜ୍‌ନାରୁ ବାଦ୍ ଦିଆଯାଇଛେ। ଅନିଏ ଭାବେ ବାଦ୍ ପଡ଼ିଥିବାର ଉଷାକଁର ଆପ୍‌ନେ ନୀଳମଣି ବିଡିଓକଁରନୁ ମୂଳ୍ କରି ଜିଲାପାଳ ତକ୍ ଫେରାଦ ହେଇ ନିଏ ପାଏବାରୁ ବଁଚିତ୍ ହେଇଛନ୍। ଇଆଡ଼େ ପରିବାରରେ ସଦସିଅକଁର ସଂଖ୍ୟା ଦିନୁଦିନ୍‌କେ ବଢ଼ତେଲ ଯାଉଛେ। କୁଟୁମ୍ ପୁଷ୍‌ବାର ଚିନ୍‌ତାରେ ସବୁବେଲେ ନୀଳମଣି ଘାରି ହେଉଛନ୍। ଅଭିଯୋଗ୍ ଅନ୍‌ସାରେ ଲୋଇସିଂହା ବ୍ଲକ ବାଦିବାହାଲ ପଁଚେତ ସଦର ଗାଁର ନୀଳମଣି ଭୁଏ। ମାଏକିନା ଉଷା ଆର ଦୁଇ ପୁଓକୁ ନେଇ ତାକର ସଁସାର। ବଡ଼ପୁଓ ସମ୍ବଲପୁର ଅଂଚଲରେ ବିହା ହେଇ ପରିବାର ଧରି ରହୁଛନ୍। ଗରିବ୍ ନୀଳମଣି ମାଛ, ପନିପରିବା ବିକି କୁଟୁମ ପୁଷୁଛନ୍। ନୀଳମଣିକଁର ମାଏକିନା ଉଷାକଁର ନାଁରେ ଥିବାର ଅନ୍ତ୍ୟୋଦୟ କାର୍ଡରେ ମିଲୁଥିବାର ୩୫ କେ.ଜି. ଚାଉଲରେ ପରିବାରଟା ଠିକ୍‌ରେ ଚଲିଯାଉଥିଲେ। ବଡ଼ବହ ଚାକରି କରୁଥିବାର ଅଭିଯୋଗ ହେଲାରୁ ଉଷାକୁଁ ମିଲିଥିବାର ରାଶନ କାର୍ଡକେ ଯୋଗାଣ ବିଭାଗ ବାଦ୍ ଦେଇଛେ। ଏହେଦେ ଉଷାକଁର ପରିବାର ୧୯ ମାସ ହେଲା ପଁଚେତ୍‌ରୁ ଚାଉଲ ନାଇଁ ପାଉଥିବାର ଅଭିଯୋଗ କରିଛନ୍। ଇଆଡ଼େ ସାନପୁଓ ହରଶ୍ଚନ୍ଦ୍ରକଁର ବି ବିହାଚୁରା ସରିଛେ, ତାକର ଗୁଟେ ପୁଓ ବି ହେଇଛେ। ଏନ୍‌ତାଥି ନୀଳମଣିକଁର ୫ ପରାନୀ କୁଟୁମ ଚଲବାରେ ବହୁତ୍ ଭିଡ଼ ହେଉଛେ। କେନ୍‌ଥେଇ ରାଶନ କାର୍ଡ ଖଁଡ଼କ ଫିରି ପାଏବେ ସେଥିରଲାଗି ନୀଳମଣି ପଁଚେତ୍‌ରୁ ମୂଳ୍ କରି ଜିଲାପାଲକଁର ତକ୍ ଫେରାଦ ହେଇଛନ୍। ଜିଲାପାଲ ବାକିଆ ଚାଉଲ ଦେବାର ସଂଗେ କାର୍ଡକେ ଚାଲୁକରବାର ଲାଗି ଯୋଗାଣ ବିଭାଗକେ ନିରଦେଶ ଦେଇଛନ୍। ହେଲେ ସେ ନିରଦେଶ୍ କାଯ୍‌କାରି ନାଇଁ ହେଉଥିବାର ନୀଳମଣି କହିଛନ୍। ଇ ବାବ୍‌ଦେ ସରପଁଚ୍ ଉର୍କୁଲୀ ଧରୁଆକୁଁ ପଚରାଲାରୁ ଆମେ ଦାଇତିଅ ନେଲା ଆଗ୍‌ରୁ ଏନ୍‌ତା ବହୁତ୍ ଲୋକ୍ ବାଦ୍ ପଡ଼ିଛନ୍। ବ୍ଲକରୁ ନିରଦେଶ ଆଏଲେ ତାହାକୁ ଯୋଜ୍‌ନାରେ ସାମିଲ କରି ଚାଉଲ ଦେବାର ବେବସ୍‌ତା କରମୁ ବଲି ସେ କହିଥିଲେ।

### ଛବିଳ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ସଭ୍ୟ ମନୋନୀତ

ବୀରମହାରାଜପୁର, ୨୦।୨(ଡି.ଏନ୍.ଏ) ବୀରମହାରାଜପୁର ବାର୍ ଆସୋସିଏଶନ୍‌ର ସଭ୍ୟ ଆଡ୍‌ଭୋକେଟ୍ ଛବିଳ କର୍ଣ୍ଣ ସୁବର୍ଣ୍ଣପୁର ଜିଲା ଜୁଭେନାଇଲ ଜଷ୍ଟିସ୍ ବୋର୍ଡର ସଭ୍ୟଭାବେ ମନୋନୀତ ହୋଇଛନ୍ତି। ଏହି ନୂତନ ନିଯୁକ୍ତିକୁ ଆଇନଜୀବୀ ମହଲରେ ସ୍ୱାଗତ କରାଯାଇଛି। ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ଆଡ୍‌ଭୋକେଟ୍ କର୍ଣ୍ଣଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# କଂଗ୍ରେସର କର୍ମୀ ସମ୍ମିଳନୀ

ପାଟଣାଗଡ, ୨୦।୨(ଡି.ଏନ.ଏ.)




କର୍ମୀ ସମ୍ମିଳନୀରେ ମଞ୍ଚାସୀନ କଂଗ୍ରେସ ନେତୃବର୍ଗ।

ବଲାଙ୍ଗୀର ଜିଲା ପାଟଣାଗଡ ନିର୍ବାଚନ ମଣ୍ଡଳୀ ୧୪ ନଂ ଜୋନରେ କଂଗ୍ରେସ ଦଳର ଏକ କର୍ମୀ ସମ୍ମିଳନୀ ପାଟଣାଗଡ ବ୍ଲକ ଅନ୍ତର୍ଗତ ଲରମ୍ବାଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ହୋଇଯାଇଛି। ଇଂ. ରମେଶ ପୁରୋହିତଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ଯୋଗଦେଇ ସଂଗଠନକୁ ମଜଭୁତ କରି ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। କଂଗ୍ରେସ ସରକାର ଆସିଲେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୬୦୦ ଟଙ୍କା, କୃଷି ଋଣ ସମ୍ପୂର୍ଣ୍ଣ ଛାଡ, ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ସହିତ ବେକାରି ଭତ୍ତା ଦିଆଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ଜିଲା ସଭାପତି ଦିଲୀପ ବେହେରା, ପିସିସି ସଭ୍ୟ କିଶୋର ପରିଚ୍ଛା, ଅନୀଲ ମେହେର, ଉପେନ୍ଦ୍ର ମିଶ୍ର, ଜତି ପ୍ରଧାନ, ଅସୀମ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଦଳୀୟ ନେତୃବର୍ଗ ଉଭୟ ଭାଜପା ଏବଂ ବିଜେଡି ଦଳ ବିରୋଧରେ ବିଷୋଦ୍‌ଗାର କରିଥିଲେ।

# ଅତ୍ୟାଧୁନିକ ସନ୍ତରଣ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ଦାବି

ସମ୍ବଲପୁର, ୨୦।୨ (ବ୍ୟୁରୋ)

ସମ୍ବଲପୁର ସହର ସନ୍ତରଣର ଏନ୍ତୁଡିଶାଳ। ଏଠାରେ ରାଜ୍ୟର ପ୍ରଥମ ସନ୍ତରଣ ସୁଇମିଂ ପୁଲ୍ ସ୍ଥାପନ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମ୍ବଲପୁରରେ ଅତ୍ୟାଧୁନିକ ସନ୍ତରଣ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବାକୁ କ୍ରୀଡାବିତମାନେ ଦାବି କରିଛନ୍ତି। ବୁଧବାର ସନ୍ଧ୍ୟାରେ ହୀରାକୁଦ କଲୋନୀ ନିକଟସ୍ଥ ଜ୍ୟୋତି ସଭା କକ୍ଷରେ ଓଡିଶା ସନ୍ତରଣ ସଂଘ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ସୁନ୍ଦରମଣୀ ବାରିକ, ଜିଲା ସନ୍ତରଣ ସଂଘ ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ, ଡ. ପରେଶ ଚନ୍ଦ୍ର ଦାନୀ, ସନ୍ତରଣ ପ୍ରଶିକ୍ଷକ ଦିଲାବର ହୁସେନ, ଜଗବନ୍ଧୁ ବେହେରା, ସଦାଶିବ ପୁରୋହିତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସୂଚନାଯୋଗ୍ୟ ଯେ, ସଂପ୍ରତି ରାଜ୍ୟ ସରକାର ଭୁବନେଶ୍ୱରଠାରେ ହାଇ ପରଫରମାନ୍ସ ସ୍ପୋର୍ଟ୍ସ ସେଣ୍ଟର ସ୍ଥାପନ କରିବାକୁ ସ୍ଥିର କରିଛନ୍ତି। ଏଥିରେ ସନ୍ତରଣ, ଫୁଟବଲ, ହକି, ସୁଟିଂ, ୱେଟ ଲିଫ୍ଟିଂ ଓ ବ୍ୟାଡମିଣ୍ଟନ ରହିବ। ତେଣୁ ରାଜ୍ୟ ସରକାର ସୁନ୍ଦରଗଡରେ ହକି, ସମ୍ବଲପୁର ସୁଇମିଂ ଓ ବ୍ରହ୍ମପୁରରେ ୱେଟ ଲିଫ୍ଟିଂ ସେଣ୍ଟର କରିବାକୁ ବୈଠକରେ ଦାବି ହୋଇଛି।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ODISHA LIFT IRRIGATION CORPORATION LIMITED

(A Government of Orissa Undertaking)

**OFFICE OF THE SUPERINTENDING ENGINEER (NORTHERN CIRCLE)**

**Binakhandi Near P&T Colony, Sambalpur-768001**

**Tender Call Notice No. 122/2018-19/OLIC**

**Dated: 15.02.2019**

**No.CAD-1455:-** Sealed tenders are invited from reputed manpower agencies / service providers having valid labour license to provide the services of Data Entry Operator-cum-O.A. for 02 (two) Nos. for a period from dt. 01.03.2019 to dt. 31.10.2019 on contractual basis for day to day official work.

The detailed information for out sourcing the services of the aforesaid personnel has been given in the tender document which can be obtained in person from the Office of Superintending Engineer (N.C) OLIC Ltd. Sambalpur on any working day from 21.02.2019 to 25.02.2019 between 11 AM to 4 PM by depositing Rs. 600/- (Rupees Six Hundred) in shape of B.D. to be drawn in favour of the Executive Engineer, Lift Irrigation Division, Sambalpur towards cost of tender paper and the GST-5% to be deposited in shape of E-Challan vide GSTIN No. 21AAACO5986GIZF (Non-Refundable). The last date and time for submissino of tender document is 26.02.2019 by 2 PM.

**Sd./-**
**Superintending Engineer (N.C)**
**OLIC Ltd., Sambalpur**

**32308/11/0029/1819**

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

Baba Kamal Khan
7th Time Gold Medalist
Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠ୍‌କରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବିବାହରେ ବାଧା, ଗୃହକ୍ଲେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ, ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

ଭାରତର ନଂ.1
SATYAM FINANCE
ପଞ୍ଜୀକୃତ କମ୍ପାନୀରୁ ଘରେ ବସି ପାଆନ୍ତୁ
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ଗାଡ଼ି, ଗୃହ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
ଖର୍ଚ୍ଚ କମ୍ପାନୀର ଆପ୍ରୁଭାଲ ଲେଟର ଆସିବା ପରେ
1% ସୁଧ - 40% ଛାଡ଼
ସରକାରୀ କର୍ମଚାରୀ/ମହିଳାଙ୍କ ପାଇଁ ବିଶେଷ ରିହାତି
07701890960, 09991536957
168, sector 30, jagatpura, jaipur (Rajasthan)

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## GOVERNMENT OF ODISHA
### OFFICE OF THE SUPERINTENDING ENGINEER, RURAL WORKS CIRCLE, SUNDARGARH

**E-Procurement Notice, Online – RWSESNG – 28 of 2018-19 Letter No.298 /Dtd.12.02.2019**

**No.1743-O:-** **E-mail address-serw_sundargarh@yahoo.com**

1. Type of the Work: Road Works (MMSY)
2. Total No. of works: 02 No. of Roads
3. Estimated cost: Varies from Rs.173.93 Lakh to Rs.316.55 Lakh
4. Class of contractor: 'B' Class, 'A' Class & 'Special' Class
5. Period of completion: 09 to 11 Calendar Months
6. Cost of tender paper: The Bidder shall transfer online the cost of bid document for Rs.10,000/- towards cost of Bid through a process as mentioned under DTCN.
7. EMD Required: The Bidder shall transfer online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to transfer online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha.
8. APS: Additional Performance Security shall be obtained from the Bidder when the bid amount is less than estimated cost put to tender. In such an event, only the successful bidder who has quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security (APS) in shape of Term Deposit Receipt pledged in favour of Division Officer / Bank Guarantee in favour of the Divisional Officer from any Nationalized / Scheduled Bank in India counter guaranteed by its local branch at Bhubaneswar within seven days of issue of Letter of Acceptance (LoA) by the Divisional Officer (by e-mail) to the successful bidder otherwise the bid of the successful bidder shall be cancelled and the Earnest Money Deposit / Bid Security shall be forfeited. Further, proceeding for blacklisting shall be initiated against the bidder".
9. GST: Rate quoted by the Contractor shall be excluding GST. The GST as applicable for the work contract shall be payable to the contractor on each bill amount on production of tax invoice. The prevailing rate of GST on the gross amount of bill will be deducted from the contractor bill as tax deduction at source (TDS) as per rule.
10. Other details:

| Procurement Officer | Bid Identification No. | Availability of Tender On-line for bidding | | Last Date & Time of Seeking Tender Clarification | Technical Bid Opening | Financial Bid Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sundargarh | RWSESNG-28 of 2018-19 | 18.02.2019 11:00 AM | 08.03.2019 3:00 PM | 07.03.2019 3:00 PM | 11.03.2019 11:00 AM | 13.03.2019 11:00 AM |

Further details can be seen from the website www.tendersorissa.gov.in.
N.B: Corrigendum if any may be seen in this website: www.tendersorissa.gov.in.
Authority reserves the right to reject any or all the tenders without assigning any reasons thereof.

**25133/11/0050/1819** **Sd./- Superintending Engineer, Rural Works Circle, Sundargarh**

## DIRECTORATE OF ANIMAL HUSBANDRY AND VETERINARY SERVICES ODISHA, MANGALABAG, CUTTACK - 753001

### RETENDER NOTICE FOR PROCUREMENT OF TABLET PCS FOR THE YEAR 2018-19

No.: 734-M: The DIRECTOR, ANIMAL HUSBANDRY AND VETERINARY SERVICES, ODISHA, MANGALABAG, CUTTACK (herein after referred to as "DIRECTOR") invites sealed tender in the prescribed forms from the manufacturers (the manufacturer should have valid Registration & Manufacturing Licence of Tablet PCs)/ Authorized Distributors/Authorized Dealer having valid registration for procurement of Tablet PCs for approximate value of Rs.90.00 Lakh (Rupees Ninety Lakh only) for the financial year 2018-19 with F.O.R. destination at **DIRECTORATE OF AH & VS, ODISHA MANGALBAG, CUTTACK - 753001** as per specification/unit packing mentioned in a separate set of Catalog vide Schedule - 'A'. Tenders submitted by Authorized Distributors/Authorized Dealer may aslo be considered, provided they are accompanined with the latest authorization letters from the concerned manufacturers along with valid manufacturing licence of the manufacturer addressed to the DIRECTOR OF ANIMAL HUSBANDRY AND VETERINARY SERVICES, MANGALABAG, ODISHA, CUTTACK - 753001. The date of sale of tender document on dated 18.2.2019 to Dt.25.02.2019 (upto 2.00 P.M.) and last date of submission of tender document on 25.02.2019 (upto 4.00 P.M.)

**Sd./- Director**
**AH & VS, Odisha, Cuttack**

**06014/11/0034/1819**

## GOVERNMENT OF ODISHA,"e" PROCUREMENT NOTICE
### OFFICE OF THE EXECUTIVE ENGINEER, NAYAGARH (R&B) DIVISION, NAYAGARH

ଓଡ଼ିଶା ସରକାର

**WORKS DEPARTMENT**
**Tender Call Notice** No.1282-B

**E-mail: pwdoff.ngd@gmail.com**

**Bid Identification No. EE-Nayagarh (R&B) Division- Online 06/2018-19**

The Executive Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in single / Double cover system in ONLINE MODE from eligible Contractors for construction of Building & Road work as detailed in the table below.

1. Nature of Work : Building Works.
2. No of Work : 3 Nos
3. Tender Cost : To be remitted online through a process as mentioned in DTCN.
4. Class of Contractor : As mentioned in DTCN
5. Available of Bid Document in the website : From Dt.21.02.2019 10.00 AM. to Dt.06.03.2019 Up to 5.00 PM.
6. Date of opening of Bid : Dt.07.03.2019 at 11.00 AM.
7. The Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in.** Any Addendum / Corrigendum / Cancellation of tender can also be seen in the said website.

**Executive Engineer,**
**Nayagarh (R&B) Division, Nayagarh**

34138/11/0013/1819

## OFFICE OF THE EXECUTIVE ENGINEER MINOR IRRIGATION DIVISION, SONEPUR GOVERNMENT OF ODISHA
### "e"-PROCUREMENT NOTICE

**BID IDENTIFICATION No: Online/SNPMI-09/2018-19**

**No.1291-A:-**

| | | | |
|---|---|---|---|
| 1. | Name of the Inviting Officer | : | Executive Engineer, Minor Irrigation Division, Sonepur |
| 2. | Name of the Work | : | Renovation of Tanks in different Blocks of Subarnapur District. |
| 3. | No. of Works | : | 06 (Six) Nos |
| 4. | Tender Amount Varies From | : | 42.70Lakhs to79.05 Lakhs |
| 5. | Date and Time of Availability of BID Document in the Portal for online Bidding from | : | 10.00hrs Dt 21.02.2019 to 17.00hrs Dt.02.03.2019. |
| 6. | Last Date and Time of receipt of Bids in the Portal | : | 17.00hrs Dt. 02.03.2019 |
| 7. | Last Date and Time for clarification up to | : | 17.00hrs Dt. 25.02.2019 |
| 8. | Date of opening of Bid | : | 11.00hrs Dt. 06.03.2019 |
| | The detail tender call notice can also be seen in the DOWR website | : | http://dowrorissa.gov.in |
| | Name & Address of the OIT | : | Executive Engineer, M.I. Division, Sonepur, At/PO/Dist: Subarnapur PIN-767017, Ph-06654-220516, E-Mail:- eemisnp@yahoo.com |
| | Further details can be seen from the e-Procurement market place. | : | http://tenderorissa.gov.in |

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

**Executive Engineer,**
**M.I Division, Sonepur**

**32290/11/0016/1819**

## INTEGRATED TRIBAL DEVELOPMENT AGENCY, PANPOSH

**Tel. No: 0661-2501011, Fax: 2501011, e-mail: itdapan@nic.in**

**No. 347** **Date: 18.02.19**

**e-Procurement Notice Bid Identification No. ITDAPAN-06/2018-19**

**No.CAD-1450:-** The Project Administrator, ITDA, Panposh on behalf of Governor of Odisha invites Percentage Rate bids in online mode for Construction of the work detailed below.

| | | | |
|---|---|---|---|
| 1. | Number of works | : | 1 (One) |
| 2. | Nature of work | : | Civil Construction |
| 3. | Class of Contractor | : | B & C |
| 4. | Period of completion | : | Varies 6 Calendar month |
| 5. | Estimated cost | : | Varies Rs. 24.07 lakhs |
| 6. | Date & time of online availability of details of this notice and the Tender Documents | : | 21.02.19 to 28.02.19 upto 5.00 PM in the Site www.tendersorissa.gov.in and in the office of the P.A, ITDA, Panposh (on working days) |
| 7. | Last date of on-line Bid receipt | : | 28.02.19 upto 5.00 PM |
| 8. | Last date, time & place of receipt of tender through Speed Post/ Register Post | : | The documents should be uploaded through online. |
| 9. | Bid received on-line shall be opened (date) | : | 01.03.19 at 11.00 AM in the office of the P.A, ITDA, Panposh. |
| 10. | Designation and address of the authority inviting Bids | : | Project Administrator, ITDA, Panposh |

The bidders have to participate through online bidding only.

**Sd./-**
**Project Administrator,**
**ITDA, Panposh**

**19056/11/0011/1819**

## BERHAMPUR MUNICIPAL CORPORATION, GANJAM
### INVITATIONS FOR BIDS (IFB)

L. No. 2199/X-E-3-7/2019 Date: 14.02.2019 **495-C**

**Invitation for Bids**

**Bid Identification No. BMC (BAM) 195/2018-19**

| | | |
|---|---|---|
| 1. | The Municipal Commissioner, Berhampur invites percentage rate bids in ONLINE MODE only, as per annexure "A". | |
| 2. | Nature of work | Civil Works |
| 3. | No. of work | 09 Nos. |
| 4. | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5. | EMD | The bidder shall remit online the earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6. | Class of Contractor | As per the Annexure "A" |
| 7. | Availability of Bid Documents in the website | From 15.05hrs of Dt.18.02.2019 to 17.00hrs of 28.02.2019 |
| 8. | Date & Time of opening of the Bids | 11.30hrs onwards on Dt.01.03.2019 |
| 9. | Mode of Sub-mission of tender | Tender should submitted online in www.tendersorissa.gov.in. |

The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.

*Sd./- Commissioner*
*Berhampur Municipal Corporation*
*Berhampur, Odisha*

13035/11/0225/1819

## OFFICER OF THE SUPERINTENDENT ODISHA STATE ARCHIVES, SACHIVALAYA MARG, BHUBANESWAR
### SHORT TENDER CALL NOTICE

**No. 50-RR:-** Sealed tenders are invited from the Original Equipment Manufacturer (OEM) or their authorized dealers/ Agents for purchase & installation of Godrej Mobistack Neo System, Two numbers for Odisha State Archives, Bhubaneswar. The tenders will be opened on 27.02.2019 at 11 AM in the office of the undersigned in the presence of the tenders or their authorized representatives. Non-sealed tenders will be rejected. The undersigned reserves the right to reject any or all tenders without assigning any reason thereof more details of the tender, technical details etc. may be seen from website of culture department www.odishaculture.gov.in. The quantity may very during indent of the items depending upon budgetary allocation.

1. Date of issue of tender documents from 21.02.2019 to 26.02.2019 during the office hour. Cost of the tender paper 500/-.
2. Last date of Submission / receipt of sealed tender on 26.02.2019 upto 3 PM.
3. Date for opening of sealed tenders on 27.02.2019 at 11.30AM in the office of the Superintendent, Odisha State Archives, Bhubaneswar.

*Sd./- Superintendent*
*Odisha State Archives, Sachivalaya Marg*
*P.B.No-35, Bhubaneswar, 751001*
*Ph. No- 0674-2501636*

03002/11/0019/1819



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।

- ଟଲଷ୍ଟୟ୍



**ସଂକ୍ଷେପରେ**

## ଭତ୍ତା ଦାବି ଜଣାଇବା ପାଇଁ ୧୦୦ କି.ମି ଯାତ୍ରା: ଜିଲାପାଳଙ୍କୁ ଦାବିପତ୍ର

**ବଲାଙ୍ଗୀର ଅଫିସ, ୨୦।୨:** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ରେଙ୍ଗାଲୀ ପଞ୍ଚାୟତ ଆମ୍ବାହାଲି ଗ୍ରାମର ୬ ଜଣ ବୃଦ୍ଧାବୃଦ୍ଧ ଭତ୍ତା ପାଇଁ ୧୦୦ କି.ମି ଦୂର ବଲାଙ୍ଗୀର ଆସି ଜିଲାପାଳଙ୍କୁ ଭେଟିଛନ୍ତି। ଭତ୍ତା ପାଉ ନ ଥିବାରୁ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା କହିଥିଲେ । ହାଇକୋର୍ଟ ବେଞ୍ଚ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ବନ୍ଦ ଥିବାରୁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ। ଆମବାହାଲି ଗ୍ରାମର ନିରବତୀ ମାଝି (୭୦), ଟିକେମଣି ବିଶ୍ୱାଳ(୬୮), ଚନ୍ଦନୀ ବିଶ୍ୱାଳ(୬୫) ବିଧବା ଭତ୍ତା ପାଇଁ ଲିଖିତ ଜଣାଇଥିଲେ। ସେହିପରି ପ୍ରେମ ଭୋଇ (୭୦), ମାଖନଲାଲ ମାଝି (୬୫) ଓ ଶ୍ରୀରାମ କଅଁର (୭୦) ବାର୍ଦ୍ଧକ୍ୟ ଭତ୍ତା ପାଇଁ ଲିଖିତ ଭାବେ ଜଣାଇଛନ୍ତି। ବୃଦ୍ଧାବୃଦ୍ଧମାନେ ପଞ୍ଚାୟତ ଓ ଖପ୍ରାଖୋଲ ବ୍ଲକ ଅଫିସରେ ବାରମ୍ବାର ଭତ୍ତା ପାଇବା ନେଇ ଲିଖିତ ଭାବେ ଜଣାଇଥିଲେ। ହେଲେ ଭତ୍ତା ମିଳି ନ ଥିଲା। ଫଳରେ ସେମାନେ ବାଧ ହୋଇ ୧୦୦ କି.ମି ଦୂର ବଲାଙ୍ଗୀର ଆସି ବୁଧବାର ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଭେଟି ଭତ୍ତା ଯୋଗାଇ ଦେବାନେଇ ନିବେଦନ କରିଥିଲେ। ଜିଲାପାଳ ଡାକୁଆ ସେମାନଙ୍କ ଦରଖାସ୍ତକୁ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ପରେ ସେମାନେ ଗାଁକୁ ଫେରି ଯାଇଥିଲେ।



## ତୁଷୁରା ଚିକିତ୍ସାଳୟ ପାହ୍ୟା ବୃଦ୍ଧି ଦାବି ଧାରଣା ୨ୟ ଦିନରେ

**ଗୁଡ଼ଭେଲା, ୨୦।୨(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ତୁଷୁରା ସରକାରୀ ଚିକିତ୍ସାଳୟ ପାହ୍ୟା ବୃଦ୍ଧି ନେଇ ସ୍ଥାନୀୟ ନାଗରିକ କମିଟି ପକ୍ଷରୁ ତୁଷୁରା ବସଷ୍ଟାଣ୍ଡଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଇଛି। ବୁଧବାର ଧାରଣାର ଦ୍ୱିତୀୟ ଦିନରେ ଧାନଘରା ଗ୍ରାମର ଦାନୋ ସଂଗଠନ ଆନ୍ଦୋଳନକୁ ସମର୍ଥନ କରି କର୍ମକର୍ତ୍ତାମାନେ ଏଥିରେ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ତୁଷୁରା ଏନ୍ଏସି କାର୍ଯ୍ୟାଳୟରେ ଚାଲିଥିବା ପିଠା କାର୍ଯ୍ୟକ୍ରମକୁ ଆନ୍ଦୋଳନକାରୀମାନେ ବିରୋଧ କରିବାରୁ ବନ୍ଦ ହୋଇଯାଇଥିଲା । ଏ ନେଇ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କୁ ପଚାରିବାରୁ ପିଠା କାର୍ଯ୍ୟକ୍ରମ ବୁଧବାର ଶେଷଦିନ ଥିବାବେଳେ ପ୍ରାୟ କାର୍ଯ୍ୟ ଶେଷ ହୋଇଯାଇଥିଲା। ଏଥିରେ ହିତାଧିକାରୀମାନଙ୍କୁ କୌଣସି ଅସୁବିଧା ହୋଇନାହିଁ ବୋଲି କହିଥିଲେ। ଅଚ୍ୟୁତାନନ୍ଦ ରଣା, ପ୍ରକାଶ ଗହୀର, ଦେବେନ୍ଦ୍ର ରଣା, ସଞ୍ଜୀବ ମାଝି, ଆକାଶ ରଣା, ପ୍ରଶାନ୍ତ ହରପାଳ, ମୁକେଶ ରଣା ଆଦି ଧାରଣାରେ ସାମିଲ ଥିଲେ।





ଦେଓଗାଁ ରୋଡ ରେଳ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଦାବି ନେଇ ଆନ୍ଦୋଳନକାରୀଙ୍କ ସହ ସମ୍ବଲପୁର ରେଳ ଡିଭିଜନର ସହକାରୀ ବାଣିଜ୍ୟିକ ପ୍ରବନ୍ଧକ ଜି.ଡି. ସରକାର ଆଲୋଚନା କରୁଛନ୍ତି (ବାମ)। ଦେଓଗାଁ ରୋଡ ରେଳ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଦାବିକୁ ନେଇ ଚାଲିଥିବା ଆନ୍ଦୋଳନରେ ମହିଳାମାନେ ସାମିଲ ହୋଇ ଧାରଣାରେ ବସିଛନ୍ତି।

### ଦେଓଗାଁ ରେଳଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଦାବି

# ରେଳରୋକୋ: ବନ୍ଦ ପାଳନ

**ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ**

**ଦେଓଗାଁ, ୨୦।୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁରୋଡ ରେଳଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହୁଣି ଦାବି ନେଇ ବୁଧବାର ରେଳରୋକୋ ଆନ୍ଦୋଳନ ହୋଇଥିଲା । ଏପରି କି ଅଞ୍ଚଳବାସୀଙ୍କ ନିଷ୍ପତ୍ତି କ୍ରମେ ଦେଓଗାଁ ବନ୍ଦ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦେଓଗାଁର ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ, ବ୍ଲକ କାର୍ଯ୍ୟାଳୟ, ତହସିଲ, ବ୍ୟାଙ୍କ, ସ୍କୁଲ, କଲେଜ, ଦୋକାନ ବଜାର ବନ୍ଦ ରହିଥିଲା। ୭ଦିନ ମଧ୍ୟରେ ତପସ୍ୱିନୀ ଏକ୍ସପ୍ରେସ ଟ୍ରେନ ରହଣି ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଅପରାହ୍ନ ସାଢେ ୨ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଦେଓଗାଁ ତଥା ଅଞ୍ଚଳବାସୀ ସକାଳ ୭ଟାରେ ଦେଓଗାଁରୋଡ ନିକଟରେ ପହଞ୍ଚି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ପାକିସ୍ତାନର ଜାତୀୟପତାକା ପୋଡିହିଂସାତ୍ମକ କାର୍ଯ୍ୟକଳାପ ବିରୋଧରେ ପ୍ରତିବାଦ କରିଥିଲେ। ପରେ ସକାଳ ୮ଟାରୁ ଦେଓଗାଁ ଗ୍ରାମ୍ୟ କମିଟି, ବଣିକ ସଂଘ ଏବଂ ଅଞ୍ଚଳବାସୀ ରେଳଧାରଣା ଉପରକୁ ଆସି ଧାରଣାରେ ବସିଥିଲେ। ବିଭାଗୀୟ ଅଧିକାରୀଙ୍କ ବୈମାତୃକ ମନୋଭାବକୁ ଆନ୍ଦୋଳନକାରୀମାନେ ସମାଲୋଚନା କରିଥିଲେ। ଦେଓଗାଁବାସୀ ୨୦୦୦ରୁ ଦେଓଗାଁରୋଡରେ ଏକ୍ସପ୍ରେସ ଟ୍ରେନ ରହଣି ନେଇ ଦାବି କରି ଆସୁଛନ୍ତି। ହେଲେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଆନ୍ଦୋଳନକାରୀ କ୍ଷୋଭ ପ୍ରକାଶ କରିଥିଲେ। ଅପରାହ୍ନ ସାଢେ ୨ଟାରେ ଜିଆର୍‌ପି ଅଧିକାରୀ ଡି.କେ. ମିଶ୍ରା, ପି.କେ. ଦଳବେହେରା. ଏଲ୍.କେ. ସାହୁଙ୍କ ସହ ସମ୍ବଲପୁର ରେଳ ଡିଭିଜନର ସହକାରୀ ବାଣିଜ୍ୟିକ ପ୍ରବନ୍ଧକ ଜି.ଡି. ସରକାର ଆନ୍ଦୋଳନ ସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପରେ ଦାବି ଅନୁସାରେ ୭ ଦିନ ମଧ୍ୟରେ ତପସ୍ୱିନୀ ଏକ୍ସପ୍ରେସ ଦେଓଗାଁରୋଡରେ ଅଟକିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେବା ସହ ଇସ୍ପାତ ଓ ଦୁର୍ଗ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ରହଣି ପାଇଁ ଜେନେରାଲ ମ୍ୟାନେଜରଙ୍କ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରଣାଳୟକୁ ପଠାଇ ଏହାର ଏକ ନକଲ କପି କମିଟିକୁ ହସ୍ତାନ୍ତର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୂର୍ବରୁ ମଧ୍ୟ ଜନସାଧାରଣ ଏକ୍ସପ୍ରେସ ଟ୍ରେନ ରହଣି ଦାବି ନେଇ ରେଳ ରୋକୋ ଆନ୍ଦୋଳନ କରାଯାଇଥିଲା। ହେଲେ ଦାବି ପ୍ରତି ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଇ ନ ଥିବା ବେଳେ ବୁଧବାର ବିଭାଗୀୟ ଅଧିକାରୀଙ୍କ ଦେଇଥିବା ପ୍ରତିଶ୍ରୁତିକୁ ଜନସାଧାରଣ ସହଜରେ ଗ୍ରହଣ କରି ପାରୁନାହାନ୍ତି। ୭ ଦିନ ମଧ୍ୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରା ନ ଗଲେ ପୁଣି ରେଳରୋକୋ ଆନ୍ଦୋଳନ କରାଯିବ ବୋଲି ଜନସାଧାରଣ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ଏହି ଦାବି ନେଇ ଚଳିତମାସ ୧୭, ୧୮ ଓ ୧୯ତାରିଖ ୩ଦିନ ଧରି ରେଳଷ୍ଟେଶନ ନିକଟରେ ଅଞ୍ଚଳବାସୀ ଧାରଣାରେ ବସିଥିବା ବେଳେ କୌଣସୀ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ରେଳରୋକୋ ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନକୁ ଦେଓଗାଁ ଗ୍ରାମ୍ୟ କମିଟି, ଜରାସିଂହା ଗ୍ରାମ୍ୟ କମିଟି, ଦେଓଗାଁ ବଣିକ ସଂଘ ଓ ଅଞ୍ଚଳବାସୀ ସହଯୋଗ କରିଥିଲେ। ଆନ୍ଦୋଳନ ଯୋଗୁ ସୁରତ-ପୁରୀ ଏକ୍ସପ୍ରେସ ତୁଷୁରା ଗେଟରୁ ବିଶାଖାପାଟଣା ଫେରିଯାଇଥିବା ବେଳେ ତପସ୍ୱିନି ଏକ୍ସପ୍ରେସ ବଲାଙ୍ଗୀରରୁ ସମ୍ବଲପୁର ଅଭିମୁଖେ ଫେରି ଯାଇଥିଲା। ସେହିପରି ପୁରୀ ଲୋକମାନ୍ୟ ତିଳକ (କୁର୍ଲା)ଏକ୍ସପ୍ରେସ ବଲାଙ୍ଗୀର ଷ୍ଟେସନରୁ ଡାଇଭର୍ଟ ହୋଇ ସମ୍ବଲପୁର, ବିଳାସପୁର ଦେଇ ରାୟପୁର ଯାଇଥିବା ବେଳେ ହାଓଡା-କୋରାପୁଟ ଓ କୋରାପୁଟ-ହାଓଡା ସମ୍ବଲପୁରରୁ ବାତିଲ କରାଯାଇଥିଲା ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଦେଓଗାଁ ରୋଡ ହୋମସିଗନାଲଠାରେ ସକାଳ ୮ଟାରୁ ଅଟକଥିବା ଏକ ମାଲବାହୀ ଟ୍ରେନ ଅପରାହ୍ନ ସାଢେ ୨ଟାରେ ଛାଡିଥିଲା।

## ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ଟିଟିଲାଗଡ଼, ୨୦।୨(ଡି.ଏନ.ଏ.)**

କୋଶଲୀ ଭାଷା ସୁରକ୍ଷା ସମିତି ଟିଟିଲାଗଡ଼ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକଠାରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଏବଂ ଶ୍ରଦ୍ଧାଞ୍ଜଳି କବିତା ପାଠ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଭିକାରି ଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏନ୍‌ସିସି ମେଜର ବୃନ୍ଦାବନ ଷଡଙ୍ଗୀ ମୁଖ୍ୟଅତିଥି, ଗବେଷକ ପ୍ରାଧ୍ୟାପକ ଡ. ଦୋଳଗୋବିନ୍ଦ ବିଶି ମୁଖ୍ୟବକ୍ତା, ଅଧ୍ୟାପକ ବିନୟ କୁମାର ଦାଶ, ବରିଷ୍ଠ ଶିକ୍ଷାବିତ ରାଜୀବ ଲୋଚନ ପାଢୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏପରି କି ଅତିଥିମାନେ ଯବାନଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରିବା ସହ ଆତଙ୍କବାଦୀ ଆତଙ୍କବାଦକୁ ବିଲୋପ କରିବା ପାଇଁ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସଂଯୋଜକ ଅଧ୍ୟାପକ ଦିଲୀପ ପଶାୟତଙ୍କ ପରିଚାଳନାରେ ଶ୍ରଦ୍ଧାଞ୍ଜଳି କବିତା ପାଠ କରାଯାଇଥିଲା। କବି ରାଜୀବ ଲୋଚନ ପାଢୀ, ବିଶ୍ୱରାମ ଠାକୁର, ଅକ୍ଷୟ ଛୁରା, ପୁଲସ୍ତି ବେହେରା, ସୁନୀଲ ଅଗସ୍ତି, ମଧୁସୁଦନ ମହାନନ୍ଦ, ମଧୁ ମାଝି, ଜ୍ୟୋତିପ୍ରକାଶ ଗଡତିଆ, ସେବକ ଚରଣ ଦାସ, ସଞ୍ଜୟ ଅଗସ୍ତି, ବିରାଜ ପୁଟେଲ, ନିଳାମ୍ବର ବେହେରା, ଚତୁର୍ଭୁଜ ସଆନ୍ତ, ଦୁବ ହରପାଲ, ନରସିଂହ ଛତର, ଗୋବିନ୍ଦ ନାମଦେବ, ରାଜ ନାଗ, ଚିତ୍ତରଞ୍ଜନ ଚାନ୍ଦ, ଯଶୋବନ୍ତ ସାହୁ, ସତ୍ୟନାରାୟଣ ସାହୁ, ଟିକେଲାଲ ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବି ନିଳମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନ ବିକ୍ରି ଟଙ୍କା ପାଇବାରେ ବିଳମ୍ବ ଅଭିଯୋଗ

**ଦେଓଗାଁ, ୨୦।୨(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଅଧୀନ ଜରାସିଂହା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାରେ ଚଳିତ ଖରିଫ ଧାନ ବିକ୍ରି ଟଙ୍କା ଦେବାରେ ବିଳମ୍ବ ହେଉଥିବା ଚାଷୀମାନେ ଅଭିଯାଗ କରିଛନ୍ତି। ଏନେଇ ବୁଧବାର ଚାଷୀମାନେ ବ୍ୟାଙ୍କ ଶାଖା ସମ୍ମୁଖରେ ପ୍ରତିବାଦ କରି ତୁରନ୍ତ ଧାନ ବିକ୍ରି ଟଙ୍କା ଦେବାକୁ ଶାଖା ପରିଚାଳକଙ୍କ ନିକଟରେ ଦାବି କରିଥିଲେ। ବ୍ୟାଙ୍କ ଅଧୀନ ମହଲାଇ ଓ ଉପରଝର ପେକ୍ସର ଚାଷୀଙ୍କ ଅଭିଯୋଗ ମୁତାବକ, ୨ ସପ୍ତାହ ହେଲା ସେମାନେ ଧାନ ବିକ୍ରି କରିସାରିଛନ୍ତି। ହେଲେ ଟଙ୍କା ପାଇଁ ସେମାନେ ବ୍ୟାଙ୍କକୁ ଆସୁଥିବା ବେଳେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଆଳ ଦେଖାଇ ଟଙ୍କା ଦିଆଯାଉ ନାହିଁ। ତୁରନ୍ତ ଧାନ ବିକ୍ରି ଟଙ୍କା ପ୍ରଦାନ କରିବାକୁ ଗ୍ରାମର ବିରଞ୍ଚି ବିହାରୀ ପଧାନ, ଦିଗାମ୍ବର ଭୋଇ, କ୍ଷୀରୋଦ୍ର ସାହୁ, ନୃପତି ଭୋଇ, ବନ୍ଧପାଲିର ଯୁବରାଜ ନାଏକ, ରାମେଶ୍ୱର ରାଉତ, ବିଜୟ ସେଠ, ଶୁଶିଳ ନାଏକ, ଥାଲବନ୍ଧର ଭୁବନ ସେଠ, ଧନୁର୍ଜ ପୁଟେଲ, ବିରଞ୍ଚି ସାହୁ, ରଘୁନାଥ ସାହୁ, ଫଟାମୁଣ୍ଡାର ସନ୍ତୋଷ ପଟେଲ, ନୀଳମଣି ପଧାନ, ସରୋଜ ପଟେଲ, ଦୀପେନ୍ଦ୍ର ପଟେଲ ପ୍ରମୁଖ ଚାଷୀ ଦାବି କରିଛନ୍ତି । ଏନେଇ ବ୍ୟାଙ୍କ ଶାଖା ପରିଚାଳକ ଆନନ୍ଦ କୁମାର ବେହେରାଙ୍କୁ ପଚାରିବାରୁ ମୁଖ୍ୟ କାର୍ଯ୍ୟାଳୟରୁ ଟଙ୍କା ଆସୁ ନ ଥିବାରୁ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ଦିଆଯାଇ ନାହିଁ। ଶୁକ୍ରବାର ଚାଷୀଙ୍କ ଟଙ୍କା ପଇଠ କରିବାକୁ ଚେଷ୍ଟା କରାଯିବ ବୋଲି କହିଛନ୍ତି।



ଖରିଫ ଧାନ ବିକ୍ରି ଟଙ୍କା ମିଳିବାରେ ବିଳମ୍ବ ନେଇ ଜରାସିଂହା ସମବାୟ ବ୍ୟାଙ୍କ ସମ୍ମୁଖରେ ଚାଷୀମାନେ ପ୍ରତିବାଦ କରୁଛନ୍ତି ।

## ବେଲପଡ଼ା ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

**ବେଲପଡ଼ା, ୨୦।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ବୁଡେକଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ଅଶୋକ ପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟିତ୍ରୀ ରିନା ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବେଲପଡ଼ା ବ୍ଲକ ଶିକ୍ଷା ଅଧିକାରୀ ବୈକୁଣ୍ଠ ନାଥ ଶବର ଯୋଗଦେଇ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ଉପରେ ମତବ୍ୟକ୍ତି କରିଥିଲେ। ମୁଖ୍ୟ ବକ୍ତା ଭାବେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଦିଗଦର୍ଶନ ଦେଇଥିଲେ। ପୂର୍ବତନ ବ୍ଲକ ବିଆର୍‌ସି ନିରଞ୍ଜନ ବେହେରା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରତ୍ନମଞ୍ଜରୀ ଦାଶ, ବେଲପଡ଼ା ସିଆର୍‌ସିସି ସୂର୍ଯ୍ୟଭାନୁ ହୋତା, ଏବିଇଓ ଜଗବନ୍ଧୁ ମିର୍ଦ୍ଧା, ନେଡାଲ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ହରେକୃଷ୍ଣ ବାରିକ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ବିଦ୍ୟାଭାରତୀ ବିଦ୍ୟାଳୟ ପକ୍ଷରୁ ପଶ୍ଚିମ ଓଡିଶା ସ୍ତରୀୟ ମେଧାବୀ ଚୟନ ପରୀକ୍ଷା ପରିଚାଳନା କରାଯାଉଛି ।

## ପଶ୍ଚିମ ଓଡ଼ିଶାସ୍ତରୀୟ ମେଧାବୀ ଚୟନ ପରୀକ୍ଷା

**ବଲାଙ୍ଗୀର ଅଫିସ, ୨୦।୨**

ଅମ୍ରିତାଦେବୀ ମେମୋରିଆଲ ପକ୍ଷରୁ ପ୍ରତିଷ୍ଠିତ ବିଦ୍ୟାଭାରତୀ ଆବାସିକ ବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ପତିତପାବନ ଏକାଡେମୀଠାରେ ପଞ୍ଚମ ପଶ୍ଚିମ ଓଡିଶାସ୍ତରୀୟ ମେଧାବୀ ଚୟନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପ୍ରତିଷ୍ଠାତା ରାମଚନ୍ଦ୍ର ବେହେରା, ଦେବସ୍ମିତା ବେହେରାଙ୍କ ଆବାହକତ୍ୱରେ ତଥା ବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମଚରଣ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପରୀକ୍ଷାରେ ୩ ଶହ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ସପ୍ତମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀଛାତ୍ରୀଙ୍କ ମଧ୍ୟରୁ ମେଧାବୀ ଚୟନ ପ୍ରକ୍ରିୟା ଜରିଆରେ ସେମାନଙ୍କୁ ମାଗଣାରେ ବିଦ୍ୟାଭାରତୀରେ ନାମ ଲେଖାଇବାକୁ ସୁଯୋଗ ଦେବା ଏବଂ ଏହି ପରୀକ୍ଷା ଦେଇଥିବା ଅନ୍ୟାନ୍ୟ ସମସ୍ତଙ୍କୁ ମଧ୍ୟ ସେମାନଙ୍କ ଯୋଗ୍ୟତା ଭିତ୍ତିରେ ନାମଲେଖା ବେଳେ ଫି କୋହଳ କରି ଉପଯୁକ୍ତ ଶିକ୍ଷାଗ୍ରହଣ ପାଇଁ ସୁଯୋଗ ସୃଷ୍ଟି କରି ପ୍ରୋତ୍ସାହିତ କରିବା ହିଁ ଏହି ପରୀକ୍ଷାର ଆଭିମୁଖ୍ୟ ବୋଲି ଅଧ୍ୟକ୍ଷ ଆଚାର୍ଯ୍ୟ କହିଛନ୍ତି । ପରୀକ୍ଷାକୁ ଶୃଙ୍ଖଳାର ସହ ପରିଚାଳନା କରିବାରେ ଶିକ୍ଷକ ହିମାଂଶୁ ହନୁମାନ, ସୁନାରାମ ଟୁଡୁ, ଆଶିଷ ତ୍ରିପାଠୀ, ମନୋଜ କୁମ୍ଭାର, ଦିବ୍ୟଲୋଚନ ଥନାପତି, ସୂର୍ଯ୍ୟଭାନୁ ମେହେର, ଶିକ୍ଷୟିତ୍ରୀ ରଶ୍ମିରେଖା ପଟ୍ଟନାୟକ, ପରବିନ୍ ଆରା, ଅହଲ୍ୟା ଭୋଇ, କରିସ୍ମା ଠାକୁର ଓ ସୁନିତା ଥାପା ଦାୟିତ୍ୱ ବହନ କରିଥିଲେ। ଖୁବଶୀଘ୍ର ଏହି ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ବିଦ୍ୟାଳୟ ନିର୍ଦ୍ଦେଶକ ବେହେରା ସୂଚନା ଦେଇଛନ୍ତି ।

## ଝରବାହାଲିରେ କ୍ଲଷ୍ଟରସ୍ତରୀୟ କ୍ରୀଡ଼ା

**ଟିକ୍ରାପଡା, ୨୦।୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧୀନ ଝରବାହାଲିସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଦୀପକ ପ୍ରଧାନ, ଜୟଶଙ୍କର ସତପଥୀ, ପ୍ରବୀଣ ମଲ୍ଲିକ ପ୍ରତିଯୋଗିତାର ପରିଚାଳନା କରିଥିଲେ। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ ମହେଶ ପ୍ରସାଦ ଯୋଷୀଙ୍କ ଅଧ୍ୟକ୍ଷତା ଏବଂ ସିଆରସିସି ଜୁଗ ଭୋଇଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ଫ୍ଲୋରା ଗୁରିଆ ମୁଖ୍ୟଅତିଥି, ଏବିଇଓ ଆର୍ତ୍ତତ୍ରାଣ ରଥ, ଏବିଇଓ ନାରାୟଣ ଭୋଇ, ସମିତି ସଭ୍ୟ ଅନନ୍ତ କାଲସାଏ, ନିରନ ମାଝି, ସ୍ଥାନୀୟ ସରପଞ୍ଚ ବଜ୍ରଙ୍ଗଲାଲ ଜୈନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶିକ୍ଷାବିତ ଅରବିନ୍ଦ ସୁପକାର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ସାଧନ ପାଇଁ ପ୍ରତିଯୋଗିତା ଏକ ଉଦ୍ଦିଷ୍ଟ ମାଧ୍ୟମ ବକ୍ତାମାନେ ପ୍ରକାଶ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସଭା ପରେ ରୋହିତାଶ୍ୱ ସୁଆର, ସୁଶୀଲ ପୋଢଙ୍କ ସଂଯୋଜନାରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପିତାମ୍ବର ବାରିକ, ସୁରେଶ ମହାକୁର, ସଞ୍ଜୀବ ଭୋଇ, ଗୌରଚନ୍ଦ୍ର ଖଣ୍ଡଗିରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧୀନ ୯ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବଜାର ତାଲେ ତାଲେ ନାଚୁଛନ୍ ବୁଢ଼ୁଧ୍ ବୁଧ

**କଳାର ମହିମା**

**ଲୋଇସିଂହା, ୨୦।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାରିଗାଁର ବୁଧ ବନଛୋର(୮୦)। ସେ ପେସାରେ ଝନେ ନଚନିଆଁ କଳାକାର। ୮ ବଛର ବଏସୁ ସେ ନାଚ୍‌ଗୀତ୍ ପଦରଶନ କରିଆସୁଛନ୍। ସରକାରକଁର ଦୁଆରା ଆୟୋଜିତ ଭିନେ ଭିନେ କାଯ୍‌କରମରେ ଗାଁକେ ଗାଁ ଯାଇ ସରକାରୀ ନୀତି, ଯୋଜ୍‌ନା ବାବ୍‌ଦେ ଲୁକ୍‌କୁ ନାଚ୍‌ଗୀତ୍ ଜରିଆରେ ସଚେତନ କରୁଛନ୍। ଇ ବୁଢ଼ା ବେଲେ ବି ତାକର ପାଦ୍ ନାଇଁ ଥକି। ୨ ମାସ ହେଲା ମିଲିଥିବାର କଳାକାର ଭତା ତାକର ମନ୍‌ବଲକେ ଆହୁରି ବଢ଼େଇ ଦେଇଥିବାର ସେ କହିଛନ୍।

କୁଶଙ୍ଗ ପଁଚେତ୍ ବାରିଗାଁର ସ୍ୱର୍ଗତ ବାପା ଅମର ବନଛୋର ଆର ମା' ସୁମିତ୍ରାକଁର ୭ ପୁଓ ଭିତରୁ ବୁଧ ହେଉଛନ୍ ସବା ସାନ୍। ବନଛୋର ପରିବାର ଇ ଅଂଚଲର ଗୁଟେ କଳାକାର ପରିବାର ହିସାବେ ଜନାଶୁନା। ବୁଧକଁର ବାପା ଆର ବଡ଼ଭାଇ ହୃଷିକେଶ ନଚନିଆଁ, କରମସାନି କଳାକାର ହିସାବେ ବନେ ନାଁ କମେଇଛନ୍। ତାଁକରନୁ ପେରନା ପାଇ ବୁଧ ବି ୮ ବଛର୍ ବଏସୁ କଳାକେ ଆପନେଇ ନେଇଥିଲେ। ସେ ଭଡ଼ଭାଇ ହୃଷିକେଶକଁରନୁ ଇ ନାଚ୍‌ଗାନା ଶିଖିଛନ୍। କରମସାନି ଆର ବିହାଘର, ବରଯାତ୍‌ରିରେ ନଚନିଆଁ ହିସାବେ ଯାଇ ନାଚ୍‌ଗୀତ୍ କରି ଟଁକା ରୁଜ୍‌ଗାର କରୁଥିଲେ। ଇ ରୁଜ୍‌ଗାର ଟଁକାରୁ ବୁଧ ନିଜର କୁଟୁମ ପୁଷ୍‌ବାର ସଂଗେ ଦୁଇ ଝିଁକେ ବିହା କରିଛନ୍। ହେଲେ ପାଖାପାଖି ୨୦ ବଛର ହେଲା ପରିସ୍ଥିତି ବଦଲି ଯାଇଛେ। ଲୋକ୍ ଆଧୁନିକତା ଆଡ଼କେ ମୁହେଁଇଛନ୍। ଏହେଦେ ବିହାଘର, ବରଯାତ୍‌ରିରେ ଗଁଡ଼ାବଜା, ନଚନିଆଁକର ଠାନ୍ ନେଇଛେ ଡିଜେ, ବ୍ୟାଣ୍ଡପାର୍ଟି, ଦୁଲଦୁଲି, ମେଲୋଡି। ଆଏଜ୍‌କାଲି ଲୋକ୍ ବରଯାତ୍‌ରିମାନ୍‌କେ ମଦ୍‌ପାଏନ୍ ପିଇ ଆଧୁନିକ୍ ବଜାରେ ମତୁଆଲ ହେଇଯାଉଛନ୍। ବରଯାତ୍‌ରି ଖାଡ୍ଡୁ ଏନ୍‌ତା ଉଦୁରମାତ ହେଉଛନ୍ ଯେ, ଅନେକ୍ ଜାଗାରେ ନାଇଁହେଲା ପରିସ୍ଥିତି ଦେଖା ଦେଉଛେ। ଯେନ୍‌ତା କି ଆମର ସମାଜ ଲାଗି ଭଲ ନୁହେ। ଆଘରୁ ଲୋକ୍ ଗାଁକେ ବରଯାତ୍‌ରି ଆଏଲେ ଗାଁର ଝିଁ'ବହେନ୍ ଠାନୁ ଠାଟ୍‌ପଟୁଆ ଲୋକ୍ ଠିଆ ହେଇ ନଚନିଆଁକର ନାଚ୍‌ଗୀତ୍, ବାଜ୍‌ନା ଖୁସିମନେ ଦେଖୁଥିଲେ। ରାମାୟଣ, କୃଷ୍ଣଲିଲା, କୃଷ୍ଣ ଯୋଗୀବେଶ, ଅକ୍ରୁର ଗମନ, ୨୫ ପୁରି ଛାନ୍ଦ ରତ୍ନାକର, ମଥୁରା ମଙ୍ଗଳ, ପ୍ରଭାତି ଗୀତ ଗାଇ ଗଁଡ଼ାବଜାର ତାଲେତାଲେ ନଚନିଆଁମାନେ ନାଚ୍ ପଦରଶନ କରୁଥିଲେ। ସେତେବେଲେ ଗୁଟେ ବିହାଘରେ ହଜାରେ ଟଁକା ପାରିଶ୍ରମିକ ମିଲୁଥିଲା, ଯେନ୍‌ଥିରେ ପରିବାର ଚଲାବାରେ କେହେନ୍‌ସି ପରକାର ଅସ୍‌ବିଧା ନାଇଁ ହେଉଥାଇ। ଇ ପରଂପରା ବଁଦ୍ ହେଲାରୁ ଇ ବୁଢ଼ା ବଏସେ ବି ଯୁଝିବାକେ ପଡୁଛେ। ପେସାରେ ଯାହା ବି ରୁଜ୍‌ଗାର ହେଉଛେ ସେଟା ପେଟେ ସରିଯାଉଛେ। ହେଲେ ବି ବୁଢ଼ାବୁଢ଼ି ଇଥିରେ ଖୁସିରେ ଚଲିଯାଉଛୁଁ। ଘରଖଁଡ଼େ ବନାବାର ତାକତ୍ ନାଁଇଁ। ଯଦି ସରକାରୀ ଯୋଜ୍‌ନାରେ ପକାଘର ଖଁଡ଼େ ମିଲ୍‌ତା ଭଲ ହେତା ବଲି ବୁଧ କହିଛନ୍।



ନଚନିଆଁ ବେଶରେ ବୁଧ ବନଛୋର।



## କୁଳସଚିବଙ୍କ ଆଇନ କଲେଜ ପରିଦର୍ଶନ

**ସମ୍ବଲପୁର, ୨୦।୨ (ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ସଞ୍ଜିତ କୁମାର ସାହୁ ବୁଧବାର ଆଇନ କଲେଜ ପରିଦର୍ଶନ କରିଛନ୍ତି । ସେ କଲେଜର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ତାଙ୍କ ସହ ପ୍ରତିନିଧି ଦଳରେ ବିଶ୍ୱବିଦ୍ୟାଳୟ ଉନ୍ନୟନ ଅଧିକାରୀ ଇଂ. ସନ୍ତୋଷ ମହାନ୍ତି ଓ ରାଜୀବ ପାଢ଼ୀ ସାମିଲ ଥିଲେ । ବିବିଏ ଏଲଏଲବି ଓ ଏଲଏଲଏମ ପାଠ୍ୟକ୍ରମ ସକାଶେ ନୂତନ କୋଠା ନିର୍ମାଣ, ଇ-ଲାଇବ୍ରେରୀ ସ୍ଥାପନ, ନବନିର୍ମିତ ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା ବିଷୟରେ କଲେଜ ଅଧ୍ୟକ୍ଷ ଡ. ବିଜୟା ନନ୍ଦ ବେହେରାଙ୍କ ସହ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ଡ. ବିକ୍ରମ କୁମାର ଦାଶ, ରାଜକିଶୋର ପାଢ଼ୀ, ସମୀର ମହାପାତ୍ର ଉପସ୍ଥିତ ଥିଲେ ।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ଜାତୀୟ ରାଜପଥ ମାନ୍ୟତା ଦାବି

ରିଷିଡା,୨୦।୨(ଡି.ଏନ.ଏ.)- କଳାହାଣ୍ଡି ଜିଲାକୁ ସଂଯୋଗ କରୁଥିବା ଛତିକୁଡା-ନର୍ଲା- ମ.ରାମପୁର-ରିଷିଡା-ତରଭା-ସୋନପୁର-ସମ୍ବଲପୁର-ଝାରସୁଗୁଡା ରାସ୍ତାକୁ ଜାତୀୟ ରାଜପଥର ମାନ୍ୟତା ଦେବାକୁ ଦାବି ହେଉଛି । ଅନ୍ୟପକ୍ଷରେ ଅମାଠ-ବେଲଖଣ୍ଡି-ରିଷିଡା- ତୁଷୁରା-ଆଠଗାଁ-ବଲାଙ୍ଗୀର ରାସ୍ତାକୁ ରାଜ୍ୟ ରାଜପଥର ମାନ୍ୟତା ଦେବାକୁ ଦାବି ହେଉଛି । ଏହି ରାସ୍ତାରେ ଯାନବାହନ ଯାତାୟାତ ସମୟରେ କୌଣସି ସ୍ଥାନରେ ଅଟକି ରହିବାକୁ ପଡିବନି । କାରଣ ଭାରିଯାନଗୁଡିକ ଭବାନୀପାଟଣା, ବଲାଙ୍ଗୀର ସମେତ ବରଗଡ ଅଞ୍ଚଳରେ ସକାଳରୁ ରାତି ୧୦ ଘଣ୍ଟା ପର୍ଯ୍ୟନ୍ତ ଗାଡି ଗୁଡିକ ଅଟକି ରହୁଛି ।



### ଦୁନ୍ଦେଲମାଲ ପଞ୍ଚାୟତରେ ଏଲ୍ଇଡି ବଲ୍ବ ବଣ୍ଟନ

ଜୁନାଗଡ଼,୨୦।୨(ଡି.ଏନ.ଏ.)- କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଦୁନ୍ଦେଲମାଲପଞ୍ଚାୟତରେ ବୁଧବାର ଏଲ୍ଇଡି ବଲବ ବଣ୍ଟନ କରାଯାଇଛି। ଏଥିରେ ପଞ୍ଚାୟତର ୨୫୦ଜଣ ହିତାଧିକାରୀଙ୍କୁ ମାଗଣାରେ ୪ଟି ଲେଖାଏ ଏଲଇଡି ବଲବ୍ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଡା ତ୍ରିଭୁବନ ପଣ୍ଡା, ପିଇଓ ଶେଷଦେବ ରଣା, ନାଏବ ସରପଞ୍ଚ କସ୍ତୁରୀ ନାଏକ, ସମିତିସଭ୍ୟା ନିଲେନ୍ଦ୍ରୀ ମାଝି, ବିଦ୍ୟୁତ ବିଭାଗର କର୍ମଚାରୀ ସମେତ ସମସ୍ତ ୱାର୍ଡ ସଦସ୍ୟ ଯୋଗଦେଇ ଏଲଇଡି ବଲବ ବଣ୍ଟନ କରିଥିଲେ।

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି, ଶୋଭାଯାତ୍ରା

ପଲମ,୨୦।୨(ଡି.ଏନ.ଏ.)- କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ଦୁର୍ଗାମଣ୍ଡପଠାରେ ଯୁବା ସଂଘ ତରଫରୁ ମଙ୍ଗଳବାର ଜାମ୍ମୁ କାଶ୍ମୀର ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଓ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଦୁର୍ଗା ମଣ୍ଡପଠାରୁ ବାହାରି ପଲମ ଚାରିଛକ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଶୁଭେନ୍ଦୁ ନାଏକ, ଶୁସାନ୍ତ ସାହୁ, ପ୍ରଦୀପ ସାହୁ, ଜିତୁ ସାହୁ, ଟୁଲୁ ସାହୁ, ସରିଷ ମାଝିଙ୍କ ନେତୃତ୍ୱରେ ଶତାଧିକ ଯୁବକ ସାମିଲ ହୋଇଥିଲେ। ଏହି ଅବସରରେ ଯବାନଙ୍କ ଫଟୋ ସ୍ଥାପନ କରି ୨ ମିନିଟ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଆଗାମୀ ଦିନରେ ଯବାନମାନଙ୍କ ସମ୍ପୂର୍ଣ୍ଣ ସୁରକ୍ଷା ସହ ପରିବାରଙ୍କ ସୁରକ୍ଷା କରିବା ପାଇଁ ସମସ୍ତଙ୍କ ଦ୍ୱାରା ଦାବି ପ୍ରକାଶ କରାଯାଇଥିଲା ।

# ପଶ୍ଚିମ ଓଡ଼ିଶାର ଅନନ୍ୟ ପରମ୍ପରା କୁଣ୍ଡାବୋରୀ

(ଅଂଶୁମାନ ପାତ୍ର)
ଧର୍ମଗଡ,୨୦।୨(ଡି.ଏନ.ଏ.)

ପଶ୍ଚିମ ଓଡିଶାର ପ୍ରାକୃତିକ ଶୋଭା ଯେମିତି ଆକର୍ଷଣୀୟ, ଏ ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ରୀତିନୀତି ପ୍ରଥା ପରମ୍ପରା ସେତିକି ଅନନ୍ୟ । ଏଠାରେ ଅନେକ ପରମ୍ପରା ରହିଥିଲେ ହେଁ କୁଣ୍ଡାବୋରୀ ଏକ ଅନନ୍ୟ ପରମ୍ପରା। ଏହା ଏମିତି ଏକ ସାମାଜିକ ରିତି ଯାହାକି କେବଳ ପଶ୍ଚିମ ଓଡିଶାରେ ହିଁ ପାଳନ କରାଯାଇଥାଏ। କୁମାରୀମାନଙ୍କୁ ସାମାଜିକ ସଂସ୍କାର ଆଣିବା ପାଇଁ ପାଳନ କରାଯାଇଥାଏ ଏହି ମହାନ ପାରମ୍ପାରିକ ପର୍ବ ।

ଝିଅଟିଏ ଜନ୍ମ ହେଲା ପରେ ଧୀରେ ଧୀରେ ଶୈଶବରୁ କୈଶୋର ଅବସ୍ଥାରେ ପାଦ ଦିଏ । ସମାଜରେ ତାର ଉପସ୍ଥିତି ଜାହିର କରିବା ଏବଂ ଝିଅ ମଧ୍ୟରେ ସଂସ୍କାର ଆଣିବା ପାଇଁ ଯେଉଁ ପ୍ରଥା ଏ ଅଞ୍ଚଳରେ ପାଳନ କରାଯାଏ ତାକୁ କୁଣ୍ଡାବୋରୀ କୁହାଯାଏ । ଏହି କୁଣ୍ଡାବୋରୀ ବିଶେଷତଃ କୁଆଁରୀ ଝିଅମାନଙ୍କ କ୍ଷେତ୍ରରେ କରାଯାଇଥାଏ । ବିବାହ ପୂର୍ବରୁ ଯେମିତି ନିମନ୍ତ୍ରଣ ପତ୍ର ଛପା ଯାଇ ବନ୍ଧୁ ପରିଜନଙ୍କୁ ନିମନ୍ତ୍ରଣ କରାଯାଇଥାଏ ।



କୁଣ୍ଡାବୋରୀ ଉତ୍ସବରେ କୁଆଁରୀ ଝିଅଙ୍କୁ ସଜ୍ଜିତ କରାଯାଇଛି ।

ଠିକ ସେହିଭଳି କୁଣ୍ଡାବୋରୀ ଉତ୍ସବରେ ମଧ୍ୟ ସେହି ସମାନ ପ୍ରଥା ଦେଖିବାକୁ ମିଳିଥାଏ । ପରମ୍ପରା ଅନୁଯାୟୀ ପ୍ରଥମେ ନିଜ ଗ୍ରାମ ଦେବୀଙ୍କୁ ନିମନ୍ତ୍ରଣ ପତ୍ରଦେବା ପରେ ଅନ୍ୟ ସମସ୍ତଙ୍କୁ ଏହି ନିମନ୍ତ୍ରଣ ପତ୍ର ଦିଆଯାଇଥାଏ । ତିଥି ଲଗ୍ନ ଅନୁଯାୟୀ ଏହି ପର୍ବ ପାଳନ କରାଯାଇଥାଏ । ପର୍ବ ଦିନ ପ୍ରଥମେ ଉତ୍ସବ ପାଇଁ ତିଆରି ହୋଇଥିବା ବେଦୀକୁ ଗୋବର ପାଣିରେ ଢଳା ଯାଇ ପୂଜାର୍ଚ୍ଚନା କରାଯାଇଥାଏ, ଯାହାକି ଗ୍ରାମର ଝାଙ୍କର ଦ୍ୱାରା ହିଁ କରାଯାଇଥାଏ। ସେହିଦିନ ସକାଳୁ ଝିଅଙ୍କୁ ଗୋଧୋଇ ଦିଆଯାଇ ଏକ ବେଦୀକୁ ଅଣାଯାଏ। ପରେ ହଳଦୀ ଲଗାଯିବା ସହ ସେଠାରେ ପରିବାରଜନ ତାଙ୍କୁ ବନ୍ଦାପନା କରିଥାନ୍ତି । ସାମାଜିକ ରିତି ଅନୁଯାୟୀ ସେଠାରେ ଏକ ମହୁଲ ଗଛ ସାଙ୍ଗରେ ତା'ର ବିବାହ କରାଯାଇଥାଏ । ବିଶ୍ୱାସ ରହିଛି ଏହି ଗଛ ସହ ବିବାହ କରିବା ଦ୍ୱାରା ଝିଅଠାରେ ଯାହା ବି ରିଷ୍ଟ ଦୋଷ ଥାଏ ତାହା ସେହି ଗଛକୁ ଚାଲିଯାଇଥାଏ। ଏହି ସମୟରେ ବିବାହ ଭଳି ମୁକୁଟ ପିନ୍ଧାଇ ସମସ୍ତ ପ୍ରକାର ରିତି ନିତୀ କରାଯାଇଥାଏ । ଏହି ପରମ୍ପରା କେବଳ ପଶ୍ଚିମ ଓଡିଶାର ଗଉଡ, ମାଳୀ ସମ୍ପ୍ରଦାୟରେ ହିଁ ପାଳନ କରାଯାଇଥାଏ । ଏହି ବିବାହ କାର୍ଯ୍ୟ ସରିବା ପରେ ବନ୍ଧୁବାନ୍ଧବ ଏବଂ ସମାଜର ଗଣ୍ୟମାନ୍ୟ ଲୋକ, ଅତିଥି ଅଭ୍ୟାଗତମାନଙ୍କ ଉପସ୍ଥିତିରେ ଝିଅଟିର ସମୃଦ୍ଧ ଭବିଷ୍ୟତର କାମନା କରାଯାଇଥାଏ। ପରେ ପରିବାରଜନ ଝିଅଟିକୁ ନଚାଇଥାନ୍ତି ଏବଂ ପରିବାର ଲୋକ ମଧ୍ୟ ଝିଅ ସାଙ୍ଗରେ ନାଚିଥାନ୍ତି । ଏହା ପରେ ଭୋଜି ଭାତର ମଧ୍ୟ ଆସର ଜମିଥାଏ । ଏଥିରେ ଗ୍ରାମବାସୀ ତଥା ଆଖପାଖ ଅଞ୍ଚଳରୁ ଲୋକ ମଧ୍ୟ ଡକାଯାଇଥାଏ । ଏହା ଏକ ଅନିର୍ବାର୍ଯ୍ୟ ସଂସ୍କାର ହୋଇଥିବା ବେଳେ କାହିଁ ଆବହମାନ କାଳରୁ ଏହି ପରମ୍ପରା ଚାଲିଆସୁଛି । ଏହି ଉତ୍ସବ ଦ୍ୱାରା କୁଆଁରୀ ଝିଅଙ୍କୁ ସମାଜରେ ଗୋଟିଏ ପ୍ରକାର ସିକୃତି ଦିଆଯାଇଥାଏ ।

## କବିୟିତ୍ରୀ ପୁଷ୍ପଶ୍ରୀ ଦେବୀ ସମ୍ବର୍ଦ୍ଧିତ

ଭବାନୀପାଟଣା,୨୦।୨(ଡି.ଏନ.ଏ.)

ନିଜର କର୍ମମୟ ଜୀବନ ମଧ୍ୟରେ ଲିପ୍ତ ରହି ସାରସ୍ୱତ ସାଧନାରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କଳାହାଣ୍ଡି ଜିଲାର କର୍ଲାପାଟର କବିୟିତ୍ରୀ ପୁଷ୍ପଶ୍ରୀ ଦେବୀଙ୍କୁ ସର୍ବପୁରାତନ 'ଖଡିଆଳ ସାହିତ୍ୟ ସମିତି' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଖଡିଆଳ ସାହିତ୍ୟ ସମିତିର ୧୩୬ ତମ ବାର୍ଷିକ ଉତ୍ସବରେ ନିରବଚ୍ଛିନ୍ନ ଭାବେ ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କଳାହାଣ୍ଡିର ଇଷ୍ଟଦେବୀ ମା' ମାଣିକେଶ୍ୱରୀ ଓ ମା' ଡୋକରୀଙ୍କ ମନଛୁଆଁ ଜଣାଣ ଲେଖି ପୁଷ୍ପଶ୍ରୀ ଦେବୀ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିବାରୁ ତାଙ୍କୁ ଏହି ସମ୍ମାନ ମିଳିଥିବା ଜଣାପଡିଛି। ପୁଷ୍ପଶ୍ରୀଙ୍କ ଜଣାଣଗୁଡିକୁ ନେଇ ପ୍ରସ୍ତୁତି କରାଯାଇଥିବା ମା' ମାଣିକେଶ୍ୱରୀ ନାମକ ଏକ ଜଣାଣ କେସେଟ୍ ସିଡି ଇତି ମଧ୍ୟରେ ଶ୍ରୋତା ମହଲରେ ମଧ ଆଦରଲାଭ କରିଛି। ଖଡିଆଳ ସାହିତ୍ୟ ସମିତିର ଏହି ବାର୍ଷିକ ଉତ୍ସବରେ ସମିତି ସଭାପତି ବିଶିଷ୍ଟ ଐତିହାସିକ ତଥା ପ୍ରତ୍ନତାତ୍ତ୍ୱିକ ଜିତାମିତ୍ର ସିଂଦେଓ, ରାଜଶ୍ରୀ ଦେବୀ, ଖଡିଆଳର ତହସିଲଦାର, ବହୁ ନିମନ୍ତ୍ରିତ କବି ଓ ସାହିତ୍ୟିକ ତଥା ସାହିତ୍ୟ ସମିତିର କର୍ମକର୍ତ୍ତାଙ୍କ ସହ ଅତିଥିମାନେ ଉପସ୍ଥିତ ଥିଲେ। ଖଡିଆଳ ରାଜପ୍ରାସାଦର ଐତିହାସିକ ଦରବାର ହଲ୍ଠାରେ ଏହି ସାରସ୍ୱତ କାର୍ଯ୍ୟକ୍ରମ ହୋଇଥିଲା।

ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ କର୍ମଚାରୀ ସଂଘ

# ୧୭ ଦିନ ହେଲା ଧର୍ମଘଟ, ବିଭିନ୍ନ କାର୍ଯ୍ୟ ଠପ୍

ଭବାନୀପାଟଣା,୨୦।୨ (ଡି.ଏନ.ଏ.)

ଦୀର୍ଘ ୨୨ ବର୍ଷ ଚାକିରୀ କରି ଆସୁଥିବା ଓଡିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ କର୍ମଚାରୀମାନେ ଆଜକୁ ୧୭ ଦିନ ହେଲା ଧର୍ମଘଟରେ ବସି ରହିଛନ୍ତି। ଫଳରେ କଳାହାଣ୍ଡି ଜିଲାର ହଜାର ହଜାର ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ବହୁ ଶିକ୍ଷକଶିକ୍ଷୟିତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ନେଇ ବାରମ୍ବାର ସରକାରଙ୍କ ସହ ଆଲୋଚନା ହୋଇଥିଲା ବେଳେ ସରକାରୀସ୍ତରରେ କୌଣସି ନିଷ୍ପତ୍ତି ନିଆଯାଇ ନ ପାରିବା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ସର୍ବଶିକ୍ଷା ଅଭିଯାନ ଓ ଡିପିଇପି ଅଧୀନରେ ଗଣଶିକ୍ଷକ ଓ ଶିକ୍ଷା ସହାୟକମାନଙ୍କୁ ନିଯୁକ୍ତି ଦିଆଯାଇ ୬ ବର୍ଷ ପରେ ସେମାନଙ୍କୁ ଶିକ୍ଷା ବିଭାଗରେ ନୀୟମିତ କରାଯାଉଥିବା ବେଳେ ଏହି ବିଭାଗରେ ରହିଥିବା ରାଜ୍ୟ ପ୍ରକଳ୍ପ, ଜିଲା ଓ ବ୍ଲକରେ ଥିବା କର୍ମଚାରୀମାନଙ୍କ କ୍ଷେତ୍ରରେ ଏହି ନୀୟମ ଲାଗୁ ହୋଇ ନ ପାରିବା ପରିତାପର ବିଷୟ । ଏଣେ ଏହି କର୍ମଚାରୀମାନେ ସେମାନଙ୍କ ଚାକିରୀ ନୀୟମିତ କରଣ, ସପ୍ତମ ବେତନ କମିଶନ ହାରରେ ଦରମା ଓ ଉପବିଭାଗୀୟ ପଦୋନ୍ନତୀ ବ୍ୟବସ୍ଥା କରିବା ପାଇଁ ଗତ ୪ ତାରିଖଠାରୁ ସମୂହ ଛୁଟିରେ ଯିବା ସହ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଛନ୍ତି। ୧୯୯୬ଠାରୁ ଦୀର୍ଘ ୨୨ ବର୍ଷ ଧରି ଏହି କର୍ମଚାରୀମାନେ ଶିକ୍ଷା ସୁଯୋଗ ସମସ୍ତଙ୍କ ନିକଟରେ ପହଞ୍ଚାଇବା ନାମଲେଖା ପ୍ରକ୍ରିୟାର ସାର୍ବଜନୀନକରଣ, ସାମାଜିକ ଓ ଲିଙ୍ଗଗତ ବୈଷମ୍ୟ ଦୁରକରିବା ପ୍ରୟାସରେ ସାର୍ବଜନୀନ କରଣ ଏବଂ ସନ୍ତୋଷ ଜନକ ମାନ ବଜାୟ ରଖିବା ବ୍ୟବସ୍ଥା ନିଶ୍ଚିତ କରିବା ଦିଗରେ ସଫଳତାର ସହ କାର୍ଯ୍ୟ କରିଆସୁଛନ୍ତି। ଏହା ସତ୍ତ୍ୱେ କର୍ମଚାରୀମାନଙ୍କ ଦାବି ପ୍ରତି ସରକାର ଉଦାସୀନ ରହୁଛନ୍ତି। ଫଳରେ ସେମାନଙ୍କ ଭବିଷ୍ୟତ ଗଭୀର ଅନ୍ଧକାର ମଧକୁ ଟାଣିହେଇ ଯାଉଛି। ଏଥି ପୂର୍ବରୁ ଗତ ୧ ଓ ୨ ତାରିଖ ୨ ଦିନ ଧରି ଓପେପା କର୍ମଚାରୀମାନେ କଳାବ୍ୟାଜ୍ ଧାରଣ କରି ପ୍ରତୀକାତ୍ମକ ଭାବେ ସେମାନଙ୍କ ଦାବିପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ବିରୋଧ ପ୍ରଦର୍ଶନ କରିଥିଲେ । ଯଦି ଦାବି ପୂରଣ ନ ହୁଏ ତା ହେଲେ ୪ ତାରିଖଠାରୁ ରାଜ୍ୟବ୍ୟାପୀ କର୍ମଚାରୀମାନେ ଧର୍ମଘଟକୁ ଓହ୍ଲାଇବେ ବୋଲି ସରକାରଙ୍କୁ ଚେତାବନୀ ଦେଇଥିଲେ। ସେହି ଅନୁସାରେ ସରକାରଙ୍କ ନୀରବତାକୁ ଦେଖି କର୍ମଚାରୀମାନେ ଗତ ୪ ତାରିଖଠାରୁ ଧର୍ମଘଟ ଚଳାଇଛନ୍ତି । ଫଳରେ କଳାହାଣ୍ଡି ଜିଲାର ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ ଜିଲାରେ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଆଗକୁ ବିଭିନ୍ନ ବିଦ୍ୟାଳୟର ବାର୍ଷିକ ପରୀକ୍ଷା ଥିବା ଏବଂ ଆଗକୁ ମାର୍ଚ୍ଚ ମାସ ଆସୁଥିବା ହେତୁ ବହୁ ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟର ହିସାବପତ୍ର ହୋଇ ନ ପାରିବା ଏବଂ ପରୀକ୍ଷା ପରିଚାଳନା ମଧ ବାଧାପ୍ରାପ୍ତ ହେବାର ଆଶଙ୍କା କରାଯାଉଛି। କଳାହାଣ୍ଡି ଜିଲାର ବହୁ ବୁଦ୍ଧିଜୀବୀ, ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତାମାନେ ରାଜ୍ୟ ସରକାର ସହୃଦୟତାର ସହ କର୍ମଚାରୀମାନଙ୍କ ଦାବିଗୁଡିକୁ ବିଚାର କରି ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ସକାଶେ ଦାବି କରୁଛନ୍ତି।




ଓଡିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ କର୍ମଚାରୀମାନେ ଧର୍ମଘଟରେ ସାମିଲ ହୋଇଚନ୍ତି ।



ଅନୁଷ୍ଠିତ ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ସାକ୍ଷରତା ଶିବିରରେ ଯୋଗ ଦେଇଥିବା ଅତିଥି।

ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଚିଟୈଗୁଡା ଶାଖା

# ଏସ୍ଏଚ୍ଜି ଗୋଷ୍ଠୀ ଆର୍ଥିକ ସାକ୍ଷରତା ଶିବିର, ଋଣ ଆଦାୟ ମେଳା

ଜୁନାଗଡ,୨୦।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପିଲିକିଆଠାରେ ବୁଧବାର ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ସାକ୍ଷରତା ଶିବିର ଓ ଋଣ ଆଦାୟ ମେଳା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଗ୍ରାମୀଣ ବ୍ୟାଙ୍କ (ୟୁଜିବି) ଚିଟୈଗୁଡା ଶାଖା ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚିଟୈଗୁଡା ପଞ୍ଚାୟତ ସମେତ ପିଲିକିଆ, କଳିଆକୁଣ୍ଡଲ, ଆଟିଗା ଓ ତଳମଲା ଆଦି ୫ଟି ପଞ୍ଚାୟତର ୩୦ଟି ସ୍ୱଂୟସହାୟକ ଗୋଷ୍ଠୀର ଶତାଧିକ ମହିଳା ଯୋଗଦେଇଥିଲେ।

ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଉତ୍କଳ ଗ୍ରାମୀଣ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ଭାଗ୍ୟଧର ସାହୁ, ସମ୍ମାନିତ ଅତିଥି ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ଅସିମ ପାତ୍ର, ଡିଡିଏମ ନାବାର୍ଡ ମଳୟ କୁମାର ମେହେର, ବ୍ଲକ ପ୍ରଗତୀ ସହାୟକ ବିଘ୍ନେଶ୍ୱର ନାଏକ, ପୂର୍ବତନ ସରପଞ୍ଚ ବିରଞ୍ଚ ନାଏକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଏହାର ଉପକାରିତା ଉପରେ ଉପସ୍ଥିତ ମହିଳାମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଚିଟୈଗୁଡା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ଶରତ କୁମାର ବେହେରା ପରିଚାଳନା କରିଥିଲେ। ସେହିପରି ଧର୍ମଗଡ ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଶାଖା ପରିଚାଳକ ଅନନ୍ତ କୁମାର ପଣ୍ଡା, ଚିଟୈଗୁଡା ଉତ୍କଳ ଗ୍ରାମୀଣ ବ୍ୟାଙ୍କର କ୍ୟାସିଅର ପଦ୍ମନାଭ ନାଏକ, ମେସେଞ୍ଜର ଜଗନ୍ନାଥ ବଗର୍ତ୍ତି ଓ ବୀର କିଶୋର ନାଏକ ସହଯୋଗ କରିଥିଲେ।

ସମସ୍ୟାରେ ମଧୁ ମହେଶ୍ୱର ବୁଦ୍ଧିଆ ଉଚ୍ଚ ବିଦ୍ୟାଳୟ

# ଛାତ୍ରୀଛାତ୍ରଙ୍କ ତୁଳନାରେ ଶ୍ରେଣୀ କୋଠରି ଅଭାବ

ଲାଞ୍ଜିଗଡ଼,୨୦।୨(ଡି.ଏନ.ଏ.)

କିଛି ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିଙ୍କ ସଦିଚ୍ଛା ଓ ଉଦ୍ୟମରେ ଅଞ୍ଚଳର ଶିକ୍ଷାର ଆଲୋକ ପାଲଟିଥିବା ମଧୁ ମହେଶ୍ୱର ବୁଦ୍ଧିଆ ଉଚ୍ଚ ବିଦ୍ୟାଳୟ ଏବେ ନିଜ ପରିଚୟ ଖୋଜୁଛି । ୧୯୯୦ରେ ସ୍ଥାପିତ ଏହି ବିଦ୍ୟାଳୟର ପାଠପଢା ଓ ଫଳାଫଳ ସମସ୍ତଙ୍କୁ ପ୍ରଭାବିତ କରିବା ସହ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଛି । କିନ୍ତୁ ଆଜିଯାଏଁ ବିଭିନ୍ନ ସମସ୍ୟାରେ ପଡ଼ିରହିଛି କୋଡିଏ ବର୍ଷର ପୁରାତନ ଏହି ଉଚ୍ଚ ବିଦ୍ୟାଳୟ । ଲାଞ୍ଜିଗଡ ବ୍ଲକର ସୀମାନ୍ତ କମର୍ଦ୍ଧାରେ ଗତ ୧୯୯୦ରେ ତତ୍କାଳୀନ ସରପଞ୍ଚ ତଥା ବୁଦ୍ଧିଜୀବୀ ହରିଶ୍ଚନ୍ଦ୍ର ବୁଦ୍ଧିଆଙ୍କ ପ୍ରଚ୍ଛନ୍ନ ଉଦ୍ୟମରେ ଏହା ସ୍ଥାପିତ ହୋଇଥିବା ବେଳେ ଅଞ୍ଚଳର ଜଣେ ବରିଷ୍ଠ ନାଗରିକ ମଧୁ ମହେଶ୍ୱର ବୁଦ୍ଧିଆଙ୍କ ନାମରେ ଏହା ନାମିତ ହୋଇଥିଲା । ସ୍ଥାନୀୟ ଲୋକେ ଏଥିପାଇଁ ଜମି ଦାନ ଦେଇଥିବାବେଳେ ଆର୍ଥିକ ସହଯୋଗ ମଧ କରିଥିଲେ । ଅନେକ ସମସ୍ୟା ସତ୍ତ୍ୱେ ଏହି ବିଦ୍ୟାଳୟର ଉନ୍ନତମାନର ଶିକ୍ଷାଦାନ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରୁଥିବାବେଳେ ବାର୍ଷିକ ଫଳାଫଳ ମଧ ଆଖିଦୃଶିଆ ହୋଇଥାଏ । କିନ୍ତୁ ସମସ୍ୟା ଘେରରେ ବୁଡି ରହିଥିବା ଏହି ବିଦ୍ୟାଳୟରେ ଏବେ ୧୩୧ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ସେମାନଙ୍କୁ ପାଠ ପଢାଇବାକୁ ୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ଚାରିଜଣ ଅଣଶିକ୍ଷକ କର୍ମଚାରୀ ରହିଛନ୍ତି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ବିମ୍ବାଧର ଭୋଇ ଦାୟିତ୍ୱ ତୁଲାଉଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାବେ ଉମ୍ବରୁଧର ପ୍ରଧାନୀ ଦାୟିତ୍ୱରେ ଅଛନ୍ତି ।

ବିଦ୍ୟାଳୟର ସମସ୍ୟା ମଧ୍ୟରେ ଛାତ୍ରୀଛାତ୍ରଙ୍କ ତୁଳନାରେ ବିଦ୍ୟାଳୟ ଶ୍ରେଣୀ କୋଠରୀ କମ୍ ହେଉଥିବାବେଳେ ସେମାନଙ୍କ ବସିବା ପାଇଁ ବେଞ୍ଚ ଓ ଡେସ୍କର ଆବଶ୍ୟକତା ରହିଛି । ସେହିପରି ଛାତ୍ରୀମାନଙ୍କ ପାଇଁ ଶୌଚାଳୟର ଅତ୍ୟନ୍ତ ଆବଶ୍ୟକତା ଥିବାବେଳେ ପାଚେରୀ ନିର୍ମାଣ ଏବଂ ଅଧିକ ସଂଖ୍ୟକ କମ୍ପ୍ୟୁଟର ଆବଶ୍ୟକତା ରହିଛି । ତେବେ ଗତ କୋଡିଏ ବର୍ଷ ମଧ୍ୟରେ ଶତ ପ୍ରତିଶତ ବ୍ଲକ ଗ୍ରାଣ୍ଟ ଓ ବିଧାୟକ ପାଣ୍ଠିରୁ ୨୦ ହଜାର ତଥା ଏମ୍ପି ପାଣ୍ଠିରୁ ୨ ଲକ୍ଷ ଟଙ୍କା ଅନୁଦାନକୁ ଛାଡି ଆଜି ପର୍ଯ୍ୟନ୍ତ ବିଦ୍ୟାଳୟକୁ କୌଣସି ପ୍ରକାର ସହାୟତା ମିଳି ପାରିନାହିଁ । ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ଆଲୋକ ବର୍ତ୍ତିକା ସାଜିଥିବା ଏହି ବିଦ୍ୟାଳୟର ସମସ୍ତ ସମସ୍ୟା ଦୂର କରିବାକୁ ପ୍ରଶାସନ ତଥା ସ୍ଥାନୀୟ ବିଧାୟକ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି ।

# ମା'ବାପାଙ୍କୁ ହରାଇ ୪ ପିଲା ଅନାଥ

## ୩ ନାବାଳିକା ଭଉଣୀଙ୍କ ବୋଝ ମନୋଜଙ୍କ ଉପରେ

କର୍ଲାମୁଣ୍ଡା,୨୦।୨(ଡି.ଏନ.ଏ.)

ସ୍ୱପ୍ନ ଥିଲା ପାଠ ପଢି ଚାକିରି କରିବ ଓ ମା'ବାପାଙ୍କ ସେବା କରି ୩ ଭଉଣୀକୁ ଭଲ ପାଠ ପଢାଇବା । ହେଲେ ଭାଗ୍ୟର ବିଡମ୍ବନା ସବୁ ଓଲଟା ହୋଇଗଲା। ମା'ବାପାଙ୍କୁ ହରାଇ ଏବେ ୩ ଭଉଣୀର ବୋଝ ସାମ୍ଭାଳୁଛନ୍ତି ମନୋଜ କୁମାର। କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ବୋରପଦର ଗ୍ରାମପଞ୍ଚାୟତର ବତୀକୁପା ଗାଁରେ ଏଭଳି ଘଟଣା ଦେଖିବାକୁ ମିଳିଛି । ଗାଁର ସ୍ୱର୍ଗତ ଶଶିଧର କୁମାର (୪୫) ଓ ସ୍ତ୍ରୀ ସ୍ୱର୍ଗତ ରଞ୍ଜି କୁମାର (୪୨)। ତାଙ୍କ ବଡପୁଅ ମନୋଜ କୁମାର (୨୩), ଝିଅ ହେମ (୧୫) (ଦଶମ ଶ୍ରେଣୀ) , ଝିଅ ଲିପି (୯) (ଚତୁର୍ଥ ଶ୍ରେଣୀ), ସାନ ଝିଅ ଲିପସା (୬) (ପ୍ରଥମ ଶ୍ରେଣୀ) ୬ କୁଟୁମ୍ବକୁ ନେଇ ଦୁଃଖକଷ୍ଟରେ ଜୀବନ କଟୁଥିଲେ। ମନୋଜ ନବମ ଶ୍ରେଣୀ ପାଠ ପଢୁଥିବା



୩ ଭଉଣୀଙ୍କ ସହ ମନୋଜ କୁମାର।

ସମୟରେ ତାଙ୍କ ବାବା ଶଶିଧର ଓ ମା' ରଞ୍ଜି ଉଭୟେ ରୋଗରେ ପଡ଼ିଲେ। ଏହା ପରେ ମନୋଜଙ୍କ ପାଠପଢାରେ ଡୋରି ପଡିଥିଲା। ମା'ବାପାଙ୍କ ଚିକିତ୍ସା ସାଙ୍ଗକୁ ଭଉଣୀମାନଙ୍କ ସେବା ଯନ୍ତରେ ସମୟ ନିଅଣ୍ଟ ହୋଇଗଲା। ଯାହାଦ୍ୱାରା ପାଠପଢା ଅଧାରେ ବନ୍ଦ ହୋଇଗଲା। ତେବେ ୧୪।୦୭।୨୦୧୮ରେ ମନୋଜଙ୍କ ବାପା ମୃତ୍ୟୁବରଣ କରିବା ପରେ ରୁଗଣ ମା' ଓ ୩ ଭଉଣୀଙ୍କ ଭରଣ ପୋଷଣ ଓ ସେମାନଙ୍କ ପାଠପଢା ସମ୍ପୂର୍ଣ୍ଣ ଦାୟିତ୍ୱ ମନୋଜ କୁମାରଙ୍କ ମୁଣ୍ଡ ଉପରେ ଲଦି ହୋଇଗଲା। ଏତିକିରେ ଦଇବ ସହିଲା ନାହିଁ। ବାପାଙ୍କ ମୃତ୍ୟୁର ୭ ମାସ ପରେ ଅର୍ଥାତ୍ ୧୩।୦୨।୨୦୧୯ରେ ମା'ଙ୍କୁ ହରାଇ ବାପା ମା' ଛେଉଣ୍ଡ ହୋଇଗଲା ମନୋଜ। ବିପିଏଲ ପରିବାର ହୋଇଥିଲେ ହେଁ ସରକାରୀ ସହାୟତା କହିଲେ ମିଳୁଛି ମାତ୍ର ୨୦ କେଜି ଚାଉଳ। ଏହି ୨୦ କେଜି ଚାଉଳ ହିଁ ମନୋଜଙ୍କ ପରିବାର ପାଇଁ ସାଜିଛି ସାହାରା। ଏବେ ୩ ନାବାଳିକା ଭଉଣୀଙ୍କ ପାଠପଢା ସହ ଘର କଥା ବୁଝୁଛନ୍ତି ମନୋଜ। ଏଭଳି ପରିସ୍ଥିତିରେ ସରକାରୀ ସାହାଯ୍ୟ କିମ୍ବା କୌଣସି ବ୍ୟକ୍ତି ଆର୍ଥିକ ସହଯୋଗ କଲେ ମନୋଜଙ୍କ ପରିବାର ଉପକୃତ ହୋଇପାରିବ।



ଯାହାର ଆଖି ନଷ୍ଟ ହୋଇଯାଉଛି, ସେ ଅନ୍ଧ ନୁହେଁ। ଯେ ନିଜର ଦୋଷ ଘୋଡାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ



## ସଂକ୍ଷେପରେ



### ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟ କୋଠା ଉଦ୍‌ଘାଟିତ

**ଲଖନପୁର,୨୦ା୨(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟ ନବନିର୍ମିତ କୋଠା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧକ୍ଷା ଶାନ୍ତି ପ୍ରଧାନ କୋଠାର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସରପଞ୍ଚ ବିଶାଖା ମାଝି, ନାଏବ ସରପଞ୍ଚ ସ୍ୱର୍ଣ୍ଣଲତା ଦାସ, ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ବୃଷଭାନୁ ଭୋଇ, ପ୍ରସନ୍ନ ପ୍ରଧାନ, ରଞ୍ଜନ ଭୋଇ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗେଶ୍ୱର ବିଶ୍ୱାଳ, ଡୋଲାମଣି ପ୍ରଧାନ, ଦୂର୍ଯ୍ୟୋଧନ ବୁଡା ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ପାଣ୍ଠିରୁ ଏହି ନବନିର୍ମିତ କୋଠା ନିର୍ମାଣ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ପଞ୍ଚାୟତର ବହୁ ଏସ୍‌ଏଚ୍‌ଜି ମହିଳା ଯୋଗଦେଇଥିଲେ।

### ୨୩ରୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଜାତୀୟ ସମ୍ମିଳନୀ

**ଝାରସୁଗୁଡ଼ା ଅଫିସ, ୨୦ା୨-** ଇନିଷ୍ଟିଚ୍ୟୁଟ୍ ଅଫ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଫ ଇଣ୍ଡିଆ(ଆଇସିଏଆଇ) ଝାରସୁଗୁଡା ଶାଖା ତରଫରୁ ଦୁଇଦିନିଆ ଜାତୀୟ ସମ୍ମିଳନୀ 'ଜ୍ଞାନକୁମ୍ଭ' ଅନୁଷ୍ଠିତ ହେବ। ଏହା ଫେବୃୟାରୀ ୨୩ ଏବଂ ୨୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏଥିରେ ଆଇସିଏଆଇର ଇଷ୍ଟର୍ଣ୍ଣ ଇଣ୍ଡିଆ ରିଜିଓନାଲ କାଉନସିଲ(ଇଆଇଆରସି) ଅଧୀନ ଓଡ଼ିଶା, ଛତିଶଗଡ, ଝାଡଖଣ୍ଡ, ପଶ୍ଚିମବଙ୍ଗର ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ ଅଂଶଗ୍ରହଣ କରିବେ। ଏହି ସମ୍ମିଳନୀ ଅବସରରେ ଦେଶର ସାମ୍ପ୍ରତିକ ସ୍ଥିତି, ଆର୍ଥିକ ବ୍ୟବସ୍ଥା, ଅଭିବୃଦ୍ଧି, ଆର୍ଥିକ ସଂସ୍କାର, ପରବର୍ତ୍ତୀ କାର୍ଯ୍ୟପନ୍ଥା ବିଷୟରେ ବିଷଦ ଆଲୋଚନା ହେବ। ଏହା ସହ ଜାତୀୟ ସ୍ତରର ପ୍ରସଙ୍ଗ କଳାଧନ, ଜିଏସ୍‌ଟି, ପ୍ରତ୍ୟେକ୍ଷ ଟିକସ, ବିମୁଦ୍ରୀକରଣ, ଅଡିଟ୍ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମଧ ଆଲୋଚନା କରାଯିବ। ଜାତୀୟସ୍ତରର ଖ୍ୟାତନାମା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ତଥା ପ୍ରବକ୍ତା ଭାବେ ଗିରିଶ ଆହୁଜା, ଜତିନ ହରଯାଇ, ଗୌରବ ଗୁପ୍ତା, ଭରଥ ରାଓ, ଦେବାଶିଷ ମିତ୍ର ପ୍ରମୁଖ ଅଂଶଗ୍ରହଣ କରିବେ। ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସିବିଡିସି ସଦସ୍ୟ ପ୍ରସନ୍ନ କୁମାର ଦାସ ଯୋଗଦେବେ ବୋଲି ସମ୍ମିଳନୀର ଅଧକ୍ଷ ମହେନ୍ଦ୍ର କେଡିଆ, ଝାରସୁଗୁଡା ଶାଖା ଅଧକ୍ଷ ହିମାଂଶୁ ବଡପଣ୍ଡା, ସମ୍ପାଦକ ମନିଷ ଡିଡୱାନିଆ, ଉପାଧକ୍ଷ ନାରାୟଣ କେଡିଆ, ଅମିତ ଅଗ୍ରୱାଲ, ସଞ୍ଜୟ ସରାୱଗି ପ୍ରମୁଖ କହିଛନ୍ତି।

### ଗାଡ଼ି ଧକ୍କାରେ ଜଣେ ମୃତ

**ଝାରସୁଗୁଡ଼ା ଅଫିସ,୨୦ା୨:** ଝାରସୁଗୁଡ଼ା ଟାଉନଥାନା ଅଧୀନ କଣ୍ଟପାଲି ଛକରେ ଏକ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତବ୍ୟକ୍ତି ଜଣକ କିରଣ ଭୋଇ(୪୫) ବୋଲି ପୋଲିସ କହିଛି। ମିଳିଥିବା ସୂଚନା ମୁତାବକ, କିରଣଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏନେଇ ଝାରସୁଗୁଡ଼ା ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ବଣ୍ଟନ ହୋଇନି ଖରିଫ୍ କ୍ଷତିପୂରଣ ଅର୍ଥ

**ଝାରସୁଗୁଡ଼ା ଅଫିସ,୨୦ା୨**

ଖରିଫ ପରେ ରବିଋତୁ ଆରମ୍ଭ ଶେଷ ହେବାକୁ ବସିଲାଣି। ଖରିଫରେ ବର୍ଷାଭାବରୁ ଫସଲ ଉତ୍ପାଦନରେ କ୍ଷତି ସହିଥିବା ଚାଷୀ ରବିଋତୁରେ ଭରଣା କରିବାକୁ ଆଶ ବାନ୍ଧିଥିଲେ। ଖରିଫ ଋତୁରେ ଚାଷୀର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଛି। ଆଉ ଚାଷୀ ଅପେକ୍ଷା କରିଥିଲେ ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା କ୍ଷତିପୂରଣ ରାଶିକୁ। ଏହି ଅର୍ଥ ପାଇଲେ ଚାଷୀ ପରିବା ଏବଂ ଅନ୍ୟ ଅର୍ଥକାରୀ ଫସଲ କରି କ୍ଷତି ଭରଣା କରିବେ। ରବିଋତୁ ସରିବାକୁ ବସିଲାଣି। ଚାଷୀଙ୍କୁ ଏଯାଏଁ ଟଙ୍କା ମିଳିନାହିଁ। ଖବର ନେବାରେ ଜଣାପଡିଛି ଯେ, ରାଜ୍ୟ ସରକାରଙ୍କ 'କାଳିଆ' କ୍ଷତିଗ୍ରସ୍ତ ଚାଷୀଙ୍କ ଅର୍ଥ ବିତରଣରେ ପ୍ରତିବନ୍ଧକ ସାଜିଛି। କେବଳ କାଳିଆ ନୁହେଁ, ସେହିଭଳି ଆଉ କେତେକ ସରକାରୀ ଯୋଜନା ଚାଷୀ ଚିହ୍ନଟ ଓ ଅର୍ଥ ବିତରଣରେ ବାଧକ ସାଜିଛି। କାରଣ ରାଜସ୍ୱ ଓ କୃଷି ବିଭାଗ କର୍ମଚାରୀ ସବୁକାମ ଛାଡି କାଳିଆକୁ ସଫଳ କରିବାରେ ଲାଗି ପଡିଛନ୍ତି। ସେଥିପାଇଁ ମିଳିଥିବା ଟଙ୍କା ବଣ୍ଟନ ହୋଇପାରୁ ନାହିଁ।

## ପ୍ରତିବନ୍ଧକ ସାଜିଛି କାଳିଆ

୨୦୧୮-୧୯ ଖରିଫ୍ ଋତୁରେ ଝାରସୁଗୁଡା ଜିଲାରେ ମରୁଡି ସ୍ଥିତି ଉପୁଜିଥିଲା। ବର୍ଷା ଅଭାବରୁ ଢିପ ଜମିରେ ହୋଇଥିବା ଧାନ ଫସଲ ସମ୍ପୂର୍ଣ୍ଣ ମରୁଡି କବଳିତ ହୋଇଥିଲା। ପରେ ଖାଲୁଆ ଜମିରେ ହୋଇଥିବା ଚାଷକୁ ମଧ ପ୍ରଭାବିତ କରିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା କୃଷି ବିଭାଗ ଆକଳନ ଆରମ୍ଭ କରିଥିଲା। ଜିଲାରେ କରାଯାଇଥିବା ଧାନ ଚାଷର ୬୧.୬୫% ବର୍ଷା ଅଭାବରୁ ପ୍ରଭାବିତ ହୋଇସାରିଥିବା ସରକାରଙ୍କୁ ରିପୋର୍ଟ ଦିଆଯାଇଥିଲା। ଝାରସୁଗୁଡା ଜିଲାରେ ମୋଟ ୫୦୪୦୪ ହେକ୍ଟର ଧାନ ଚାଷ ହୋଇଥିବା ବେଳେ ସେଥିରୁ ୩୧୦୭୬ ହେକ୍ଟର ବର୍ଷାଭାବ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିଲା। ବିଭିନ୍ନ ବ୍ଲକରୁ ସଂଗୃହୀତ ରିପୋର୍ଟକୁ ଆଧାର କରି ଜିଲା ପ୍ରଶାସନ ଏକ ଧାନ ଫସଲ କ୍ଷୟକ୍ଷତି ଜନିତ ରିପୋର୍ଟ ସରକାରଙ୍କ ପାଖରେ ଦାଖଲ କରିଥିଲା। ଯେଉଁଥିରେ ଝାରସୁଗୁଡା ଜିଲା ଲଖନପୁର ବ୍ଲକରେ ସର୍ବାଧିକ ୯୦୪୫ ହେକ୍ଟର, ଲଇକେରା ବ୍ଲକର ୭୨୩୨ ହେକ୍ଟର, କିର୍ମିରା ବ୍ଲକର ୪୬୨୫ ହେକ୍ଟର, କୋଲାବିରା ବ୍ଲକର ୪୧୮୬ ଏବଂ ଝାରସୁଗୁଡା ବ୍ଲକର ୫୯୮୮ ହେକ୍ଟର ଧାନଚାଷ ମରୁଡି କବଳିତ ହୋଇଥିବା ରାଜସ୍ୱ ଏବଂ କୃଷି ବିଭାଗର ଯୁଗ୍ମ ରିପୋର୍ଟ ଦେଇଥିଲେ।

ବିଭିନ୍ନ ଜିଲାରୁ ଧାନ କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ ପାଇବା ପରେ ରାଜ୍ୟ ସରକାର ମରୁଡି କ୍ଷତିପୂରଣ ଘୋଷଣା କରିଥିଲେ। ତଦନୁସାରେ ଝାରସୁଗୁଡା ଜିଲାରେ କ୍ଷତିଗ୍ରସ୍ତ ୩୧୦୭୬.୮ ହେକ୍ଟର ପାଇଁ ମୋଟ ୨୧କୋଟି ୧୩ଲକ୍ଷ ୨୨୨୪୦ ଟଙ୍କା ରାଜ୍ୟ ସରକାର ପ୍ରଦାନ କରିବାକଥା। ପ୍ରଥମ ପର୍ଯ୍ୟାୟରେ ସରକାର ମାତ୍ର ୮ କୋଟି ୪୫ ଲକ୍ଷ ପ୍ରଦାନ କରିଥିଲେ, ଯାହା ମୋଟ କ୍ଷତିପୂରଣ ଅର୍ଥର ୩୯.୯୮% ଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଖରିଫରେ ଚାଷୀ କ୍ଷତିଗ୍ରସ୍ତ ହୋଇଥିବାରୁ ରବି ଋତୁ ପୂର୍ବରୁ କ୍ଷତିପୂରଣ ଅର୍ଥ ପ୍ରଦାନ କରି ଚାଷୀର ସ୍ଥିତି ସମ୍ଭାଳିବା। ହେଲେ ଚାଷ ଜମି ଆକଳନ କରାଯାଇଥିଲେ ମଧ ଚାଷୀ କିମ୍ବା ଜମି ଚିହ୍ନଟ କରାଯାଇ ନଥିଲା। ତହସିଲଦାର ମାନଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ଓ କୃଷି ବିଭାଗ କର୍ମଚାରୀ କ୍ଷତିଗ୍ରସ୍ତ ଚାଷୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ସମୟରେ ସରକାର ବସ୍ତି ବାସିନ୍ଦା ଚିହ୍ନଟରେ ରାଜସ୍ୱ କର୍ମଚାରୀଙ୍କୁ ନିୟୋଜିତ କଲେ ଏବଂ ପରେ ପରେ କାଳିଆ ଯୋଜନାରେ ଛନ୍ଦି ଦେଇଛନ୍ତି। ଏ ବାବଦରେ ଝାରସୁଗୁଡା ତହସିଲଦାର ଦିଲୀପ ପ୍ରଧାନ କହିଲେ, ବର୍ତ୍ତମାନ ସୁଦ୍ଧା କ୍ଷତିଗ୍ରସ୍ତ ଚାଷୀ ଚିହ୍ନଟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇନାହିଁ। ରାଜସ୍ୱ କର୍ମଚାରୀ ସରକାରଙ୍କ ଅନ୍ୟ ଯୋଜନାରେ ନିୟୋଜିତ ହୋଇଥିବାରୁ ଆଉ କିଛି ସମୟ ଲାଗିପାରେ ବୋଲି କହିଛନ୍ତି। ଏ ନେଇ ଜିଲା ଜରୁରୀକାଳୀନ ଅଧିକାରୀ ସୁନାସିର କିଶାନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପାଣ୍ଠି ମିଳିବା ପରେ ସମସ୍ତ ତହସିଲକୁ ପ୍ରଦାନ କରାଯାଇ ଶୀଘ୍ର ବାଣ୍ଟିବାକୁ କୁହାଯାଇଥିଲା। କିନ୍ତୁ ବିତରଣ ସମ୍ପର୍କରେ ତହସିଲରୁ କୌଣସି ସୂଚନା ମିଳିନାହିଁ ବୋଲି ସେ କହିଛନ୍ତି।



ସାମାଜିକ ସଙ୍ଗଠନ କର୍ମକର୍ତ୍ତା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଡାକ୍ତରଙ୍କ ବଦଳି ବାତିଲ ଦାବି

### ଜିଲାପାଳଙ୍କୁ ସାମାଜିକ ସଙ୍ଗଠନର ସ୍ମାରକପତ୍ର

**ଝାରସୁଗୁଡା ଅଫିସ,୨୦ା୨**

ଝାରସୁଗୁଡାର ବହୁବିଧ ସମସ୍ୟା ନେଇ ଏକାଧିକ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ବୁଧବାର ଜିଲାପାଳ ବିଭୂତି ଭୂଷଣ ଦାସଙ୍କୁ ସାକ୍ଷାତ କରିଛନ୍ତି। ଦାବି ପୂରଣ ସମ୍ପର୍କରେ ଜିଲାପାଳ ଦାସଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ମଧ କରିଛନ୍ତି। ବିଶେଷକରି ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟର ଶିଶୁରୋଗ ବିଶେଷଜ୍ଞ ପ୍ରଶାନ୍ତ କୁମାର ବାରିକଙ୍କ ବଦଳି ବାତିଲ କରାଯାଉ। ମଙ୍ଗଳବଜାର ହାଟ ଯୋଗୁଁ ହସ୍ପିଟାଲକୁ ଯିବାଆସିବରେ ଅସୁବିଧା ହେଉଛି। ଅବାଧରେ ଆମ୍ବୁଲାନ୍ସ ଯାଇପାରୁନାହିଁ। ତେଣୁ ମଙ୍ଗଳବାର ହସ୍ପିଟାଲକୁ ଗୋଟିଏ ରାସ୍ତା ସମ୍ପୂର୍ଣ୍ଣ ମୁକ୍ତ ରଖିବାକୁ ଦାବି କରାଯାଇଛି। ପାହାଡେଶ୍ୱର ବିକାଶ ପରିଷଦର ସଂଗ୍ରାମ ମହାନ୍ତି, ତପନ ପଟ୍ଟନାୟକ, ରିତେଶ ଅୱସ୍ତି, ଅଶୋକ ପରୁଆ, ଜିନା ଇସିକା ନାମ ହେ ର ଅନ୍ୱେଶା ପାଢୀ, ଝାରସୁଗୁଡା ୟୁଥ୍ ଆସୋସିଏସନ୍‌ର ଦେବାନନ୍ଦ ବାରିକ, ସୀମା ବିଶ୍ୱାଳ, ସମେତ ଜନସେବା ଏକତା ମଞ୍ଚ ଏବଂ ଅନ୍ୟ ସଙ୍ଗଠନର କର୍ମକର୍ତ୍ତା ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଥିଲେ।

## ଖବରଦାତା ସଂଘର ସ୍ମାରକପତ୍ର

**ଝାରସୁଗୁଡା ଅଫସ,୨୦ା୨**

ସମସ୍ୟାର ସମାଧାନ ପାଇଁ ବୁଧବାର ଝାରସୁଗୁଡା ଜିଲା ସାମ୍ବାଦିକ ସଂଘର କର୍ମକର୍ତ୍ତା ଜିଲାପାଳ ବିଭୂତି ଭୂଷଣ ଦାସଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ଯେଉଁଥିରେ ସ୍ୱତନ୍ତ୍ର ସାମ୍ବାଦିକ କଲ୍ୟାଣ ପାଣ୍ଠି ବ୍ୟବସ୍ଥା କରିବା, ଜିଲାସ୍ତରରେ ସାମ୍ବାଦିକ ଭବନ ନିର୍ମାଣ ପାଇଁ ଜମି ଏବଂ ପାଣ୍ଠି ଯୋଗାଇବା, ଅନ୍ୟରାଜ୍ୟ ଭଳି ସାମ୍ବାଦିକଙ୍କୁ ପେନସନ୍ ପ୍ରଦାନ କରିବା, ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍ ଏବଂ ଆକ୍ରମଣକାରୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ବାଦ ପଡିଥିବା ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଯୋଡିବା ସହ ବୀମରାଶୀ ୫ଲକ୍ଷକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି। ସାମ୍ବାଦିକ ସଂଘର ସଭାପତି ନିଳେନ୍ଦ୍ର କୁମାର ଗଜେନ୍ଦ୍ର, ଗଜେନ୍ଦ୍ର ମହାନ୍ତି, ସଞ୍ଜୀବ ପାଟଯୋଶୀ, ଜୀବନ ମହାନ୍ତି, ଦାମୋଦର ବଡେଇ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।



ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ଇବ୍‌ଥର୍ମାଲ କଲୋନୀରେ କ୍ୟାଣ୍ଡେଲ ଶୋଭାଯାତ୍ରା

**ଲଖନପୁର,୨୦ା୨(ଡି.ଏନ୍.ଏ.)**

ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ ଇବ୍‌ଥର୍ମାଲ କଲୋନୀ ପରିସରରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା କଲୋନୀ ପରିସରରେ ଥିବା ମାର୍କେଟ୍ କମ୍ପ୍ଲେକ୍ସରୁ ବାହାରି କଲୋନୀ ପରିକ୍ରମା କରିଥିଲା। ପରେ ଶୋଭାଯାତ୍ରା ଶିବ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଏକ ଶୋକସଭା ହୋଇଥିଲା। ଏଥିରେ ଯୁବନେତା ଟିକେଶ୍ୱର ସେନାପତି, ପରମିନ୍ଦର ସିଂହ, ହିମାଂଶୁ ବେହେରା, ଦେବାଶିଷ ପଟ୍ଟନାୟକ, ଅଂଶୁମାନ ଶତପଥୀ, ସତ୍ୟଜିତ ଜେନା, ଦେବେନ୍ଦ୍ର ପାଣିଗ୍ରାହୀ, ଛାତ୍ରୀ ଅର୍ପିତା ଠାକୁର, ଅଙ୍କିତା ଠାକୁର, ଲେଡିଜ କ୍ଲବ୍ ସଦସ୍ୟା ପ୍ରମୁଖ ଶତାଧିକ ଲୋକେ ସାମିଲି ହୋଇଥିଲେ।

## କ୍ୟାଣ୍ଡେଲ ଶୋଭାଯାତ୍ରା, ଶୋକସଭା



ଶୋକସଭାରେ ଉପସ୍ଥିତ ସ୍ଥାନୀୟ ବାସିନ୍ଦା।

**ଲଖନପୁର,୨୦ା୨(ଡି.ଏନ୍.ଏ.)**

ଜମ୍ମୁ-କଶ୍ମୀର ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନେଇ ଦେଶ ଶୋକ ପାଳନ କରୁଛି। ଏହି ଅବସରରେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା ଶାନ୍ତି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ଅଭିନଚନ୍ଦ୍ର ରାଉତ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ କୁଶ୍ରାଲୋଇ ପଞ୍ଚାୟତ ପୂର୍ବତନ ସରପଞ୍ଚ ରଘୁମଣି ପ୍ରଧାନ, ସାମାଜିକ କର୍ମୀ ଶଶିଭୂଷଣ ପାତ୍ର, ମା' ସମଲେଇ ଟ୍ରକ୍ ମାଲିକ ସଂଘ ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତି, ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ମୃତ୍ୟୁଞ୍ଜୟ ବିଶ୍ୱାଳ, ପ୍ରସନ୍ନ ପ୍ରଧାନ, ସୁରେଶ ନାଇକ, ନିଳେନ୍ଦ୍ର କୁମାର ଗଜେନ୍ଦ୍ର, ବନବାସୀ ଗୌଡ, ସୁରେଶ ତ୍ରିପାଠୀ, ନରେନ ପ୍ରଧାନ, ପ୍ରଶାନ୍ତ ଖମାରୀ, ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶହୀଦ ଯବାନଙ୍କ ସ୍ମୃତିଚାରଣ କରିଥିଲେ। କୁଶ୍ରାଲୋଇ ପଞ୍ଚାୟତ ନାଏବ ସରପଞ୍ଚ ରଞ୍ଜନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରିଶ୍ରମିକ ବୃଦ୍ଧି ପାଇଁ ଧର୍ମଘଟ କରିବେ ପୌର ପରିଷଦ ଅସ୍ଥାୟୀ କର୍ମଚାରୀ

**ବେଲପାହାଡ଼,୨୦ା୨(ଡ଼ି.ଏନ୍.ଏ.)**

ପ୍ରୋତ୍ସାହନ ଭତ୍ତା ବ୍ୟବସ୍ଥା ଓ ପାରିଶ୍ରମିକ ବୃଦ୍ଧି ଦାବିକୁ ନେଇ ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରପରିଷଦର ଅସ୍ଥାୟୀ କର୍ମଚାରୀ ଆସନ୍ତା ୨୨ତାରିଖରୁ ଧର୍ମଘଟ କରିବା ପାଇଁ ଚେତାବନୀ ଦେଇଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ପୌର କର୍ମଚାରୀମାନଙ୍କ ଏତାଦୃଶ ଚେତବାନୀ ପୌର ପ୍ରଶାସନ ପାଇଁ ଚିନ୍ତାର ବିଷୟ ହୋଇଛି । ବେଲପାହାଡ଼ ପୌର ପରିଷଦ ଅଧୀନରେ ପ୍ରାୟ ୭୯ ଜଣ ଏନ୍‌ଏମଆର ଓ ଡ଼ିଏଲଆର କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏହି କର୍ମଚାରୀମାନେ ଦୀର୍ଘ ୨୪ ବର୍ଷ ଧରି ନିଜ ନିଜର ଦାୟିତ୍ୱକୁ ସୂଚାରୁ ଭାବେ ତୁଲାଇ ଆସୁଥିଲେହେଁ ଏମାନଙ୍କୁ ଚାକିରିରେ ସ୍ଥାୟୀ କରାଯାଇ ପାରିନାହିଁ ବରଂ ଏମାନଙ୍କୁ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ମଜୁରି ହାରରେ ଦରମା ପ୍ରଦାନ କରାଯାଉଛି । ଏହି ଦରମାରେ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ୍ୟ ହୋଇପଡ଼ିଛି ବୋଲି କର୍ମଚାରୀମାନେ ନିର୍ବାହୀ ଅଧିକାରୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଚିଠି ପଠାଇ ଉଲ୍ଲେଖ କରିଛନ୍ତି। କର୍ମଚାରୀ ମାନଙ୍କ ଅଭିଯୋଗ ଅନୁଯାୟୀ ପୂର୍ବରୁ ପୌରପରିଷଦ ବୈଠକରେ ପାରିଶ୍ରମିକ ବୃଦ୍ଧି ଦାବିକୁ ନେଇ ଅନେକ ଥର ଆଲୋଚନା ହୋଇସାରିଛି ଏବଂ ଦାବି ପୂରଣ ସପକ୍ଷରେ ଆଗତ ପ୍ରସ୍ତାବକୁ ନେଇ ବୈଠକରେ ଅନୁମୋଦନ ମିଳିସାରିଛି । ମାତ୍ର ଆଜି ପର୍ଯ୍ୟନ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଇନାହିଁ । ଏବେ ଅସ୍ଥାୟୀ କର୍ମଚାରୀମାନେ ପାରିଶ୍ରମିକ ବୃଦ୍ଧି ନ ହେଲାତ ନାହିଁ ଅନ୍ତତଃ ରାଜ୍ୟର ବିଭିନ୍ନ ମ୍ୟୁନିସିପାଲିଟି ଓ ଏନ୍‌ଏସିରେ ଲାଗୁ ହୋଇଥିବା ପ୍ରୋତ୍ସାହନ ଭତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଦାବି କରୁଛନ୍ତି। ଅନ୍ୟଥା ଆସନ୍ତା ୨୨ରୁ ଉପରୋକ୍ତ ଦାବିକୁ ନେଇ ଧର୍ମଘଟ ପନ୍ଥା ଅବଲମ୍ବନ କରାଯିବା ବୋଲି ନିର୍ବାହୀ ଅଧିକାରୀଙ୍କୁ ଦେଇଥିବା ଦାବିପତ୍ରରେ ଚେତାବନୀ ଦେଇଛନ୍ତି । ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀଙ୍କୁ ପଚରାଯିବାରୁ କର୍ମଚାରୀମାନଙ୍କ ଦାବିପତ୍ର ମିଳିଛି । ସମସ୍ୟାର ସମାଧାନ ପାଇଁ କର୍ମଚାରୀ ମାନଙ୍କ ସହିତ ଆଲୋଚନା କରାଯିବ ବୋଲି ପ୍ରକାଶ କରିଛନ୍ତି।

## ପ୍ରଥମ ମ୍ୟାଚ୍ ହାରିଲେ ଓସାକା

**ଦୁବାଇ,୨୦ା୨(ଏଏଫ୍‌ପି)**

ଚଳିତ ସିଜନରେ ଅଷ୍ଟ୍ରେଲିଆନ୍ ଓପନ ଜିତିବା ପରେ ନାଓମି ଓସାକା ପ୍ରଥମ ଥର ପାଇଁ ପରାଜୟର ସମ୍ମୁଖୀନ ହୋଇଛନ୍ତି। ବିଶ୍ୱର ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ଦୁବାଇ ଚାମ୍ପିୟନଶିପ୍‌ର ୨ୟ ରାଉଣ୍ଡରୁ ପରାଜୟ ସହ ବିଦାୟ ନେଇଛନ୍ତି। ତାଙ୍କୁ ୩-୬, ୩-୬ ସେଟ୍‌ରେ ଫ୍ରେଞ୍ଚ ଖେଳାଳି କ୍ରିଷ୍ଟିନା ମାଡେନୋଭିକ ହରାଇ ଦେଇଛନ୍ତି। ଏହି ମ୍ୟାଚ୍‌ରେ ଓସାକା ଏକ ଘଣ୍ଟା ମଧ ଲଢ଼େଇ କରିପାରି ନ ଥିଲେ। କ୍ରମାଗତ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ପରେ ମଧ ଓସାକା କୋଚ ସାଶ୍ଚ ବାଜିନଙ୍କ ସହ ସମ୍ପର୍କ ଛିନ୍ନ କରି ସଭିଙ୍କୁ ନିକଟରେ ଚକିତ କରି ଦେଇଥିଲେ।

## କଲ୍ୟାଣ ମଣ୍ଡପ ନିର୍ମାଣ ନିମ୍ନମାନର ଅଭିଯୋଗ

**ବେଲପାହାଡ଼, ୨୦ା୨(ଡ଼ି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳସ୍ଥିତ ଖଲଗୁଡ଼ାଠାରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପର କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ଉଠିଛି । ନିର୍ମାଣ କାର୍ଯ୍ୟରେ ନିମ୍ନମାନର ଇଟା, ସିମେଣ୍ଟ ଓ ଲୁହାଛଡ଼ ବ୍ୟବହୃତ ହେଉଛି। ଏଥିପାଇଁ ନିର୍ମାଣ ହୋଇଥିବା କାନ୍ଥରେ ଏବେଠୁ ଫାଟ ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି । ଏ ସଂକ୍ରାନ୍ତରେ ପୌରପରିଷଦ ୪ ନମ୍ବର ୱାର୍ଡ଼ କାଉନସିଲର ଲିଙ୍ଗରାଜ ବେହେରାଙ୍କ ସମେତ ୧୮ ଜଣ ବାସିନ୍ଦା ଝାରସୁଗୁଡ଼ା ଜିଲାପାଳ, ଦୁର୍ନୀତି ନିବାରଣ ବିଭାଗ ଅଧୀକ୍ଷକ ଓ ବେଲପାହାଡ଼ ପୌର ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି । ସୂଚନାଯୋଗ୍ୟ, ବେଲପାହାଡ଼ ପୌରପରିଷଦ ପକ୍ଷରୁ ଜିଲା ଖଣିଜ ପାଣ୍ଠିରୁ ମିଳିଥିବା ଅନୁଦାନରେ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ପ୍ରକଳ୍ପର ନିର୍ମାଣ ପାଇଁ ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳ ତଖାଯାଇଛି । ଏହି କାର୍ଯ୍ୟନିର୍ବାହ ପାଇଁ ଏକ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ମାତ୍ର ସମ୍ପୃକ୍ତ ସଂସ୍ଥା ଏହି ପ୍ରକଳ୍ପ କାର୍ଯ୍ୟରେ ନିକୃଷ୍ଟ ମାନର ସାମଗ୍ରୀ ବ୍ୟବହାର କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରୁଥିବାର ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ବେଲପାହାଡ଼ ପୌରପରିଷଦ ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀଙ୍କୁ ପଚରାଯିବାରୁ ଅଭିଯୋଗ ଉପରେ ଠିକାଦାରଙ୍କୁ ଚିଠି କରାଯାଇଛି ଏବଂ ତଦନ୍ତ ପାଇଁ ବିଭାଗୀୟ ପୌର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପ୍ରକାଶ କରିଛନ୍ତି।

## ବାଇକ୍ ଦୁର୍ଘଟଣା: ଚିକିତ୍ସିତ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ

**କୋଲାବିରା,୨୦ା୨(ଡି.ଏନ୍.ଏ.)**

ଏକ ବାଇକ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସମ୍ବଲପୁର ଜିଲା ଜମନକିରା ଗ୍ରାମ ହସ୍ପିଟାଲପଡ଼ାର ଶ୍ରୀକାନ୍ତ ସାହୁ(୩୫)। ମିଳିଥିବା ସୂଚନା ମୁତାବକ, ଶ୍ରୀକାନ୍ତ କୌଣସି କାମରେ ମଙ୍ଗଳବାର ଝାରସୁଗୁଡ଼ା ଆସିଥିଲେ। ସେ କାମ ସାରି ଘରକୁ ଯାଉଥିବା ବେଳେ କୋଲାବିରା ଥାନା ଅଧୀନ ଗଣାବୁରେଇ ନିକଟ ବୁଲାଣିରେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା କାଟିକେଲା ଗ୍ରାମର ମୁକେଶଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟେ ଗାଡିରୁ ଛିଟିକି ପଡିଥିଲେ। ଖବର ପାଇ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ମୁକେଶଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ହେଲେ ଶ୍ରୀକାନ୍ତଙ୍କ ମୃତ୍ୟୁ ହୋଇଯାଇଥିବା ଭାବି ଆମ୍ବୁଲାନ୍ସ କର୍ମଚାରୀ ତାଙ୍କୁ ନେଇ ନ ଥିଲେ। ଖବର ପାଇ ଶ୍ରୀକାନ୍ତଙ୍କ ସମ୍ପର୍କୀୟ ଘଟଣାସ୍ଥଳରେ ପହଞ୍ଚି ପୋଲିସ ସହାୟତାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ବଳମ୍ବିତ ରାତିରେ ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟିଥିବା ଚିକିତ୍ସା କରୁଥିବା ଡାକ୍ତର ପ୍ରକାଶ କରିଛନ୍ତି। ଏନେଇ କୋଲାବିରା ପୋଲିସ ଏକ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ଆମ୍ବୁଲାନ୍ସ କର୍ମଚାରୀ କେଉଁ ପରିସ୍ଥିତିରେ ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟିଥିବା ଭାବି ତାଙ୍କୁ ଚିକିତ୍ସା ପାଇଁ ନ ନେବା ଘଟଣା ତଦନ୍ତସାପେକ୍ଷ ବୋଲି ସାଧାରଣରେ ଦାବି ହୋଇଛି।

# ନିର୍ବାଚନ ସମ୍ବନ୍ଧୀୟ ପ୍ରଥମ ପର୍ଯ୍ୟାୟ ତାଲିମ ସରିଲା

**ବେଲପାହାଡ଼,୨୦ା୨(ଡ଼ି.ଏନ୍.ଏ.)**

ଝାରସଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳସ୍ଥିତ ତିନୋଟି କେନ୍ଦ୍ରରେ ନିର୍ବାଚନ ପରିଚାଳନା ସମ୍ବନ୍ଧୀୟ ପ୍ରଥମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ବୁଧବାର ସମ୍ପନ୍ନ ହୋଇଛି । ଏହି କାର୍ଯ୍ୟକ୍ରମ ଗତ ୧୫ତାରିଖରୁ ଆରମ୍ଭ ହୋଇଥିଲା । ବେଲପାହାଡ଼ ପୌର ସଭାଗୃହ, ପୌର ସମ୍ମିଳନୀ କକ୍ଷ ଓ ଆର୍‌ସେଟି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ୪୫ ଜଣ ଲେଖାଏଁ ପ୍ରିଜାଇଡ଼ିଂ ଅଫିସର ଓ ପୋଲିଂ ଅଫିସର ତଥା ମୋଟ ୧୩୫ ଜଣ ଅଧିକାରୀ ଯୋଗ ଦେଇଥିଲେ । ତାଲିମ କାର୍ଯ୍ୟକ୍ରମରେ ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ ଦାୟିତ୍ୱ ପରିଚାଳନା ସହିତ ଇଭିଏମ ଓ ଭିଭିପାଟ(ଭୋଟର ଭେରିଏବଲ ପେପର ଅଡ଼ିଟ୍ ଟ୍ରେଲ ) ମେଶିନ କାର୍ଯ୍ୟକାରିତା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ଝାରସୁଗୁଡ଼ା ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମାଷ୍ଟର ଟ୍ରେନର୍‌ଭାବେ ବେଲପାହାଡ଼ ପୌରପରିଷଦ ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ, ଲଖନପୁର ବ୍ଲକ ଶିକ୍ଷା ଅଧିକାରୀ ରବିରନ୍ ବାଗ, ଝାରସୁଗୁଡ଼ା ବ୍ଲକ ଶିକ୍ଷା ଅଧିକାରୀ, ଉଜାଗର ପ୍ରଧାନ, ଲଖନପୁର ବ୍ଲକ ଉନ୍ନୟନ ଅଧିକାରୀ



ନିର୍ବାଚନ ତାଲିମ କାର୍ଯ୍ୟକ୍ରମରେ ଜଣେ ମାଷ୍ଟର ଟ୍ରେନର୍ ଭିଭିପାଟ୍ ମେଶିନ ବ୍ୟବହାର ବିଷୟରେ ସୂଚନା ପ୍ରଦାନ କରୁଛନ୍ତି।

### ୩ ତାଲିମ କେନ୍ଦ୍ରରେ ଯୋଗ ଦେଲେ ୧୩୫ ଅଧିକାରୀ

ଗୋବିନ୍ଦ ଡ଼ନସନା, ଲଖନପୁର ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲ,ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଅଭିନ୍ନ ରାଉତ,ଲଇକେରା ବ୍ଲକ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାଣ୍ଡେ, ଝାରସୁଗୁଡ଼ା ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଛତ୍ର ପଟେଲ ଓ ଝାରସୁଗୁଡ଼ା ପିଓ ଡ଼ିଆରଡ଼ିଏ ପ୍ରସନ୍ନ କୁମାର ଦାଶ ଯୋଗ ଦେଇଥିଲେ । ଏମାନଙ୍କ ବ୍ୟତୀତ ଲଖନପୁର ଓ କୋଲାବିରା ବ୍ଲକର କମ୍ପ୍ୟୁଟର ପ୍ରୋଗ୍ରାମର ମହେଶ୍ୱର ଡୁରୁକ, ରତନ କୁମାର ପ୍ରଧାନ ଓ ସୁରେଶ ପ୍ରଧାନ ମାଷ୍ଟର ଟ୍ରେନର୍‌ଭାବେ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ॥ ଗତ ୧୬ ତାରିଖରେ ଝାରସୁଗୁଡ଼ା ଜିଲାପାଳ ବିଭୂତି ଭୂଷଣ ଦାଶ ଓ ଅତିରିକ୍ତ ଜିଲାପାଳ ତ୍ରିଲୋଚନ ମାଝି ୩ଟି ତାଲିମ କେନ୍ଦ୍ରକୁ ପରିଦର୍ଶନ କରିଥିଲେ ।

## ସଂକ୍ଷେପରେ

### ଭୁଲ୍ ପାର୍ଶ୍ୱରେ ଯାଉଥିବା ବାଇକ ସହ ଟ୍ରକ୍ ଧକ୍କା: ଚାଳକ ମୃତ

**ବଡଗାଁ, ୨୦।୨ (ଡି.ଏନ.ଏ):** ବଡଗାଁ ଥାନା ଅନ୍ତର୍ଗତ ତୁଡାଲଗା ବସଷ୍ଟାଣ୍ଡ ନିକଟରେ ବୁଧବାର ମଧ୍ୟାହ୍ନ ଦେଢ଼ଟାରେ ନମ୍ବର ବିହିନ ବାଇକରେ ଭୁଲ ବା ବିପରିତ ପାର୍ଶ୍ୱରେ ଯାଉଥିବା ଟ୍ରକ (ଓଆର୍ ୧୪ ପି- ୬୦୩୬) ସହିତ ମୁହାଁମୁହିଁ ଧକ୍କା ହେବାରୁ ଘଟଣା ସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ତାଙ୍କ ପକେଟରୁ ପୋଲିସ ପାଇଥିବା ଆଧାର କାର୍ଡରେ ଅରୁଣ ମୁଣ୍ଡା,ସୁନ୍ଦରଗଡ ଜିଲା ଗୁରୁଣ୍ଡିଆ ବ୍ଲକ ସିଆନପାଲି ସୋଲ ଲେଖାଯାଇଛି। ତୁଡାଲଗା ବସଷ୍ଟାଣ୍ଡରୁ ବିପରୀତ ପାର୍ଶ୍ୱଦେଇ ବାଇକ ଚାଳକ ଯାଉଥିଲାବେଳେ ସମ୍ମୁଖପଟୁ ଆସୁଥିବା ଟ୍ରକ ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡ ଉପରେ ଟ୍ରକ ଚଢ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିଚୟ ମିଳିବା ପରେ ଜଣାପଡ଼ିଲା ଯେ, ସେ ହେଲେ ସମ୍ବଲପୁର ଜିଲା କେସେଇବାହାଲ ଧୂବାପଡ଼ାର ଜର୍ଜ ଟେଟେ (୪୪)। ତାଙ୍କ ପୁଅ ନୂଆଗାଁ ମିଶନ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସେ ସେଠାକୁ ଯାଉଥିଲେ। ତାଙ୍କ ସ୍ତ୍ରୀ ଦିବ୍ୟା ଟେଟେ ଠାକୁରମୁଣ୍ଡା ସରପଞ୍ଚ।

### ଡ୍ରେନ୍‌ରେ ପଡି ଯୁବକଙ୍କ ମୃତ୍ୟୁ

**ବାଲିଶଙ୍କରା, ୨୦।୨ (ଡି.ଏନ.ଏ):** ତଳସରା ଥାନା ଅନ୍ତର୍ଗତ ବାଲିଶଙ୍କରା ଗ୍ରାମ ବସଷ୍ଟାଣ୍ଡସ୍ଥିତ ରାସ୍ତା କଡ ଡ୍ରେନରେ ପଡି ଦୁଷ୍ମନ୍ତ କିସପଟ୍ଟା (୩୫) ନାମକ ଯୁବକଙ୍କ ମୃତ୍ୟୁ ହୋଇଛି। ତଳସରା ପୋଲିସ ସୂତ୍ରରୁ ଜଣାପଡିଛି ଯେ, ମଙ୍ଗଳବାର ରାତି ପାଖାପାଖି ୯ଟାରେ ଦୁଷ୍ମନ୍ତ ମଦ ପିଇ ଘରକୁ ଫେରୁଥିବା ବେଳେ ଘର ସାମନାରେ ଡ୍ରେନରେ ଗୋଡ ଖସି ଯିବା ଯୋଗୁ କଂକ୍ରିଟ ଡ୍ରେନରେ ମୁଣ୍ଡରେ ଆଘାତ ହୋଇଥିଲା ଓ ପ୍ରଚୁର ମାତ୍ରାରେ ରକ୍ତସ୍ରାବ ହୋଇଥିଲା। ଘଟଣା ବିଷୟରେ ସ୍ତ୍ରୀ ଜାଣିପାରି ତାଙ୍କୁ ଘରକୁ ନେଇଥିଲେ। ବୁଧବାର ସକାଳେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ସୁନ୍ଦରଗଡ ସଦର ମହକୁମା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ତଳସରା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜବତ କରିଛି। ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ଧାନ ବିକ୍ରି ଟଙ୍କା ପାଇବାରେ ବିଳମ୍ବ ଅଭିଯୋଗ

**ଦେଓଗାଁ,୨୦।୨(ଡି.ଏନ.ଏ.):** ଦେଓଗାଁ ବ୍ଲକ ଅଧୀନ ଜରାସିଂହା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାରେ ଚଳିତ ଖରିଫ ଧାନ ବିକ୍ରି ଟଙ୍କା ଦେବାରେ ବିଳମ୍ବ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏନେଇ ବୁଧବାର ଚାଷୀମାନେ ବ୍ୟାଙ୍କ ଶାଖା ସମ୍ମୁଖରେ ପ୍ରତିବାଦ କରି ତୁରନ୍ତ ଧାନ ବିକ୍ରି ଟଙ୍କା ଦେବାକୁ ଶାଖା ପରିଚାଳକଙ୍କ ନିକଟରେ ଦାବି କରିଥିଲେ। ବ୍ୟାଙ୍କ ଅଧୀନ ମହଲାଇ ଓ ଉପରଝର ପେକ୍ସର ଚାଷୀଙ୍କ ଅଭିଯୋଗ ମୁତାବକ, ୨ ସପ୍ତାହ ହେଲା ସେମାନେ ଧାନ ବିକ୍ରି କରିସାରିଛନ୍ତି। ହେଲେ ଟଙ୍କା ପାଇଁ ସେମାନେ ବ୍ୟାଙ୍କକୁ ଆସୁଥିବା ବେଳେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଆଳ ଦେଖାଇ ଟଙ୍କା ଦିଆଯାଉ ନାହିଁ। ତୁରନ୍ତ ଧାନ ବିକ୍ରି ଟଙ୍କା ପ୍ରଦାନ କରିବାକୁ ଗ୍ରାମର ବିରଞ୍ଚି ବିହାରୀ ପଧାନ, ଦିଗାମ୍ବର ଭୋଇ, କ୍ଷୀରୋଦ୍ର ସାହୁ, ନୃପତି ଭୋଇ, ବନ୍ଧପାଲିର ଯୁବରାଜ ନାଏକ ପ୍ରମୁଖ ଚାଷୀ ଦାବି କରିଛନ୍ତି।

### ପରୀକ୍ଷା କେନ୍ଦ୍ର, ନୋଡାଲ ସେଣ୍ଟରଗୁଡ଼ିକ ପରିଦର୍ଶନ କଲେ ଡିଇଓ

# ଅସାଧୁ ଉପାୟ ରୋକିବାକୁ କଡ଼ା ପଦକ୍ଷେପ

- ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା
- ୪ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠିତ

**ସୁନ୍ଦରଗଡ, ୨୦।୨(ଡି.ଏନ୍.ଏ)**

୨୨ରୁ ଆରମ୍ଭ ହେବାକୁ ଥିବା ଚଳିତବର୍ଷର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାକୁ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ କରିବାକୁ ଏବଂ ପରୀକ୍ଷାରେ ଅସାଧୁ ଉପାୟକୁ ରୋକାଯିବା ଦିଗରେ ଜିଲାପାଳ ରଶ୍ମିତା ପଣ୍ଡା ଗୁରୁତ୍ୱାରୋପ କରିଛନ୍ତି। ଜିଲାପାଳ ପଣ୍ଡା ଜିଲାରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପରିଚାଳନା ସମ୍ପର୍କୀତ ଏକ ସମୀକ୍ଷା ବୈଠକରେ ପରୀକ୍ଷା ବ୍ୟବସ୍ଥାର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ପରୀକ୍ଷା କେନ୍ଦ୍ର ଓ ନୋଡାଲ ସେଣ୍ଟରର ସୁରକ୍ଷା ବ୍ୟବସ୍ଥା ସମେତ ସ୍ୱତନ୍ତ୍ର ସ୍କ୍ୱାଡ୍‌ର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କର ଗୁରୁ ଦାୟିତ୍ୱ ସୁଚାରୁ ରୂପେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୨ରୁ ମାର୍ଚ୍ଚ ୮ ପରୀକ୍ଷା ଶେଷ ପର୍ଯ୍ୟନ୍ତ ଅତିରିକ୍ତ ତହସିଲଦାରମାନଙ୍କୁ ପରୀକ୍ଷା କେନ୍ଦ୍ର ଓ ନୋଡାଲ ସେଣ୍ଟରଗୁଡିକ ପରିଦର୍ଶନ ସହ ପରୀକ୍ଷା ସମୟରେ ସମ୍ପୃକ୍ତ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିଚାଳନା ନିମନ୍ତେ ନିୟୋଜିତ ରହିବା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠିତ ହୋଇଛି। ସୁନ୍ଦରଗଡ ସଦର ଉପଖଣ୍ଡରେ ୯ଜଣ ଏକଜକ୍ୟୁଟିଭ ମାଜିଷ୍ଟ୍ରେଟ, ପାନପୋଷ ଉପଖଣ୍ଡରେ ୬ ଓ ବଣାଇଁ ଉପଖଣ୍ଡରେ ୬ ଏକଜକ୍ୟୁଟିଭ ମାଜିଷ୍ଟ୍ରେଟଙ୍କୁ ପରୀକ୍ଷା ପରିଚାଳନା କାର୍ଯ୍ୟ ତଦାରଖ ପାଇଁ ନିୟୋଜିତ କରାଯାଇଛି। ସେହିପରି



ଜିଲା ଶିକ୍ଷାଅଧିକାରୀ ରଞ୍ଜନ କୁମାର ଗିରି ବୁଧବାର ଭବାନୀ ଶଙ୍କର ପରୀକ୍ଷା କେନ୍ଦ୍ର ଅନୁଧ୍ୟାନ କରୁଛନ୍ତି।

ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରିଙ୍କ ନେତୃତ୍ୱରେ ୩ଟି ସ୍ୱତନ୍ତ୍ର ସ୍କାର୍ଡ ଗଠନ କରାଯାଇଛି। ଜିଲା ଶିକ୍ଷାଧିକାରୀ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ତଥା ସର୍ବଶିକ୍ଷା ଅଭିଯାନ ଜିଲା ସଂଯୋଜକଙ୍କୁ ନେଇ ଅନ୍ୟ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ମଧ୍ୟ ଗଠନ କରାଯାଇଛି। ପରୀକ୍ଷା କେନ୍ଦ୍ର ଓ ନୋଡାଲ ସେଣ୍ଟରଗୁଡିକରେ ମୋବାଇଲ ଫୋନ୍ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ସ୍କ୍ୱାଡ୍‌ଗୁଡିକ ପ୍ରତ୍ୟେକ ଦିନ ଦୈନିକ ରିପୋର୍ଟ ଏବଂ ମାଲ ପ୍ରାକ୍ଟିସଗୁଡିକ ଟେଲିଫୋନ୍ ଯୋଗେ ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନ ଓଡିଶା ଓ ଜିଲା ଶିକ୍ଷା ବିଭାଗ କଣ୍ଟ୍ରୋଲ ରୁମ୍‌କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ବୁଧବାର ଜିଲା ଶିକ୍ଷାଧିକାରୀ (ଡିଇଓ)ରଞ୍ଜନ କୁମାର ଗିରି ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ର ଓ ନୋଡାଲ ସେଣ୍ଟରଗୁଡିକ ପରିଦର୍ଶନ କରି ପରୀକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି।

### ଭାଲୁଲତା ଷ୍ଟେଶନ ନିକଟରେ ଭୂତଳ ବ୍ରିଜ୍ ଦାବି

**ବିଶ୍ରା,୨୦।୨(ଡି.ଏନ.ଏ)**

ଚକ୍ରଧରପୁର ରେଲୱେ ମଣ୍ଡଳ ଅନ୍ତର୍ଗତ ଭାଲୁଲତା ରେଳଷ୍ଟେସନ ନିକଟରେ ଏକ ଭୂତଳ ବ୍ରିଜ ନିର୍ମାଣ ପାଇଁ ଦାବି ହୋଇଛି। ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ଭାଲୁଲତା ଗ୍ରାମବାସୀ ଲିଖିତ ଭାବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବାଷ ମାହାନ୍ତଙ୍କ ନେତୃତ୍ୱରେ ରେଳମନ୍ତ୍ରୀଙ୍କୁ ଚିଠି ସାହାର୍ଯ୍ୟରେ ଜଣାଇଛନ୍ତି। ଉକ୍ତ ଦାବିକୁ ଝାଡଖଣ୍ଡ ରାଜ୍ୟ ରାଞ୍ଚି ଲୋକସଭା ସଦସ୍ୟ ରାମ ଟହଲ ଚୌଧୁରୀ ମଧ୍ୟ କେନ୍ଦ୍ର ସରକାରଙ୍କ ରେଳମନ୍ତ୍ରୀ ଓ ରାଜ୍ୟ ରେଳମନ୍ତ୍ରୀ ତଥା ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଦାବି କରିଛନ୍ତି। ଷ୍ଟେସନ ନିକଟରେ ଭୂତଳ ବ୍ରିଜ ନିର୍ମାଣ ହେଲେ ରେଳଷ୍ଟେସନ ନିକଟ ସ୍କୁଲ, ମାର୍କେଟକୁ ସହଜରେ ଯାଇହେବ।

## ସନ୍ଥ ଶିରୋମଣି ରବିଦାସ ଜୟନ୍ତୀ ପାଳିତ



ରବିଦାସ ଜୟନ୍ତୀରେ ପୂର୍ବତନ ବିଧାୟକ ଯୋଗେଶ ସିଂ ଉଦ୍‌ବୋଧନ ଦେଉଛନ୍ତି।

**ସୁନ୍ଦରଗଡ/ ସବ୍‌ଡେଗା, ୨୦।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରୋହିଦାସ ସେବା ସଂଘ ଆନୁକୂଲ୍ୟରେ ସଂଘ ଶାଖା କାର୍ଯ୍ୟାଳୟ ଲୁହୁରାଡ଼ିପାରେ ୬୪୪ତମ ରବିଦାସ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ଯୋଗେଶ ସିଂ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବ୍ରଜରାଜନଗର ଏମ୍‌ସିଲ ନର୍ସିଂ ବିଭାଗର ଅଧାପକ ବିନୋଦ ବିହାରୀ ରୋହିଦାସ, ଜିଏମ୍ ୟୁନିଭରସିଟିରେ ପ୍ରଫେସର ବୃନ୍ଦାବନ ମେହେର, ଭୋଜରାଜ ରୋହିଦାସ, ବଲାଙ୍ଗିର ଜିଲା ରୋହିଦାସ ସେବା ସଂଘର ସଭାପତି ବିଜୟ ମେହେର, ଘନଶ୍ୟାମ ବାବୁ, ସଂଘ ଉପଦେଷ୍ଟା ଦୁର୍ଯ୍ୟୋଧନ ରୋହିଦାସ, ଡମ୍ବରୁ ରୋହିଦାସ, ସମ୍ପାଦକ ଯୋଗେନ୍ଦ୍ର ରୋହିଦାସ, ସଭାପତି ସୁରେନ୍ଦ୍ର ରୋହିଦାସ ପ୍ରମୁଖ ଉପସ୍ଥିତ ରହି ରବିଦାସଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଉପସ୍ଥିତ ଲୋକଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ରବିଦାସଙ୍କ ଜୀବନୀ ସମାଜରେ ଶିକ୍ଷାକ୍ଷେତ୍ରରେ ଉନ୍ନତି, ଅନ୍ଧବିଶ୍ୱାସ, କୁସଂସ୍କାର ଦୂରୀକରଣ, ସଂଘକୁ ଆର୍ଥିକ ମଜବୁତ କରିବା, ସମାଜକୁ ଏକାଠି କରି କାର୍ଯ୍ୟକରିବା ଆଦି ଉପରେ ଅତିଥିବୃନ୍ଦ ବିଶେଷ ଆଲୋଚନା କରିଥିଲେ। ସଂଘର କର୍ମକର୍ତ୍ତା ନର ରୋହିଦାସ, ବୈକୁଣ୍ଠ ରୋହିଦାସ, ପ୍ରେମାନନ୍ଦ ରୋହିଦାସ, ଅଜିତ ରୋହିଦାସ, ଯୋଗେଶ୍ୱର ରୋହିଦାସ, ସୁକାନ୍ତ ରୋହିଦାସ, ଭୈରବ ରୋହିଦାସ, ତ୍ରିଲୋଚନ ରୋହିଦାସ, ସୁପର ରୋହିଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅର୍ଜୁନ ରୋହିଦାସ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସୁଖର ରୋହିଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କୁ ଅଧିକ ସକ୍ରିୟ କରିବାକୁ ପ୍ରୟାସ

- ଜିଲା ମହିଳା କଂଗ୍ରେସର ପୂର୍ଣ୍ଣାଙ୍ଗ କମିଟି ଘୋଷିତ
- ୧୨ ଉପସଭାପତି, ୧୩ ସାଧାରଣ ସମ୍ପାଦକ ରହିଲେ
- ୧୨ ସମ୍ପାଦକ, ୧୭ ବ୍ଲକ ସଭାପତି, ୪ ନଗର କମିଟି ଘୋଷିତ

**ସୁନ୍ଦରଗଡ, ୨୦।୨(ଡି.ଏନ.ଏ.)**

ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ସୁନ୍ଦରଗଡ ଜିଲାରେ ମହିଳାମାନଙ୍କୁ ଅଧିକ ସକ୍ରିୟ କରିବାକୁ ଜିଲା ମହିଳା କଂଗ୍ରେସ ସୋମବାର ତା'ର ପୂର୍ଣ୍ଣାଙ୍ଗ କମିଟି ଘୋଷଣା କରିଛି। ଆଦର୍ଶ ନଗରସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସରୋଜିନୀ ବାଙ୍କରାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ ମୁଖ୍ୟଅତିଥି, ଜିଲା ସଭାପତି ବେଣୁମାଧବ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ମହିଳା ସଙ୍ଗଠନକୁ ବୁଥସ୍ତରରୁ କିଭଳି ଆହୁରି ମଜଭୁତ ଓ ସକ୍ରିୟ କରାଯାଇ ପାରିବ ସେ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଦେଶ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଅମିତା ବିଶ୍ୱାଳ, ପ୍ରଦେଶ ସମ୍ପାଦିକା ବିନୀତା ନାଏକ, ରଜନୀ କୁଲୁ, ଆଶା ମିଞ୍ଜ ଓ ଜିଲା ପରିଷଦ ସଦସ୍ୟା ଗେରୋଟି ଖେସ୍ ପ୍ରମୁଖ ଯୋଗଦେଇ ସଙ୍ଗଠନକୁ ଅଧିକ ମଜଭୂତ ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ଜିଲା ମହିଳା ସଭାପତି ଧନମତୀ ପଟେଲ, କଳ୍ପନା ଆପଟ, ସୁନୀତା ସିଂ, ଭୂଲକି ସେଠ୍, ପ୍ରେମଶୀଳା କୁଜୁର ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜିଲା ମହିଳା କଂଗ୍ରେସର ପୂର୍ଣ୍ଣାଙ୍ଗ କମିଟି ଘୋଷଣା କରାଯାଇଥିଲା । ଏହି ନୂତନ କମିଟିରେ ବହୁ ନୂଆଁ ଓ ପୁରୁଣା ମୁହଁ ସ୍ଥାନ ପାଇଛନ୍ତି । ୧୨ଜଣ ଉପସଭାପତି, ୧୩ଜଣ ସାଧାରଣ ସମ୍ପାଦିକା,୧୨ଜଣ ସମ୍ପାଦିକା, ୧୦ଜଣ କାର୍ଯ୍ୟକାରୀଣୀ ସଦସ୍ୟା, ୧୨ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ରହିଛନ୍ତି। ଏଥିସହିତ ଜିଲାର ୧୭ଟି ବ୍ଲକ ଓ ୪ଟି ଟାଉନ୍ କମିଟିର ସଭାପତିଙ୍କ ନାମ ମଧ ଘୋଷଣା କରାଯାଇଛି। ନୂତନ ଭାବେ ନିଯୁକ୍ତ ପାଇଥିବା କର୍ମକର୍ତ୍ତାମାନେ ହେଲେ ଉପସଭାପତି ପୁଷ୍ପା ସରାଫ, କଳ୍ପନା ଆପଟ, ସୁନୀତା ସିଂ, ଶିଖା ମଣ୍ଡଳ, ଅରୁଣା ସାହୁ, ଇନ୍ଦ୍ରାଣୀ ବେହେରା, ସୁଷମା ନାଏକ, ସୁଶୀଳା ଟପ୍ପୋ, ତ୍ରିବେଣୀ ବାଙ୍କରା, ଉଷାକିରଣ ମାଝି ଓ ଲକ୍ଷ୍ମୀପ୍ରିୟା ପଟେଲ। ସାଧାରଣ ସମ୍ପାଦିକା ଭାବେ ସୀତାଲତା ନାୟକ, ଅଞ୍ଜୁ ଟପ୍ପୋ, ବିଜୟ ଲକ୍ଷ୍ମୀ ରଣା, ସୁଜାତା ରାୟ, ସବିତା ଆପଟ, ଗୁଲାପୀ ବାଗ୍, ପଙ୍କଜିନୀ ନାୟକ, ତେଜ କୁମାରୀ ମିଞ୍ଜ, ଶାନ୍ତି ସୋରେନ୍ କୁଜୁର, ତନୟା ରଉଡିଆ, ପ୍ରଭାସିନୀ ଖୁଣ୍ଟିଆ, ଭୂଲିକୀ ସେଠ, ଭିକ୍ଟୋରିଆ ହନୁମାନ, ସମ୍ପାଦକ ପଦବୀରେ ସୁଷମା ଓରାମ, ସୁମିତା ମୁଣ୍ଡା, ସୁମୀ ଦାଶ, ଫିଲିସ୍ତା ଟପ୍ପୋ,ଏଲିସ୍ ମଞ୍ଜ, ସୁନାମଣ ଭୂମିଜ, ଲକ୍ଷ୍ମୀ ଜୟପୁରିଆ, କଳ୍ପନା ନାୟକ, ଜୋସ୍ନାରାଣୀ ତନ୍ତୀ, କିରଣ ଟିଗା, ନୁରୀ କୁଜୁର ଓ ସରସ୍ୱତୀ ନାଏକ ନିଯୁକ୍ତ ହୋଇଛନ୍ତି । ସେହିପରି ନବନିଯୁକ୍ତ ସଭାପତିମାନେ ହେଲେ ସୁନ୍ଦରଗଡ ସଦର ବ୍ଲକ ପାଇଁ ସନ୍ଧ୍ୟାରାଣୀ ପଟେଲ, ବାଲିଶଙ୍କରା ପାଇଁ ସଙ୍ଗୀତା ଏକ୍କା, ସବଡେଗା ପାଇଁ ଖ୍ରୀଷ୍ଟାନୀ କୁଜୁର, ହେମଗିର ପାଇଁ ବିଦେଶିନୀ ମଲ୍ଲିକ, ଲେଫ୍ରିପଡା ଜୟନ୍ତୀ ଡୁଙ୍ଗଡୁଙ୍ଗ, ଟାଙ୍ଗରପାଲି ଲାଗି ସ୍ନେହଲତା ପଟେଲ, ବଡଗାଁ ତାରାମଣି ଡୁଙ୍ଗଡୁଙ୍ଗ, କୁତ୍ରା ପାଇଁ ପ୍ରଫୁଲ୍ଲମଲି ଗୁଡିଆ, ରାଜଗାଙ୍ଗପୁର ପ୍ରେମଶୀଳା କୁଜୁର, ଲାଠିକଟା ପାଇଁ ଉଷାରାଣୀ ମାଝି, କୁଆଁରମୁଣ୍ଡା ନନ୍ଦିଘୋଷ ଭଗତ, ନୂଆଁଗାଁ ପାଇଁ ପ୍ରୀତି ବାଗେ, ବିଶ୍ରା ପାଇଁ ରଜନୀ ପୃଷ୍ଟି, କୋଇଡା ପାଇଁ ସୁଶାନ୍ତି ସୋରେନ୍, ବଣାଇଁ ପାଇଁ ସାଜଦା ବେଗମ୍, ଲହୁଣୀପଡା ପାଇଁ କୁମାରୀ ପାତ୍ର, ଗୁରୁଣ୍ଡିଆ ପାଇଁ ଲକ୍ଷ୍ମୀ ପାତ୍ର, ଫର୍ଟିଲାଇଜର ଟାଉନ୍ ଲାଗି ପଦ୍ମାବତୀ ରାଉତ, ସୁନ୍ଦରଗଡ଼ ମ୍ୟୁନିସପାଲିଟି ରଞ୍ଜିତା ମାଝି, ରାଜଗାଙ୍ଗପୁର ମ୍ୟୁନିସପାଲିଟି ସୁଖମଣି ବାର୍ଲା ଓ ବୀରମିତ୍ରପୁର ମ୍ୟୁନିସପାଲିଟିର ଆଶା ଖଡିଆଙ୍କୁ ନିଯୁକ୍ତ କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ କମିଟି ଉପସଭାପତି ଅଜିତ ପ୍ରସାଦ, ନରେଶ ପ୍ରତାପ ସିଂ, ସାଧାରଣ ସମ୍ପାଦକ ପର୍ଶୁରାମ ସରାଫ୍, ସଞ୍ଜୟ ସାହୁ, ରମଣୀ ରଞ୍ଜନ ଯୋଶୀ, ମୁନୁ ସରାଫ୍, ଦିଲୀପ କୁମରା, କପିଳେଶ୍ୱର ଢମେଲ, ନରେନ୍ଦ୍ର ସିଂ, ପୂର୍ଣ୍ଣଚନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## କଟାରୁ ହାଇସ୍କୁଲରେ ଦୀକ୍ଷାନ୍ତ ସମାରୋହ

**କୁଆଁରମୁଣ୍ଡା,୨୦।୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନ କଟାରୁ ସରକାରୀ ହାଇସ୍କୁଲରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ବୁଧବାର ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପଧାନ ଯୋଗଦେଇ ବିଦାୟୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ଗୁରୁଚରଣ ସାହୁ, ସ୍କୁଲ ପରିଚାଳନା ସମିତି ସଭାପତି ପଦ୍ମନ ନାଏକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଠୁରକା ସିଂଙ୍କ ସହ ପରିଚାଳନା ସମିତି ସଭ୍ୟା/ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦଶମ ପରୀକ୍ଷାର୍ଥୀମାନଙ୍କ ପାଇଁ ଗାୟତ୍ରୀ ପରିବାର ପକ୍ଷରୁ ଗାୟତ୍ରୀ ଯଜ୍ଞ ତଥା ଶାନ୍ତିପାଠ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ଶିବପ୍ରସାଦ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ/ଶିକ୍ଷକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।




କଟାରୁ ହାଇସ୍କୁଲରେ ଦୀକ୍ଷାନ୍ତ ସମାରୋହରେ ଉପସ୍ଥିତ ଅତିଥିମାନେ।

## ଲକ୍ରାକାନି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ସୁନ୍ଦରଗଡ଼, ୨୦।୨ (ଡି.ଏନ୍.ଏ)**

ସୁନ୍ଦରଗଡ ସଦର ବ୍ଲକ ଲକ୍ରାକାନି ଫୁଟବଲ କ୍ଲବ ଆନୁକୂଲ୍ୟରେ ଗଏଜୋରରେ ଅୟୋଜିତ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦର ବ୍ଲକର ଗୋପବନ୍ଧୁ କ୍ଲବ ଗଏଜୋର ଯୁବଜ୍ୟୋତି କ୍ଲବ ମସ୍ନିକାନି, ରାଧାକ୍ରିଷ୍ଣ କ୍ଲବ ସମରଡିହି, ମା ତାରିଣୀ କ୍ଲବ ବାମଣ୍ଡିଆଡିହି, ଏସଡିବିଏଲ କିଂଜିର୍ମା, ଲକ୍ରାକାନି ଫୁଟବଲ ଟିମ୍, ବୀର୍ସାମୁଣ୍ଡା କ୍ଲବ ମହୀପାନି ଓ ଘଣ୍ଟିବୁଡ ସ୍ପୋର୍ଟସ୍ କ୍ଲବକୁ ମିଶାଇ ମୋଟ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ଗୋପବନ୍ଧୁ କ୍ଲବ ଗଏଜୋର ଓ ଲକ୍ରାକାନି ଫୁଟବଲ କ୍ଲବ ମଧ୍ୟରେ ଗୋଲଶୂନ୍ୟ ଡ୍ର ହେବାରୁ ପେନାଲିଟୀ ସୁଟ ମାଧ୍ୟମରେ ଗଏଜୋର ଦଳ ୩-୨ ଗୋଲରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ସଦର ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଗଏଜୋର ଦଳ ଓ ରନର୍ସ ଅପ ଲକ୍ରାକାନି ଫୁଟବଲ କ୍ଲବକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ସମାରୋହରେ ଜାତୀୟ ରେଫରୀ ଦୁର୍ଯ୍ୟମାଧବ ନାଏକ, ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ, ଭେଡାବାହାଲ ସମିତି ସଭ୍ୟ ବିଶିକେଶନ ନାଏକ ଓ ନାଏବ ସରପଞ୍ଚ ଗୋକୁଳାନନ୍ଦ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୋପବନ୍ଧୁ କ୍ଲବର ରାଜେନ୍ଦ୍ର କିଷାନଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଆୟୋଜକ କମିଟିର ବିକି କିଷାନ, ରବି କିଷାନ, ସୁଶାନ୍ତ କିଷାନ, ମେଘନାଦ କିଷାନ ପ୍ରମୁଖଙ୍କ ତତ୍ତ୍ୱାଧାନରେ ଏହି ଟୁର୍ନାମେଣ୍ଟ ପରିଚାଳିତ ହେଉଥିଲା।

## ୱେସ୍କୋ ପକ୍ଷରୁ ଏଲ୍‌ଇଡି ବଲ୍‌ବ ବଣ୍ଟନ

**କୁଆଁରମୁଣ୍ଡା, ୨୦।୨(ଡି.ଏନ.ଏ)**

ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ଗ୍ରାମାଞ୍ଚଳର ଗରିବ ହିତାଧିକାରୀଙ୍କୁ ସୌଭାଗ୍ୟ ଯୋଜନା ମାଧ୍ୟମରେ ୱେସ୍କୋ ପକ୍ଷରୁ ଏଲ୍‌ଇଡି ବଲବ୍ ବଣ୍ଟନ କରାଯାଉଛି। ଏ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ବ୍ଲକର ପଦ୍ମପୁର ପଞ୍ଚାୟତରେ କୁଆଁରମୁଣ୍ଡା ୱେସ୍କୋ ପକ୍ଷରୁ ଖାଦ୍ୟ ସୁରକ୍ଷା ହିତାଧିକାରୀମାନଙ୍କୁ ଏଲଇଡି ବଲବ୍ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ୱେସ୍କୋ ଏସଡିଓ ଶୁଭାଶିଷ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏଲଇଡି ବଲବ୍ ପ୍ରଦାନ କରିଥିଲେ। ଏଥିରେ ପଦ୍ମପୁର ସମିତି ସଭ୍ୟା ରୋସା କିଷାନ, ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ, ଜେଇ ସ୍ମିତାରାଣୀ ନାଥ, ପିଇଓ ଦେବବ୍ରତ ଦାସ, କୁଆଁରମୁଣ୍ଡା ବ୍ଲକ ଏପିଓ କୃଷ୍ଣମୋହନ ନାୟକ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଡୁମେରଯୋର ପଞ୍ଚାୟତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ୱେସ୍କୋ କନିଷ୍ଠ ଯନ୍ତ୍ରୀ ସ୍ମୃତି ଚନ୍ଦନପଣ୍ଡା ଗରିବ ହିତାଧିକାରୀମାନଙ୍କୁ ଏଲଇଡି ବଣ୍ଟନ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡୁମେରଯୋର ସମିତି ସଭ୍ୟ ତଥା ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର କୁଜୁର, ସରପଞ୍ଚ ସୁକରାମ ଓରାମ, ଜେଇ ରୀନା କୁଜୁର,ପିଇଓ ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ପଦ୍ମପୁରରେ ହିତାଧିକାରୀଙ୍କୁ ଏଲଇଡି ବଲବ୍ ବଣ୍ଟନ କରାଯାଉଛି।

# ଉପଯୁକ୍ତ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ

- ନୂଆଗାଁରେ ଚତୁର୍ଦ୍ଦିବସୀୟ ବ୍ଲକସ୍ତରୀୟ ଉଜ୍ଜଳ ଓ ଉତ୍‌ଥାନ ତାଲିମ ଶିବିର
- ୫୦ ଜଣ ଲେଖାଏଁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସାଧନ କର୍ମୀଙ୍କ ତାଲିମ ପ୍ରଦାନ

**ନୂଆଗାଁ, ୨୦।୨ (ଡି.ଏନ.ଏ)**

ସମୟାନୁବର୍ତ୍ତିତା, ଶୃଙ୍ଖଳିତ ଚିନ୍ତାଧାରା ତଥା କାର୍ଯ୍ୟଦକ୍ଷତା ହିଁ ତୃଣମୂଳ ସ୍ତରରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିପାରିବ ଏବଂ ଶିକ୍ଷାର ମାନ ବୃଦ୍ଧି ପାଇବ। ତେଣୁ ଯୁକ୍ତାତ୍ମକ ଚିନ୍ତାଧାରା ରଖି ସ୍କୁଲ ଗୁଡିକରେ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ ଦିଗରେ ସାମିଲ କରିବା ଦରକାର ବୋଲି ମତପ୍ରକାଶ ପାଇଛି। ନୂଆଗାଁ ବ୍ଲକ ପରିସରରେ ଉଜ୍ଜଳ ଓ ଉତଥାନ ଚତୁର୍ଦ୍ଦିବସୀୟ ତାଲିମ ଶିବିର ଶେଷ ପର୍ଯ୍ୟାୟର ପ୍ରଥମ ଦିବସ ବୁଧବାରରେ ଉପସ୍ଥିତ ରହି ନୂଆଗାଁ ବ୍ଲକ ସହକାରୀ ଶିକ୍ଷାଅଧିକାରୀ ବନମାଳୀ ମଲ୍ଲିକ ଉପରୋକ୍ତ ମତପ୍ରକାଶ କରିଥିଲେ। ଗତ ୬ ତାରିଖରେ ପ୍ରଥମ ପର୍ଯ୍ୟାୟ ତାଲିମ ଶିବିର ଆରମ୍ଭ ହୋଇଥିଲା। ଉଜ୍ଜଳ ତାଲିମ ଶିବିରର ମୋଟ ୪ଟି ପଞ୍ଚାୟତରେ ଶିକ୍ଷକମାନଙ୍କୁ ତାଲିମ ଦିଆଯାଇଥିବା ବେଳେ ଉତଥାନ ତାଲିମ ଶିବିର ୨ଟି ପର୍ଯ୍ୟାୟରେ ହୋଇଥିଲା। ଉଭୟ ଉଜ୍ଜଳ ଓ ଉତଥାନ ତାଲିମ ଶିବିରରେ ମୋଟ ୫୦ ଜଣ ଲେଖାଏଁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସାଧନ କର୍ମୀମାନେ ତାଲିମ ପ୍ରଦାନ କରିଥିଲେ। ଉଜ୍ଜଳ ତାଲିମ ଶିବିରରେ ସାଧନକର୍ମୀ ଭାବରେ ଶିକ୍ଷକ ମଧୁସୂଦନ କରିଆଲି, ଭୁବନେଶ୍ୱର ମାହାତ, ପର୍ଶୁରାମ ବେହେରା ଓ ତୁଫାନ କୁମାର ନାଏକ ପ୍ରମୁଖ ଶିକ୍ଷକମାନଙ୍କୁ ଉଚ୍ଚକୋଟିର ତାଲିମ ପ୍ରଦାନ କରିଥିଲେ । ବିଶେଷକରି ସାଧନ କର୍ମୀ ତୁଫାନ ନାଏକ ସୁନ୍ଦର ଭାବରେ ବିଭିନ୍ନ କଳା ପ୍ରଦର୍ଶନ କରି ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସେହିଭଳି ଉତଥାନ ତାଲିମ କାର୍ଯ୍ୟକ୍ରମରେ ସାଧନ କର୍ମୀ ଭାବରେ ଆଶିଷ କୁମାର ନାଏକ, ପ୍ରଶାନ୍ତ କେର୍କେଟା, ସଞ୍ଜୟ କୁମାର ଜେନା ଓ ମନୋଜ କୁମାର ସାହୁ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀ ସସ୍ମିତା ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ତାଲିମ ଶିବିରରେ ବରିଷ୍ଠ ଶିକ୍ଷକ ଅନଦାଶଙ୍କର ପାଢ଼ୀ, ବସନ୍ତ କୁମାର ତ୍ରିପାଠୀ, ମଙ୍ଗଳ କେର୍କେଟା, ଖଗେଶ୍ୱର ମଲ୍ଲିକ ପ୍ରମୁଖ ତାଲିମ ଶିବିରରେ ଅଂଶଗ୍ରହଣ କରି ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଛନ୍ତି।



ନୂଆଗାଁ ବ୍ଲକ ପରିସରରେ ତାଲିମ ଶିବିରରେ ଶିକ୍ଷୟିତ୍ରୀ, ଶିକ୍ଷକ, ସାଧନ କର୍ମୀ।

**ସଂକ୍ଷେପରେ**

## କାର୍ଯ୍ୟାନୁଷ୍ଠାନ ନୁହେଁ ପୁନଃ ନିଯୁକ୍ତି ଦାବି

**ରାଉରକେଲା ଅଫିସ,୨୦।୨** - ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏସନ ପକ୍ଷରୁ ବିଧାନସଭା ସମ୍ମୁଖରେ ହୋଇଥିବା ଆନ୍ଦୋଳନ ଓ ଏହାର ପରବର୍ତ୍ତୀ ଅବସ୍ଥାରେ କିଛି କର୍ମକର୍ତ୍ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଭାରତୀୟ ମଜଦୁର ସଂଘ ପକ୍ଷରୁ ଉଦବେଗ ପ୍ରକାଶ ପାଇଛି। ଏନେଇ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଜରିଆରେ ବୁଧବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ୪୮ ଦିନରେ ଆନ୍ଦୋଳନ ପ୍ରତ୍ୟାହୃତ ସତ୍ୱେ ସରକାର ଆକ୍ରୋଶ ରଖି କିଛି କର୍ମକର୍ତ୍ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦୌ ଶୋଭନୀୟ ନୁହେଁ ବୋଲି ଏଥିରେ କୁହାଯାଇଛି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତିହିଂସା ବା ଆକ୍ରୋଶର ସ୍ଥାନ ନାହିଁ ବୋଲି କହିଛନ୍ତି ସଂଘ କର୍ମକର୍ତ୍ତା ତଥା ସଙ୍ଗଠନର ଜିଲା ସମ୍ପାଦକ ଗୋଲାପ କୌଶିକ। ଏପରି କାର୍ଯ୍ୟାନୁଷ୍ଠାନ କର୍ମଚାରୀ ତଥା କର୍ମକର୍ତ୍ତାଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ସରକାର ଏ ନେଇ ସକରାତ୍ମକ ପଦକ୍ଷେପ ନେବା ସହ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହାର ତଥା ନିଲମ୍ବିତ କର୍ମଚାରୀଙ୍କୁ ପୁନଃ କାମରେ ନିଅନ୍ତୁ ବୋଲି ସଂଘ ଦାବି କରିଛି।

### ଅଧିକାରୀଙ୍କ ସାକ୍ଷାତ୍ ମିଳୁନି

# ଧୈର୍ଯ୍ୟ ହରାଇଲେଣି ନିଯୁକ୍ତି ଆଶାୟୀ ୭୦ ମୌଜା ବାସଚ୍ୟୁତ

**ରାଉରକେଲା ଅଫିସ, ୨୦।୨**

ରାଉରକେଲା ଇସ୍ପାତ କାରଖାନା ନିର୍ମାଣ କାଳରୁ ବାସଚ୍ୟୁତ ଚାକିରି ଆଶାୟୀ ଧାଉଁଛନ୍ତି। ସଭା, ସମାବେଶ, ବିକ୍ଷୋଭ ସମୟାନୁସାରେ ଜାରି ରହିଛି। ରାଜ୍ୟ ସରକାରଙ୍କଠୁ ନେଇ କେନ୍ଦ୍ରୀୟ ଜନଜାତି କମିଶନଙ୍କ ପର୍ଯ୍ୟନ୍ତ ଫେରାଦ ହୋଇଛନ୍ତି ବାସଚ୍ୟୁତ ଆଦିବାସୀ। ବିଭିନ୍ନ ନାଁରେ ସଂଘ, ସଙ୍ଗଠନ ଗଢି ହକ ହାସଲ ପାଇଁ ସଂଗ୍ରାମ ଜାରି ରଖିଛନ୍ତି। ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ତତ୍ତ୍ୱାବଧାନରେ ଏ ନେଇ ଚାକିରି ଆଶାୟୀଙ୍କ ତାଲିକା, ଯାଞ୍ଚ ଆଦି ପ୍ରକ୍ରିୟା ବୃତାନ୍ତ ହୋଇ ପାରୁନି। ଅଧିକାରୀ ବଦଳିବା ସାଙ୍ଗକୁ ବାଧାପ୍ରାପ୍ତ ହେବାରେ ଲାଗିଛି ନିଯୁକ୍ତି ପ୍ରକ୍ରିୟା। ଗତ ୨୦୧୩ ଆରପିଡିସି ବୈଠକରେ ଠୋସ ନିଷ୍ପତ୍ତି ନିଆଯାଇଥିଲା ଯେ ଯଥାସମ୍ଭବ ଏହି ସମସ୍ୟାର ସମାଧାନ କରାଯିବ। ଇତି ମଧ୍ୟରେ ୬ ବର୍ଷ ବିତିଲାଣି। ପ୍ରଶାସନିକ କାଳକ୍ଷେପଣ ନୀତି ଯୋଗୁ ଲମ୍ବି ଚାଲିଛି ସମାଧାନର ବାଟ। ପୂର୍ବ ଅତିରିକ୍ତ ଜିଲାପାଳ ମନିଷା ବାନାର୍ଜୀଙ୍କ ସମୟରେ ଏ ନେଇ ଏକାଧିକ ବାର ବାସଚ୍ୟୁତ ସଂଘ ନେତାଙ୍କୁ ସାକ୍ଷାତ ଆଲୋଚନା ପାଇଁ ଡକାଯାଇଛି। ପୁଣି ଅସଲ ବେଳେ ଏହାକୁ ବାତିଲ କରାଯାଇଛି। ଏବେ ନୂଆ ଜିଲାପାଳ କାର୍ଯ୍ୟରେ ଯୋଗଦେବା ପରେ ବାସଚ୍ୟୁତଙ୍କୁ ପ୍ରଥମ ସାକ୍ଷାତ ତାରିଖ ଧାର୍ଯ୍ୟ କରାଯାଇଥିଲା ୨୦ରେ। ପାଖାପାଖି ୨ ହଜାର ବାସଚ୍ୟୁତ ପରିବାର ଆସି ଉଦିତନଗର ପଡିଆରେ ବୁଧବାର ରୁଣ୍ଡ ହୋଇଥିଲେ। ଠିକ୍ ବେଳକୁ ନ ଆସି ଯୋଗ ଦେଇଥିବା ଅତିରିକ୍ତ ଜିଲାପାଳ ଯେଦୁଲା ବିଜୟ ସମ୍ବଲପୁର ଆରଡିସିଙ୍କ ଦ୍ୱାରା ଆହୁତ ବୈଠକରେ ଯୋଗ ଦେବାକୁ ଚାଲିଯାଇଥିବା ବାସଚ୍ୟୁତ ନେତାଙ୍କୁ କୁହାଯାଇଥିଲା। ଯଦିଓ ଏନେଇ ସଙ୍ଗଠନ କର୍ମକର୍ତ୍ତାଙ୍କୁ ଆଗୁଆ ଗତ ୧୮ରେ ସୂଚନା ଦିଆଯାଇଥିବା ଚିଠିରୁ ସୂଚନା ମିଳିଛି। ତେବେ ଏଥରକୁ ମିଶାଇ ପାଖାପାଖି ୭/୮ଥର ସାକ୍ଷାତ ବୈଠକ ନେଇ ଧାର୍ଯ୍ୟ ତାରିଖକୁ ବାତିଲ କରାଯିବା ଘଟଣାରେ ସଙ୍ଗଠନ ନେତା କ୍ଷୁବ୍ଧ ହୋଇଥିବା ଜଣାଯାଇଛି। ବାରମ୍ବାର ଆମକୁ ପ୍ରତାରିତ କରାଯିବା ଦୁଃଖଦାୟକ ବୋଲି କହିଛନ୍ତି ସଙ୍ଗଠନ କର୍ମକର୍ତ୍ତା ତଥା ସଭାପତି ଖାଡା କୁଜୁର, ସୁକରାମ କୁମ୍ଭାର, ପୁରନ ଖାଲକୋ, ବସନ୍ତ କିଷାନ, ମାସି ଧନୱା, ସୁଶୀଲ ଲାକ୍ରା, ଇଲିସାବା ତିଗା ଓ ସଭା ତନ୍ତୀ ପ୍ରମୁଖ। ଏନେଇ ପ୍ରଶାସନିକ ଟାଳଟୁଳ ନୀତିକୁ ବାସଚ୍ୟୁତ ପରିବାର ସମାଲୋଚନା କରିବା ସହ ଆଉ ବରଦାସ୍ତ କରିବୁନି ବୋଲି କହିଛନ୍ତି। ଆସନ୍ତା ମାର୍ଚ୍ଚ ୬ରେ ଏନେଇ ସଙ୍ଗଠନ ଡାକରାରେ ବାସଚ୍ୟୁତ ରାସ୍ତାକୁ ଓହ୍ଲାଇବେ ବୋଲି ସୂଚନା ଦେଇଛନ୍ତି। ଏହା ଆମ ପାଇଁ ଶେଷ ସଂଗ୍ରାମ ହେବ। ପ୍ରଶାସନକୁ ଚେତାଇବାକୁ ଆମେ ଆଉ ବାରମ୍ବାର ସଭା ସମିତି ଡାକି ପାରିବୁନୁ କହିଛନ୍ତି ସଙ୍ଗଠନ ନେତା ଖାଡା କୁଜୁର।



ଉଦିତନଗର ପଡ଼ିଆରେ ବାସଚ୍ୟୁତ ପରିବାର ସଦସ୍ୟ।

## ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ, ୨୦।୨**

ପୁଲୱାମା ଆକ୍ରମଣ ପରେ କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ଦାବି ଜୋର ଧରିଛି। ଷ୍ଟିଲ ସିଟିର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରାରେ ଏଭଳି ସ୍ୱର ଶୁଣାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଆଶିଷ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରାରେ ସହସ୍ରାଧିକ ନାଗରିକ ଯୋଗ ଦେଇଥିଲେ। ଏକ ରାଷ୍ଟ୍ର, ଏକ ବିଧାନ, ଏକ ରାଷ୍ଟ୍ରଗାନ ଓ ଗୋଟିଏ ସିଦ୍ଧାନ୍ତକୁ ନେଇ ଦେଶ ଆଗକୁ ବଢିବା ଉଚିତ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ଆତଙ୍କବାଦୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ଏଥିରେ ଦାବି କରାଯାଇଥିଲା। ସଙ୍ଗଠନ ସମ୍ପାଦକ ପରମେଶ୍ୱର ମାଛଖଣ୍ଡ ଆତଙ୍କବାଦୀଙ୍କ ପଛରୁ ଛୁରିଘାତ ଭଳି କାର୍ଯ୍ୟକୁ ତୀବ୍ର ନିନ୍ଦା କରିଥିଲେ। ଏନେଇ ଆୟୋଜିତ ଶୋଭାଯାତ୍ରା ସେକ୍ଟର-୭ କମ୍ୟୁନିଟି ସେଣ୍ଟର ନିକଟରୁ ବାହାରି ୭/୧୭ଛକ ବାଟେ ପୁନଃ ସେହି ସ୍ଥାନକୁ ଫେରିଥିଲା। ଅନୁଷ୍ଠାନ ଅଧକ୍ଷ ରାକେଶ ଆଶିଷ ଏହାର ନେତୃତ୍ୱ ନେଇଥିଲେ। ସ୍ୱାମୀ ନିର୍ଲିପ୍ତା ନନ୍ଦ, ଦିବାକର ସାହୁ, ନିତୁଷ ବେହେରା, ଅଚ୍ୟୁତ ଜେନା, ବିଶ୍ୱଜିତ ମହାନ୍ତି, ପପୁ ଚୌଧୁରୀ, ରାଧା ମାଛଖଣ୍ଡ ଓ ପ୍ରଦ୍ୟୁମ୍ନ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟସ୍ତ ସ୍ୱାର୍ଥ ପାଇଁ ନିର୍ମାଣ ଶ୍ରମିକ ଯୋଜନା ବାଟବଣା

**ରାଉରକେଲା ଅଫିସ,୨୦।୨**

ନିର୍ମାଣ ଶ୍ରମିକଙ୍କ ନାଁରେ ଅଣ ଶ୍ରମିକଙ୍କୁ ସାଇକେଲ ବଣ୍ଟା ଯାଉଛି। ଶାସକ ଦଳ ପକ୍ଷରୁ ଏନେଇ ଯୋଜନାବଦ୍ଧ ଭାବେ ଆରଏମ୍‌ସିର ପ୍ରତି ୱାର୍ଡକୁ ସାମିଲ କରାଯାଇ ଭୋଟ ବ୍ୟାଙ୍କ ସୃଷ୍ଟି କରାଯାଉଛି। ଚତୁରତା ସହ ଏଭଳି କାମ ଜାରି ରହିଛି ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଏନେଇ ପ୍ରାୟ ସବୁ ଶ୍ରମିକ ସଙ୍ଗଠନ ଅବଗତ ଅଛନ୍ତି। ହେଲେ କେଉଁ କାରଣରୁ ଏହାକୁ ବିରୋଧ କରାଯାଉନି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏବେ ମହାନଗର ଅଞ୍ଚଳର ପ୍ରତ୍ୟକ ୱାର୍ଡରେ ଅଢେଇଶ ଶ୍ରମିକଙ୍କୁ ଏଭଳି ବେନିଫିଟ ପ୍ରଦାନ କରାଯାଉଥିବା ବେଳେ ଏଥିରେ ସଂଖ୍ୟାବହୁଳ ଅଣଶ୍ରମିକ ସାମିଲ ଅଛନ୍ତି। ଏନେଇ ବିଧିବଦ୍ଧ ଭାବେ ଶ୍ରମିକ ସମାବେଶ ନାଁରେ ମେଳା ଆୟୋଜନ କରାଯାଇ ସାଇକେଲ ଓ ଅନ୍ୟ ବାବଦକୁ ସହାୟତା ରାଶି ବଣ୍ଟନ କରାଯାଉଛି। କେହି ଅନୁସନ୍ଧାନ କରୁ ନାହାଁନ୍ତି ବାସ୍ତବରେ ଏମାନଙ୍କ ମଧ୍ୟରେ ନିର୍ମାଣ ଶ୍ରମିକ ଅଛନ୍ତି ନା ନାହିଁ। ନିର୍ମାଣ ଶ୍ରମିକ ପରିଚୟ ପତ୍ର ବଣ୍ଟନ ନାଁରେ କେଉଁମାନଙ୍କୁ ଏଥିରେ ସାମିଲ କରାଯାଇଛି ତାହା ତଦାରଖ କରାଗଲେ ସତ୍ୟ ପଦାକୁ ଆସି ପାରନ୍ତା। ହେଲେ ଉଣା ଅଧିକ ଶ୍ରମିକ ସଙ୍ଗଠନ ଗୁଡିକ ଏଥିରେ ସାମିଲ ରହିଥିବାରୁ କେହି ମୁହଁ ଖୋଲିବା ଆବସ୍ଥାରେ ନାହାଁନ୍ତି ବୋଲି କହିଛନ୍ତି ମହାପାତ୍ର। ମଧ୍ୟସ୍ଥ ମାଧ୍ୟମରେ ଏ ବାବଦକୁ ଅର୍ଥ ଆଦାୟ ଚାଲିଛି। ଏଥିରେ ତଥାକଥିତ କିଛି ରାଜନୈତିକ ଦଳର ନେତା ସାମିଲ ହୋଇ ଏହାକୁ ପ୍ରୋତ୍ସାହିତ କରୁଛନ୍ତି। ଫଳରେ ସରକାରୀ ଯୋଜନାରୁ ବାସ୍ତବ ସୁଫଳ ପାଇ ପାରୁ ନାହାଁନ୍ତି ହିତାଧିକାରୀ। ନିର୍ବାଚନକୁ ଆଖି ଆଗରେ ରଖି ନ୍ୟସ୍ତ ସ୍ୱାର୍ଥ ଉଦ୍ଦେଶ୍ୟରେ ନିର୍ମାଣ ଶ୍ରମିକ ଯୋଜନାକୁ ବାଟ ବଣା କରାଯାଉଛି। ତେବେ ଅସଲ ଶ୍ରମିକ ଯେଉଁମାନେ ଏଥିରୁ ବଞ୍ଚିତ ରହିଛନ୍ତି ସୁଯୋଗ ମିଳିଲେ ସେମାନେ ଏହାର ନିଶ୍ଚିତ ଜବାବ ଦେବେ। ସେ ସମୟ ବି ଆସୁଛି ବୋଲି କହିଛନ୍ତି ପୂର୍ବ ବିଧାୟକ ମହାପାତ୍ର।

# ୪ବର୍ଷ ପରେ ମିଳିଲା ସାପ କାମୁଡ଼ା କ୍ଷତିପୂରଣ

**ରାଉରକେଲା ଅଫିସ,୨୦।୨**

ସାପ କାମୁଡା ଜନିତ କ୍ଷତି ପୂରଣ ପାଇବାକୁ ଗତ ୪ବର୍ଷ ହେବ ଧାଉଁଥିଲେ ଲାଠିକଟା ବ୍ଲକ ଅନ୍ତର୍ଗତ ପୁରୁଣା ଜଲଦା ଗୁଡିଆଟୋଲି ଅଞ୍ଚଳର ବିଧବା ମହିଳା ମନିଷା ଲୋହାର(୨୨)। ଶେଷରେ ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲଙ୍କ ସହଯୋଗ ବଳରେ ଗତ ମଙ୍ଗଳବାର ଲାଠିକଟା ତହସିଲଦାର ମନସ୍ୱିନୀ ଦାସ ଏ ବାବଦକୁ ମନିଷାଙ୍କୁ ୪ଲକ୍ଷ କ୍ଷତିପୂରଣ ରାଶି ପ୍ରଦାନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଗତ ୨୦୧୫ରେ ମନିଷାଙ୍କ ସ୍ୱାମୀ ବାହାନ ଲୋହାର(୨୭)ଙ୍କର ସାପ କାମୁଡାରେ ମୃତ୍ୟୁ ଘଟିଥିଲା। କୋଳରେ ଛୋଟ ପିଲା ଓ ଶ୍ୱଶୁରଙ୍କୁ ନେଇ ଚଳିବା ତାଙ୍କ ପାଇଁ କଷ୍ଟକର ହୋଇପଡିଥିଲା। ସ୍ଥାନୀୟ ଲୋକଙ୍କ ପରାମର୍ଶ କ୍ରମେ ସେ ସରକାରଙ୍କ ଯୋଜନାରୁ କ୍ଷତିପୂରଣ ପାଇଁ ଆବେଦନ କରିଥିଲେ। ହେଲେ ଏଥିରେ ନିଷ୍ଫଳ ହୋଇଥିଲେ। ଅନେକ ଲୋକଙ୍କୁ ଗୁହାରି କରିବା ସତ୍ୱେ ଦୀର୍ଘ ୪ ବର୍ଷ ଧରି କ୍ଷତିପୂରଣ ପାଇ ପାରୁ ନ ଥିଲେ। ଶେଷରେ ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲଙ୍କ ପ୍ରଚେଷ୍ଟାରେ ତାଙ୍କୁ ଗତ ମଙ୍ଗଳବାର ୪ଲକ୍ଷ କ୍ଷତି ପୂରଣ ମିଳି ପାରିଛି। ଲାଠିକଟା ତହସିଲଦାର ମନସ୍ୱିନୀ ଦାସ, ସାମାଜିକ କର୍ମୀ ସାଣ୍ଡିଲ ଓ ୱାର୍ଡ ମେମ୍ବର ରୋହିଦାସ ମୁଣ୍ଡାରିଙ୍କ ଉପସ୍ଥିତିରେ ଏହି କ୍ଷତିପୂରଣ ରାଶି ଗ୍ରହଣ କରିଥିଲେ ମନିଷା।



ସାପ କାମୁଡା କ୍ଷତିପୂରଣ ରାଶି ପ୍ରଦାନ କରାଯାଉଛି।

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୨୭ | ୧୭୫ | ୨୧୦ | ୦.୪୩ | ୦.୦୨ | ରଙ୍ଗାଧର ବେହେରା, ପିତା: ମଣି ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୧୨୮ | ୧୮୦ | ୫୪୩ | ୦.୬୭ | ୦.୦୮ | ଲକ୍ଷ୍ମଣ ଦାସ, ପିତା: ଦିନବନ୍ଧୁ ଦାସ, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୨୯ | ୧୯୦ | ୯୮୭ | ୧.୫୪ | ୦.୫୨ | ଶଙ୍କର୍ଷଣ ଧିର ଓଗେର, ପିତା: ପରିକ୍ଷିତ ଧିର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୩୦ | ୧୯୨ | ୧୦୧୫ | ୦.୪୭ | ୦.୦୮ | ସଦାଶିବ ଧିର, ପିତା: ବେଣୁଧର ଧିର ଓଗେର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୩୧ | ୧୯୬ | ୨୨୩ | ୦.୭୫ | ୦.୧୪ | ସହଦେବ ଚକ୍ର ଓଗେର, ପିତା: ଧରଣୀଧର ଚକ୍ର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୩୨ | ୧୯୬ | ୨୨୪ | ୦.୮୫ | ୦.୧୬ | ସହଦେବ ଚକ୍ର ଓଗେର, ପିତା: ଧରଣୀଧର ଚକ୍ର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୩୩ | | ୨୫୧ | ୦.୬୬ | ୦.୫୪ | ସହଦେବ ଚକ୍ର ଓଗେର, ପିତା: ଧରଣୀଧର ଚକ୍ର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୩୪ | ୧୯୮ | ୧୭୩ | ୦.୬୪ | ୦.୨୬ | ଶ୍ୟାମସୁନ୍ଦର ବାରିକ, ପିତା: ନାଭ ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୩୫ | | ୧୮୦ | ୦.୩୭ | ୦.୧୮ | ଶ୍ୟାମସୁନ୍ଦର ବାରିକ, ପିତା: ନାଭ ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୩୬ | ୨୦୩ | ୧୮୧ | ୦.୦୮ | ୦.୦୧ | ଶିରେଇ ବେହେରା, ପିତା: କାହ୍ନୁ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୩୭ | ୨୦୪ | ୨୪୧ | ୦.୨୩ | ୦.୦୧ | ଶ୍ରୀଧର ନାଏକ, ପିତା: ଅନନ୍ତ ନାଏକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୮ | | ୪୨୭ | ୦.୩୩ | ୦.୩୦ | ଶ୍ରୀଧର ନାଏକ, ପିତା: ଅନନ୍ତ ନାଏକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୯ | ୨୦୯ | ୨୪୮ | ୦.୨୭ | ୦.୧୫ | ହରିଶ୍ଚନ୍ଦ୍ର ରଣା, ପିତା: ଭୀମସେନ ରଣା ଓଗେର, ଜା: ମାଳି, ବା: ନିଜଗାଁ | |
| ୧୪୦ | ୨୧୦ | ୫୩୧ | ୦.୧୩ | ୦.୦୪ | ହାଡ଼ିବନ୍ଧୁ ଭୂୟାଁ, ପିତା: ନିଶାକର ଭୂୟାଁ ଓଗେର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୪୧ | | ୫୪୦ | ୦.୧୧ | ୦.୧୧ | ହାଡ଼ିବନ୍ଧୁ ଭୂୟାଁ, ପିତା: ନିଶାକର ଭୂୟାଁ ଓଗେର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୪୨ | ୨୧୧ | ୩୦୯ | ୦.୧୨ | ୦.୦୭ | ହାଡ଼ିବନ୍ଧୁ ବେହେରା, ପିତା: ମାଧ ବେହେରା ଓଗେର, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୧୪୩ | ୨୧୧ | ୩୧୦ | ୦.୩୯ | ୦.୨୯ | ହାଡ଼ିବନ୍ଧୁ ବେହେରା ଓଗେର, ପିତା: ମାଧ ବେହେରା, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୧୪୪ | | ୩୧୧ | ୦.୧୯ | ୦.୧୬ | ହାଡ଼ିବନ୍ଧୁ ବେହେରା ଓଗେର, ପିତା: ମାଧ ବେହେରା, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୧୪୫ | | ୧୭୬ | ୦.୧୪ | ୦.୧୪ | ହାଡ଼ିବନ୍ଧୁ ବେହେରା ଓଗେର, ପିତା: ମାଧ ବେହେରା, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୧୪୬ | ୨୩୨ | ୯୯୩ | ୦.୪୩ | ୦.୦୬ | ମେନକା ଧିର, ସ୍ୱାମୀ: ବଳରାମ ଧିର ଓଗେର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୪୭ | ୨୩୩ | ୧୦୧୬ | ୦.୫୩ | ୦.୪୮ | ସଦାଶିବ ଧିର, ପିତା: ବେଣୁଧର ଧିର ଓଗେର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୪୮ | ୨୧୨/୧ | ୧୭୭ | ୦.୪୬ | ୦.୪୦ | ବାବାଜୀ ଚରଣ ସେନାପତି ଓଗେର, ପିତା: କାର୍ତ୍ତିକ ଚରଣ ସେନାପତି, ଜା: କୁମ୍ଭାର, ବା: ପୁରୁଣାବାନ୍ଧଗୋଡ଼ା | |
| ୧୪୯ | ୨୧୨/୨ | ୯୮୬ | ୨.୫୨ | ୦.୭୩ | କାମିନୀ ଧିର, ସ୍ୱାମୀ: ଚନ୍ଦ୍ରଶେଖର ଧିର, ଜା: କ୍ଷତ୍ରୀୟ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୫୦ | ୨୧୨/୩ | ୫୦୬ | ୦.୩୮ | ୦.୧୧ | ମଙ୍ଗୁଳି ଚରଣ ବେହେରା, ପିତା: ବୈଷ୍ଣବ ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୫୧ | ୨୧୨/୧୫ | ୨୦୨ | ୦.୪୨ | ୦.୦୭ | ରଞ୍ଜନ କୁମାର ନାୟକ ଓଗେର, ପିତା: ଦୀନବନ୍ଧୁ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୫୨ | ୨୧୨/୧୬ | ୫୪୨ | ୦.୪୦ | ୦.୨୩ | ସାବିତ୍ରୀ ବେହେରା, ସ୍ୱାମୀ: ବନମାଳି ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୫୩ | ୨୧୨/୨୮ | ୫୫୨ | ୦.୨୨ | ୦.୦୧ | ବଳରାମ ବେହେରା ଓଗେର, ପିତା: ଯୁଧିଷ୍ଠିର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୫୪ | | ୫୪୮ | ୦.୨୦ | ୦.୦୨ | ବଳରାମ ବେହେରା ଓଗେର, ପିତା: ଯୁଧିଷ୍ଠିର ବେହେରା, ଜା: ଗୋପାଳ, ବା: ନିଜଗାଁ | |

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୫୫ | ୨୧୨/୩୩ | ୧୦୧୧ | ୦.୨୭ | ୦.୨୭ | ରଞ୍ଜନ କୁମାର ବେହେରା ଓଗେର, ପିତା: ବଟକୃଷ୍ଣ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୫୬ | ୨୧୨/୩୩ | ୧୦୧୨ | ୦.୨୯ | ୦.୧୯ | ରଞ୍ଜନ କୁମାର ବେହେରା ଓଗେର, ପିତା: ବଟକୃଷ୍ଣ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୫୭ | ୨୧୨/୪୨ | ୩୮୩ | ୦.୨୮ | ୦.୧୧ | ହିମାଂଶୁ ଶେଖର ପଟ୍ଟନାୟକ ଓଗେର, ପିତା: ସୁବାସ ଚନ୍ଦ୍ର ପଟ୍ଟନାୟକ, ଜା: କରଣ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୫୮ | ୨୧୨/୪୪ | ୧୩୨ | ୦.୩୭ | ୦.୨୮ | ଶ୍ରୀମତୀ ଚନ୍ଦ୍ରମଣି ବେହେରା, ସ୍ୱାମୀ: ରଙ୍ଗାଧର ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୫୯ | ୨୧୨/୬୫ | ୨୮୬ | ୦.୬୭ | ୦.୦୨ | ରଞ୍ଜନ କୁମାର ବେହେରା ଓଗେର, ପିତା: ବଟକୃଷ୍ଣ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୬୦ | ୨୧୨/୬୮ | ୫୨୯ | ୦.୧୫ | ୦.୧୫ | ନିରଞ୍ଜନ ସାହୁ ଓଗେର, ପିତା: କ୍ଷେତ୍ରବାସୀ ସାହୁ, ଜା: ତେଲି, ବା: ଅଳତି | |
| ୧୬୧ | ୨୧୨/୮୨ | ୨୫୭ | ୦.୨୮ | ୦.୨୩ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ, ଜା: ଗୋପାଳ, ବା: ତିଗିରିଆ | |
| ୧୬୨ | | ୨୬୦ | ୦.୨୫ | ୦.୧୫ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ, ଜା: ଗୋପାଳ, ବା: ତିଗିରିଆ | |
| ୧୬୩ | | ୪୦୬ | ୦.୧୭ | ୦.୦୧ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ, ଜା: ଗୋପାଳ, ବା: ତିଗିରିଆ | |
| ୧୬୪ | ୨୧୨/୮୩ | ୨୫୩ | ୦.୪୦ | ୦.୪୦ | ତିଳୋତ୍ତମା ବାରିକ, ସ୍ୱାମୀ: ଈଶ୍ୱର ଚନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୬୫ | ୨୧୨/୮୩ | ୨୪୭ | ୦.୫୪ | ୦.୫୪ | ତିଳୋତ୍ତମା ବାରିକ, ସ୍ୱାମୀ: ଈଶ୍ୱର ଚନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୬୬ | | ୨୪୯ | ୦.୬୬ | ୦.୦୯ | ତିଳୋତ୍ତମା ବାରିକ, ସ୍ୱାମୀ: ଈଶ୍ୱର ଚନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୬୭ | | ୨୫୦ | ୦.୧୦ | ୦.୧୦ | ତିଳୋତ୍ତମା ବାରିକ, ସ୍ୱାମୀ: ଈଶ୍ୱର ଚନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୬୮ | ୨୧୨/୧୦୩ | ୪୨୫ | ୧.୫୦ | ୦.୩୮ | ଶୈଳେନ୍ଦ୍ର ବାରିକ, ପିତା: ଗଙ୍ଗାଧର, ଜା: ଗୋପାଳ, ବା: ନିଜଗାଁ | |
| ୧୬୯ | | ୪୨୫/ ୧୧୮୯ | ୦.୫୮ | ୦.୩୨ | ଶୈଳେନ୍ଦ୍ର ବାରିକ, ପିତା: ଗଙ୍ଗାଧର, ଜା: ଗୋପାଳ, ବା: ନିଜଗାଁ | |
| ୧୭୦ | ୨୧୨/ ୧୦୪ | ୧୭୪ | ୦.୪୦ | ୦.୪୦ | ଇନ୍ଦୁମତୀ ସାହୁ, ସ୍ୱାମୀ: ଶୈଳେନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୭୧ | | ୧୭୫ | ୦.୨୦ | ୦.୨୦ | ଇନ୍ଦୁମତୀ ସାହୁ, ସ୍ୱାମୀ: ଶୈଳେନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୭୨ | ୨୧୨/ ୧୧୧ | ୨୧୬ | ୦.୧୬ | ୦.୧୬ | ମଧୁସୂଦନ ରାଉତ, ପିତା: ଜାଇଗ ରାଉତ, ଜା: ମାଟିବଂଶ ତନ୍ତି, ବା: ନିଜଗାଁ | |
| ୧୭୩ | ୨୧୨/ ୧୧୩ | ୨୯୪/ ୧୩୦୬ | ୧.୦୦ | ୦.୫୯ | ସୀତାଞ୍ଜଳି ନାୟକ, ପିତା: ରାଜକିଶୋର ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୭୪ | ୨୧୨/ ୧୧୪ | ୫୩୭ | ୦.୨୫ | ୦.୧୩ | କାର୍ତ୍ତିକ ଚନ୍ଦ୍ର ବେହେରା, ପିତା: ନିତ୍ୟାନନ୍ଦ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୫ | ୨୧୨/ ୧୧୭ | ୪୯୨ | ୦.୭୫ | ୦.୩୫ | ଚଞ୍ଚଳା ବେହେରା, ସ୍ୱାମୀ: କାର୍ତ୍ତିକ ଚନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୬ | | ୫୩୮ | ୦.୨୩ | ୦.୨୩ | ଚଞ୍ଚଳା ବେହେରା, ସ୍ୱାମୀ: କାର୍ତ୍ତିକ ଚନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୭ | | ୫୨୭ | ୦.୪୦ | ୦.୩୩ | ଚଞ୍ଚଳା ବେହେରା, ସ୍ୱାମୀ: କାର୍ତ୍ତିକ ଚନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୮ | | ୫୩୦ | ୦.୪୫ | ୦.୧୬ | ଚଞ୍ଚଳା ବେହେରା, ସ୍ୱାମୀ: କାର୍ତ୍ତିକ ଚନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୯ | ୨୧୨/ ୧୧୮ | ୨୮୯ | ୦.୨୩ | ୦.୨୧ | କାଞ୍ଚନବାଳା ନାୟକ, ସ୍ୱାମୀ: କୃପାସିନ୍ଧୁ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୮୦ | ୨୧୨/ ୧୪୩ | ୯୯୪ | ୦.୧୩ | ୦.୦୩ | ପ୍ରମିଳା ସେନାପତି, ସ୍ୱାମୀ: ବିଷ୍ଣୁଚରଣ ସେନାପତି ଓଗେର, ଜା: ମାଳାକାର, ବା: ନିଜଗାଁ | |
| ୧୮୧ | ୨୧୨/ ୧୪୪ | ୨୨୧ | ୦.୨୭ | ୦.୧୨ | ପ୍ରସନ୍ନ କୁମାର ବେହେରା ଓଗେର, ପିତା: ହରିହର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୮୨ | ୨୧୨/ ୧୪୪ | ୨୧୨/ ୧୨୦୫ | ୦.୦୧ | ୦.୦୧ | ପ୍ରସନ୍ନ କୁମାର ବେହେରା ଓଗେର, ପିତା: ହରିହର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୮୩ | ୨୨୪ | ୫୨୨ | ୦.୬୭ | ୦.୨୩ | ସେକ୍ ବୁଲା, ପିତା: ସେକ୍ ଜାନ, ଜା: ମୁସଲମାନ, ବା: ଗଡ଼ବାନ୍ଧଗୋଡ଼ା | |
| ୧୮୪ | ୧୨୦ | ୯୫୬ | ୨.୦୩ | ୦.୯୦ | ବିନୋଦିନୀ ଧିର, ସ୍ୱାମୀ: ରଘୁନାଥ ଧିର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | ଗୋଚର ବଦଳି |
| ୧୮୫ | ୫୦ | ୫୬୭ | ୦.୬୯ | ୦.୦୯ | ଗିରିଧାରୀ ରଣା, ପିତା: ଶିବ ରଣା, ଜା: ମାଳି, ବା: ନିଜଗାଁ | ଦେବ ସ୍ଥଳୀ ବଦଳି |
| ୧୮୬ | ୧୫୩ | ୫୨୮ | ୦.୨୨ | ୦.୦୩ | ମଙ୍ଗଲୁ ବେହେରା, ପିତା: ବୈଷ୍ଣବ ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| | | | ମୋଟ | ୩୬.୫୬ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୧୮୩ (ଏକ ଶହ ତେୟାଅଶୀ), ମୋଟ ଅଧିଗ୍ରହୀତ ଜମି: ୩୬.୫୬ ଏକର ।

24046/14/0002/1819